# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୮/୨୦୨୫ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 8/2025 Page 16 | ₹ 7.00 | SAMBALPUR

୫୧ଶ ଭାଗ ୧୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 104 | ମୂଲ୍ୟ ₹୭/-



DSPL-412



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଅନ୍ତର୍ଜାତୀୟ
ମହିଳା ଦିବସ ଅବସରରେ

# ସୁଭଦ୍ରା
## ଦ୍ୱିତୀୟ କିସ୍ତି

ମୁଖ୍ୟମନ୍ତ୍ରୀ
**ଶ୍ରୀ ମୋହନ ଚରଣ ମାଝୀଙ୍କ**
କରକମଳରେ

ପ୍ରାୟ **୧ କୋଟି** ହିତାଧିକାରୀଙ୍କୁ
ପାଖାପାଖି **୫ ହଜାର କୋଟି** ଟଙ୍କାର
ଆର୍ଥିକ ସହାୟତା ପ୍ରଦାନ

୮ ମାର୍ଚ୍ଚ ୨୦୨୫ | ବ୍ରହ୍ମପୁର



OIPR-33001/13/0079/2425

କୋଟିଏ ମହିଳା ଗୋଟିଏ କଥା,
ସଭିଙ୍କ ମୁହଁରେ ବିକାଶ ଗାଥା

ଘରେ ଘରେ ସୁଭଦ୍ରା

www.subhadra.odisha.gov.in | ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର | ଦେୟମୁକ୍ତ ସହାୟତା ନମ୍ବର: ୧୪୬୭୮

# ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତଦେହ ରଖି ଧାରଣା

ଝାରସୁଗୁଡ଼ା,୭।୩(ଆଶିଷ ରଞ୍ଜନ ଦାଶ)


ଗାରିଆଡ଼ିହି ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

■ ବିସ୍ଥାପିତ ଗରିଆଡ଼ିହି ଗ୍ରାମବାସୀଙ୍କୁ ଶବଦାହ ପାଇଁ ମିଳୁନି ସ୍ଥାନ

■ କମ୍ପାନୀ ପ୍ରତାରଣା କରିବା ଅଭିଯୋଗ

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ହିର୍ମା ଗ୍ରାମପଞ୍ଚାୟତ ବିସ୍ଥାପିତ ଗରିଆଡ଼ିହି ଗ୍ରାମବାସୀଙ୍କୁ ଶବଦାହ ପାଇଁ ସ୍ଥାନ ମିଳୁନାହିଁ। ଶୁକ୍ରବାର ଗ୍ରାମରେ ମୃତ୍ୟୁବରଣ କରିଥିବା ମାଧ କିଷାନଙ୍କ ପରିବାର ଏବଂ ଗ୍ରାମବାସୀ ମୃତଦେହ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। କମ୍ପାନୀ ପ୍ରତାରଣା କରୁଥିବା ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏହାପରେ ଜିଲା ପ୍ରଶାସନ ଓ କମ୍ପାନୀ ଗାରିଆଡ଼ିହି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗାରିଆଡ଼ିହି ଗ୍ରାମବାସୀ ଓ ମାଧଙ୍କ ପରିବାରକୁ ଏକ ମାସ ମଧ୍ୟରେ ତାଙ୍କ ସମସ୍ତ ମୌଳିକ ସୁବିଧା ପାଇଁ ୨ ଏକର ଜମିରେ ସମସ୍ତ ପ୍ରକାର ଯଥା ଶ୍ମଶାନ ଘାଟ, ପୋଖରୀ ତଥା ଅନ୍ୟାନ୍ୟ ସମସ୍ତ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଓହରିଥିଲେ।

ସୂଚନା ଅନୁଯାୟୀ କେନ୍ଦ୍ର ସରକାର ଅଧୀନସ୍ଥ ଏନ୍‌ଏଲ୍‌ସି କମ୍ପାନୀ ଝାରସୁଗୁଡ଼ା ସଦର ବ୍ଲକ ହିର୍ମା ଗ୍ରାମପଞ୍ଚାୟତ କୁମ୍ଭାରି, ତାରେଇକେଲା ଓ ଗାରିଆଡ଼ିହି ଗ୍ରାମ ବିସ୍ଥାପିତ କରିବା ପାଇଁ ସମସ୍ତ ପ୍ରକ୍ରିୟା ଶେଷ କରିଛି। ଗାରିଆଡ଼ିହି ଗ୍ରାମକୁ ସମ୍ପୂର୍ଣ୍ଣ ବିସ୍ଥାପନ କରି କମ୍ପାନୀ ତିଆରି କରିଥିବା ଆର୍‌ଆର୍ କଲୋନୀରେ ଘର ଦେଇ ଗ୍ରାମବାସୀଙ୍କୁ ପ୍ରାୟ ଏକ ବର୍ଷ ହେବ ଥଇଷ୍ଥାନ କରିଛି। ବିସ୍ଥାପିତଙ୍କ ଶବଦାହ ପାଇଁ ଶ୍ମଶାନ ଘାଟ, ପୋଖରୀ, ବିଦ୍ୟାଳୟ, ପ୍ରାଥମିକ ଚିକିତ୍ସା କେନ୍ଦ୍ର ତଥା ସମସ୍ତ ମୌଳିକ ସୁବିଧା ଯୋଗାଇ ଦେବା ପରେ ବିସ୍ଥାପନ କରିବା ନିୟମ ରହିଛି। କିନ୍ତୁ ଗାରିଆଡ଼ିହି ଗ୍ରାମବାସୀଙ୍କୁ ବିସ୍ଥାପନ କରିବା ଏକ ବର୍ଷ ହେଲେ ମଧ ତାଙ୍କୁ ଜିଲା ପ୍ରଶାସନ ଭୟ ଦେଖାଇ ଚୁପ କରିବାକୁ ଚେଷ୍ଟା କରୁଛି। ଗାରିଆଡ଼ିହିର ମାଧ କିଷାନ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ମୃତ୍ୟୁବରଣ କରିବାରୁ ଶବଦାହ ପାଇଁ ସ୍ଥାନ ନ ପାଇବାରୁ ପରିବାର ଲୋକେ ଓ ଗ୍ରାମବାସୀ ଶବଦାହ କରିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏନ୍‌ଏଲ୍‌ସି କମ୍ପାନୀ ନିରୀହ ଆଦିବାସୀ ତଥା ବିସ୍ଥାପିତ ପରିବାରଙ୍କୁ ସମସ୍ତ ପ୍ରକାର ସହାୟତା କରୁ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଦ୍ୱିତୀୟ ଦିନରେ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା


ବୈଠକରେ ବିଡିଏ ଉପାଧ୍ୟକ୍ଷ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ଦେବଗଡ଼,୭।୩(ଶଶାଙ୍କ ଶେଖର ଝାଙ୍କର)

**ବିଡିଏ ଉପାଧ୍ୟକ୍ଷ ଡ. ଏନ୍. ଥିରୁମାଲାଙ୍କ ଦେବଗଡ଼ ଗସ୍ତ**

ଭୁବନେଶ୍ୱର ଡେଭେଲପମେଣ୍ଟ ଅଥରିଟିର (ବିଡିଏ) ଉପାଧ୍ୟକ୍ଷ ଡ. ଏନ. ଥିରୁମାଲା (ଆଇଏଏସ୍) ଗୁରୁବାର ଦେବଗଡ଼ ଜିଲା ଗସ୍ତରେ ଆସି ଜିଲାର ତିଲେଇବଣି ଓ ବାରକୋଟ ବ୍ଲକରେ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ପରିଦର୍ଶନ କରିଥିଲେ। ଅନୁରୂପ ଭାବେ ଶୁକ୍ରବାର ଦ୍ୱିତୀୟ ଦିବସରେ ମଧ ସେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ, ଦେବଗଡ଼ ପୌର ପରିଷଦ କାର୍ଯ୍ୟାଳୟ, ଆହାର କେନ୍ଦ୍ର ଓ ଏକାଧିକ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିବା ଜଣାପଡିଛି। ଏହାପରେ ସେ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ବିକାଶ ଭବନରେ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ଆୟୋଜିତ ବୈଠକରେ ଯୋଗଦେଇ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଓ ଯୋଜନା ଗୁଡିକର ସମୀକ୍ଷା କରିଥିଲେ। ଏହି ଅବସରରେ ସେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଅନ୍ତୋଦୟ ଗୃହ ଯୋଜନା, ପଞ୍ଚଶଖା ଶିକ୍ଷାସେତୁ ଯୋଜନା, ସୁଭଦ୍ରା ଯୋଜନା, ମଧୁବାବୁ ପେନସନ ଯୋଜନା, ରାଶନ କାର୍ଡ, ଇ-କେୱାଇସି ଓ ଅଂଶୁଘାତର ମୁକାବିଲା ସମେତ ବିଦ୍ୟୁତ୍ ସେବା ଉପରେ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଦେବଗଡ଼ ଜିଲା ପରିଷଦର ଭାରପ୍ରାପ୍ତ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଉପ ଜିଲାପାଳ ପରକ୍ଷୀତ ସାହୁଙ୍କ ସମେତ ଏକାଧିକ ବ୍ଲକର ଗୋଷ୍ଠି ଉନ୍ନୟନ ଅଧିକାରୀ ଓ ତହସିଲଦାରମାନେ ଉପସ୍ଥିତ ଥିଲେ।

# ଭାଜପାର ବରିଷ୍ଠ ନେତା ତଥା ଓକିଲ ସତ୍ୟନାରାୟଣଙ୍କ ପରଲୋକ


ସତ୍ୟନାରାୟଣ ବହିଦାର ।

ଝାରସୁଗୁଡ଼ା,୭।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଭାଜପାର ବରିଷ୍ଠ ନେତା ତଥା ଓକିଲ ସତ୍ୟନାରାୟଣ ବହିଦାର (୭୬)ଙ୍କ ଶୁକ୍ରବାର ଭୋର ସକାଳ ପ୍ରାୟ ୫ଟାରେ ସ୍ଥାନୀୟ କାଳୀମନ୍ଦିରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସତ୍ୟନାରାୟଣ ଭାଜପାର ଲିଗାଲ ସେଲ ଅଧ୍ୟକ୍ଷ ପ୍ରାୟ ୧୫ ବର୍ଷ ଧରି ରହିଥିବା ବେଳେ ୧୯୮୨ରୁ ଝାରସୁଗୁଡ଼ା ଓକିଲ ସଂଘର ସକ୍ରିୟ ସଦସ୍ୟ ଥିଲେ। ତାଙ୍କର ନିଜ ଘର ବଲାଙ୍ଗୀର ସହରର ଟିକ୍ରାପଡ଼ାରେ ହୋଇଥିବା ବେଳେ କର୍ମଭୂମି ଝାରସୁଗୁଡ଼ା ଥିଲା। ସତ୍ୟନାରାୟଣଙ୍କ ସ୍ତ୍ରୀ ନନ୍ଦିନୀ ସ୍ୱାମୀଙ୍କ ମୃତ୍ୟୁରେ ଭାଙ୍ଗି ପଡିଥିଲା ବେଳେ ଏକମାତ୍ର ଝିଅ ସୁନୟନା ବହିଦାର ବେଙ୍ଗାଲୁରୁରେ ଆଇନ ଅଧିକାରୀ ଭାବେ ଅବସ୍ଥାପିତ ଥିବା ବେଳେ ବାପାଙ୍କ ମୃତ ଖବର ପାଇ ଅପରାହ୍ନ ଝାରସୁଗୁଡ଼ାରେ ପହଞ୍ଚିଥିଲେ। ସତ୍ୟନାରାୟଣଙ୍କ ମୃତ୍ୟୁ ଖବର ଶୁଣି ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା, ଯୁବନେତା ସୁଧାଂଶୁ ଦୋରାଙ୍କ ସମେତ ବହୁ ଭାଜପା କର୍ମକର୍ତ୍ତା ତଥା ଜିଲା ଓକିଲ ସଂଘ ବହୁ ବରିଷ୍ଠ ସଦସ୍ୟ ଶେଷ ଦର୍ଶନ କରିଥିଲେ। ବହିଦାରଙ୍କ ବିୟୋଗରେ ଦଳମତ ନିର୍ବିଶେଷରେ ଜିଲାରେ ଶୋକର ଛାୟା ଖେଳି ଯାଇଛି।

# ହୋଲଡିଂ ଟ୍ୟାକ୍ସ ଅହେତୁକ ବୃଦ୍ଧି କୋହଳ କରିବା ଉପରେ ଗୁରୁତ୍ୱ

ଦେବଗଡ଼,୭।୩(ଶଶାଙ୍କ ଶେଖର ଝାଙ୍କର)


ବୈଠକରେ ଉପସ୍ଥିତ ପୌର ପାରିଷଦ ବୃନ୍ଦ।

**ଦେବଗଡ଼ ପୌର ପରିଷଦର ୧୫ତମ ବୈଠକ**

■ ବୈଠକ ବର୍ଜନ କଲେ ୩ ପରିଷଦ

■ କୋରମ୍ ଅଭାବରୁ ବୈଠକ ବାତିଲ

ଦେବଗଡ଼ ପୌର ପରିଷଦର ୧୫ତମ ପୌର ପାରିଷଦ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଆରମ୍ଭ ହେବା ପରେ ଉପସ୍ଥିତ ୬ଜଣ ପାରିଷଦଙ୍କ ମଧ୍ୟରୁ ୩ଜଣ ପାରିଷଦ ବୈଠକ ବର୍ଜନ କରିଥିଲେ। ଫଳରେ କୋରମ୍ ଅଭାବରୁ ବୈଠକ ବାତିଲ ହୋଇଥିବା ଜଣାପଡ଼ିଛି। ୬ ନଂ. ୱାର୍ଡର ସ୍ୱାଧୀନ ପାରିଷଦ ଧର୍ମେନ୍ଦ୍ର ଦେବତା ହୋଲଡିଂ ଟ୍ୟାକ୍ସର ଅହେତୁକ ବୃଦ୍ଧି କୋହଳ କରିବା ନିମନ୍ତେ ଏବଂ ସଫେଇ କର୍ମଚାରୀଙ୍କ ଘରୋଇକରଣ ରଦ୍ଦ କରିବା ନେଇ ବୈଠକ ବର୍ଜନ କରିଥିଲେ। ୱାର୍ଡ ନଂ.୫ର ବିଜେଡି ପାରିଷଦ ଯତୀନ କୁମାର ନାୟକ ବାରମ୍ବାର ୪ଟି ପାରିଷଦ ବୈଠକରେ ଅଭିଯୋଗ ତଥା ପାରିତ ହୋ ପରେ ମଧ ପୌର ପରିଷଦ ଆକାଉଣ୍ଟରୁ ସିଧାସଳଖ ଜୟଶ୍ରୀ ଏସଏଚ୍‌ଜି ଏବଂ ବୀଣାପାଣି ନାଏକ ନାମକ ବ୍ୟକ୍ତିଗତ ଆକାଉଣ୍ଟକୁ ବୋଡାଖାନା ଏବଂ ସେସପୋଲ ଗାଡ଼ି ରିପ୍ୟାରିଙ୍ଗ ପାଇଁ ଲକ୍ଷାଧିକ ଟଙ୍କା ପୈଠ ହୋଇଥିବା ପ୍ରସଙ୍ଗ ନେଇ ଦୁର୍ନୀତି ନିବାରଣ ବିଭାଗ ତଦନ୍ତ ପାଇଁ ଚିଠି ଲେଖିବାରେ ପୌର ପରିଷଦ କର୍ତ୍ତୃପକ୍ଷ ଅବହେଳା ତଥା ବୈଠକରେ ପାରିତ ନ ହୋଇ ବିନା ଟେଣ୍ଡରରେ ୩ଟି ଟ୍ରାକ୍ଟର ବ୍ୟକ୍ତିଗତ ସ୍ୱାର୍ଥରଖି ନିୟୋଜନ କରିବା ନେଇ ବୈଠକ ବର୍ଜନ କରିଥିଲେ। ୱାର୍ଡ ନମ୍ବର ୧ ପାରିଷଦ ପ୍ରମିଳା ବେହେରା ବୈଠକରେ ଆଲୋଚନା ହୋଇଥିବ ପ୍ରସଙ୍ଗ ଲିପିବଦ୍ଧ ନ କରି ଆଲୋଚନା ହୋଇ ନ ଥିବା ପ୍ରସଙ୍ଗ ଦୁଇଟି ପାଣି-ଟାଙ୍କି କ୍ରୟ ହେବା ପାଇଁ ପ୍ରସ୍ତାବରେ ଲିପିବଦ୍ଧ ହେବାକୁ ବିରୋଧ କରି ବୈଠକ ବର୍ଜନ କରିଥିଲେ। ୧୧ଜଣ ପାରିଷଦରୁ ମାତ୍ର ୬ଜଣ ପାରିଷଦ ବୈଠକରେ ଉପସ୍ଥିତ ହେବା, ୩ଜଣ ବୈଠକ ବର୍ଜନ କରିବା ଓ ଅନ୍ୟ ପାରିଷଦ ଅନୁପସ୍ଥିତି ରହିବା ବୈଠକ ବର୍ଜନ ପରୋକ୍ଷରେ ସମର୍ଥନ ଜଣାଇବା ସୂଚନା ଦେଉଛି। ସୂଚନା ଥାଉ କି ପାରିଷଦର ପ୍ରଥମ ବୈଠକରେ ମଧ ୬ ନମ୍ବର ୱାର୍ଡର ସ୍ୱାଧୀନ ପାରିଷଦ ଧର୍ମେନ୍ଦ୍ର ହୋଲଡିଂ ଟ୍ୟାକ୍ସର ଅହେତୁକ ବୃଦ୍ଧି କୋହଳ କରିବା ନିମନ୍ତେ ବିଜେଡି ଅଧ୍ୟକ୍ଷା ଶାନ୍ତି ମଞ୍ଜରି ଦେଇ ବୈଠକ ବର୍ଜନ କରିଥିଲେ। ସେ ସମୟରେ ଆନ୍ଦୋଳନ ମଧ ହୋଇଥିଲା। ଗୁରୁବାର ୧୫ତମ ପାରିଷଦ ବୈଠକରେ ଭାଜପା ଭାରପାପ୍ତ ଅଧ୍ୟକ୍ଷ ପ୍ରଜିତ୍ ଭୋଜଙ୍କ ବୈଠକ ବି ବର୍ଜନ କରିଥିଲେ। ଏଇଠି କଥା ଉଠୁଛି ସହରବାସୀଙ୍କ ମୁଖ୍ୟ ଦାବି ହୋଲଡିଂ ଟ୍ୟାକ୍ସ ଅହେତୁକ ବୃଦ୍ଧି କୋହଳ କରିବା ପାଇଁ କେହି ବି ଧ୍ୟାନ ଦେବାର ନାହିଁ, ତେଣୁ ଏଥିପ୍ରତି ଧ୍ୟାନ ଦେବାକୁ ସହରବାସୀ ଦାବି କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ପୌର ପରିଷଦ ଭାରପାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ, ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ବିଧାୟକଙ୍କ ନୋମିନୀ ମାନସ ପ୍ରଧାନ, ୧୦ ନମ୍ବର ୱାର୍ଡମେମ୍ବର ଇତିଶ୍ରୀ ମିଶ୍ର, ୩ ନମ୍ବର ୱାର୍ଡମେମ୍ବର ବାସନ୍ତୀ ମଣି ମାଝି, ୮ ନମ୍ବର ୱାର୍ଡ ମେମ୍ବର ମଧୁସୂଦନ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ନାବାର୍ଡ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ


ମହିଳା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଦେବଗଡ଼,୭।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ କୃଷିବିଜ୍ଞାନ କେନ୍ଦ୍ରଠାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡିଡିଏମ୍ ନାବାର୍ଡ ଧୀରେନ୍ଦ୍ର କୁମାର ଦାଶ, ମୁଖ୍ୟବକ୍ତା ଭାବେ ପୂର୍ବତନ କଲେଜ ଅଧ୍ୟକ୍ଷା ରଞ୍ଜିତା ନନ୍ଦ, ସମ୍ମାନିତ ଅତିଥି ଭାବେ ଆଡ୍‌ଭୋକେଟ ସରୋଜିନୀ ମିଶ୍ର, ଏଲଡିଏମ ରବୀନ୍ଦ୍ର କୁମାର ମହାନ୍ତି, ଡିପିଏମ୍ ଶିଶିର ଷଡ଼ଙ୍ଗୀ, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ମାନସୀ ଭୋଲ, ସିଏସ୍‌ଡିଆର୍ ସମ୍ପାଦିକା ରିତା ରାଣୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ମହିଳା ଦିବସରେ ଥିବା ଥିମ ଆଲୋଚନା କରିବା ସହିତ ମହିଳାମାନେ କିପରି ସାମାଜିକ, ରାଜନୈତିକ, ଅର୍ଥନୈତିକ ସ୍ତରରେ ସ୍ୱାବଲମ୍ବୀ ହୋଇପାରିବେ ଓ ମହିଳାମାନଙ୍କ ପାଇଁ ଥିବା ବିଭିନ୍ନ ଆଇନୀର ଦିଗ ଉପରେ ଆଲୋଚନା କରାଯାଇଥିଲା। ଶେଷରେ ନାବାର୍ଡ ଦ୍ୱାରା ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମର ୧୦ଜଣ ସଫଳ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଏସ୍‌ଡିଆର୍, ସାର୍କ, ସମ୍ବନ୍ଧର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝାରସୁଗୁଡ଼ା,୭।୩(ଆଶିଷ ରଞ୍ଜନ ଦାଶ)


ବାର୍ଷିକ ଉତ୍ସବରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ସାରସମାଲ (ଖ) ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲବଙ୍ଗ ଲତା ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଝାରସୁଗୁଡ଼ା ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ତଥା ଝାରସୁଗୁଡାର ବିଶିଷ୍ଟ ଶିକ୍ଷାବିତ ବେଣୁଗୋପାଳ ପାଣିଗ୍ରାହୀ ମୁଖ୍ୟଅତିଥି, ଏବିଇଓ ସୁଶାନ୍ତ ହୋତା ମୁଖ୍ୟବକ୍ତା, ପରିଚାଳନା କମିଟି ସଭାପତି ସୁରେଖା ମୁଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ରିତା ତୀରକି, ସମରେନ୍ଦ୍ର ଦାଶ, ନିଆଳି ଓରାମ, ଉଷା ଶର୍ମା, ଅବୋଧ ପ୍ରଧାନ ଉପସ୍ଥିତ ରହି ସହଯୋଗ କରିଥିଲେ। ସଭା ଶେଷରେ ମୁଖ୍ୟଅତିଥି ବେନୁଗୋପାଳ ପାଣିଗ୍ରାହୀ କୃତୀ ଛାତ୍ର ତାପସ ରଞ୍ଜନ ମୁଣ୍ଡା ଓ କୃତୀ ଛାତ୍ରୀ ସୁବର୍ଣ୍ଣ ବର୍ଣାଳୀ ମୁଣ୍ଡାଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲବଙ୍ଗଲତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଝରିଆନଏର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଝାରସୁଗୁଡ଼ା,୭।୩(ଆଶିଷ ରଞ୍ଜନ ଦାଶ)


ବାର୍ଷିକ ଉତ୍ସବରେ ଶିଶୁମାନେ ମୃଦଙ୍ଗ ବଜାଉଛନ୍ତି।

**ମନମୋହିଲା କୁନି ଶିଶୁର ମୃଦଙ୍ଗ ବାଦ୍ୟ**

ଝାରସୁଗୁଡ଼ା ସଦର ବ୍ଲକ ଝରିଆନଏର ସରକାରୀ ପ୍ରାଥମିକ ବିଦ୍ୟାଳୟର ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ମହା ଆଡମ୍ବରରେ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରଶିକ୍ଷିକା ସରସ୍ୱତୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ପଞ୍ଚପଡା ଶିଶୁ ବିକାଶ ବିଦ୍ୟା ମନ୍ଦିର ସମ୍ପାଦକ ତଥା ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଓଡିଶାଙ୍କ ଅନୁଗୋଳ ସଂକୁଳ ପ୍ରମୁଖ ଦିଗାମ୍ବର ମାଝି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟଶଙ୍କର ପଟେଲ, ସିଆର୍‌ସିସି ସୁରଜ ପଟେଲ, ବିଦ୍ୟାଳୟ ସଭାପତି ପୁଷ୍ପା ଶର୍ମା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ମାଝୀ ସରକାରୀ ବିଦ୍ୟାଳୟର ଶିଶୁମାନେ ଆଉ ବଣମଲ୍ଲୀ ପରି ଫୁଟି ଝରି ନ ଯିବେ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ମୁଖ୍ୟଅତିଥି ସରସ୍ୱତୀ ଦାସ କୁନି ଶିଶୁଙ୍କ ପ୍ରତିଭାର ଉଚ୍ଚ ପ୍ରଶଂଶା କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ରାଣୀ ପଟେଲ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଅଭିଭାଷଣ ରଖିଥିଲେ। ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ବିନତା ପୋଡଙ୍କ ନେତୃତ୍ୱରେ ଚଉଦଟି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଜଗନ୍ନାଥ ଜଣାଣ, ସମ୍ବଲପୁରୀ ନୃତ୍ୟ ସହିତ ନାମସଂକୀର୍ତ୍ତନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୁନି ଛାତ୍ର ଆୟୁଷ ପାଣ୍ଡେଙ୍କ ମୃଦଙ୍ଗ ବାଦ୍ୟ ସମସ୍ତଙ୍କ ମନକୁ ଛୁଇଁ ଥିବା ବେଳେ ଗାୟକ ସମୀର ନାଏକଙ୍କ କଳା ମଧ ଉଚ୍ଚ କୋଟିର ଥିଲା। ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ବାସନ୍ତୀ ପଟେଲ ଓ ତେଜରାଜ ସାହୁଙ୍କ ସହଯୋଗରେ ଶ୍ରେଷ୍ଠ କୋଡିଏ ଜଣ ଶିଶୁଙ୍କୁ ସମ୍ମାନିତ କରାଯାଇଥିଲା। ବାର୍ଷିକ ଉତ୍ସବରେ ଶତାଧିକ ଅଭିଭାବକ ସାହାଯ୍ୟ କରିଥିଲେ। ଶେଷରେ କାର୍ଯ୍ୟକ୍ରମର ସଫଳତା ପାଇଁ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର

ଦେବଗଡ଼,୭।୩(ଶଶାଙ୍କ ଶେଖର ଝାଙ୍କର)


ଜିଲାପାଳଙ୍କୁ ଅଞ୍ଚଳବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

**ବ୍ଲକ ପୁନଃଗଠନରେ କଣ୍ଢେଇ ପଞ୍ଚାୟତକୁ ଅଗ୍ରାଧିକାର ଦାବି**

ବ୍ଲକ ପୁନଃଗଠନରେ ବାରକୋଟ ବ୍ଲକର କଣ୍ଢେଇ ଗ୍ରାମପଞ୍ଚାୟତକୁ ଅଗ୍ରାଧିକାର ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ଶୁକ୍ରବାର ବାରକୋଟ ବ୍ଲକ କଣ୍ଢେଇ ଗ୍ରାମପଞ୍ଚାୟତ ସମେତ ଆଖପାଖ ୧୧ଟି ଗ୍ରାମପଞ୍ଚାୟତର ବହୁ ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅପରାହ୍ନରେ ଅଞ୍ଚଳବାସୀଙ୍କ ପ୍ରତିନିଧି ଭାବେ କଣ୍ଢେଇ ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ବିରଞ୍ଚି ବେହେରା, ହୀରାଲାଲ ସାହୁ, ଦୟାନିଧି ବେହେରା, ପ୍ରଦୀପ କୁମାର ପ୍ରଧାନ ଓ ଦୈତାରୀ ସାହୁଙ୍କ ସମେତ ବହୁ ବ୍ୟକ୍ତି ଜିଲାପାଳ କବୀନ୍ଦ୍ର ସାହୁଙ୍କୁ ସାକ୍ଷାତ କରି କଣ୍ଢେଇ ଗ୍ରାମପଞ୍ଚାୟତ, ବଳମ ଗ୍ରାମପଞ୍ଚାୟତ, ବିଜୟନଗର ଗ୍ରାମପଞ୍ଚାୟତ, କାଉଁଶିବାହାଲ ଗ୍ରାମପଞ୍ଚାୟତ, ବସାଲଇ ଗ୍ରାମପଞ୍ଚାୟତ, ଦନ୍ତାରୀବାହାଲ ଗ୍ରାମପଞ୍ଚାୟତ, କଣ୍ଟାପାଲି ଗ୍ରାମପଞ୍ଚାୟତ, ଦଣ୍ଡାସିଂହା ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ସମେତ କଣ୍ଢେଇ ଗ୍ରାମ ପଞ୍ଚାୟତ ସମିତି ସଦସ୍ୟାଙ୍କ ସମେତ ବହୁ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅଞ୍ଚଳବାସୀଙ୍କ ଆବେଦନ ଅନୁଯାୟୀ ବାରକୋଟ ବ୍ଲକର କଣ୍ଢେଇ ଗ୍ରାମ ଦେଇ ମୁମ୍ବାଇ-କୋଲକାତା ସଂଯୋଗକାରୀ ଜାତୀୟ ରାଜପଥ ଯାଇଥିବା ବେଳେ ଗମନାଗମନ ଓ ଭୌଗଳିକ ଦୃଷ୍ଟିରୁ ଏହା ଦେବଗଡ଼ ଜିଲାର ଦ୍ରୁତ ବିକାଶଶୀଳ ଗ୍ରାମ ଏବଂ ଗ୍ରାମପଞ୍ଚାୟତର ମର୍ଯ୍ୟାଦା ହାସଲ କରିଛି। ଏଥିସହ ଏହି ଗ୍ରାମ ଓ ଗ୍ରାମ ପଞ୍ଚାୟତ ଦେବଗଡ଼ ଜିଲାର ମଧ୍ୟସ୍ଥଳୀରେ ରହିବା ସହିତ ଜନସଂଖ୍ୟା ଦୃଷ୍ଟିରୁ ଜିଲାର ଦ୍ୱିତୀୟ ବୃହତମ ଗ୍ରାମର ମାନ୍ୟତା ପାଇଛି। ଜିଲା ସଦର ମହକୁମା ଓ ବାରକୋଟ ବ୍ଲକ ସଦର ମହକୁମାରୁ ଏହି ଗ୍ରାମ ତଥା ଗ୍ରାମପଞ୍ଚାୟତର ଦୂରତା ୧୫ କି.ମି ରହିଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଦୃଷ୍ଟିରୁ ଆଗୁଆ ଅଞ୍ଚଳ ଭାବେ ଅଗ୍ରଗଣ୍ୟ ଅଟେ । କଣ୍ଢେଇ ଗ୍ରାମପଞ୍ଚାୟତ ସଦର ମହକୁମାରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଓ ସେଣ୍ଟ୍ରାଲ ବ୍ୟାଙ୍କ ଭଳି ଦୁଇଟି ଜାତୀୟ ବ୍ୟାଙ୍କ ସହିତ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ବିଦ୍ୟୁତ୍ ଗ୍ରୀଡ ଷ୍ଟେଶନ, ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଯୁକ୍ତ ୨ ମହାବିଦ୍ୟାଳୟ, ସେବା ସମବାୟ ସମିତି, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଡାକଘର ଓ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ସେହିପରି ଉକ୍ତ ଗ୍ରାମପଞ୍ଚାୟତର ସର୍ବାଧିକ ଛାତ୍ରୀଛାତ୍ର ଜବାହର ନବୋଦୟ ବିଦ୍ୟାଳୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ଏହି ପ୍ରସ୍ତାବିତ ବ୍ଲକ ବାରକୋଟ ବ୍ଲକର ବଳମ, ବସାଲଇ, ରଘେଇ, କଣ୍ଟାପାଲି, ଦଣ୍ଡାସିଂହା, ବିଜୟନଗର, କାଉଁଶିବାହାଳ, ଦନ୍ତାରୀବାହାଳ ଗ୍ରାମପଞ୍ଚାୟତ ସମେତ ତିଲେଇବଣି ବ୍ଲକର ବଡଛାପଲ ଓ ଛେପିଲିପାଲି ଗ୍ରାମପଞ୍ଚାୟତ ଆଦି ମୋଟ ୧୧ଟି ଗ୍ରାମପଞ୍ଚାୟତକୁ ନେଇ କଣ୍ଢେଇ ବ୍ଲକ ଗଠନ କରାଗଲେ ଉପରୋକ୍ତ ସମସ୍ତ ଗ୍ରାମପଞ୍ଚାୟତ ସମସ୍ତ ପ୍ରକାର ପ୍ରଶାସନିକ ସୁବିଧା ସୁଯୋଗ ପାଇପାରିବ। ଏଥିସହ ଉକ୍ତ ଅଞ୍ଚଳର ଦ୍ରୁତ ବିକାଶ ଘଟିବା ସହ ଜନସାଧାରଣ ପଞ୍ଚାୟତରାଜ ବ୍ୟବସ୍ଥାର ସୁଫଳ ପାଇପାରିବେ ବୋଲି ଅଞ୍ଚଳବାସୀ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିବା ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ, ୨ ଗୁରୁତର

**କୋକସରା,୭।୩ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା ଆମପାଣି ଥାନା ଅନ୍ତର୍ଗତ ଆମପାଣି ଘାଟି ବିରିମୁହାଣ ଛକ ନିକଟରେ ଶୁକ୍ରବାର ଏକ ବାଇକ୍‌କୁ କୌଣସି ଅଜଣା ଗାଡ଼ି ଧକ୍କାଦେଇ ଫେରାର ହୋଇଯାଇଥିଲା। ଫଳରେ ବାଇକ୍‌ରେ ଥିବା ୩ ଯୁବକଙ୍କ ମଧ୍ୟରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଆମପାଣି ଥାନା କନ୍ଦାଗଡ଼ ଗ୍ରାମର କୁମରମଣି ମାଝୀ(୨୨)। ଗୁରୁତର ୨ ଯୁବକ ଜୟପାଟଣା ବ୍ଲକ୍ ନାଗପଡ଼ା ମାଝୀପଡ଼ାର ପବିତ୍ର ମାଝୀ(୨୦) ଓ ନବରଙ୍ଗପୁର ଜିଲା ମୈଦଲପୁର ଆଇଁଲି ଗ୍ରାମର ଭଗବାନ ଜାନି (୧୯)। କୁମରମଣୀଙ୍କ ବଡ଼ଭାଇଙ୍କ ବିବାହ ଗତ ବୁଧବାର ହୋଇଥିବା ବେଳେ ଶୁକ୍ରବାର ଭୋଜିରେ ଯୋଗଦେବାକୁ ଆସିଥିବା ଭଗବାନଙ୍କୁ ଛାଡିବା ପାଇଁ ୨ ସାଙ୍ଗ ବାଇକ୍‌ରେ ଯାଉଥିଲେ। ଏହି ସମୟରେ ସେମାନେ ଦୁର୍ଘଟଣାର ଶିକାର ହୋଇଥିଲେ। ଖବର ପାଇ ଆମପାଣି ଥାନା ଆଇଆଇସି ବିଜୟଲକ୍ଷ୍ମୀ ହିକ୍କା ଓ ଟିମ୍ ପହଞ୍ଚି ଗୁରୁତର ୨ ଯୁବକଙ୍କୁ ୧୦୮ ଆମ୍ବୁଲାନ୍ସ ଓ ମୃତ ଯୁବକଙ୍କୁ ଥାନା ଗାଡ଼ିରେ କୋକସରା ଡାକ୍ତରଖାନା ଆଣିଥିଲେ। ସେଠାରୁ ୨ ଗୁରୁତର ଯୁବକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଏକ ଦୁର୍ଘଟଣାଜନିତ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

### ଦୁର୍ଘଟଣାରେ ୨ ବାଇକ୍ ଆରୋହୀ ଗୁରୁତର

**କଲମପୁର, ୭।୩ (ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ଥାନା ଅନ୍ତର୍ଗତ କଲମପୁର-କୋଟାଗାଁ ରାସ୍ତା ମଣ୍ଡଳ ମଣ୍ଡି ନିକଟରେ ଦୁର୍ଘଟଣା ଘଟି ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବଲାଙ୍ଗୀର ଜିଲା ବଡବ୍ୟାଙ୍କ ଗ୍ରାମର ଲାଲୁ ଚଲାନ ଓ କଲମପୁର ବ୍ଲକ କୋଟାଗାଁ ଆମ୍ବଗଛ ପଡ଼ାର ଟିକଚନ ବେହେରା। ସୂଚନା ଅନୁସାରେ ଲାଲୁ ଓ ଟିକ୍‌ଚନ ବାଇକ୍‌ରେ ଯାଉଥିବାବେଳେ ମଣ୍ଡି ନିକଟରେ ଜୟପୁର ଯାଉଥିବା ଘରୋଇ ବସ୍ ସହ ଧକ୍କା ହୋଇଥିଲା। ଫଳରେ ବାଇକ୍ ଆରୋହୀ ଦୁଇ ଯୁବକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ସହାୟତାରେ ଉଭୟଙ୍କୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କଲମପୁର ଥାନା ପୋଲିସ ପହଞ୍ଚି ଆହତ ଦୁଇ ଯୁବକଙ୍କ ପରିବାରକୁ ବୁଝାଶୁଝା କରିବା ସହ ବସ୍ ଓ ବାଇକ୍‌କୁ ଥାନାକୁ ନେଇଥିଲା। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### କେସିଙ୍ଗା ବ୍ଲକ୍‌ରେ ନୂତନ ବିଡିଓଙ୍କ ଯୋଗଦାନ



**କେସିଙ୍ଗା,୭।୩ (ଡୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ରେ ନୂତନ ବିଡିଓ ଭାବେ ଜନ୍ମେଜୟ ସ୍ୱାଇଁ ଗୁରୁବାର ଯୋଗଦାନ କରିଛନ୍ତି। ସେ ଭାରପ୍ରାପ୍ତ ବିଡିଓ ସିଦ୍ଧେଶ୍ୱର ମେହେରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସ୍ୱାଇଁ ନୂଆପଡ଼ା ଜିଲା ଖଡ଼ିଆଳଠାରେ ଜମି ଅଧିଗ୍ରହଣ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ବ୍ଲକ୍ ଅଧ୍ୟକ୍ଷ ଚନ୍ଦନ ସେନାପତି, ଭାରପ୍ରାପ୍ତ ବିଡିଓ ସିଦ୍ଧେଶ୍ୱର ମେହେର, ଏଇଏସ୍ ଏନ୍. ନନ୍ଦ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ। ବ୍ଲକ୍‌ରେ ସମସ୍ତଙ୍କ ସହଯୋଗରେ ଉନ୍ନୟନମୂଳକ କାର୍ଯ୍ୟ ଠିକ୍ ଭାବେ କରିବେ ବୋଲି ସ୍ୱାଇଁ ପ୍ରକାଶ କରିଥିଲେ।



ବାଲିଯାତ୍ରାରେ ସମବେତ ଜନସାଧାରଣ।

# ମଣ୍ଡଳ ଭୀମାଙ୍କ ବାଲିଯାତ୍ରା

## ଭୀମା ଦେବତା ଓ କନ୍ଧୁଣୀ ଦେବୀଙ୍କ ବିବାହ ସହ ଉଦ୍‌ଯାପିତ

**କୋକସରା,୭।୩ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ମହିମା ଗ୍ରାମରେ ଦୀର୍ଘ ୧୭ ବର୍ଷ ପରେ ମଣ୍ଡଳ ଭିମାଙ୍କ ବାଲିଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୩ ମାସ ପୂର୍ବର ଯାତ୍ରା ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ବାଲିଯାତ୍ରା ମହୋତ୍ସବ ମଣ୍ଡଳ ଭିମା ଓ କନ୍ଧେନ ଦେବୀଙ୍କ ବିବାହ ସହ ଉଦ୍‌ଯାପିତ ହୋଇଯାଇଛି। ମିଳିଥିବା ସୂଚନା ଅନୁସାରେ ଚଳିତବର୍ଷ ଗ୍ରାମବାସୀ ଏକ କମିଟି ଗଠନ କରି ବାଲିଯାତ୍ରା ଉତ୍ସବ ପାଳନ କରିବାକୁ ସ୍ଥିର କରିଥିଲେ। ବାଲିଯାତ୍ରାର ମୁଖ୍ୟ ପୁରୋଧା ଅର୍ଦ୍ଧ ନାରୀଶ୍ୱର ଗୁରୁମେ କାଶୀପୁର ବ୍ଲକ ରାୟଗଡା ଜିଲାର ଲକ୍ଷ୍ମୀଧର ମାଝୀଙ୍କୁ ସ୍ୱାଗତ କରି ଗାଁରେ ଶୁଭଖମ୍ବ ସ୍ଥାପନ କରାଯାଇ ବାଲିଯାତ୍ରା ଆରମ୍ଭ ହୋଇଥିଲା। ଦୀର୍ଘ ତିନି ମାସ ଧରି ପ୍ରତିଦିନ ସନ୍ଧ୍ୟାରେ ବାଲିଯାତ୍ରାର ଅସ୍ଥାୟୀ କୁଡ଼ିଆ ପୂଜାଘରେ ଗୁରୁମେ ଗ୍ରାମ୍ୟ ଦେବଦେବୀଙ୍କୁ ଆବାହନ କରିଥିଲେ। ଲୁହାର କଣ୍ଟା ଦୋଳି କାଳିଶିଙ୍କ ଝୁଲିବା ଦୃଶ୍ୟ ଦେଖିବାକୁ ପ୍ରତି ସନ୍ଧ୍ୟାରେ ଜନ ସମାଗମ ହୋଇଥିଲା। ଏହା ମଧ୍ୟରେ ଭିମା ଦେବତାଙ୍କୁ ଗୁରୁମେ ପ୍ରତିଦିନ ପୂଜାର୍ଚ୍ଚନା ସହିତ ଭିମା ଜନ୍ମରୁ ବିବାହ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ବିଧି ମୁତାବକ ପୂଜାର୍ଚ୍ଚନା କରିଥିଲେ। ପରେ ଭିମା ଦେବତାଙ୍କ ପାଇଁ କନ୍ୟା ଖୋଜା ହୋଇଥିଲା। ଭିମା ଦେବତାଙ୍କ ବିବାହ ପ୍ରସ୍ତାବ କନ୍ଧେନ ଦେବୀଙ୍କ ସହ ହେବା ସହ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିଲା। ବିବାହ ପୂର୍ବରୁ ଦେବଦେବୀ ସହ ପୂଜକ ଓ କାଳିଶି ଲାଗିଥିବା ଝିଅମାନେ ଗୁରୁବାର ଭିମା ଖୁଣ୍ଟକୁ ନେଇ ଗ୍ରାମ ନିକଟ ଏକ ପୋଖରୀରେ ଲୁଚାଇଥିଲେ। ଶୁକ୍ରବାର ମଧ୍ୟାହ୍ନରେ ଦେବଦେବୀଙ୍କ ପୂଜକ କାଳିସି ଓ ଶତାଧିକ ଲୋକ ପୋଖରିକୁ ଯାଇ ଲୁଚାଯାଇଥିବା ଖୁଣ୍ଟକୁ ବାହାର କରିବା ପରେ ପୁଣିଥରେ ବାଲିଯାତ୍ରା ପଡିଆରେ ପହଞ୍ଚିଥିଲେ। ପରେ ଅପରାହ୍ନରେ ଭିମା ଓ କନ୍ଧେନ ଦେବୀଙ୍କ ବିବାହ କାର୍ଯ୍ୟ କାରମ୍ଭ ହୋଇଥିଲା। ବାଲିଯାତ୍ରା ପିଠରେ ଥିବା ଦେବୀ ଖୁଣ୍ଟ ସମ୍ମୁଖରେ ଭିମା ଓ କନ୍ଧୁଣି କନ୍ୟାକୁ ବସାଇ ବନ୍ଧାପନା କରି ନାଚଗୀତ କରିଥିଲେ। ସନ୍ଧ୍ୟାରେ ଏକ ପଶୁ (ଗଡରା)କୁ ବଳି ଦିଆଯାଇଥିଲା। ବାଲିଯାତ୍ରାକୁ ଗ୍ରାମ୍ୟ ପୂଜାରି ରତନ ପୂଜାରି, ଦୁର୍ଗା ପୂଜାରି, ଶିରା ଡୁମେଶ୍ୱର ପୂଜାରି ପୂଜାର୍ଚ୍ଚନା ସହ ଶିରା ଦେହରେ ଦେବଦେବୀଙ୍କ କାଳିସି ଲାଗି ହୋଇଥିଲେ। ଶୁକ୍ରବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଭାଜପା ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ସ୍ଥାନୀୟ ସମିତି ସଭ୍ୟ ଘନଶ୍ୟାମ ନାଏକ, ସରପଞ୍ଚ ଇଶରାମ କୋଲଥିଆ, ଭାଜପା ନେତା ସୁଧୀର ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ।

## ବୃଦ୍ଧଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ

**ନୂଆପଡ଼ା,୭।୩ (ମକାରୁ ବେମାଲ)**



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

୫ଦିନ ପୂର୍ବେ ନୂଆପଡ଼ା ଏସ୍‌ପି ଅଫିସ ସମ୍ମୁଖ ରାଜପଥରେ ବୃଦ୍ଧଙ୍କୁ ହତ୍ୟା ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ଏ ନେଇ ଜିଲା ପୋଲିସ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଜିଆର୍ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ତାଙ୍କ ସୂଚନା ମୁତାବକ ଗତ ରବିବାର ଭୋର ୪ଟା ସମୟରେ ୱାର୍ଡ ନଂ.୧୨ ସିରତୋଳ ଗାଁର ଶୁକଲାଲ ସାହୁ (୮୦) କୌଣସି କାର୍ଯ୍ୟରେ ବାହାରି ଯାଉଥିବା ସମୟରେ ଏସ୍‌ପି ବାସଭବନ ସମ୍ମୁଖ ୩୫୩ ନଂ. ଜାତୀୟ ରାଜପଥ ଉପରେ ତାଙ୍କ ଭାଇର ପୁଅ (ପୁତୁରା) ଓମ୍‌କାର ସାହୁ ଅତର୍କିତ ଭାବରେ ଆକ୍ରମଣ କରିଥିଲେ। ସେ ସମୟରେ ଏସ୍‌ପି ବାସଭବନରେ କାର୍ଯ୍ୟରତ ପୋଲିସ କର୍ମଚାରୀ ଦୌଡି ଆସିବାରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ମୁମୂର୍ଷୁ ଅବସ୍ଥାରେ ଶୁକଲାଲଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଜାରି ରଖିଥିଲା। ଶେଷରେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇଛି। ଜମି ମାମଲାକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଥିଲା। ଏଥିରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି ତଦନ୍ତ ପରେ ଜଣାପଡିବ ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରଣଜିତ ନାଏକ, ଥାନା ଅଧିକାରୀ ଗଙ୍ଗାଧର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଡାକରା

**ନୂଆପଡ଼ା,୭।୩ (ମକାରୁ ବେମାଲ)**

ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ଦୀର୍ଘ ୨୦ବର୍ଷ ହେବ କାର୍ଯ୍ୟରତ ଥାଇ ମଧ ସରକାରୀ ମାନ୍ୟତା ପାଇନାହାନ୍ତି। ଏହାକୁ ନେଇ ସେମାନେ କାର୍ଯ୍ୟବନ୍ଦ ଡାକରା ଦେଇଛନ୍ତି। ଜିଲା ସ୍ୱାସ୍ଥ୍ୟ ସମିତି ସଭାଗୃହଠାରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ କରି କର୍ମଚାରୀମାନେ ଏହି ସୂଚନା ଦେଇଛନ୍ତି। ୨୦୦୫ରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶା ଅଧୀନରେ ୪୨ ଶହ କର୍ମଚାରୀ କାର୍ଯ୍ୟ କରିଆସୁଛନ୍ତି। ଜନସ୍ୱାସ୍ଥ୍ୟ ପରିଚାଳନା ପଦବୀ ସୃଷ୍ଟି ଓ ଚାକିରି ସ୍ଥାୟୀ ପାଇଁ ଦୀର୍ଘବର୍ଷ ହେବ ଦାବି କରିଆସୁଥିଲେ ମଧ କୌଣସି ସୁଫଳ ମିଳିନାହିଁ। ସେଥିପାଇଁ ସଂଘ ନିର୍ଦ୍ଦେଶକ୍ରମେ ମାର୍ଚ୍ଚ ୩ରୁ ୯ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ କରିବା ସହ ୧୦ରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବରେ ଭୁବନେଶ୍ୱର ଲୋୟର ପିଏମ୍‌ଜି ଠାରେ ଧାରଣାରେ ବସିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଖବରଦାତା ସମ୍ମିଳନୀରେ ସଭାପତି ଦିବ୍ୟରଞ୍ଜନ ନାଏକ, ସମ୍ପାଦକ ନରେନ୍ଦ୍ର ପ୍ରଧାନ, ଉପସଭାପତି ଦେବୀ ପ୍ରସାଦ ମିଶ୍ର, ହେମନ୍ତ ଯୋଶୀ, ସୁଜିତ କୁମାର ସୁପକାର, ସନ୍ତୋଷ କୁମାର ସାହୁ, ଦିଲିପ ଦୁବେ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବ କଂଗ୍ରେସ

**ଭବାନୀପାଟଣା,୭।୩(ଉତ୍ତମ କୁମାର ଦାଶ)**

ରାଜ୍ୟରେ ମହିଳା ଓ ଶିଶୁଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ଆସନ୍ତା ୧୦ ତାରିଖ ସୋମବାର କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ କଂଗ୍ରେସ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲା କଂଗ୍ରେସ ପକ୍ଷରୁ ଘେରାଉ କାର୍ଯ୍ୟକ୍ରମ କରାଯିବ। ଏ ନେଇ ଶୁକ୍ରବାର ଭବାନୀପାଟଣାସ୍ଥିତ ଦଳୀୟ ଭବନରେ ଜିଲା କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପର୍ଯ୍ୟବେକ୍ଷକ ମନୋଜ ତ୍ରିପାଠୀଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ଘେରାଉ କିପରି ସଫଳ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଜିଲା ଉପସଭାପତି ଛେଳ ସାହୁ, ଇନ୍ଦ୍ରଜିତ ମହାଖୁଡ, ଧନୁର୍ଦ୍ଧର ଗହୀର, ଯୁବ ସଭାପତି ମହମ୍ମଦ ସାହେବ, ସରୋଜ ବାଗ, ସୁକାନ୍ତି ସରାଫ, ଜୟଦେବ ନାଏକ, ପ୍ରୀତମ ବେହେରା, ସନ୍ତୋଷ ପ୍ରଧାନ, ପ୍ରମିଳା ଭାତ୍ରା, ରୋଜି ନାୟକ, ମାଣିକ୍ୟ ସୁନା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ।

## ବକ୍ସାଇଟ ଖଣି ଆରମ୍ଭ ପାଇଁ ଗ୍ରାମସଭା ଦାବି

**ଭବାନୀପାଟଣା,୭।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ତ୍ରିଲୋଚନପୁର ଅଞ୍ଚଳର ବିକାଶ ପାଇଁ ଲାଞ୍ଜିଗଡ଼ ବକ୍ସାଇଟ ଖଣି ଆରମ୍ଭ କରିବା ପାଇଁ ଯଥାଶୀଘ୍ର ଗ୍ରାମସଭା କରିବାକୁ ଲାଞ୍ଜିଗଡ଼ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଜିଲାରେ ଅନେକ ପ୍ରାକୃତିକ ସମ୍ପଦ ରହିଥିବାବେଳେ ଉଦ୍ୟୋଗ ନ ଥିବାରୁ ଜିଲା ପଛରେ ପଡ଼ିଛି। ଜିଲାର ତ୍ରିଲୋଚନପୁର, ମୁନିଗୁଡା ଓ ବିଷମକଟକ ଅଞ୍ଚଳରେ ମୌଳିକ ସୁବିଧା ମଧ୍ୟ ଅନୁପଲବ୍ଧ ଅଛି। କଳାହାଣ୍ଡି ଓ ରାୟଗଡ଼ା ଜିଲାରେ ଉଚ୍ଚ ଗୁଣବତ୍ତା ବକ୍ସାଇଟ ଅଛି। କିନ୍ତୁ ଏହି ଅଞ୍ଚଳର ବିକାଶ ଯେଭଳି ହେବା କଥା ତାହା ହୋଇପାରି ନାହିଁ। ବକ୍ସାଇଟ ଖଣି ଏଠାରେ ପର୍ଯ୍ୟାପ୍ତ ଭାବରେ ଖୋଲାଯାଇ ନ ଥିବାରୁ ଏଠାକାର ଲୋକମାନେ ଅର୍ଥନୈତିକ ଓ ସାମାଜିକ ଉନ୍ନତିର ଅଂଶୀଦାର ହୋଇପାରୁନାହାନ୍ତି। ଡଙ୍ଗରିଆ ଓ କୁଟିଆ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ରୋଜଗାର ନ ପାଇ ଅସ୍ଥିର ଅବସ୍ଥାରେ ଅଛନ୍ତି। ସ୍ୱାସ୍ଥ୍ୟ, ଶିକ୍ଷା, ଆର୍ଥିକ ସ୍ଥିତି ଅତ୍ୟନ୍ତ ଗମ୍ଭୀର ଅବସ୍ଥାରେ ଅଛି। ଉନ୍ନୟନ ଯୋଜନା ପ୍ରସ୍ତୁତ କରି ଲାଞ୍ଜିଗଡ଼ ବକ୍ସାଇଟ ଖଣିର ବିକାଶ ପାଇଁ ତୁରନ୍ତ ଗ୍ରାମସଭା କରିବାକୁ ନିବେଦନ କରାଯାଇଛି।

## ଗ୍ରାହକସେବା କେନ୍ଦ୍ରରେ ଠକେଇ ଅଭିଯୋଗ

**ଲାଞ୍ଜିଗଡ଼,୭।୩(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତରେ ଥିବା ଗ୍ରାହକ ସେବାକେନ୍ଦ୍ରରେ ଠକେଇ କରି ଗ୍ରାହକଙ୍କ ଜମାଖାତାରୁ ୫୦ ହଜାର ଟଙ୍କା ଉଠାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି ବେନଗାଁ ଷ୍ଟେଟବ୍ୟାଙ୍କ ଶାଖା ଅଧୀନ ବିଜେପୁର ପଞ୍ଚାୟତସ୍ଥିତ ପୁଇଗୁଡ଼ାରେ ଥିବା ଖଜୁରୀଗୁଡା ଗ୍ରାହକସେବା କେନ୍ଦ୍ରରେ।ସୂଚନାନୁସାରେ ବିଜେପୁର ପଞ୍ଚାୟତ କେନ୍ଦୁପେଟ ଗାଁର ଲିପା ମାଝୀଙ୍କ ୨୦୧୬ରେ ମୃତ୍ୟୁ ଘଟିଥିଲା। ପରିବାର ଲୋକେ ତାଙ୍କ ସୁରକ୍ଷାବୀମା ଆବେଦନ କରିଥିଲେ ମଧ ଅର୍ଥରାଶି ମିଳି ନ ଥିଲା। ଗତ ଫେବୃଆରୀ ୧ରେ ଉତ୍ତରାଖଣ୍ଡରୁ ଜଣେ ଗ୍ରାହକଙ୍କ ଟଙ୍କା ଭୁଲବଶତଃ ସ୍ୱର୍ଗତ ଲିପା ମାଝୀଙ୍କ ସ୍ତ୍ରୀ ତେଲ ମାଝୀଙ୍କ ବ୍ୟାଙ୍କ ଜମାଖାତାରେ ୨ଲକ୍ଷ ଟଙ୍କା ଜମା ହୋଇଥିବା ମେସେଜ ତାଙ୍କ ପୁଅଙ୍କ ମୋବାଇଲରେ ଆସିଥିଲା। ମେସେଜ ଦେଖିଲା ପରେ ଫେବୃଆରୀ ୫ରେ ତେଲ ଜମାଖାତା ଧରି ଖଜୁରୀଗୁଡା ଗ୍ରାହକସେବା କେନ୍ଦ୍ରକୁ ଯାଇଥିଲେ। ଗ୍ରାହକସେବା କେନ୍ଦ୍ର ପରିଚାଳକ ତ୍ରିନାଥ ବାଗ ଜମାଖାତା ଯାଞ୍ଚ କରି ୨ଥର ହାତର ଆଙ୍ଗୁଠି ଛାପ ନେଇଥିଲେ ଏବଂ ଲିଙ୍କ ଆସୁନାହିଁ କହି ଥରେ ୨୦ ହଜାର ଏବଂ ଦ୍ୱିତୀୟ ଥର ୩୦ ହଜାର ମୋଟ ୫୦ ହଜାର ଉଠାଇ ଦେଇଥିବା ତେଲ ଓ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏ ନେଇ ଗ୍ରାହକସେବା କେନ୍ଦ୍ର ପରିଚାଳକ ତ୍ରିନାଥ ବାଗଙ୍କୁ ପଚାରିବାରୁ ଏହାର ଭୁଲ ବୁଝାମଣା ହୋଇଥିଲା ଏବଂ ସେମାନଙ୍କ ଟଙ୍କା ଫେରସ୍ତ କରିଦେଇଥିବା ପ୍ରକାଶ କରିଛନ୍ତି। ବେନଗାଁ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଜଗନ୍ନାଥ ଗମାଙ୍ଗଙ୍କୁ ପଚାରିବାରୁ ଉକ୍ତ ଗ୍ରାହକ ସେବାକେନ୍ଦ୍ରରେ ଯଦି ଏଭଳି ଘଟଣା ହୋଇଛି ତା' ହେଲେ ତଦନ୍ତ କରି ଗ୍ରାହକଙ୍କ ପଇସା ଫେରାଇବା ପାଇଁ ପଦକ୍ଷେପ ନେବି ବୋଲି ପ୍ରକାଶ କରିଥିଲେ।

## ମୋହନ ବିଶିଙ୍କୁ ଶ୍ରେଷ୍ଠ ରେଡ୍‌କ୍ରସ୍ ପରାମର୍ଶଦାତା ପୁରସ୍କାର

**କୋକସରା,୭।୩(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ତଥା ଯୁବ ରେଡ୍‌କ୍ରସ ପରାମର୍ଶଦାତା ମୋହନ ଚରଣ ବିଶି ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱର ରାଜଭବନର ନୂଆ ଅଭିଷେକ ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବରେ ରାଜ୍ୟପାଳ ତଥା ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ସଭାପତି ଡ. ହରିବାବୁ କମ୍ଭମପାଟି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଙ୍କୁ ଶ୍ରେଷ୍ଠ ଯୁବ ରେଡ୍‌କ୍ରସ ପରାମର୍ଶଦାତା ଭାବେ ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତ ଓ ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଉଲ୍ଲେଖଯୋଗ୍ୟ ମୋହନ ଜଣେ ନିୟମିତ ରକ୍ତଦାତା ଓ ପ୍ରୋତ୍ସାହକ ଭାବେ ଚଳିତବର୍ଷ ପାଇଁ ରାଜ୍ୟ ରକ୍ତବୀର ସମ୍ମାନରେ ସମ୍ମାନିତ ହୋଇଥିଲେ। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଶିଶୁ ସୁରକ୍ଷା ସମ୍ପର୍କିତ ସଚେତନତା ରଥ ଶୁଭାରମ୍ଭ



ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ଅତିରିକ୍ତ ଜିଲାପାଳ।

**ଭବାନୀପାଟଣା,୭।୩(ଉତ୍ତମ କୁମାର ଦାଶ)**

ଭାରତ ସରକାରଙ୍କ ବେଟି ବଚାଓ, ବେଟି ପଢ଼ାଓ ଅଭିଯାନର ୧୦ବର୍ଷ ପୂର୍ତ୍ତି ଉପଲକ୍ଷେ ଓ ଆନ୍ତର୍ଜାତିକ ମହିଳା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ପରିସରରେ ଶିଶୁ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ସମୟରେ ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ର, ଜିଲା କିଶୋର ନ୍ୟାୟ ବୋର୍ଡ ସଦସ୍ୟା ଭବାନୀ ପଟ୍ଟନାୟକ, ସମାଜ କଲ୍ୟାଣ କାର୍ଯ୍ୟାଳୟର ସୁରକ୍ଷା ଅଧିକାରିଣୀ ସୁଚରିତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ସଚେତନତା ରଥ ଜିଲାର ସମସ୍ତ ବ୍ଲକ ପରିଭ୍ରମଣ କରି ଚାଇଲ୍ଡ ହେଲ୍ପଲାଇନ ସେବା, ମହିଳା ସହାୟତା ସେବା, ଜରୁରିକାଳୀନ ସହାୟତା, ସୁଭଦ୍ରା ଯୋଜନା ହେଲ୍ପଲାଇନ ସେବା ବିଷୟରେ ଲୋକଙ୍କୁ ସଚେତନ କରିବ।

## ମା' ମାଉଲି କ୍ରିକେଟ: ଅମଲାପାଲି ଚାମ୍ପିୟନ

**ଖଡ଼ିଆଳ,୭।୩ (ସୁଜିତ କୁମାର ପ୍ରଧାନ)**



ବିଜେତା ଦଳକୁ ପୁରସ୍କୃତ କରୁଛନ୍ତି ଅତିଥି।

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ଅମଲାପାଲିଠାରେ ଚାଲିଥିବା ମା' ମାଉଲି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଅମଲାପାଲି ଓ ଭୋଜପୁର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅମଲାପାଲି ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୩୬ରନ ସଂଗ୍ରହ କରିଥିଲା। ଜବାବରେ ଭୋଜପୁର ଦଳ ସମାନ ଓଭରରେ ୧୧୨ ରନକରି ମ୍ୟାଚ ହାରିଯାଇଥିଲା। ଫଳରେ ଅମଲାପାଲି ଦଳ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ2 ଅରେଡା ସରପଞ୍ଚ ପ୍ରତିମା ପୁଞ୍ଜି ମୁଖ୍ୟ ଅତିଥି ଓ ଭୁବନ ଆନନ୍ଦ ଟାହାଣି, ପୁରୁଷୋତ୍ତମ ଷଣ୍ଢ, ସାମାଜିକ କର୍ମୀ ନିଲାମ ପୁଞ୍ଜି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରୟାଜ କଶ୍ୟପ ଓ ରୋମାଞ୍ଚଲ ଭୋଇ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ।

## ପୋଲିସ-ଜନସାଧାରଣ ଉତ୍ତମ ସମ୍ପର୍କ ରହିଲେ ଅପରାଧ ନିୟନ୍ତ୍ରଣ ହେବ

**ଭବାନୀପାଟଣା,୭।୩(ଉତ୍ତମ କୁମାର ଦାଶ)**



ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ।

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ୍ ଥାନାର ନୂତନ କୋଠାକୁ ଶୁକ୍ରବାର ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଭବାନୀପାଟଣାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ କଳାହାଣ୍ଡି ଏସ୍‌ପି ନାଗରାଜ ଦେବରକୋଣ୍ଡା ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ କଳାହାଣ୍ଡି ଲୋକ ସଭା ସଦସ୍ୟ ମାଳବିକା ଦେବୀ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର୍ କାଲାଇଭାନନ୍, ଉତ୍ତର ବନଖଣ୍ଡ ଅଧିକାରୀ ଅନୁରାଗ ମିଶ୍ର, ଭବାନୀପାଟଣା ସଦର ଏସ୍‌ଡିପିଓ ଆଜିଙ୍କେ ମାନେ, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଦ୍ଦ ପ୍ରମୁଖ ଯୋଗଦେଇଥିଲେ। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଲେ ଅପରାଧ ନିୟନ୍ତ୍ରଣ ହେବା ସହିତ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ପୂର୍ବରୁ ଟାଉନ ଥାନା ସହରର ଗାନ୍ଧୀ ଛକଠାରେ ରହିଥିଲା। ବର୍ତ୍ତମାନ ସହରର ମାଉସୀ ମା' ମନ୍ଦିରଠାରେ ୨କୋଟି ୩୦ଲକ୍ଷ ଟଙ୍କା ବ୍ୟୟରେ ନୂତନ କୋଠା ନିର୍ମାଣ ହୋଇଛି।

## ସଂକ୍ଷେପରେ

### ମନୋଜ ଦାଶଙ୍କୁ ପ୍ରେସିଡେଣ୍ଟ ପୋଲିସ ମେଡାଲ

**ପଦ୍ମପୁର ୭.୩ (ପ୍ରଦୀପ୍ତ ଦାଶ):** ପଦ୍ମପୁର ରାଜବୋଡାସମ୍ବର ପଞ୍ଚାୟତ ସମିତି ଅଧିନ ଦର୍ଲିଗୁଡା ଗ୍ରାମ ଦାଶ ପରିବାରର ଅବସରପ୍ରାପ୍ତ ସିଆଇଏସ୍ଏଫ୍ ଡେପୁଟି କମାଣ୍ଡାଣ୍ଟ ମନୋଜ କୁମାର ଦାଶଙ୍କୁ ପ୍ରେସିଡେଣ୍ଟ ପୋଲିସ ମେଡାଲରେ ସମ୍ବର୍ଦ୍ଧିତ କରାଯାଇଛି। ଭାରତୀୟ କେନ୍ଦ୍ରୀୟ ଆଦୌତିକ ସୁରକ୍ଷା ବଳ ସିଆଇଏସ୍ଏଫ୍ ତାଲିମ କେନ୍ଦ୍ର ଆରାକୋନମ (ଚେନ୍ନାଇ)ଠାରେ ଆୟୋଜିତ ୫୬ତମ ପ୍ରତିଷ୍ଠା ଦିବସରେ ଏହି ସମ୍ମାନ ପ୍ରଦାନ କରାଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଦାଶ ୨୦୧୪ରେ ମଧ୍ୟ ଦେଶ ମାତୃକାର ଉତ୍ତମ ସେବା କରି ପ୍ରେସିଡେଣ୍ଟ ପୋଲିସ ମେଡାଲ ସହ ଅନେକ ପୁରସ୍କାର ପାଇଥିଲେ। ପଦ୍ମପୁରର ଏକ ପଲ୍ଲୀରୁ ଯାଇ ଉଚ୍ଚ ପଦବୀରେ ଥାଇ ଉତ୍ତମ ସେବା ଦେଇ ସମ୍ବର୍ଦ୍ଧିତ ହେବା ଏହା ଅଞ୍ଚଳ ପାଇଁ ଏକ ଗୌରବ।

### ନୂତନ ଆପରାଧିକ ଆଇନ ସଚେତନ ସଭା

**ଝାରବନ୍ଧ,୭।୩(ଦେବେନ୍ଦ୍ର ସାହୁ):** ଝାରବନ୍ଧ ଥାନା ସମ୍ମିଳନୀ କକ୍ଷରେ ନୂତନ ଅପରାଧିକ ଆଇନ ସଚେତନ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଝାରବନ୍ଧ ଗ୍ରାମ୍ୟ ପରିଚାଳନା କମିଟି ସଭାପତି ମୋହନ ପ୍ରଧାନ, ସମ୍ପାଦକ ରାଜେଶ ପ୍ରଧାନ, ୱାର୍ଡ ସଭ୍ୟ, କମିଟି ସଦସ୍ୟ, ସଚେତନ ନାଗରିକ ଜଗତ ପଟେଲ, ବଳୀ ପ୍ରଧାନ, ପ୍ରମୋଦ ବେହେରା, ରୋଶନ ଅଗ୍ରୱାଲ, ସ୍ୱେଚ୍ଛାସେବୀ ରାମକୃଷ୍ଣ ପ୍ରଧାନ ଓ ଅନ୍ୟମାନେ ଯୋଗଦାନ କରିଥିଲେ। ଏଏସ୍ଆଇ ଶଶିକାନ୍ତ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ସଚେତନ ସଭାରେ ଆଇଆଇସି କେ ସମରିଆ ନୂତନ ଅପରାଧିକ ଆଇନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

### ସଡ଼କ ଦୁର୍ଘଟଣାରେ ୫ ଆହତ

**ବରପାଲି, ୭।୩(ଚିତ୍ତରଞ୍ଜନ ସାହୁ):** ବରପାଲିରେ ଏକ ସଡ଼କ ଦୁର୍ଘଟଣାରେ ପାଞ୍ଚ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଦିଲୀପ ମେହେର(୪୬), ପଞ୍ଚା ମେହେର, ଟାମ୍ପର୍ଶରାର ଯାଦବ ମେହେର (୪୦), ଲଳିତ ମେହେର (୪୫), ତୁଳସୀଧର ମେହେର (୩୫)। ଆହତଙ୍କ ମଧ୍ୟରୁ ଯାଦବଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଇଛି । ଅପରାହ୍ନ ପ୍ରାୟ ୪ରେ ବରପାଲି ସୋହେଲା ରାସ୍ତା ଉପରେ ଶିରିଡିସାଇ ମନ୍ଦିର ନିକଟରେ ଏକ କାର ବରପାଲି ପଟୁ ସୋହେଲା ରାସ୍ତାରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଏକ ଗଛରେ ଧକ୍କା ହୋଇଥିଲା।

### ଗପ ଶୁଣିବା ଓ କହିବା କାର୍ଯ୍ୟକ୍ରମ

**ପାଇକମାଳ,୭।୩(ବଡ଼ ଶତପଥୀ):** ସ୍ଥାନୀୟ ବ୍ଲକ ଚେରେଙ୍ଗାଝାଞ୍ଜି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସହଦେବ ମାଝୀଙ୍କ ସଭାପତିତ୍ୱରେ ଗପ କହିବା ଓ ଶୁଣିବା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ମାଣ୍ଡୋସିଲର କବି ତଥା ଗାଳ୍ପିକ ଭୋଜରାଜ ବୁଡେକ ଯୋଗଦେଇ ଦେଇ ଛାତ୍ରୀଛାତ୍ରମାନଙ୍କୁ କାର୍ଯ୍ୟକ୍ରମ ଉପରେ କହିଥିଲେ। ଏଥିରେ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶିକ୍ଷକ ସହଦେବ ଦାଉ, ସବନମ ସାମଲ, ରିଙ୍କି ମେହେର ପ୍ରମୁଖ ସହଯୋଗ କରିଥିଲେ।

# ନିର୍ଦ୍ଦେଶ ଅବମାନନା, ସିଲ୍ ହେଲା ବିଶାଳ ମେଗାମାର୍ଟ


ସିଲ୍ ସମୟରେ ଉପସ୍ଥିତ ଲୋକେ।


ବିଶାଳ ମେଗାମାର୍ଟକୁ ସିଲ୍ କରାଯାଇଛି।

**ବରଗଡ଼,୭।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଭଟଲି ଛକସ୍ଥିତ ବିଶାଳ ମୋଗାମାର୍ଟକୁ ଶୁକ୍ରବାର ସନ୍ଧ୍ୟାରେ ପୌର ପ୍ରଶାସନ ସିଲ୍ କରି ଦେଇଛି। ପୌର ପ୍ରଶାସନର ନିର୍ଦ୍ଦେଶକୁ ବେଖାତିର୍ କରିଥିବା ଯୋଗୁ ଏହି ମଲ୍ ଉପରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଜରିମାନା ଦେୟ ପୈଠ ସହିତ ପାର୍କିଂ ଅବ୍ୟବସ୍ଥାରେ ସୁଧାର ଅଣାଯିବା ପରେ ଉକ୍ତ ମଲ୍‌ର ସିଲ୍ ଖୋଲାଯିବ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଏହି ମଲ୍ ସମ୍ମୁଖରେ

**ପାର୍କିଂ ଅବ୍ୟବସ୍ଥା, ପୌର ପ୍ରଶାସନର କାର୍ଯ୍ୟାନୁଷ୍ଠାନ**

ପାର୍କିଂ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଥିଲା। ବାଇକ୍ ଆଦି ଗାଡ଼ି, ମଟର ଦୀର୍ଘ ସମୟ ଧରି ସେଠାରେ ପାର୍କିଂ କରାଯାଉ ଥିବା ଯୋଗୁ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଏ ନେଇ ପୌର ପ୍ରଶାସନ ସେଭଳି ଅବ୍ୟବସ୍ଥା ଏଡ଼ାଇବା ପାଇଁ ଉକ୍ତ ମଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନିର୍ଦ୍ଦେଶ ଅବମାନନା ଯୋଗୁ ମଲ୍ କର୍ତ୍ତୃପକ୍ଷଙ୍କୁ ପୌର ପ୍ରଶାସନ ପକ୍ଷରୁ ୫ଲକ୍ଷ ଟଙ୍କା ଜରିମାନା କରାଯାଇଥିଲା। ମାତ୍ର ତାହା ମଧ୍ୟ ମଲ୍ କର୍ତ୍ତୃପକ୍ଷ ପୈଠ କରି ନଥିଲେ। ଫଳରେ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ ଏବଂ ଅନ୍ୟ କର୍ମଚାରୀମାନେ ଉକ୍ତ ମଲ୍‌କୁ ପହଞ୍ଚିଥିଲେ। ମଲ୍ ଭିତରେ ଥିବା ସମସ୍ତ ଲୋକଙ୍କୁ ବାହାରକୁ ଯିବାକୁ କହିଥିଲେ ଏବଂ ସମସ୍ତେ ବାହାରି ଯିବା ପରେ ମଲ୍‌କୁ ସିଲ୍ କରି ଦିଆଯାଇଥିଲା। ସେହିପରି ଉକ୍ତ ମଲ୍ ପାଖରେ ରହିଥିବା ଅନ୍ୟ କିଛି ନିର୍ଦ୍ଦିଷ୍ଟ ଅନୁଷ୍ଠାନକୁ ମଧ୍ୟ ସେ ନେଇ ତାଗିଦ୍ କରାଯାଇଛି। ସେମାନେ ନିର୍ଦ୍ଦେଶ ଅବମାନନା କଲେ ସମ୍ପୃକ୍ତ ଅନୁଷ୍ଠାନ ବିରୋଧରେ ମଧ୍ୟ ଅନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି। ତେବେ ସହର ମଧ୍ୟରେ ଆହୁରି ଏଭଳି ଅନେକ ସ୍ଥାନରେ ପାର୍କିଂ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ସେଠାରେ ରହିଥିବା ସମ୍ପୃକ୍ତ ମଲ୍ ଏବଂ ବ୍ୟବସାୟିକ ଅନୁଷ୍ଠାନ ଉପରେ ଅନୁରୂପ କାର୍ଯ୍ୟାନୁଷ୍ଠାନ ନିଆଯିବ ନା ସେମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରାଯିବ, ସେଥିପ୍ରତି ସଭିଁଙ୍କ ନଜର ରହିଛି।

# ରାଜମିସ୍ତ୍ରିଙ୍କ ଝିଅ ଯିବେ ଜାପାନ

**ବରଗଡ଼,୭।୩(ପ୍ରେମାନନ୍ଦ ଖମାରୀ)**

**ଅନ୍ତର୍ଜାତୀୟ ବିଜ୍ଞାନ ପ୍ରଦର୍ଶନୀ**

ଅନ୍ତର୍ଜାତୀୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବା ପାଇଁ ବରଗଡ଼ ଜିଲାର ୨ଝିଅ ମନୋନୀତ ହୋଇଛନ୍ତି। ସେମାନେ ହେଲେ, ଭଟଲି ବ୍ଲକ କେଶାଇପାଲି ଗ୍ରାମର ଦିବ୍ୟାସା ପ୍ରଧାନ ଏବଂ ସୋହେଲା ବ୍ଲକ ଅନ୍ତର୍ଗତ ସରକଣ୍ଡା ଗ୍ରାମର ଟିକେଶ୍ୱରୀ ଭୁଏ। ବରଗଡ଼ର ଏକ ଗ୍ରାମାଞ୍ଚଳ ସ୍କୁଲରେ ପାଠପଢ଼ି ଆନ୍ତର୍ଜାତୀୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବା ପାଇଁ ମନୋନୀତ ଏହି ୨ଛାତ୍ରୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଏହି ୨ଛାତ୍ରୀଙ୍କ ମଧ୍ୟରୁ ଟିକେଶ୍ୱରୀଙ୍କ ଏହି ସଫଳତା ସଂଘର୍ଷପୂର୍ଣ୍ଣ। ତାଙ୍କ ବାପା ଗୋବିନ୍ଦ ଭୁଏ ଜଣେ ରାଜମିସ୍ତ୍ରୀ ହୋଇଥିବାବେଳେ ମା ସୁଜାତା ଗୃହିଣୀ। ଗ୍ରାମର ଉଚ୍ଚ ପ୍ରାଥମିକ ସ୍କୁଲରେ ପଢୁଥିବାବେଳେ ଟିକେଶ୍ୱରୀ ତାଙ୍କ ପ୍ରକଳ୍ପ ସ୍ମାର୍ଟ୍ ଅରଟ ଯନ୍ତ୍ର ପ୍ରକଳ୍ପ ପ୍ରସ୍ତୁତ କରିଥିଲେ ଏବଂ ସେହି ପ୍ରକଳ୍ପ ଜିଲାସ୍ତରରୁ ଆନ୍ତର୍ଜାତୀୟ ସ୍ତର ପର୍ଯ୍ୟନ୍ତ ମନୋନୀତ ହୋଇଛନ୍ତି। ଏହି ପ୍ରକଳ୍ପ ଉପରେ ଟିକେଶ୍ୱରୀ କୁହନ୍ତି, ତାଙ୍କ ଗ୍ରାମ ବୁଣାକାର ବହୁଳ ଗାଁଟିଏ। ସେ ସପ୍ତମ ଶ୍ରେଣୀ ପଢୁଥିବାବେଳେ ଗ୍ରାମର ତାଙ୍କ ଜଣେ ସାଙ୍ଗ ଘରକୁ ବୁଲିବାକୁ ଯାଉଥିଲେ। ସାଙ୍ଗଙ୍କ ମା' ସୂତାକାମ କରୁଥିବା ଦେଖିଥିଲେ। ତାହା କଠିନ ଥିବାବେଳେ ଦୀର୍ଘ ସମୟ ଲାଗୁଥିଲା। ଫଳରେ ସେହିକାମକୁ କିଭଳି ସରଳ ଏବଂ ସହଜରେ କରିହେବ, ସେଥିପାଇଁ ତାଙ୍କ ମନରେ ଭାବିଥିଲେ ଏବଂ ସେହିଦିନଠାରୁ ସ୍ମାର୍ଟ ଅରଟ ଯନ୍ତ୍ର ପ୍ରକଳ୍ପ ପ୍ରସ୍ତୁତ ପାଇଁ ବାହାରିଥିଲେ। ସେହି ପ୍ରକଳ୍ପ ପ୍ରସ୍ତୁତିରେ ତାଙ୍କ ଗାଇଡ୍ ଶିକ୍ଷକ ହରି ବାରିକ ତାଙ୍କୁ ସହଯୋଗ କରିଥିବା ଟିକେଶ୍ୱରୀ କହିଛନ୍ତି। ଟିକେଶ୍ୱରୀ ବର୍ତ୍ତମାନ ଗ୍ରାମର ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଅଟନ୍ତି। ତାଙ୍କର ଏହି ସଫଳତାରେ ମା', ବାପା, ଶିକ୍ଷୟିତ୍ରୀ, ଶିକ୍ଷକ, ସହପାଠୀ ଏବଂ ଗ୍ରାମବାସୀ ଟିକେଶ୍ୱରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


ପ୍ରକଳ୍ପ ସହିତ ଛାତ୍ରୀ ଟିକେଶ୍ୱରୀ ଭୁଏ।

# ଗୃହକର୍ତ୍ତା ଫେରିବା ପରେ ଚାଲିଛି ଯାଞ୍ଚ

**ବରଗଡ଼/ସରଣ୍ଡା, ୭।୩**
**(ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର)**

**ଅତାବିରାରେ ସିବିଆଇର ପୁଣି ତନାଘନା**


ସିବିଆଇ ଚଢାଉ କରିଥିବା ବ୍ୟବସାୟୀଙ୍କ ବାସଭବନ।

ବରଗଡ଼ ଜିଲା ଅତାବିରାରେ ଶୁକ୍ରବାର ସିବିଆଇ ପୁଣି ତନାଘନା ଚଲାଇଛି। ଅତାବିରା ଶାନ୍ତିପଡା ନିବାସୀ ଜି. ନରସିଂହ ମୂର୍ତ୍ତିଙ୍କ ବାସଭବନରେ ଏହି ଚଢ଼ାଉ ଚାଲିଛି। ଗତ ବୁଧବାର ସିବିଆଇର ୨ଟିମ ଏଠାକୁ ପହଞ୍ଚି ଥିଲେ। କିନ୍ତୁ ସେତେବେଳେ ନରସିଂହ ମୂର୍ତ୍ତି ଅନୁପସ୍ଥିତ ଥିବାରୁ ତାଙ୍କ ଘରକୁ ସିବିଆଇ ସିଲ୍ କରିଥିଲେ ଏବଂ ପୋଲିସ କର୍ମଚାରୀ ସେଠାରେ ଜଗି ରହିଥିଲେ। ଶୁକ୍ରବାର ନରସିଂହ ମୂର୍ତ୍ତି ଘରକୁ ଫେରିବା ପରେ ସିବିଆଇ ତନାଘନା ଆରମ୍ଭ କରିଛି। ସିବିଆଇର ୨ଟିମ ବୁଧବାର ପୂର୍ବାହ୍ନରେ ପ୍ରଥମେ ପରମାଣପୁର ଗ୍ରାମରେ ରହୁଥିବା ଜି. ସତ୍ୟନାରାୟଣଙ୍କ ଚଢାଉ କରିଥିଲେ। ଜି. ସତ୍ୟନାରାୟଣ ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗର ଜଣେ ଶ୍ରମିକ ଠିକାଦାର ଅଟନ୍ତି। ସେ ଦୀର୍ଘ ଦିନ ହେଲା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗୋଦାମ ଗୃହଗୁଡ଼ିକୁ ଠିକା ନେଇ ଆସୁଛନ୍ତି । ତେବେ ତାଙ୍କର ବିଭିନ୍ନ ସରକାରୀ ଅଧିକାରୀଙ୍କ ସହ ବେଆଇନ କାରବାର ଉପରେ ସୂଚନା ପାଇ ବର୍ତ୍ତମାନ

**ସିବିଆଇ ଜାଲରେ ଠିକାଦାର, ବ୍ୟବସାୟୀ ଘଟଣା**

ସିବିଆଇ ତଦନ୍ତ କରୁଥିବା ଅନୁମାନ କରାଯାଉଛି। ଜି ସତ୍ୟନାରାୟଣଙ୍କ ପୁଅ ଜି. ଉମା ମହେଶଙ୍କୁ ସିବିଆଇର ଏକ ଟିମ ଉଠାଇ ନେଇ ଅନ୍ୟତ୍ର ଜେରା କରିଥିଲେ। ଅନ୍ୟପକ୍ଷରେ ସିବିଆଇ ଟିମ ଜି ସତ୍ୟନାରାୟଣଙ୍କ ଅତାବିରା ଶାନ୍ତିପଡ଼ା ସ୍ଥିତ କାକା ଜି. ନରସିଂହ ମୂର୍ତ୍ତିଙ୍କ ଘରେ ଚଢାଉ କରିଥିଲେ। ଚଢାଉ ବେଳେ ସେ ଅନୁପସ୍ଥିତ ଥିଲେ। ତାଙ୍କ ଏକ ଘରକୁ ସିଲ କରାଯାଇଥିଲା। କାକା-ପୁତୁରାଙ୍କ ଘରେ ସିବିଆଇ ତନାଘନାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଉଭୟେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଉଥିବାରୁ ଏଥିରେ ରାଜନୈତିକ ଲିଙ୍କ ମଧ୍ୟ ଥାଇପାରେ ବୋଲି ସାଧାରଣରେ ଆଲୋଚନା ଚାଲିଛି। ତେବେ ଚଢାଉ ସରିବା ପରେ ବାସ୍ତବତା ପଦାକୁ ଆସିବ। ଚଢାଉର କାରଣ ଅସ୍ପଷ୍ଟ ରହିଛି।

# ରାମକୃଷ୍ଣ ପରମହଂସଙ୍କ ଜୟନ୍ତୀ

**ବରପାଲି,୭।୩(ଚିତ୍ତରଞ୍ଜନ ସାହୁ)**

ବରପାଲି ନିକଟସ୍ଥ କଦଳୀ ପାଲିର ଆଇଏସଟି ୱାୟୀ ଶାଖା ପକ୍ଷରୁ ବାରଗୁଡ଼ାରେ ରାମକୃଷ୍ଣ ପରମହଂସଙ୍କ ୧୮୯ ତମ ଜୟନ୍ତୀ ପାଳିତ ହୋଇଛି। ପ୍ରାରମ୍ଭରେ ରାମକୃଷ୍ଣଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରାଯିବା ପରେ ଭକ୍ତ ମାନଙ୍କ ପକ୍ଷରୁ ଗୁରୁଜୀ ଓ ଗୁରୁ ମାଙ୍କ ପଦ ଧୌତ କରାଯାଇଥିଲା । ସାଧକ ବଳବନ୍ତ ଛତ୍ରିଆ, ଭଗବାନ ଭୁଏ, ମହେନ୍ଦ୍ର ମାହାନା ପ୍ରମୁଖ ରାମକୃଷ୍ଣଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ସଞ୍ଜୟ ପ୍ରଧାନ, ଅଶୋକ ପ୍ରଧାନ, କୈଳାଶ କର୍ଣ୍ଣ, ମମତା ବିଶି, ବାସନ୍ତୀ ସାହୁ ପ୍ରମୁଖ ଭଜନ ପରିବେଷଣ କରିଥିଲେ। କାର୍ଯକ୍ରମକୁ ଧନପତି ବିଶି ସଂଯୋଜନା କରିଥିବା ବେଳେ ଅମୃତ ଲାଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ନାବାର୍ଡ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ

**ପଦ୍ମପୁର,୭।୩ (ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପଦ୍ମପୁର ବ୍ଲକ ବୁଡାମାଲ ଗ୍ରାମ ଗାୟତ୍ରୀ କଲ୍ୟାଣ ମଣ୍ଡପଠାରେ ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୫ ପାଳିତ ହୋଇଯାଇଛି। ନାବାର୍ଡ ବରଗଡ଼ ଜିଲା ପ୍ରବନ୍ଧକ ହଟ କିଶୋର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପଦ୍ମପୁର ସମନ୍ୱିତ ଶିଶୁବିକାସ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ଗୋଲି ରାଉତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମହିଳା ପରିଦର୍ଶିକା ରୁଟ ସୁନା,ସୁଷମା ନନ୍ଦ, ଯଶୋବନ୍ତି ସାହୁ, ପଦ୍ମପୁର ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷୟିତ୍ରୀ ନିଳୀମା ରାଣୀ ମହାନ୍ତି,ଏଲ. ଡି.ଏମ ମହେଶ୍ୱର ସାହୁ,ଦେବଦତ୍ତ କ୍ଲବ ସଭାପତି କିଶୋର ଚନ୍ଦ୍ର ପଣ୍ଡା,ସମ୍ପାଦକ କାହ୍ନୁ ଚରଣ ମାଝି, କାର୍ଯ୍ୟକାରୀ ସମ୍ପାଦକ ସୁଶାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୦ ଜଣଙ୍କୁ ଅଗ୍ରଣୀ ଉଦ୍ୟୋଗୀ ମହିଳା ଭାବରେ ସମ୍ମାନିତ କରାଯାଇଥିଲା। ଏହା ପରେ ହୁଳହୁଳି ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା। ଏଥିରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ମହିଳାମାନଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ଅତିଥି ମାନେ ସମ୍ମାନିତ କରିଥିବା ବେଳେ ଶେଷଦେବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ କୋଶଳୀ ବହି ଉପହାର

**ବରଗଡ଼,୭।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ଜଣାଶୁଣା କବି ବିଷ୍ଣୁ ଚରଣ ପ୍ରଧାନ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ମୁଖ୍ୟ ମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କୁ ଭେଟି 'ସତ୍ କଥା, ସାନ ଭାଇ ଟା କାହିଁ ଯେ ଦେଇ ନେ ପାରେ, ଆର୍ କୋଶଳ ରାଏଜ ଆମର ହକ' ନାମକ ୩ଖଣ୍ଡ କୋଶଳୀ ପୁସ୍ତକ ଉପହାର ପ୍ରଦାନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାଏ କବିଙ୍କ ସାରସ୍ୱତ ସୃଷ୍ଟିକୁ ପ୍ରଶଂସା କରିବା ସହ ପୁସ୍ତକ ଉପହାର ଦେଇଥିବାରୁ


ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ କୋଶଳୀ ପୁସ୍ତକ ପ୍ରଦାନ କରୁଛନ୍ତି।

ଧନ୍ୟବାଦ ଜଣାଇଥିଲେ। ଆଗାମୀ ଦିନରେ ପ୍ରଧାନଙ୍କ ଦ୍ୱାରା ପ୍ରକାଶିତ ହେବାକୁ ଥିବା ୧୦୨ କବିତା ସନ୍ନିବେଶିତ ବହୁଭାଷୀ କବିତା ପୁସ୍ତକ 'ଲହର'ର ସଫଳତା ପାଇଁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ପ୍ରଦାନ କରିଛନ୍ତି। ପଡ଼ୋଶୀ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆମ ଅଞ୍ଚଳର ସାହିତ୍ୟ ଓ ସଂସ୍କୃତି ସମ୍ବଳିତ ପୁସ୍ତକ ପ୍ରଦାନ କରାଯାଇଥିବାରୁ କବି ପ୍ରଧାନଙ୍କୁ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମେତ ବରଗଡ଼ ଜିଲାର ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ତରଫରୁ ପ୍ରଶଂସା କରାଯାଇଛି।

# ବରଗଡ଼ ଏମ୍‌ପିଙ୍କୁ ଖଣ୍ଡାୟତ ସମାଜର ଦାବିପତ୍ର


ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ପଦ୍ମପୁର,୭।୩(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଖଣ୍ଡାୟତ ସମାଜ ତରଫରୁ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସମାଜ ତରଫରୁ ବରିଷ୍ଠ ସଦସ୍ୟ ସୁବାସ ପାତ୍ରଙ୍କ ନେତୃତ୍ୱରେ ରାଜେଶ ନାଏକ, ଦେବେନ ପଧାନ ପ୍ରମୁଖ ଏମ୍‌ପିଙ୍କ ସହିତ ଆଲୋଚନା କରି ଖଣ୍ଡାୟତ ସମାଜ ପାଇଁ ଏକ ଜମି ଓ ଖଣ୍ଡାୟତ ଭବନ ପାଇଁ ଅନୁରୋଧ କରିଥିଲେ। ଏମ୍‌ପି ପୁରୋହିତ ଏ ସମ୍ପର୍କରେ ପ୍ରତିଶ୍ରୁତି ଦେଇଥିବାରୁ ସମାଜ ତରଫରୁ ଧନ୍ୟବାଦ ଦିଆଯାଇଛି।

# ଟୀରନ୍ଦାଜୀ ପ୍ରତିଯୋଗିତାରେ ବରଗଡ଼ର ୨ ଦିବ୍ୟାଙ୍ଗ

**ବରଗଡ଼,୭।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ୨ଜଣ ଦିବ୍ୟାଙ୍ଗ ଯୁବ କ୍ରୀଡ଼ାବିତ ତରଣୀ ସୁନା ଓ ସୁମନ୍ତ ପଧାନ ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଆୟୋଜିତ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଭାଗ ନେବେ। ସେଥିପାଇଁ ଶୁକ୍ରବାର ସେମାନେ ଟ୍ରେନ୍ ଯୋଗେ ରାଉରକେଲା ଅଭିମୁଖେ ବରଗଡ଼ ରେଳ ଷ୍ଟେଶନରୁ ଯାତ୍ରା କରିଛନ୍ତି। ଅନ୍ୟପକ୍ଷରେ ଦିବ୍ୟାଙ୍ଗ କ୍ରୀଡ଼ାବିତ ସାନ ମେହେର ଜାତୀୟ ଟୀରନ୍ଦାଜୀ ପ୍ରତିଯୋଗିତାରେ ମଧ୍ୟ ଭାଗନେବେ। ଉକ୍ତ ପ୍ରତିଯୋଗିତା ଆସନ୍ତା ୮ ଓ ୯ ତାରିଖ ୨ଦିନ ଧରି ରାଉରକେଲା ଓ ସୁନ୍ଦରଗଡଠାରେ ଅନୁଷ୍ଠିତ ହେବ । ସନ ମେହେର ଷ୍ଟେଟ ସ୍ପୋର୍ଟସ ହଷ୍ଟେଲ ସୁନ୍ଦରଗଡଠାରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବେ। ଓଡ଼ିଶା ଜନତା ସଂଘର୍ଷ ସମିତି ସଭାପତି କିଶୋର ଚନ୍ଦ୍ର ସାହୁ, ସମ୍ପାଦକ ଅଭୟ କୁମାର ପଧାନ, ବରଗଡ଼ ଆଚିଭର୍ସ ହେଲ୍‌ପିଙ୍ଗ ଫାଉଣ୍ଡେଶନ ସଭାପତି ଦିବାକର ମାଝୀ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ସାହୁ ଓ ପାୱାର ଅଫ ଦିବ୍ୟାଙ୍ଗ୍ସ ବରଗଡ଼ର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ ସେମାନଙ୍କୁ ବରଗଡ଼ ରେଳ ଷ୍ଟେଶନରେ ଅଭିନନ୍ଦନ ଜଣାଇଥିଲେ ।


ଦିବ୍ୟାଙ୍ଗ କ୍ରୀଡ଼ାବିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବରଗଡ଼ରେ ସୁଭଦ୍ରା ସଚେତନତା ପଥପ୍ରାନ୍ତ ସଭା

**ବରଗଡ,୭।୩(ପ୍ରେମାନନ୍ଦ ଖମାରୀ)**

ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସୁଭଦ୍ରା ଯୋଜନାରେ ହିତାଧିକାରୀମାନଙ୍କୁ ଆସନ୍ତା ୮ ତାରିଖରୁ ସେମାନଙ୍କ ଦ୍ୱିତୀୟ କିସ୍ତି ପଇସା ପ୍ରଦାନ କରାଯିବ। ଏହି କ୍ରମରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସମଗ୍ର ରାଜ୍ୟରେ ୭ଦିନ ଧରି ଉତ୍ସବ ପାଳନ କରାଯାଉଛି। ଏହି ପରିପେକ୍ଷୀରେ ଶୁକ୍ରବାର ବରଗଡ ଆଇସିଡ଼ିଏସ ଗ୍ରାମାଞ୍ଚଳ ପ୍ରୋଜେକ୍ଟ ତରଫରୁ ପଞ୍ଚାୟତ ସ୍ତରୀୟ ସୁଭଦ୍ରା ପଥପ୍ରାନ୍ତ ସଭା କାର୍ଯ୍ୟକ୍ରମ ସମାରୋହ ମଧ୍ୟରେ ପାଳିତ ହୋଇଯାଇଛି। ସଦର ବ୍ଲକ ଅନ୍ତର୍ଗତ ଜମୁର୍ଡ଼ା ସମେତ ବିରମାଲ, ଗାଇସିମା ପ୍ରଭୃତି ସ୍ଥାନଗୁଡ଼ିକରେ ଏହା ଅନୁଷ୍ଠିତ ହୋଇଯାଇଛି । ମିଶନ ଶକ୍ତି ଭବନରେ ହୋଇଥିବା କାର୍ଯ୍ୟକ୍ରମ ସିଡିପିଓ ସୌଦାମିନୀ ମିଶ୍ରଙ୍କ ତତ୍ତ୍ୱାଧାନରେ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ଡ଼ିଏସ୍‌ଡବ୍ଲୁ ସନ୍ଧ୍ୟାରାଣୀ ନେପାକ ଯୋଗଦାନ କରିଥିଲେ। ବରଗଡ ବିଡିଓ ବେର୍ସିୟସ ଡୁଙ୍ଗଡୁଙ୍ଗ, ଏବିଡିଓ ପୁଷ୍ପାଞ୍ଜଳି ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଥମେ ଅତିଥିମାନଙ୍କ ଦ୍ୱାରା ମା' ସମଲେଶ୍ୱରୀଙ୍କ ଫଟୋଚିତ୍ର ଆଗରେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସୁଭଦ୍ରା ଯୋଜନାରେ ସରକାର ପ୍ରଦାନ କରୁଥିବା ସହଯୋଗ ରାଶି ମାଧ୍ୟମରେ ମହିଳାମାନେ କିପରି ସ୍ୱାବଲମ୍ବୀ ହେବା ସହିତ ପରିବାର ପରିପୋଷଣ କରିବାରେ ସକ୍ଷମ ହେଉଛନ୍ତି, ସେ ଦିଗରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସୁପରଭାଇଜର ନବନିତା ମହାପାତ୍ର ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ସୁପରଭାଇଜର ମୌସୁମୀ ରାୟ, ଗୀତା ବିଶି, ଝିମିତା ନିଆଲ, ଜାଗୃତି ପରିଡ଼ା, ଗୋପବନ୍ଧୁ ପଧାନ, ଝରଣା ଦାଶ, ମଞ୍ଜୁ ଲତା ସାହୁ,ସର୍ବେଶର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବିରମାଲ କଲ୍ୟାଣ ମଣ୍ଡପଠାରେ ହେଇଥିବା କାର୍ଯ୍ୟକ୍ରମକୁ ସୁପରଭାଇଜର ସୌଲେନ୍ଦ୍ରି ସାହୁ, ପିଇଓ ମୀନକେତନ ଖରସେଲ ପରିଚାଳନା କରିଥିଲେ। ସଭାରେ ସୁଷମା ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ଶିକ୍ଷକ ସୂର୍ଯ୍ୟକୁମାର ପଣ୍ଡା ଯୋଗଦାନ କରିଥଲେ। ଅନୁରୂପ ଭାବେ ଗାଇସୀମା ମିଶନ ଶକ୍ତି ଭବନରେ ହୋଇଥିବା କାର୍ଯ୍ୟକ୍ରମକୁ ସୁପରଭାଇଜର ଦମୟନ୍ତୀ କୁଆଁର ପରିଚାଳନା କରିଥିଲେ। ସ୍ଥାନୀୟ ସରପଞ୍ଚ ଧୀରେନ ମହାପାତ୍ର, ପିଇଓ ରମେଶ ବେହେରା, ନେତ୍ରୀ ପଧାନ ପ୍ରମୁଖ ଯୋଗଦାନ କରିଥିଲେ।


ସୁଭଦ୍ରା ସଚେତନତା ପଥପ୍ରାନ୍ତ ସଭା କାର୍ଯ୍ୟକ୍ରମ ।

# ନିଆଁ ଲଗାଇଦେଲେ ଦୁର୍ବୃତ୍ତ, ଜଳିଗଲା ହାଇୱା



**ଲହୁଣୀପଡା,୭।୩(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡାଠାରୁ ଲହୁଣୀପଡାକୁ ଯାଇଥିବା ମୁଖ୍ୟ ରାସ୍ତାକଡ଼ରେ ଥିବା ଘର ଆଗରେ ରାମ କୁମାର ଗୁପ୍ତା ପ୍ରାୟ ୮ଦିନ ହେଲା ତାଙ୍କର (ନଂ.ଓଡ଼ି୧୪ୟୁ/୬୭୮୧) ହାଇୱାକୁ ରଖିଥିଲେ। ଗୁରୁବାର ବିଳମ୍ବିତ ରାତ୍ରିରେ କେହି ଦୁର୍ବୃତ୍ତ ଉକ୍ତ ହାଇୱାରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ହାଇୱାର କ୍ୟାବିନ ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଛି। ଖବର ପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦମକଳ ବାହିନୀ ସହାୟତାରେ ନିଆଁକୁ ଆୟତ୍ତ କରିଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ରାମ କୁମାର ଉକ୍ତ ହାଇୱାକୁ ବିକ୍ରି କରିବା ପାଇଁ ଦର କରିସାରିଥିଲେ। ଶୁକ୍ରବାର ଉକ୍ତ ଗାଡି ବିକ୍ରି ହୋଇଥାନ୍ତି। କିନ୍ତୁ ଗୁରୁବାର ରାତିରେ ଟ୍ରକ୍‌କୁ ଦୁର୍ବୃତ୍ତ ନିଆଁ ଲଗାଇ ଜାଳିଦେଇଥିବା ରାମକୁମାର ଅଭିଯୋଗ କରିଛନ୍ତି।

# ବଢୁଛି ବେଆଇନ ପେଟ୍ରୋଲ ବେପାର

**ରାଉରକେଲା,୭।୩(ଦିନେଶ ମିଶ୍ର)**

■ ପ୍ରତିଦିନ ବିକ୍ରି ହେଉଛି ୪୦ ହଜାରରୁ ଊର୍ଦ୍ଧ୍ୱ ଲିଟର
■ ଯୋଗାଣ ବିଭାଗର ନିଘା ନାହିଁ
■ ୩ ମାସ ଭିତରେ ଚଢ଼ାଉ ଶୂନ

ସ୍ମାର୍ଟସିଟି ରାଉରକେଲା ସହରରେ ଦିନକୁ ଦିନ ବେଆଇନ ପେଟ୍ରୋଲ କାରବାର ବଢ଼ିବାରେ ଲାଗିଛି। ସହରର ବିଭିନ୍ନ ପାନ ଗୁମୁଟି, ରାଶନ ଦୋକାନ ଆଦିରେ ବୋତଲରେ ପେଟ୍ରୋଲ ଭର୍ତ୍ତି କରି ଦୋକାନ ଆଗରେ ଝୁଲାଇ ଖୁଲମ ଖୁଲା ବିକ୍ରି କରାଯାଉଛି। ବାସନ୍ତୀ କଲୋନିସ୍ଥିତ ମାଲଗୋଦାମ ରୋଡ୍, ବାସନ୍ତୀ କଲୋନି ଭେଣ୍ଡିଂ ଜୋନ୍ ମାର୍କେଟ, ଉଦିତନଗର, ଛେଣ୍ଡ, ଝିରପାଣି, ଫର୍ଟିଲାଇଜର ବାଇପାସ୍ ରୋଡ, ଟିମ୍ବର କଲୋନି, ରେଲୱେ କଲୋନି, ସିଭିଲଟାଉନଶିପ୍, ପାୱାର ହାଉସ୍ ରୋଡ୍‌ରେ ଥିବା ବିଭିନ୍ନ ଦୋକାନରେ ଏଭଳି ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ବ୍ୟବସାୟୀମାନେ ଅଧିକ ଅର୍ଥ ଲାଳସାରେ ବଡ ବଡ ପ୍ଲାଷ୍ଟିକ ଜାର୍‌ରେ ପେଟ୍ରୋଲ ପମ୍ପରୁ ପେଟ୍ରୋଲ କିଣି ନିଜ ଦୋକାନମାନଙ୍କରେ ଗଚ୍ଛିତ ରଖୁଛନ୍ତି। ଅଧିକ ଲାଭ ପାଇଁ ସେମାନେ ପେଟ୍ରୋଲରେ କିରୋସିନ ଓ ଅନ୍ୟାନ୍ୟ ଅପମିଶ୍ରଣ ସାମଗ୍ରୀ ମିଶାଇ ଏହାକୁ ବିକ୍ରି କରୁଛନ୍ତି। ଏକ ଲିଟର ପେଟ୍ରୋଲରେ ହାରାହାରି ୯.୭ ପ୍ରତିଶତ ଊର୍ଜା ରହୁଥିବାବେଳେ ଅପମିଶ୍ରଣ କରିବା ଦ୍ୱାରା



ମାଲଗୋଦାମ ଅଞ୍ଚଳର ଦୋକାନ ସାମ୍‌ନାରେ ପେଟ୍ରୋଲ ବିକ୍ରି କରାଯାଉଥିବା ସଙ୍କେତ ଦିଆଯାଇଛି।

ପେଟ୍ରୋଲର ମାନ କମ୍ ରହୁଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ସହରରେ ବେଆଇନ ଭାବେ ରାସ୍ତାକଡ଼ ପାନ ଦୋକାନୀ, ଟାୱାର ପଙ୍କଚର ମରାମତି କରୁଥିବା ଦୋକାନୀ, ରାଶନ ଦୋକାନୀ ଖୁଚୁରାରେ ପେଟ୍ରୋଲ ବିକ୍ରିକରୁଥିବାବେଳେ ଏଥିପ୍ରତି ସ୍ଥାନୀୟ ଯୋଗାଣ ବିଭାଗ ପକ୍ଷରୁ କୌଣସି ଚଢାଉ କରାଯାଉନାହିଁ। ଫଳରେ ଅଧାସୁ ବ୍ୟବସାୟୀମାନେ ଖୁଲମଖୁଲା ନିଜ ଦୋକାନ ସମ୍ମୁଖରେ ଏକ ଲିଟର, ଅଧା ଲିଟର ପୂର୍ଣ୍ଣ ବୋତଲରେ ପେଟ୍ରୋଲ ଭର୍ତ୍ତି କରି ଲୋକଙ୍କୁ ବିକ୍ରି କରୁଛନ୍ତି। ପେଟ୍ରୋଲ ବ୍ୟବସାୟ କରିବାକୁ ହେଲେ ଆଇନଗତ ଭାବେ ଅତିକମ୍‌ରେ ୧୦ରୁ ୧୫ ଡେସିମିଲ ଜାଗାର ଆବଶ୍ୟକତା ରହିଥାଏ। ଏଥିସହ ଭାରତ ସରକାରଙ୍କ ପେଟ୍ରୋଲିୟମ ଓ ଊର୍ଜା ବିଭାଗ ପକ୍ଷରୁ ଲାଇସେନ୍ସପ୍ରାପ୍ତ ହେବା ସହ ପେଟ୍ରୋଲକୁ ସଂରକ୍ଷଣ କରିବା ପାଇଁ ଭୂତଳ ଟାଙ୍କି ସାଙ୍ଗକୁ ଅଗ୍ନି ନିରାପତ୍ତା ଦିଗ ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ। କିନ୍ତୁ ସହରର ଗଳି କନ୍ଦିରେ ବେଆଇନ ଭାବେ ପେଟ୍ରୋଲ ବେପାର କରୁଥିବା ବ୍ୟବସାୟୀମାନେ ଏହିସବୁ ଆଇନକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଛନ୍ତି। ସହରରେ ଏଭଳି ଭାବେ ପ୍ରତିଦିନ ୪୦ ହଜାରରୁ ଊର୍ଦ୍ଧ୍ୱ ଲିଟର ପେଟ୍ରୋଲ ବିକ୍ରି କରାଯାଉଥିବାବେଳେ ଏଥିପ୍ରତି ବିଭାଗର ନଜର ନାହିଁ। ଏହାକୁ ନେଇ କେତେବେଳେ ଯେ କେଉଁ ସ୍ଥାନରେ ବଡଧରଣର ଦୁର୍ଘଟଣା ଘଟିବ ତାହା କହିହେବ ନାହିଁ। ପେଟ୍ରୋଲ ଟାଙ୍କିକୁ ବଡ ବଡ ଗିଲନ ଧରି ଯାଉଥିବା ବ୍ୟବସାୟୀଙ୍କୁ କିଭଳି ପେଟ୍ରୋଲ ଦିଆଯାଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଦ୍ୱାରା ପଟ୍ରୋଲର କଳାବଜାର ହେଉଛି। ବ୍ୟବସାୟୀମାନେ ଖୁଚୁରାରେ ଲିଟର ପିଛା ୪ରୁ ୫ଟଙ୍କା ଲାଭ ରଖି ପେଟ୍ରୋଲ ବିକ୍ରି କରୁଛନ୍ତି। ଏ ଦିଗରେ ସ୍ଥାନୀୟ ଯୋଗାଣ ବିଭାଗ ଦୃଷ୍ଟି ଦେବା ଲାଗି ଦାବି ହେଉଛି। ଏ ସମ୍ପର୍କରେ ରାଉରକେଲା ସହକାରୀ ଯୋଗାଣ ଅଧିକାରୀ ସଞ୍ଜୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ସହରର ବିଭିନ୍ନ ସ୍ଥାନରେ ବେଆଇନ ପେଟ୍ରୋଲ କାରବାରକୁ ନେଇ ଆମେ ଅବଗତ ଅଛୁ। ଆମ ପାଖରେ ସଂଖ୍ୟାଧିକ କର୍ମଚାରୀ ନ ଥିବାରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବାରେ ଅସୁବିଧା ହେଉଛି । ତଥାପି ଆଗାମୀ ୭ ଦିନ ଭିତରେ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ସହରର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ପେଟ୍ରୋଲ ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବୁ। ଯଥାସମ୍ଭବ ଅଣସ୍ୱୀକୃତିପ୍ରାପ୍ତ ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ସାହୁ କହିଥିଲେ।

# ନୂତନ ଆପରାଧିକ ଆଇନ ଉପରେ ଆଲୋଚନାଚକ୍ର





ଏନ୍‌ଆଇଟିରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା,୭।୩(ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲା ପକ୍ଷରୁ ନୂତନ ଆପରାଧିକ ଆଇନ, ପ୍ରବର୍ତ୍ତନ ଏବଂ ପୋଲିସର ପଦକ୍ଷେପ ସମ୍ପର୍କିତ ସଚେତନତାମୂଳକ ଆଲୋଚନାଚକ୍ର ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାର ଟିର୍ ବିଲ୍ଡିଂ ପ୍ରେକ୍ଷାଳୟରେ ଗୁରୁବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ପୌରୋହିତ୍ୟରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ, ରେଜିଷ୍ଟ୍ରାର ପ୍ରଫେସର ରୋହନ୍ ଧୀମାନ୍, ଏନ୍‌ଆଇଟି ଛାତ୍ର କାର୍ଯ୍ୟକଳାପ କେନ୍ଦ୍ର ସଭାପତି ପ୍ରଫେସର ରାଜୀବ ପଣ୍ଡା, ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ପାନପୋଷ ଏସ୍‌ଡିପିଓ ଅମିତ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସାଇବର ଅପରାଧ ଏବଂ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅତିଥି ମାନେ ସୂଚନା ଦେଇ କହିଥିଲେ, ଛାତ୍ରୀଛାତ୍ରମାନଙ୍କୁ ଆଧୁନିକ ସାମାଜିକ ପରିବର୍ତ୍ତନ ସହ ଖାପ ଖୁଆଇବା ପାଇଁ ଏହି ଆଇନ ଗୁଡ଼ିକ ଅପଡେଟ୍ କରାଯାଉଛି। କଲେଜ ଫି, ଅନ୍‌ଲାଇନ୍ ଠକେଇ ସମେତ ସାଇବର ଅପରାଧର ସାଧାରଣ ରୂପ ବିଷୟରେ ବିସ୍ତୃତ ଅନ୍ତର୍ଦୃଷ୍ଟି ପ୍ରଦାନ କରାଯାଇଥିଲା। ସୁରକ୍ଷିତ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍, ଡିଜିଟାଲ୍ ଠକେଇ, ଡିଜିଟାଲ ଆରେଷ୍ଟ ପ୍ରୟାସକୁ ଚିହ୍ନଟ କରିବା, ସାଇବର ଅପରାଧ ରିପୋର୍ଟ କରିବା ବିଷୟରେ ବିଭିନ୍ନ ଟିପ୍ସ ସମେତ ଏହି ପ୍ରକାରର ଅପରାଧର ଶିକାର ହେବାରୁ ନିଜକୁ ସୁରକ୍ଷିତ ରଖିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସମ୍ପର୍କରେ ପରାମର୍ଶ ପ୍ରଦାନ କରାଯାଇଥିଲା। ପରେ ଅପରାଧ ନିବାରଣରେ ସାମୂଦାୟିକ ସମ୍ପୃକ୍ତିର ଗୁରୁତ୍ୱରୋପ କରିଥିଲେ ରାଉରକେଲା ଏସ୍‌ପି ୱାଧୱାନୀ। ଏଥିରେ ସୁରକ୍ଷିତ ପରିବେଶ ପାଇଁ ନିଆଯାଇଥିବା ପଦକ୍ଷେପ ବିଷୟରେ ଉଲ୍ଲେଖ କରାଯାଇଥିଲା। ଏନ୍‌ଆଇଟି ନିର୍ଦ୍ଦେଶକ ରାଓ ରାଗିଂ, ଡିଜିଟାଲ ଠକେଇ, ଅସାମାଜିକ କାର୍ଯ୍ୟକଳାପ ଆଦିର ମୁକାବିଲା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏନ୍‌ଆଇଟି ରେଜିଷ୍ଟ୍ରାର ପ୍ରଫେସର ଧୀମାନ୍ ବିକଶିତ ଏଫ୍‌ଆଇଆର୍ ଅନ୍‌ଲାଇନ୍ ଟ୍ରାକିଂ ପାଇଁ ରାଉରକେଲା ପୋଲିସ ଦ୍ୱାରା ନୂତନ ଭାବେ ଆରମ୍ଭ ହୋଇଥିବା ଏକ ପୋର୍ଟାଲ ବିଷୟରେ ସୂଚନା ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ସାକ୍ ସଭାପତି ପ୍ରଫେସର ପଣ୍ଡା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ଫୌଜଦାରୀ ଆଇନ, ସାଇବର ଅପରାଧ, ଆଇନ୍‌ର କାର୍ଯ୍ୟାନ୍ୱୟନ, ଆଧୁନିକ ପୋଲିସିଂରେ ପ୍ରଯୁକ୍ତି ଜ୍ଞାନକୌଶଳ ସମ୍ବନ୍ଧୀୟ ପ୍ରଶ୍ନ ପଚାରିବାର ସୁଯୋଗ ପାଇଥିଲେ।

# ସର୍ବତୀ ଦେବୀ ବାଳିକା ହାଇସ୍କୁଲର ବାର୍ଷିକୋତ୍ସବ

**ବଡ଼ଗାଁ,୭।୩(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁସ୍ଥିତ ସର୍ବତୀ ଦେବୀ ବାଳିକା ହାଇସ୍କୁଲରେ ଆମ ସଂସ୍କୃତି ଆମ ଖେଳଣା ତଥା ବାର୍ଷିକୋତ୍ସବ ଶୁକ୍ରବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ବଡ଼ଗାଁ ବ୍ଲକ ଶିକ୍ଷାଧିକାରୀ ଶାନ୍ତିମୁନି ସୁରେଖା ହିରୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଅଶ୍ରୁ ପ୍ରଧାନ, ପୂର୍ବତନ ଖେଳ ଶିକ୍ଷୟିତ୍ରୀ ରେଣୁକା ମହାରଣା, ବଡ଼ଗାଁ ସରପଞ୍ଚ ସୁନ୍ଦର ସାମୁଏଲ ସଏ, ପୂର୍ବତନ ଶିକ୍ଷକ ଲାଲମୋହନ ନାଏକ, ସ୍କୁଲର ପ୍ରତିଷ୍ଠାତା ଗୌରୀଶଙ୍କର ଅଗ୍ରୱାଲ, ପରିଚାଳନା କମିଟି ସଭାପତି ରଥ ମାଝୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଦିଶାନ୍ତ ଦେହୁରୀଆ ସଭା ପରିଚାଳନା କରିଥିଲେ। ଶିକ୍ଷକ ଶ୍ରୀକାନ୍ତ ବିଶି, ଅଲିଭାଦିପ୍ତି ଟପ୍ପୋ, ପ୍ରୀତିପ୍ରଭା କୁଜୁର, ରିଙ୍କି ସାହା, ସଞ୍ଜୁକ୍ତା ନାଏକ, ରମାବତୀ ଗିରି, ଆରତୀ ସାହୁ, ଦୀପ୍ତି ବଡ଼ପଣ୍ଡା, ମୋନିକା ତାଣ୍ଡିଆ, ରାଜୁ ମାଝୀ, ବିବେକ ମାଝୀ, ଜଗଦୀଶ ମିଞ୍ଜି ପ୍ରମୁଖ ସହଯୋଗ କରିଥିଲେ।





କନ୍‌ଭେନଶନରେ ମଞ୍ଚାସୀନ ନେତୃବୃନ୍ଦ।

# ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟରେ ମହିଳା ଦିବସ ପାଳିତ

**ବନ୍ଧମୁଣ୍ଡା,୭।୩(ସୁବ୍ରତ ଦେ)**

ବନ୍ଧମୁଣ୍ଡାସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହେଇଯାଇଛି। ଏହି ସମୟରେ ସ୍କୁଲର ସମସ୍ତ ମହିଳା କର୍ମଚାରୀ ଗୋଲାପୀ ରଙ୍ଗର ପୋଷାକ ପିନ୍ଧି ମହିଳାଙ୍କ ଏକତା ଏବଂ ସଶକ୍ତୀକରଣର ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସଫେଇ କର୍ମଚାରୀମାନଙ୍କୁ ସେମାନଙ୍କ କଠିନ ପରିଶ୍ରମ ଏବଂ ନିଷ୍ଠା ପାଇଁ ସମ୍ମାନିତ କରାଯାଇଥିଲା। ସ୍କୁଲର ଅଧ୍ୟକ୍ଷା ହେମଲତା ନାୟକ ଲିଙ୍ଗଗତ ସମାନତାର ଗୁରୁତ୍ୱ ଏବଂ ସମାଜ ଗଠନରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ସମସ୍ତଙ୍କ ପାଇଁ ସହାୟକ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ସ୍କୁଲର ପ୍ରତିବଦ୍ଧତାକୁ ମଧ୍ୟ ଉଲ୍ଲେଖ କରିଥିଲେ। ଶେଷରେ ସମସ୍ତ ମହିଳା ଶପଥପାଠ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା କର୍ମଚାରୀଗଣ।

# ସିଆଇଟିୟୁର ଶ୍ରମିକ କନ୍‌ଭେନଶନ

**ରାଉରକେଲା,୭।୩(ସଙ୍ଗୀତା ଜେନା)**

**କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଶ୍ରମକୋଡ୍‌କୁ ବିରୋଧ**

କେନ୍ଦ୍ର ସରକାର ଦେଶର ସମଗ୍ର ଶ୍ରମିକ ଶ୍ରେଣୀକୁ ପୁଣିଥରେ ପରାଧୀନତାର ଶୃଙ୍ଖଳରେ ବାନ୍ଧି ସମ୍ପୂର୍ଣ୍ଣ କ୍ରୀତଦାସ କରିଦେବା ପାଇଁ ଦେଶର ପ୍ରଚଳିତ ୪୪ଟି ଶ୍ରମ ଆଇନକୁ କର୍ପୋରେଟ୍ ସଂସ୍ଥା ଓ ମାଲିକମାନଙ୍କ ସ୍ୱାର୍ଥ ରକ୍ଷା କରିବାକୁ ଯାଇ ପରିବର୍ତ୍ତନ କରି ୪ଟି ଶ୍ରମ କୋର୍ଡରେ ପରିଣତ କରିଛନ୍ତି। କରୋନା କାଳରେ ଦେଶର ଜନତା ଆତଙ୍କିତ ଅବସ୍ଥାରେ ଥିଲାବେଳେ ମୋଦୀ ସରକାର ପାର୍ଲାମେଣ୍ଟରେ ଏହି ସଂଶୋଧନ ଆଣିଛନ୍ତି। ଫଳରେ ସ୍ୱାଧୀନତା ପୂର୍ବରୁ ଓ ପରେ ଦୀର୍ଘ ସଂଗ୍ରାମ କରି ଶ୍ରମିକ ଶ୍ରେଣୀ ଯେଉଁ ଆଇନ୍ ଯଥା ୮ ଘଣ୍ଟା କାମ କରିବାର ଅଧିକାର ସମେତ ଟ୍ରେଡ ୟୁନିୟନ ଓ ସଙ୍ଗଠିତ ହେବା, ସର୍ବନିମ୍ନ ଦରମା ଓ ସାମାଜିକ ସୁରକ୍ଷା, ସମାନ କାମକୁ ସମାନ ମଜୁରୀ, ଇଏସ୍‌ଆଇ, ପିଏଫ୍ ଓ ଗ୍ରାଚ୍ୟୁଇଟି, ମହିଳା ଶ୍ରମିକଙ୍କ ମାତୃକାଳୀନ ଛୁଟି ଓ ସୁବିଧା ପାଇବାର ଅଧିକାର ସଙ୍କୁଚିତ ହୋଇଛି। ଏହି ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବିରୋଧରେ ସିଆଇଟିୟୁ ଡାକରାରେ ରାଜ୍ୟସ୍ତରୀୟ କନଭେନଶନ ଗତ ମାସରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା ବେଳେ ଉକ୍ତ କନଭେନଶନ ଡ଼ାକରା ଅନୁଯାୟୀ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ଜିଲାସ୍ତରୀୟ କନଭେନଶନ ଶୁକ୍ରବାର ସନ୍ଧ୍ୟା ୬ଟାରେ ସେକ୍ଟର-୧୬ ଶ୍ରମିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି କନଭେନଶନରେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ବର୍ତ୍ତମାନ ଶ୍ରମିକ ଶ୍ରେଣୀ ନିଜର ସ୍ୱାର୍ଥରକ୍ଷା ପାଇଁ କର ବା ମର ଲଢେଇକୁ ଶେଷ ପର୍ଯ୍ୟାୟକୁ ନେଇ ଯିବାକୁ ଆହ୍ୱାନ ଦେଇଥିଲେ। ସରକାର ଏହି ଶ୍ରମ କୋର୍ଡ ଲାଗୁକଲେ ସିଆଇଟିୟୁ ବାଧହୋଇ ସର୍ବଭାରତୀୟ ଧର୍ମଘଟର ଡାକରା ଦେବ ବୋଲି ମହାନ୍ତି କହିଥିଲେ। ସିଆଇଟିୟୁ ଜିଲା ଉପସଭାପତି ବସନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କନଭେନଶନରେ ସିଆଇଟିୟୁ ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି, ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଜକିଶୋର ପ୍ରଧାନ, ହୃଦୟାନନ୍ଦ ଯାଦବ, ଶକୁନ୍ତଳା ମହାକୁଡ଼, ଭାଗିରଥୀ ଗୁଡ୍ଡୁ, ତାଜମୁନ ନେହାର, ବି. ପି. ମହାପାତ୍ର, ଯଯାତି କେଶରୀ ସାହୁ, ଅକ୍ଷୟ ମହାନ୍ତ, ବିଶ୍ୱଜିତ ମାଝୀ, ଲକ୍ଷ୍ମୀଧର ନାୟକ, ପ୍ରଭାତ ମହାନ୍ତି, ଦିବାକର ମହାରଣା, ଅରୁ ଦାସ, ବିନୟ ବେହୁରିଆ ପ୍ରମୁଖ ବକ୍ତବ୍ୟ ରଖି ମୋଦି ସରକାର ଦେଶରେ ଶ୍ରମ କୋର୍ଡ ଲାଗୁ କଲେ ସେହିଦିନଠାରୁ ଲଗାତର ସୁନ୍ଦରଗଡ଼ ଜିଲାର ଶ୍ରମିକ ଶ୍ରେଣୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଥିଲେ।

# ନୂତନ ଭାରତୀୟ ଆଇନ ସଂହିତା ସଚେତନତା ସଭା

**ବଡ଼ଗାଁ,୭।୩(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଦୁର୍ଗା ମଣ୍ଡପରେ ଶୁକ୍ରବାର ଅପରାହ୍ନରେ ବଡ଼ଗାଁ ଥାନା ପୋଲିସ ପକ୍ଷରୁ ନୂତନ ଭାରତୀୟ ଆଇନ ସଂହିତା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। ନୂତନ ଆପରାଧିକ ଆଇନ ସଂହିତା ୧ ଜୁଲାଇ ୨୦୨୪ରେ ପ୍ରଣୟନ ହୋଇଥିବା ଏହି ଆଇନ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ତହସିଲଦାର ଝରଣା ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଥାନା ଆଇଆଇସି ଆଶିଷ କୁମାର ଜେନା, ପୂର୍ବତନ ପୋଲିସ ଅଧିକାରୀ ରେଣୁ ମାଧବ ହୋତା ଯୋଗଦେଇ ନୂତନ ଆଇନ ସଂହିତା ବିଷୟରେ ଆଲୋଚନା କରିଥିଲେ। ଏହି ସଚେତନତା ସଭାରେ ବଡ଼ଗାଁ ବ୍ଲକ ସରପଞ୍ଚ ସଂଘ ସଭାପତି ଯୋଗେନ୍ଦ୍ର କିଷାନଙ୍କ ସମେତ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ପୂର୍ବତନ ନାଏବ ସରପଞ୍ଚ କେଶବ କର୍ସେଲ ବଡ଼ଗାଁ ବସଷ୍ଟାଣ୍ଡରେ ସୃଷ୍ଟି ହେଉଥିବା ଟ୍ରାଫିକ୍ ସମସ୍ୟା, ବେଆଇନ ମଦ ବେପାର, ଦୁର୍ଘଟଣା, ବିଜୁ ଏକ୍ସପ୍ରେସ ୱେ ଉପରେ ହମ୍ପ୍‌ସ ନିର୍ମାଣ କରିବାକୁ ଦାବି କରିଥିଲେ।



ସଚେତନତା ସଭାରେ ମଞ୍ଚାସୀନ ଅତିଥି।

# ୫ ଦିନିଆ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

**ଲହୁଣୀପଡ଼ା,୭।୩(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା କ୍ରିକେଟ ଖେଳ ପଡ଼ିଆଠାରେ ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ୧୬ ତମ ପାଞ୍ଚ ଦିନିଆ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୬ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ସର୍ଭିସ ଇଲେଭେନ ଦଳ ଫେଣ୍ଟାସି ଇଲେଭେନ ଦଳକୁ ୬ ଉଇକେଟ ରେ ହରାଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ଭାବେ ସମାଜସେବୀ ଓମନ୍ତ କୁମାର ମାହାନ୍ତ, ଯୋଗ ଦେଇଥିଲେ। ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏାନ ସଭାପତି ଏମ୍‌ଡି ଛୋଟୁ ଅଧ୍ୟକ୍ଷତା କରିଥିବା ବେଳେ ସୋନୁ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ରିଙ୍କୁ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଅମ୍ପାୟାର ଭାବେ ମୁନୁ ମାହାନ୍ତ, ସଞ୍ଜୟ ସା ଖେଳ ପରିଚାଳନା କରିଥିଲେ। ଏମ୍‌ଡି ଉମର, ପ୍ରଭାତ ମାହାନ୍ତ, ଏମ୍‌ଡି ଅମିନ, ଏମ୍‌ଡି ଗଲ୍ଲୁ, ଲିଙ୍କନ ପାତ୍ର, ବିଟୁ ସା, ଟିଙ୍କିନା ପ୍ରଧାନ, ଅମିତ ମାହାନ୍ତ, ଆଦିଲ ଖାନ ପ୍ରମୁଖଙ୍କ ସମେତ ସ୍ପୋର୍ଟସ ଆସୋସିଏସନର କର୍ମକର୍ତ୍ତା ପ୍ରତିଯୋଗିତା ପରିଚାଳନା କରିଥିଲେ। ଗର ଖାନ ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ସହ ଖେଳାଳିଗଣ।

# ବେଦବ୍ୟାସକୁ ସ୍ୱତନ୍ତ୍ର ଜିଲା କରାଯାଉ

**ରାଉରକେଲା,୭।୩(ସଙ୍ଗୀତା ଜେନା)**

**ଖବରଦାତା ସମ୍ମିଳନୀରେ କ୍ରିୟାନୁଷ୍ଠାନ କମିଟିର ଦାବି**

ବେଦବ୍ୟାସ ଜିଲା କ୍ରିୟାନୁଷ୍ଠାନ କମିଟିର ପକ୍ଷରୁ ବିଶ୍ରା ରୋଡ୍‌ସ୍ଥିତ ଅସ୍ଥାୟୀ କାର୍ଯ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେଦବ୍ୟାସକୁ ସ୍ୱତନ୍ତ୍ର ଜିଲା ସହ ରାଉରକେଲାକୁ ଐତିହ୍ୟ ସହର କରିବା ପାଇଁ ଦାବି କରାଯାଇଥିଲା। ହିନ୍ଦ୍ ମଜଦୁର୍ ସଭାର ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି, ଇଂ. ସୁପ୍ରତୀକ ମିଶ୍ର, ଆଇନଜୀବୀ ଆର୍ତ୍ତ ମହାରଣା, ଶ୍ରମିକ ନେତା ପଶୁପତିନାଥ ଚାଟାର୍ଜୀ, ଆଇଏନ୍‌ଟିୟୁସିର ଜିଲା ସଭାପତି ନିହାର ରଞ୍ଜନ ଦାସ, ଦେବେନ୍ଦ୍ର ନାଥ ଆଚାର୍ଯ୍ୟ, ରାକେଶ ଚାନ୍ଦ, ମହେଶ୍ୱର ମହାପାତ୍ର, ଜଗବନ୍ଧୁ ଜେନା, ଉମେଶ ଚନ୍ଦ୍ର ମଲ୍ଲିକ, ଉମେଶ ଚନ୍ଦ୍ର ନାୟକ, ପ୍ରତାପ ଦାସ, ଭୋବନି ପ୍ରଧାନ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। ହିନ୍ଦ୍ ମଜଦୁର ସଭା ରାଜ୍ୟ ସମ୍ପାଦକ ମହାନ୍ତି କହିଥିଲେ, ମାନବୀୟ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ, ପର୍ଯ୍ୟଟନ, ପ୍ରଶାସନିକ ସୁବିଧା, ସାଂସ୍କୃତିକ ମହତ୍ୱ, ପ୍ରଭାବଶାଳୀ ଶାସନ, ଉନ୍ନତ ଉପଲବ୍ଧିତା, ଉନ୍ନତ ପ୍ରତିନିଧିତ୍ୱ, ଅର୍ଥନୈତିକ ଅଭିବୃଦ୍ଧି, ସାଂସ୍କୃତିକ ଭିନ୍ନତା, ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଆଦି କାରଣରୁ ବେଦବ୍ୟାସ ଜିଲା ଦାବି ଯୁକ୍ତିଯୁକ୍ତ ଅଟେ। ଭୌଗୋଳିକ ଦୃଷ୍ଟିକୋଣରୁ ହେମଗିରି, କୋଇଡ଼ା ଓ ସୁନ୍ଦରଗଡ଼ ସହର ମହକୁମା ମଧ୍ୟରେ ଦୂରତା ପ୍ରାୟ ୨୫୦ କି.ମି ରହୁଥିବାରୁ ବାସିନ୍ଦାଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ବେଦବ୍ୟାସକୁ ଜିଲା ଘୋଷଣା କରାଗଲେ ଜିଲାର ସହର ମହକୁମା ବେଦବ୍ୟାସ କିମ୍ବା ରାଉରକେଲାଠାରେ ହେବ। ଫଳରେ ନୂତନ ଜିଲା ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଧାର୍ଯ୍ୟ ସମୟରେ ହୋଇପାରିବ। ଏଥିସହ ଉଭୟ ଅଞ୍ଚଳ ଭାରତର ଐତିହାସିକ ସହରର ସାଂସ୍କୃତିକ ଓ ଆଧ୍ୟାତ୍ମିକ ମହତ୍ୱକୁ ଆହୁରି ବଢ଼ାଇବା ପାଇଁ ଯୋଗକେନ୍ଦ୍ର, ବୈଦିକ ସଂଗ୍ରହାଳୟ, ସଂସ୍କୃତ ଅଧ୍ୟୟନ କେନ୍ଦ୍ର ସହିତ ବୈଦିକ ପାଠାଗାର, ଗୁରୁକୁଳର ପୁନରୁଦ୍ଧାର, ଔଷଧୀୟ ଏବଂ ବୃକ୍ଷରୋପଣ, ପର୍ଯ୍ୟଟନ ଅତିଥି ଭବନ, ସନ୍ଧ୍ୟା ଆରତୀ (ଗଙ୍ଗା ଶୈଳୀ), ତ୍ରିବେଣୀ ସଙ୍ଗମର ସୌନ୍ଦର୍ଯ୍ୟକରଣ, ମଠ, ବୃଦ୍ଧାଶ୍ରମ ସମେତ ଅନ୍ୟ ପରିକଳ୍ପନା ଆଦି ଦାବିଗୁଡ଼ିକୁ ପୂର୍ବରୁ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନା କରାଯାଇଥିଲା। ରାଉରକେଲାକୁ କାଶୀ ବିଶ୍ୱନାଥ ଓ ପ୍ରୟାଗରାଜ ଶୈଳୀରେ କରାଯାଇପାରିବ। ଏହାକୁ ମଧ୍ୟ ସମାନ ରୂପରେଖ ଦିଆଯାଇପାରିବ। ତେଣୁ ଉକ୍ତ ଦାବି ପୂରଣ ପାଇଁ ଲଢ଼େଇ ଜାରି ରହିବ ବୋଲି ମହାନ୍ତି କହିଥିଲେ। ଆଗାମୀ ଦିନରେ ବେଦବ୍ୟାସ ଜିଲା ଗଠନକୁ କ୍ରିୟାଶୀଳ କରିବା ପାଇଁ ବେଦବ୍ୟାସ ଜିଲା କ୍ରିୟାନୁଷ୍ଠାନ କମିଟି ତୁରନ୍ତ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରି କାର୍ଯ୍ୟକ୍ରମକୁ ବ୍ୟାପକ କରିବ ବୋଲି ଉପସ୍ଥିତ ନେତୃମଣ୍ଡଳୀ ସୂଚନା ଦେଇଥିଲେ।





ଖବରଦାତା ସମ୍ମିଳନୀରେ ସଦସ୍ୟମାନେ ସୂଚନା ପ୍ରଦାନ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୮/୨୦୨୫ Bhubaneswar, Saturday, March 8/2025

# ଏଫ୍ଆଇଆର୍ ଗ୍ରହଣ ନ କଲେ ସସ୍ପେଣ୍ଡ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୭।୩ (ସୂର୍ଯ୍ୟକାନ୍ତ ବେହେରା)**

**୧୪ ଥାନାର ନୂତନ ଗୃହ ଉଦ୍‌ଘାଟିତ**

ଅନେକ ସମୟରେ ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କ ଏତଲା କପିକୁ ପୋଲିସ ଅବହେଳା କରି ରଖି ନ ଥାଏ। ଏପରିକି ଦୁର୍ବ୍ୟବହାର ମଧ୍ୟ କରିଥାନ୍ତି। ଫଳରେ ସାଧାରଣ ଲୋକେ ନ୍ୟାୟରୁ ବଞ୍ଚିତ ହୋଇ ବହୁ ହଇରାଣ ହୋଇଥାନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାୟକ ଥିବା ସମୟରେ ୨୦୧୯ରୁ ୨୦୨୪ ମଧ୍ୟରେ ☞ପୃଷ୍ଠା-୯




## ଆଜି ସୁଭଦ୍ରାର ଦ୍ୱିତୀୟ କିସ୍ତି ପାଇବେ ୧କୋଟି ୬୪ ହଜାର ହିତାଧିକାରୀ

**ଭୁବନେଶ୍ୱର, (ବନ୍ଦନା ସେଠୀ)/ ଛତ୍ରପୁର, ୭।୩ (ସନ୍ତୋଷ ପାଢ଼ୀ)**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶନିବାର ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିବ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା। ପାଞ୍ଚଟି ପର୍ଯ୍ୟାୟରେ ମୋଟ ୧କୋଟି ୬୪ ହଜାର ମହିଳା ପ୍ରଥମ କିସ୍ତି ପାଇଥିବାବେଳେ ଶନିବାର ଗୋଟିଏ ଦିନରେ ସମସ୍ତ ହିତାଧିକାରୀଙ୍କ ଖାତାକୁ ଦ୍ୱିତୀୟ କିସ୍ତି ଟଙ୍କା ଯିବ। ଗଞ୍ଜାମ ଜିଲାର ବ୍ରହ୍ମପୁର ବିବେକ ବିହାରଠାରେ ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

ପୁରୁଣା ମାମଲାରେ ଏଫ୍ଆଇଆର୍









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ହସ୍ତତନ୍ତ ପଦଯାତ୍ରା, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ସକାଳ ୭ଟା। ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାଧାରଣ ସଭା, ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ଅପରାହ୍ଣ ୫ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ, ସମେଇଗାଡ଼ିଆ, ମଞ୍ଚେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶାନ୍ତିଧାମ ଫାଉଣ୍ଡେଶନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଗୀତଗୋବିନ୍ଦ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଦି ଓଡ଼ିଶା ଓମେନ୍ସ ଆସୋସିଏଶନ ଫର୍ ଦି ଭିଜୁଆଲି ହ୍ୟାଣ୍ଡିକାପ୍ଡ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ବୁଦ୍ଧ ବିହାର, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ମହିଳା ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶୋଭାଯାତ୍ରା, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା ଓ ସଭା, ସ୍ଥାନ: ଏଆଇଏସ୍ଏଫ୍ କାର୍ଯ୍ୟାଳୟ, ୟୁନିଟ୍-୬, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସିଆଇଟିୟୁ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଆଲୋଚନାଚକ୍ର, ସ୍ଥାନ: ସିପିଏମ୍ ପାର୍ଟି ଅଫିସ ପ୍ରାଙ୍ଗଣ, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା।
- ସୋସାଇଟି ଫର୍ ନେଚର, ଏଡୁକେଶନ ଆଣ୍ଡ ହେଲ୍ଥ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଅର୍ଗାନାଇଜେଶନ ପରିସର, ମେଫେୟାର ନଗର, ସାଲିଆ ସାହି, ସମୟ: ଅପରାହ୍ଣ ୩ଟା।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ଅପରାହ୍ଣ ୪ଟା।
- ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: କନ୍‌ଭେନଶନ ସେଣ୍ଟର, ଲୋକସେବା ଭବନ, ସମୟ: ଅପରାହ୍ଣ ୪ଟା ୩୦।
- ଆରୋହଣର ୩୩ତମ ନିଖିଳ ଉତ୍କଳ ନାଟ୍ୟୋତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ଣ ୫ଟା।
- ଭୁବନେଶ୍ୱର ମ୍ୟୁଜିକ ସର୍କଲ ପକ୍ଷରୁ ସମର୍ପଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ମହିଳା ବିଜେଡି ତରଫରୁ ବିଶ୍ୱ ମହିଳା ଦିବସ ପାଳନ, ସ୍ଥାନ: ଗାନ୍ଧୀ ସ୍ମୃତି ପଡ଼ିଆ, ନିଜିଗଡ, ତିଗିରିଆ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ଟାଉନ ପୋଲିସ ପକ୍ଷରୁ ଆମ ପୋଲିସ ସମନ୍ୱୟ ସମ୍ମିଳନୀ, ସ୍ଥାନ: ଟାଉନ ହଲ୍, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ବାସନ୍ତୀ ଦେବୀ ପାଠାଗାର, ଜେଲରୋଡ୍, ଖୋର୍ଦ୍ଧା, ସମୟ: ଅପରାହ୍ଣ ୩ଟା।
- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମହିଳା ଦିବସ ପାଳନ, ସ୍ଥାନ: ଶ୍ରୀରାମନଗରସ୍ଥିତ କାର୍ଯ୍ୟାଳୟ, ସମୟ: ଅପରାହ୍ଣ ୫ଟା।
- ଶ୍ରୀଭଗବତ ବାସୁଦେବଙ୍କ ବାର୍ଷିକ ମେଳା ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: ସାନପଲ୍ଲୀ, ଭାଲିଆବାଡ଼ି, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ବାର୍ଷିକ ପୂଜା ଉତ୍ସବ ଓ ହରିବଂଶ ପଠନ, ସ୍ଥାନ: ବାରାପାଳ, ରୂପସା, ସମୟ: ଦିବସବ୍ୟାପୀ।
- ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ପଦଯାତ୍ରା, ସ୍ଥାନ: ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିସର, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଆର୍ନ୍ତଜାତିକ ମହିଳା ଦିବସ, ସ୍ଥାନ: ଡାକବଙ୍ଗଳା ପରିସର, ବାଲିଆପାଳ, ସମୟ: ସକାଳ ୯ଟା।

## ଭଦ୍ରକ

- ବିଶ୍ୱ ମହିଳା ଦିବସ ପାଳନ ଓ ପଦଯାତ୍ରା, ସ୍ଥାନ: ଡିଆର୍‌ସିଏସ୍ ଅଫିସ, ବାଇପାସ, ଭଦ୍ରକ, ସମୟ: ସକାଳ ୭ଟା।
- ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ବିନାୟକପୁର, ବାସୁଦେବପୁର, ସମୟ: ସକାଳ ୭ଟା।
- ମହିଳା ସମାବେଶ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ ଟା।
- ଦଧିନଉତି ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ମିଶ୍ରପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଜନଔଷଧି ଦିବସ ପାଳନ, ସ୍ଥାନ: ଜନଔଷଧି କେନ୍ଦ୍ର, କଚେରୀ ବଜାର, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ୪୭ ତମ ପାଲା ଗାୟକ, ଗାୟିକା, ବାୟକ, ପାଳିଆଙ୍କ ବାର୍ଷିକ ଜିଲା ସମ୍ମିଳନୀ, ସ୍ଥାନ: ସଦର ବ୍ଲକ ବନେଇକଳା, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: କାଳି ପଡିଆ, କେନ୍ଦୁଝର, ସମୟ : ପୂର୍ବାହ୍ନ ୧୦ଟା।
- ମା' ଗଡ଼ଚଣ୍ଡୀ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ ସୁନ୍ଦରାପାଳ, ଛେନାପଦି, ସମୟ: ପୂର୍ବାହ୍ନ ୧୧ ଟା।
- ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ, ନାମ ସଂକୀର୍ତ୍ତନ, ସ୍ଥାନ: ନୂଆରମ୍ପାସ, ଛେନାପଦି, ସମୟ: ସନ୍ଧ୍ୟା ୮ ଟା।

## ମୟୂରଭଞ୍ଜ

- ବଳାଙ୍ଗୀ ଜାଗରଣ ଯାତ୍ରା ଓ ମହାରାଜା ଶ୍ରୀରାମଚନ୍ଦ୍ର ଜ୍ୟୋତି ରଥର ଜିଲା ପରିକ୍ରମା,ସ୍ଥାନ:ଜାମଦା ଛକ, ଜାମଦା, ସମୟ: ସକାଳ ୮ଟା।
- ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ ସକାଳ ୮ଟା।
- ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଠାକୁରମୁଣ୍ଡା,ସମୟ: ସକାଳ ୯ଟା।
- ମୟୂରଭଞ୍ଜର ଅନାଲୋଚିତ ମୁକ୍ତି ସଂଗ୍ରାମର ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ରୋଟାରି କ୍ଲବ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଅନନ୍ତ ସୁଧା ମହିଳା ସମିତିର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ମହାରାଜପୁର ସ୍ଥିତ ପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ପଶ୍ଚିମାଞ୍ଚଳ ନାରୀ ଶକ୍ତି ଆୟୋଜନରେ ଆନ୍ତଃଜାର୍ତୀୟ ମହିଳା ଦିବସ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୮ଟା।
- ସାଧୁ ସେବା କାର୍ଯ୍ୟକ୍ରମ, ସ୍ଥାନ: କେନଘାଟି ଶ୍ରୀରାମ ବାଟିକା, ସମୟ:ସକାଳ ୮ଟା।
- ସେଲିବ୍ରିଟି କ୍ରିକେଟ ଲିଗ ପ୍ରସ୍ତୁତି ବୈଠକ, ସ୍ଥାନ: ସମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାପ୍ରଶାସନ ଆୟୋଜନରେ ସୁଭଦ୍ରା ଶକ୍ତି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ , ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଏବଂ ଜିଲାସ୍ତରୀୟ ମହିଳା ୱାକାଥନ୍ ସ୍ଥାନ: ବଲାଙ୍ଗୀର କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖ, ସମୟ: ସକାଳ ୭ଟା ୩୦ ମିନିଟ।
- ସୁଭଦ୍ରା ଯୋଜନା ଦ୍ୱିତୀୟ କିସ୍ତି ବଣ୍ଟନ ଉତ୍ସବ, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ଅଡିଟୋରିୟମ୍, ବଲାଙ୍ଗୀର, ସମୟ: ସକାଳ ୮ଟା ୩୦ ମିନିଟ।
- ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପନ ସହ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ:ଲାଠୋର ପଞ୍ଚାୟତ ଡିଗ୍ରୀ କଲେଜ, ବ୍ଲକ ଖପ୍ରାଖୋଲ ସମୟ:ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୩୦ ମିନିଟ।

## ରାଉରକେଲା

- ଆରାଧ୍ୟା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ଜଗଦା ଲୋକନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡିଆ ଭାଷା ବିକାଶ ମଞ୍ଚର ବସନ୍ତ ବର୍ଣ୍ଣନା ଉତ୍ସବ, ସ୍ଥାନ: ମଞ୍ଚ ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ସିଦ୍ଧି ବିନାୟକ ମନ୍ଦିରର ପ୍ରାଣ ପ୍ରତିଷ୍ଠା, ସ୍ଥାନ: ବାସନ୍ତୀ କଲୋନି କନ୍ୟକା ମଣ୍ଡପ, ସମୟ: ସକାଳ ୮ଟା ୩୦।
- ବିର୍ସା ମୁଣ୍ଡା ହାଇସ୍କୁଲର ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ବିରଜାପାଲୀ ନୂତନ କୋର୍ଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଯାଜ୍ଞସେନୀ ଓ ତ୍ରିଶକ୍ତି ମହିଳା ସମିତି ପକ୍ଷରୁ ମହିଳା ଦିବସ, ସ୍ଥାନ: ଭଞ୍ଜ ଭବନ, ସେକ୍ଟର-୫, ସମୟ: ପୂର୍ବାହ୍ନ ୧୧ଟା।
- ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ଜଗଦା ବାଟ ମା' ମଙ୍ଗଳା ଶକ୍ତିପୀଠ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଡାହିଜିରା ଅମାତ ପଡା, ସମୟ: ସକାଳ ୯ଟା ୩୦।

## ବରଗଡ଼

- ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କନକବିରା, ଭଟଲି, ସମୟ: ସକାଳ ୮ଟା।
- ସୁଭଦ୍ରା ଯୋଜନା ସହାୟତା ବଣ୍ଟନ ସମାରୋହ,ସ୍ଥାନ: ନିଶାମଣି ସ୍କୁଲ ପଡ଼ିଆ, ବରଗଡ଼,ସମୟ:ସକାଳ ୯ଟା।
- ରାମାୟଣ ପାରାୟଣ,ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଗାଇସିଲେଟ୍,ସମୟ: ସକାଳ ୯ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର,ସ୍ଥାନ: ଶକ୍ତିନଗର କ୍ଲବ, ବରଗଡ଼,ସମୟ: ସକାଳ ୯ଟା ୩୦।

## କଳାହାଣ୍ଡି

- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଜେଏମ୍ଏଫ୍‌ସି କୋର୍ଟ, ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଭବାନୀପାଟଣା ବିକାଶ ଶିକ୍ଷାନୁଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଆର୍ନ୍ତଜାତିକ ମହିଳା ଦିବସ ପାଳନ,ସ୍ଥାନ: କଚେରୀ ଖେଳ ପଡ଼ିଆ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳତମ ଅଲ୍ ଇଣ୍ଡିଆ ଡିଏସ କପ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ସପ୍ତମ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ, ବୌଦ୍ଧ, ସମୟ: ଅପରାହ୍ଣ ୩ଟା।
- କନ୍ଧମାଳ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: କନ୍ଧମାଳ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ସନ୍ଧ୍ୟା ୭ଟା

## ଦେବଗଡ଼

- ଅନ୍ତର୍ଜାତୀୟ ମହିଳା ଦିବସରେ ଜିଲାସ୍ତରୀୟ ମହିଳା ପଦଯାତ୍ରା, ସ୍ଥାନ: ଡିଆର୍‌ସିସି କାର୍ଯ୍ୟାଳୟ, ଦେବଗଡ଼, ସମୟ: ସକାଳ ୮ଟା।
- ସୁଭଦ୍ରା ଅଧୀନରେ ଦ୍ୱିତୀୟ କିସ୍ତି ପ୍ରଦାନ ପାଇଁ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ଦେବଗଡ଼, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ- ୨୦୨୫, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ, ସ୍ଥାନ: ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଛପନ ପ୍ରହରୀ ନମଯଜ୍ଞର ଷଷ୍ଠ ଦିବସ, ସ୍ଥାନ: ଟିକିରାପଡା,ବୀରମହାରାଜପୁର ବ୍ଲକ,ସମୟ: ସକାଳ ୮ ଟା।
- ରାମାୟଣ ପାରାୟଣର ଷଷ୍ଠ ଦିବସ,ସ୍ଥାନ: ଟିକିରାପଡା,ବୀରମହାରାଜପୁର ବ୍ଲକ, ସମୟ:ସକାଳ ୯ ଟା।
- ବାଲ୍ମୀକି ରାମାୟଣ ପାରାୟଣ,ସ୍ଥାନ: ଭାଲୁଡୁଙ୍ଗୁରୀ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ ଟା।
- ମୁକ୍ତାକାଶ ରଙ୍ଗମଞ୍ଚରେ ଧନୁଯାତ୍ରା ,ସ୍ଥାନ: ଟିକିରାପଡ଼ା, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ ଟା।

## ନୂଆପଡ଼ା

- ୫୧କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଓ ସଂସ୍କାର ମହୋତ୍ସବ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଡୁକଲା ଗାଁ, ସମୟ: ସକାଳ ୮ଟା।
- ଆନ୍ତର୍ଜାତୀୟ ମିହିଳା ଦିବସ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ସକାଳ ୯ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଭେଲା ପଞ୍ଚାୟତ ବଘାମୁଣ୍ଡା ଗାଁ, ସମୟ: ସକାଳ ୯ଟା।

## ଝାରସୁଗୁଡ଼ା

- ୨୪ ପ୍ରହର ନାମଯଜ୍ଞ, ସ୍ଥାନ: ସରବାହାଲ ନାମ ମଣ୍ଡପ, ସମୟ: ସକାଳ ୮ଟା।
- ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: ବେଲପାହାଡ଼ ନାମ ମଣ୍ଡପ, ସମୟ: ସକାଳ ୯ଟା।

# ଅନ୍ତର୍ଜାତୀୟ ମହିଳା ଦିବସ

## ସଂସଦ, ବିଧାନସଭାରେ ଏଯାଏ ୬ ମହିଳା


ସରସ୍ୱତୀ ଦେବୀ


ସୁଶ୍ରୀ ଦେବୀ


ଅର୍ଚ୍ଚନା ନାୟକ


ସିପ୍ରା ମଲ୍ଲିକ


ସାବିତ୍ରୀ ଅଗ୍ରୱାଲ

**କେନ୍ଦ୍ରାପଡ଼ା ଜିଲା**

ଓଡ଼ିଶାରେ ୧୭ ଥର ବିଧାନସଭା ଓ ୧୮ ଥର ଲୋକ ସଭା ଆସନ ପାଇଁ ନିର୍ବାଚନ ହୋଇଛି। ତେବେ କେନ୍ଦ୍ରାପଡ଼ା ଜିଲା ରାଜନୀତିରେ ଏମ୍‌ପି ଓ ବିଧାୟିକା ଭାବେ ମହିଳାଙ୍କୁ ଖୁବ୍ କମ୍ ପ୍ରତିନିଧିତ୍ୱ ମିଳିଛି। କ୍ରୀଡ଼ା, ସମାଜ ସଂସ୍କାର, ଲୋକକଳା, ସେବା, ସଙ୍ଗୀତ, ଅଭିନୟ, ସାହିତ୍ୟ, ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରରେ ଏହି ଜିଲାର ମହିଳାଙ୍କୁ ଦେଶ ବିଦେଶରେ ବହୁ ସମ୍ମାନ ମିଳିଛି। ଏଠାରେ ମହିଳା ପ୍ରତିଭାଙ୍କ ସଂଖ୍ୟା ଆଦୌ କମ୍ ନୁହେଁ। ମାତ୍ର ବିଧାନସଭା ଓ ସଂସଦରେ ଜିଲାର ୬ ଜଣ ମହିଳାଙ୍କୁ ପ୍ରତିନିଧିତ୍ୱ ମିଳିଛି।

ରାଜ୍ୟର ପ୍ରଥମ ନିର୍ବାଚନ ୧୯୫୨ ମସିହାରେ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ଜିଲାର ୨ ବିଶିଷ୍ଟ ମହିଳା ସରସ୍ୱତୀ ଦେବୀ ଓ ରାମରାଜ କୁମାରୀ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ୨ ମହିଳାଙ୍କ ସ୍ୱାଧୀନତା ସଂଗ୍ରାମରେ ଭୂମିକା ଥିଲା ଅତୁଳନୀୟ। ରାଜନଗର ନିର୍ବାଚନମଣ୍ଡଳୀରେ କଂଗ୍ରେସର ସତ୍ୟାଗ୍ରହରେ ସାମିଲ ହୋଇଥିବା ରଘୁନାଥ ମହାନ୍ତିଙ୍କ ସ୍ତ୍ରୀ ସରସ୍ୱତୀ ଦେବୀ ବିଜୟୀ ହୋଇଥିଲେ। ସେହିପରି କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ପ୍ରଥମ ମହିଳା ବିଧାୟିକା ଆଳି ରାଜବଂଶର ରାଜା ଚନ୍ଦ୍ରଭାନୁ ଦେବଙ୍କ ସ୍ତ୍ରୀ ରାଣୀ ରାମରାଜ କୁମାରୀ ବିଜୟୀ ହୋଇଥିଲେ। ଏହି ପ୍ରଥମ ନିର୍ବାଚନରେ ରାଜ୍ୟରେ ମାତ୍ର ୩ ଜଣ ବିଧାୟିକା ନିର୍ବାଚିତ ହୋଇଥିବା ବେଳେ ୨ ଜଣ କେନ୍ଦ୍ରାପଡ଼ାର ଥିଲେ। ପରବର୍ତ୍ତୀ ସମୟରେ ଏଥିରେ ଦୀର୍ଘ ବ୍ୟବଧାନ ଦେଖିବାକୁ ମିଳିଥିଲା। ତେବେ ୧୯୯୦ରୁ ୯୫ ପର୍ଯ୍ୟନ୍ତ ଆଳି ରାଜମାତା ତଥା ସ୍ୱର୍ଗତ ଶରତ ଦେବଙ୍କ ସ୍ତ୍ରୀ ସୁଶ୍ରୀଦେବୀ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଏହାବ୍ୟତୀତ ସେ ବିଜେଡିରୁ ୨୦୦୨ ମସିହାରେ ରାଜ୍ୟ ସଭା ସଦସ୍ୟ ଭାବେ କାର୍ଯ୍ୟ କରିଛନ୍ତି। ନାରୀନେତ୍ରୀ ଅର୍ଚ୍ଚନା ନାୟକ ୧୯୯୫ ମସିହାରେ ପ୍ରଥମ ଥର ନିର୍ବାଚନ ରାଜନୀତିକୁ ଓହ୍ଲାଇଥିଲେ। କଂଗ୍ରେସ ପକ୍ଷରୁ ପାଟକୁରାରେ ବିଧାୟକ ପ୍ରାର୍ଥୀ ହୋଇଥିଲେ ମଧ୍ୟ ପରାଜିତ ହୋଇଥିଲେ । ମାତ୍ର ୨୦୦୪ରେ କଂଗ୍ରେସ ପରିବର୍ତ୍ତେ ବିଜେଡିରୁ ଟିକେଟ ପାଇ ଲୋକ ସଭା ଏମ୍‌ପି ଭାବେ ବିଜୟୀ ହୋଇଥିଲେ। ଡ. ସିପ୍ରା ମଲ୍ଲିକ ହେଉଛନ୍ତି ଲୋକପ୍ରିୟ ନେତା ପ୍ରହ୍ଲାଦ ମଲ୍ଲିକଙ୍କ ଝିଅ। ଏକଦା ବିଜୁବାବୁଙ୍କ ରାଜନୈତିକ ଜୀବନ ସଳଖିବା ପାଇଁ ତାଙ୍କୁ ଜିତିଥିବା ଆସନ ପ୍ରହ୍ଲାଦ ମଲ୍ଲିକ ଛାଡ଼ିଥିଲେ। ୨୦୦୯ ମସିହାରେ ବିଜେଡି ପକ୍ଷରୁ ଟିକେଟ ପାଇ କେନ୍ଦ୍ରାପଡ଼ା ସଂରକ୍ଷିତ ଆସନରେ ସେ ବିଧାୟିକା ହୋଇଥିଲେ। ସେ ଅଦ୍ୟାବଧି ସକ୍ରିୟ ରାଜନୀତିରେ ରହିଛନ୍ତି। ଜିଲାର ଷଷ୍ଠତମ ମହିଳା ବିଧାୟିକା ଭାବେ ସାବିତ୍ରୀ ଅଗ୍ରୱାଲ ପାଟକୁରାର ବିଧାୟିକା ହୋଇଥିଲେ। ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ ଭାବେ ତାଙ୍କର ରାଜନୈତିକ ଅଭିଜ୍ଞତା ରହିଥିଲା। ଏହାବ୍ୟତୀତ ଯୁବାବସ୍ଥାରୁ ସମାଜ ସେବା କ୍ଷେତ୍ରରେ ତାଙ୍କୁ ଅଗ୍ରଣୀ କରିଛି। ୨୦୧୯ ନିର୍ବାଚନରେ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବେଦପ୍ରକାଶ ଅଗ୍ରୱାଲ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ନିର୍ବାଚନର ଅବ୍ୟବହିତ ପୂର୍ବରୁ ତାଙ୍କର ମୃତ୍ୟୁ ଫଳରେ ସ୍ତ୍ରୀ ସାବିତ୍ରୀଙ୍କୁ ବିଜେଡି ପକ୍ଷରୁ ଟିକେଟ ମିଳିଥିଲା। ଅପରପକ୍ଷରେ ଜିଲା ରାଜନୀତିରେ ମହିଳାଙ୍କ ପ୍ରତିନିଧିତ୍ୱ ନ ବଢିବାରେ ସଂରକ୍ଷଣ ଦାୟୀ ବୋଲି ବିଶ୍ଳେଷକମାନେ ମତ ରଖିଛନ୍ତି। ସେମାନଙ୍କ ମତରେ ଜିଲାର ଲୋକସଂଖ୍ୟା ଅନୁଯାୟୀ ମହିଳାଙ୍କ ସଂଖ୍ୟା ପୁରୁଷଙ୍କଠାରୁ ସାମାନ୍ୟ କମ୍। ତ୍ରିସ୍ତରୀୟ ପଞ୍ଚାୟତ ଓ ପୌରସଂସ୍ଥା ନିର୍ବାଚନରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଅଛି। ମାତ୍ର ବିଧାନସଭା ଓ ସଂସଦରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ପ୍ରତିନିଧିତ୍ୱ କମ୍ ରହୁଛି। ରାଜନୈତିକ ଦଳଗୁଡିକ ଜିଲାର ମହିଳାଙ୍କ ପାଇଁ ଅନ୍ୟୂନ ୩୩ ପ୍ରତିଶତ ହିସାବରେ ପ୍ରାର୍ଥିତ୍ୱ ବ୍ୟବସ୍ଥା କଲେ, ଅତିକମ୍‌ରେ ୨ଜଣଙ୍କୁ ବିଧାନସଭା ଅଥବା ସଂସଦରେ ଦେଖିବାକୁ ମିଳିପାରିବ।

**-ଜଗନ୍ନାଥ ଧଳ, କେନ୍ଦ୍ରାପଡ଼ା**

## ଅନନ୍ୟ ପ୍ରେରଣା ଅନୀତା ବାଗ

ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇବି ହାର ମାନି ନାହାଁନ୍ତି। ବରଂ ନିଜ ଦୁଃଖକଷ୍ଟକୁ ଭୁଲି ସମାଜ ପାଇଁ କାମ କରି ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଏଭଳି ଜଣେ ମହିଳା ହେଉଛନ୍ତି ସମ୍ବଲପୁର ଦଲଦଲିପଡ଼ାର ଅନିତା ବାଗ। ସମ୍ବଲପୁର କ୍ଷେତରାଜପୁର ରେଳଷ୍ଟେଶନ ନିକଟରେ ଥିବା ଦଲଦଲିପଡ଼ାର ଅଧିକାଂଶ ପରିବାର ଅନୁସୂଚିତ ଜାତିର। ସହର ମଝିରେ ରହିଥିଲେ ବି ଶିକ୍ଷା ସ୍ୱାସ୍ଥ୍ୟଠାରୁ ଏଠାକାର ଲୋକେ ବଞ୍ଚିତ। ଏଭଳି ପରିସ୍ଥିତିରେ ଲୋକଙ୍କ ପାଇଁ ସବୁବେଳେ ସହାୟତାର ହାତ ବଢାଇବାକୁ ଆଗେଇ ଆସିଛନ୍ତି ଅଙ୍ଗନୱାଡ଼ି କର୍ମୀ ଅନିତା। ତାଙ୍କ ନେତୃତ୍ୱରେ ପରିଚାଳିତ ସ୍ୱେଚ୍ଛାସେବୀ ସଙ୍ଗଠନ 'ଆୱାର ହେଲ୍ପିଂ ହେଣ୍ଡ' ଅଞ୍ଚଳ ପାଇଁ ଏକ ଆଲୋକ ବର୍ତ୍ତିକା ପାଲଟିଛି। ଅନିତାଙ୍କ ବ୍ୟକ୍ତିଗତ ଜୀବନ ଅନେକ ଦୁଃଖ କଷ୍ଟରେ କଟିଛି। ୨୦୦୮ ମସିହାରୁ ତାଙ୍କ ସ୍ୱାମୀ ଅଜୟ ସୁନା ରାଉରକେଲା ଯିବା ବାଟରେ ନିଖୋଜ ରହିଛନ୍ତି। ଏହାପରେ ସେ ନିଜେ ସଂଘର୍ଷ କରି ପାଠ ପଢି ଏମଏସଡବ୍ଲ୍ୟୁ ପାଠ୍ୟକ୍ରମରେ ମାଷ୍ଟର ଡିଗ୍ରୀ ହାସଲ କରିବା ସହ ଅଙ୍ଗନୱାଡି କର୍ମୀ ଭାବେ ଯୋଗଦେଇ ଥିଲେ। ନିଜ ଚେଷ୍ଟାରେ ବଡ ଝିଅକୁ ଭିସୁଟରେ ଏମଟେକ ଦ୍ୱିତୀୟ ବର୍ଷ ଏବଂ ସାନ ଝିଅକୁ ଆଇନ ପାଠପଢ଼ାଇ ମଣିଷ କରି ପାରିଛନ୍ତି । ସେ କେବଳ ନିଜ ପରିବାର ପାଇଁ ସ୍ୱପ୍ନ ଦେଖିନାହାନ୍ତି ବରଂ ଅନିତା ପଡ଼ାର ପୁଅଝିଅଙ୍କୁ ପାଠ ପଢାଇ ଶିକ୍ଷିତ ଏବଂ ସ୍ୱାବଲମ୍ବୀ କରିବା ପାଇଁ ଅଣ୍ଟା ଭିଡିଛନ୍ତି। ତାଙ୍କ ଅପା କବିତା ବାଗ ଏବଂ ଅନ୍ୟ ମହିଳାଙ୍କୁ ନେଇ ୨୦୧୨ରେ ସେ ଆରମ୍ଭ କରିଥିଲେ 'ଆୱାର ହେଲ୍ପିଂ ହେଣ୍ଡ ସଙ୍ଗଠନ। ନିଜସ୍ୱ ସମ୍ବଳରେ କାମ କରୁଥିବା ଏହି ସଙ୍ଗଠନ ୨୦୧୪ ଜଣ୍ଡିସ୍ ସମୟରେ ପ୍ରଶଂସନୀୟ କାମ କରି ବେଶ ଚର୍ଚ୍ଚାକୁ ଆସିପାରିଥିଲା। ଦଲଦଲି ପଡ଼ାର ୩୦ରୁ ଅଧିକ ଲୋକ ଜଣ୍ଡିସ ଆକ୍ରାନ୍ତ ପରିବାରକୁ ଆୱାର ହେଲ୍ପିଂ ହେଣ୍ଟର ସଦସ୍ୟାମାନେ ଘରଘର ବୁଲି ଫୁଟା ପାଣି ବାଣ୍ଟିଥିଲେ। ପଡ଼ାରେ ବ୍ଲିଚିଂ ପାଉଡର ସିଞ୍ଚନ ସହ ଲୋକଙ୍କୁ ସଚେତନ କରାଇଥିଲେ। ଅନ୍ୟ ଲୋକଙ୍କ ଘରେ କାମ କରୁଥିବା ପୁଅଝିଅଙ୍କୁ


ଅନିତା ବାଗ

ହେଲ୍ପିଂ ହ୍ୟାଣ୍ଡ କାଗଜ ଠୁଙ୍ଗା ତିଆରି, ମସଲା ପ୍ୟାକିଂ, ସିଲେଇ ତାଲିମ ଦେଇ ସ୍ୱାବଲମ୍ବୀ କରିପାରିଛି । ଯେଉଁଠି ସରକାରୀ ଯୋଜନା ଫେଲ୍ ମାରିଛି, ସେଇଠି ଶିକ୍ଷାର ଆଲୋକ ବାଣ୍ଟୁଛି 'ଆୱାର ହେଲପିଂ ହ୍ୟାଣ୍ଡ। ଏପର୍ଯ୍ୟନ୍ତ ଆଖପାଖର ୩ ଶହ ୫୦ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇ ନିଜ ଗୋଡରେ ଛିଡା ହେବାର ବାଟ ଦେଖାଇ ସାରିଛି। ବର୍ତ୍ତମାନ ମଧ୍ୟ ୫୦ ଜଣ ଝିଅପୁଅ ସନ୍ଧ୍ୟାରେ ପାଠ ପଢୁଛନ୍ତି । ସେମାନଙ୍କୁ ବିଭିନ୍ନ ପ୍ରକାର ତାଲିମ ମଧ୍ୟ ଦିଆଯାଉଛି। ସୁସ୍ଥ ଜୀବନଯାପନ ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଭଳି ମହତ ପଦକ୍ଷେପ ହାତକୁ ନେଇଛନ୍ତି। ବିପରିତ ପରିସ୍ଥିତରେ ନିଜ ପରିବାରକୁ ସୁଶିକ୍ଷିତ କରିବା ସହ ପୁରା ପଡାକୁ ସ୍ୱାବଲମ୍ବୀ କରିବା ଦିଗରେ ବହୁ ବର୍ଷ ହେବ କାର୍ଯ୍ୟ କରୁଛନ୍ତି ଅନିତା ବାଗ। ତାଙ୍କ କାମରେ ଏବେ ୨୦ରୁ ଅଧିକ ମହିଳା ଏବଂ ପୁରୁଷ ସହଯୋଗ କରିଆସୁଛନ୍ତି। ମହିଳାଙ୍କ ପାଇଁ ପ୍ରେରଣା ସାଜିଛନ୍ତି ଅନିତା।

**-ଭବାନୀ ଶଙ୍କର ଭୋଇ, ସମ୍ବଲପୁର**

## ଟ୍ୟୁଶନ ଶିକ୍ଷୟିତ୍ରୀରୁ ରିସର୍ଟ ମାଲିକ


ରେଣୁବାଳା ସାହୁ

ଜଣେ ଟ୍ୟୁଶନ ଶିକ୍ଷୟିତ୍ରୀରୁ କାର୍ଯ୍ୟ ଆରମ୍ଭ କରି ଏବେ ଏକ ରିସର୍ଟର ମାଲିକ ହେବା ସହ ସଫଳ ଶିଳ୍ପପତି ହୋଇ କନ୍ଧମାଳ ଜିଲା ଦାରିଙ୍ଗବାଡି ସମେତ ରାଜ୍ୟ ଓ ରାଜ୍ୟ ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ରେଣୁବାଳା ସାହୁ। ରେଣୁବାଳା ପ୍ରଦୀପ କୁମାର ସାହୁଙ୍କୁ ବିବାହ କରିଛନ୍ତି। ପ୍ରଦୀପ ଜଣେ ଶିକ୍ଷକ ରହିଥିବା ବେଳେ ସେ ବିବାହ ସମୟରେ ଚୁକ୍ତିଭିତ୍ତିକ ଶିକ୍ଷକ ଭାବେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଥିଲେ। ଏଥିରେ ଚିନ୍ତା ପ୍ରକଟ କରି ଜଣଙ୍କର ରୋଜଗାରରେ ପରିବାର ଚଳାଇବା ମୁସ୍କିଲ ଯୋଗୁ ରେଣୁବାଳା ଦାରିଙ୍ଗବାଡ଼ି ବଜାରର କେତେକ ଛାତ୍ରୀଛାତ୍ରଙ୍କୁ ନେଇ ଟ୍ୟୁଶନ ପଢ଼ାଇବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ଏକ ଲେଡିଜ କର୍ନର ଖୋଲି ବ୍ୟବସାୟ କରିଥିଲେ। ଏହି ସମୟରେ ସେ ସ୍ୱପ୍ନ ଦେଖିବା ଆରମ୍ଭ କଲେ, ସେ କିଭଳି କିଛି ବଡ଼ ଧରଣର ବ୍ୟବସାୟ କରିବେ। ସେ ଚିନ୍ତା କରିଥିଲେ ଦାରିଙ୍ଗବାଡ଼ିକୁ ଦୈନିକ ଶହଶହ ପର୍ଯ୍ୟଟକ ଆସୁଛନ୍ତି। ରାତ୍ରିଯାପନ କରିବା ପାଇଁ କୌଣସି ସୁବିଧା ନ ଥିବାରୁ ସେ ଏକ ହୋଟେଲ କରିବାକୁ ଚିନ୍ତା କରି ଜମି କିଣିବା ସହ ଋଣ କରି ହୋଟେଲ ଖୋଲିଲେ। ତାହା ବହୁତ ଭଲ ଚାଲିବା ପରେ ସେ ଏକ ପାହାଡ଼ିଆ ଅଞ୍ଚଳରେ ୩ଟା କଟେଜ କରି ରିସର୍ଟର ସ୍ୱପ୍ନ ଦେଖିଥିଲେ। ଆଉ କଠିନ ପରିଶ୍ରମ କରିବା ସହ ନିଷ୍ଠାର ସହ କାର୍ଯ୍ୟକରି ତାକୁ ରିସର୍ଟରେ ପରିଣତ କରି ଆଜି ଟ୍ୟୁଶନ ଶିକ୍ଷୟିତ୍ରୀରୁ ଜଣେ ଶିଳ୍ପପତି ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ରାଜ୍ୟ ଓ ଦେଶ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରୁଥିବା ବେଳେ ରେଣୁବାଳାଙ୍କ ସଫଳତାକୁ ନେଇ ଚାରିଆଡ଼େ ଆଲୋଚନା ଚାଲିଛି।

**-ଅରୁଣ ସାହୁ , ଦାରିଙ୍ଗବାଡି**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣ କୌଣସି ନୂଆ କାମଟିଏ ଆରମ୍ଭ କରିବା ସକାଶେ ଯୋଜନା କରିବେ। ଯାନବାହନ, ପାରିବାରିକ ସମ୍ପର୍କ, ହୋଟେଲ ଶିଳ୍ପରୁ ଶୁଭଫଳ ମିଳିବ। ଆନୁଷ୍ଠାନିକ କାମରେ ପ୍ରସ୍ତୁତି ସରିବା ଯୋଗୁ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। କୃତ୍ତିକା ନକ୍ଷତ୍ର ପାରିବାରିକ କ୍ଷେତ୍ରରେ ବୁଝାମଣା ନେଇ ସହମତି ଦେଖାଦେଇପାରେ।

**ବୃଷ**
ଶାରୀରିକ ଦୁର୍ବଳତା ଯୋଗୁ କାମ କରିବାକୁ ଆଗ୍ରହ କରିବେ ନାହିଁ। ସ୍ଥଗିତ କାମକୁ ଅନ୍ୟମାନଙ୍କ ମାଧ୍ୟମରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ମୃଗଶିରା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବାର ଆଶା ରହିଛି। ସାମାଜିକ ସ୍ତରରେ ସାଧାରଣ କଥାକୁ କେନ୍ଦ୍ରକରି ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ।

**ମିଥୁନ**
ବନ୍ଧୁଙ୍କ ସହଯୋଗ ଲାଭକରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। ବସ୍ତ୍ର ଓ ଅଳଙ୍କାର, ଔଷଧ ପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାର ଆଶଙ୍କା ରହିଛି। ପୁନର୍ବସୁ ନକ୍ଷତ୍ର ବାଣିଜ୍ୟ ବ୍ୟବସାୟରେ ନୂତନ ପଦକ୍ଷେପ ଗ୍ରହଣ କରିବା ସକାଶେ ମନ ବଳାଇବେ।

**କର୍କଟ**
ବହୁତ ଦିନରୁ ଭାଙ୍ଗିଯାଇଥିବା ସମ୍ପର୍କଟି ପୁନଃ ପ୍ରତିଷ୍ଠିତ ହେବାରୁ ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। ମିଛକୁ ସତ ମନେକରି ଭୁଲ୍ ମାର୍ଗ ଅନୁସରଣ କରିବା ଦ୍ୱାରା ପଶ୍ଚାତେ ଅନୁତପ୍ତ କରିବେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇ କାମ ହାସଲ କରିପାରନ୍ତି। ପୁଷ୍ୟା ନକ୍ଷତ୍ର ଶିକ୍ଷା, ଗବେଷଣା, ପରୀକ୍ଷାରେ ସଫଳତା ହାସଲ କରିବେ।

**ସିଂହ**
ନିଜର ଚେଷ୍ଟା ଓ ସାମର୍ଥ୍ୟରୁ ଆର୍ଥିକ ଉନ୍ନତି ଓ କାର୍ଯ୍ୟ ହାସଲରୁ ଖୁସି ରହିବେ। ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବ୍ୟବସାୟରେ ମନାନ୍ତର ଦେଖାଦେବ ମାତ୍ର ପରିବହନ ସେତେଟା ସନ୍ତୋଷଜନକ ହେବନାହିଁ। ପୂର୍ବାଫାଲଗୁନୀ ନକ୍ଷତ୍ରର ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ସଂକଟଜନକ ସ୍ଥିତି ଉପୁଜିପାରେ।

**କନ୍ୟା**
ଦୀର୍ଘଦିନର ଆଶା ପୂରଣ ହେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ସାମ୍ବାଦିକତା ତଥା ଏଜେନ୍ସିପରୁ ଖୁସି ରହିବେ। କର୍ମକ୍ଷେତ୍ରରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କଲେ ମଧ୍ୟ ସମର୍ଥନ ପାଇବେ ନାହିଁ। ଉତ୍ତରାଫାଲଗୁନୀ ନକ୍ଷତ୍ରର ଆକସ୍ମିକ ଭାବରେ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**ତୁଳା**
କର୍ମକ୍ଷେତ୍ରରେ କିଛି ନୂଆ କରିବାକୁ ଚିନ୍ତାକରି ପାରନ୍ତି। ଆଧ୍ୟାତ୍ମିକତା ତଥା ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟରେ ନିୟୋଜିତ ହେଲେ ପ୍ରଶଂସିତ ହେବେ। ଅନ୍ୟମାନଙ୍କ ବାରମ୍ବାର ତାଗିଦା ଫଳରେ ବିବାଦୀୟ ସ୍ଥିତିରୁ ନିବୃତ୍ତ ରହିବେ। ବିଶାଖା ନକ୍ଷତ୍ର ସକାଶେ କଳା, ସାହିତ୍ୟ, ସଙ୍ଗୀତ ଓ ସଭାସମିତିରେ ସୁନାମ ମିଳିବାର ସୂଚନା ରହିଛି।

**ବିଛା**
ପରିବାରର ଖର୍ଚ୍ଚ ବୃଦ୍ଧି ପାଇଲେ ମଧ୍ୟ ବିଭିନ୍ନ ଦିଗରୁ ରୋଜଗାର କିଛି କମ୍ ହେବନି। ଅଧିକାଂଶ ସମୟ ଘର ନିକଟରୁ ଦୂରରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ। ଅନୁରାଧା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟାରେ ପଡ଼ିପାରନ୍ତି। ଉପସ୍ଥିତ ବୁଦ୍ଧି ପ୍ରୟୋଗକରି ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବାର ଆଶା ରହିଛି।

**ଧନୁ**
ଶୁଭେଚ୍ଛୁଙ୍କ ଅନୁକମ୍ପା ଅନୁକୂଳ ପରିବେଶ ଓ ପରିସ୍ଥିତି ସୃଷ୍ଟିରେ ସହାୟକ ହେବ। ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଯୋଗୁ କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବ। ମୂଳା ନକ୍ଷତ୍ରର ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢ଼ିପାରେ।

**ମକର**
ବନ୍ଧୁଙ୍କ ଅନୁରୋଧରେ ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଯାତ୍ରା କରିବାକୁ ପଡ଼ିପାରେ । ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ପରିବାରରେ ଅସାବଧାନତାବଶତଃ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ରର ଆନୁଷ୍ଠାନିକ କାର୍ଯ୍ୟରେ ପ୍ରତିବନ୍ଧକ ଦୂରେଇଯିବାର ସମ୍ଭାବନା ରହିଛି।

**କୁମ୍ଭ**
କିଛି ଭଲ ଓ କିଛି ମନ୍ଦ ମଧ୍ୟରେ ଦିନଟି କଟିବ। ବ୍ୟବସାୟରେ ଶିଥିଳତା ଦେଖାଦେବା ସାଙ୍ଗକୁ ରପ୍ତାନି ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। ଶତଭିଷା ନକ୍ଷତ୍ରର ଆର୍ଥିକ ଉନ୍ନତି, ନୂତନ କର୍ମାରମ୍ଭ ଓ କିଛି ପ୍ରାପ୍ୟ ହାତପଇଠ ହୋଇପାରେ ।

**ମୀନ**
ଆଜି ଆପଣ ଯାହାକୁ ଯାହା କହିବେ କିମ୍ବା କରିବେ ତାହା ସମସ୍ତ ଆପଣଙ୍କ ବିପକ୍ଷରେ ଯାଇପାରେ। ଉତ୍ତରଭାଦ୍ର ନକ୍ଷତ୍ର ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପରିବାରରେ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ।

ଆଜି ମାର୍ଚ୍ଚ ୮ ତାରିଖ, ବିଶ୍ୱ ମହିଳା ଦିବସ, ଫାଲ୍‌ଗୁନ ଶୁକ୍ଳ ନବମୀ ଯୁକ୍ତ ଦଶମୀ, ଶନିବାର। ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୯ ମି. ଗତେ ୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୦୧ ଗତେ ଘ.୧୦।୨୯ ମଧ୍ୟେ ରାହୁ କାଳ।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୮/୨୦୨୫ | Bhubaneswar, Saturday, March 8/2025 | ପୃଷ୍ଠା-୧

# ଡିଲିମିଟେଶନ୍: ମୋହନ ମାଝୀଙ୍କ ସମେତ ୭ ମୁଖ୍ୟମନ୍ତ୍ରୀଙ୍କୁ ଡାକିଲେ ଷ୍ଟାଲିନ୍

ଚେନ୍ନାଇ,୭।୩

କେନ୍ଦ୍ର ପ୍ରସ୍ତାବିତ ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣକୁ ବିରୋଧକରି ରାଜନୈତିକ ଦଳଗୁଡ଼ିକୁ ନେଇ ଗଠନ ହେବାକୁ ଥିବା ମିଳିତ କାର୍ଯ୍ୟାନୁଷ୍ଠାନ କମିଟିରେ ଯୋଗଦେବା ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ୭ ରାଜ୍ୟର ପ୍ରତିପକ୍ଷଙ୍କୁ ପତ୍ର ଲେଖିଛନ୍ତି। ଏହି ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ରହିଛନ୍ତି ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପଶ୍ଚିମବଙ୍ଗର ମମତା ବାନାର୍ଜୀ ଓ ପଞ୍ଜାବର ଭଗୱନ୍ତ ମାନ୍। ଅନ୍ୟ ମୁଖ୍ୟମନ୍ତ୍ରୀମାନେ ହେଲେ କେରଳର ପିନାରାୟୀ ବିଜୟନ୍, କର୍ଣ୍ଣାଟକର ସିଦ୍ଦାରାମାୟା, ତେଲଙ୍ଗାନାର ରେଭନ୍ତ ରେଡ୍ଡୀ ଏବଂ ଆନ୍ଧ୍ରପ୍ରଦେଶର ଏନ୍. ଚନ୍ଦ୍ରବାବୁ ନାଇଡୁ। ଏତଦ୍ବ୍ୟତୀତ ଏହି ରାଜ୍ୟଗୁଡ଼ିକର ଉଭୟ ଅଣଭାଜପା ଦଳ ଏବଂ ଭାଜପାର କେତେଜଣ ବରିଷ୍ଠ ନେତାଙ୍କୁ ମଧ୍ୟ ଷ୍ଟାଲିନ୍ ଆମନ୍ତ୍ରଣ କରିଛନ୍ତି। ମାର୍ଚ୍ଚ ୨୨ରେ ଚେନ୍ନାଇରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ସୀମା ପୁନଃ ନିର୍ଦ୍ଧାରଣ ସଂକ୍ରାନ୍ତରେ ମିଳିତ କାର୍ଯ୍ୟାନୁଷ୍ଠାନ କମିଟି (ଜେଏସି) ଗଠନ କରାଯିବା ସହ ଭବିଷ୍ୟତ ସାମୂହିକ କାର୍ଯ୍ୟପନ୍ଥାର ରୂପରେଖ ସ୍ଥିର କରାଯିବ।

ଏନେଇ ଶୁକ୍ରବାର ଷ୍ଟାଲିନ୍ ଏକ୍ସ'ରେ ଉଲ୍ଲେଖ କରିଛନ୍ତି, ଡିଲିମିଟେଶନ୍ ହେଉଛି ସଂଘୀୟ ସହଯୋଗିତା ଉପରେ ଖୋଲା ଆକ୍ରମଣ। ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଥିବା ଓ ସୁଶାସନ ନିଶ୍ଚିତ କରିଥିବା ରାଜ୍ୟଗୁଡ଼ିକୁ ଡିଲିମିଟେଶନ୍ ଜରିଆରେ


ଏମ୍.କେ. ଷ୍ଟାଲିନ୍

ଦଣ୍ଡିତ କରାଯାଉଛି। ସଂସଦରେ ଆମ ସ୍ୱରକୁ ଚପାଇ ଦିଆଯାଉଛି। ଏହି ଅଗଣତାନ୍ତ୍ରିକ ଅନ୍ୟାୟକୁ ଆମେ ବରଦାସ୍ତ କରିବୁ ନାହିଁ। ଉପରୋକ୍ତ ମୁଖ୍ୟମନ୍ତ୍ରୀମାନଙ୍କୁ ମୁଁ ପତ୍ର ଲେଖି ଚେନ୍ନାଇରେ ହେବାକୁ ଥିବା ଜେଏସିର ପ୍ରଥମ ବୈଠକକୁ ନିମନ୍ତ୍ରଣ କରିଛି। କେନ୍ଦ୍ରର ଅନୁପଯୁକ୍ତ କାର୍ଯ୍ୟ ବିରୋଧରେ ସାଲିସବିହୀନ ଲଢ଼େଇ ପାଇଁ ଆହ୍ୱାନ ଦେଇଛି। ଆସନ୍ତୁ ଆମେ ପୃଥକ୍ ରାଜନୈତିକ ଦଳ ଭାବେ ନୁହେଁ, ବରଂ ଆମ ଲୋକଙ୍କ ଭବିଷ୍ୟତର ସୁରକ୍ଷାଦାତା ରୂପେ ଏକାଠି ହେବା ବୋଲି ଷ୍ଟାଲିନ୍ ନିଜ ପୋଷ୍ଟରେ ଆହ୍ୱାନ ଦେଇଛନ୍ତି।

ପ୍ରକାଶ ଯେ, ଆସନ୍ତାବର୍ଷ ହେବାକୁ ଥିବା ତାମିଲନାଡୁ ବିଧାନସଭା ନିର୍ବାଚନ ପୂର୍ବରୁ ଷ୍ଟାଲିନ୍ ଓ ତାଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସରକାର କେନ୍ଦ୍ରର ହିନ୍ଦୀ ଲଦାଯିବା ଅଭିଯାନ ☞ପୃଷ୍ଠା-୯

# ବିଜୁ, ମହିଳା ପ୍ରସଙ୍ଗ ନେଇ ବିଧାନସଭା ଅଚଳ

- ବିରୋଧୀଙ୍କ ହୋହଲ୍ଲାରେ ୪୬ ମିନିଟ୍ ଚାଲିଲା ଗୃହ
- ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡି, ଗାନ୍ଧୀମୂର୍ତ୍ତି ତଳେ କଂଗ୍ରେସର ପ୍ରତିବାଦ
- ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଲେ ବିଜେଡି ସଦସ୍ୟ
- ହୋହଲ୍ଲା ଭିତରେ ୩୯ ଷ୍ଟାଣ୍ଡିଂ କମିଟିର ବାର୍ଷିକ ରିପୋର୍ଟ ଉପସ୍ଥାପିତ

ଭୁବନେଶ୍ୱର, ୭।୩(ସୁନିତ୍ ମିଶ୍ର)

ପ୍ରବଳ ହଇଗୋଳ ଭିତରେ ସପ୍ତଦଶ ବିଧାନସଭାର ୩ୟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନଟି ଶେଷ ହୋଇଛି। ଦିନକ ଯାକରେ ମୋଟ୍ ୪୬ ମିନିଟ୍ ପାଇଁ ଗୃହ କାର୍ଯ୍ୟ ଚାଲିଥିଲା। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭହେବା ମାତ୍ରେ ବିରୋଧୀ ଦଳ ବିଜେଡିର ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ହୋହଲ୍ଲା ଏବଂ ନାରାବାଜି ଆରମ୍ଭ କରିଦେଇଥିଲେ। ସମାନ ଭାବେ କଂଗ୍ରେସ ସଦସ୍ୟମାନେ ମଧ୍ୟ ଗୃହ ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିଲେ। ମାର୍ଚ୍ଚ ୫ ତଥା ବିଜୁ ଜୟନ୍ତୀରେ ପାଳନ ହୋଇ ଆସୁଥିବା ରାଜ୍ୟ ପଞ୍ଚାୟତିରାଜ ଦିବସର ତାରିଖ ଏପ୍ରିଲ ୨୪ ତାରିଖକୁ ଭାଜପା ସରକାର ପରିବର୍ତ୍ତନ କରିଦେଇଥିବା ଘଟଣାର ବିରୋଧକରି ବିଜେଡି ଜୋର୍‌ଦାର ନାରାବାଜି କରିଥିଲା। ତୁରନ୍ତ ସରକାର ଏହି ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ବୋଲି ସେମାନେ ଦାବି କରିଥିଲେ। ସେହିପରି ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ବଢ଼ୁଛି ଏବଂ ମହିଳାମାନେ ଏଠାରେ ସୁରକ୍ଷିତ ନୁହନ୍ତି ବୋଲି କହି କଂଗ୍ରେସ ସଦସ୍ୟମାନେ ହୋହଲ୍ଲା କରିଥିଲେ। ବିରୋଧୀ ଦଳର ଏଭଳି ହୋହଲ୍ଲା ଭିତରେ ଗୃହ କାର୍ଯ୍ୟ ମାତ୍ର ୬ ମିନିଟ୍ ଚାଲିବା ପରେ ୧୦ଟା ୩୬ ମିନିଟ୍‌ରେ ବାଚସ୍ପତି ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଏହାପରେ ବିଜେଡି ସଦସ୍ୟମାନେ ଗୃହରୁ ବାହାରି ସିଧା ବିଧାନସଭା ପରିସରରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ଧାରଣାରେ ବସିଥିଲେ। ଅନ୍ୟପଟେ କଂଗ୍ରେସ ସଦସ୍ୟମାନେ



ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜ୍ୟ ସରକାର ବିଫଳ ହୋଇଥିବା ଦର୍ଶାଇ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଧାରଣାରେ ବସିଥିଲେ। ୧୨ଟା ସମୟରେ ଗୃହ କାର୍ଯ୍ୟ ଆରମ୍ଭ ହେଲା ମାତ୍ରେ ପୁଣି ଥରେ ସମାନ ପ୍ରସଙ୍ଗରେ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ତଳକୁ ଯାଇ ବିରୋଧ ଆରମ୍ଭ କରିଦେଇଥିଲେ। ଏହି ସମୟରେ ବିଜେଡି ସଦସ୍ୟମାନଙ୍କ ହାତରେ ପ୍ଲାକାର୍ଡ ଥିବାବେଳେ କଂଗ୍ରେସ ସଦସ୍ୟମାନେ ନାରୀ ଅସୁରକ୍ଷିତ ବିଷୟ ଉଲ୍ଲେଖ ଥିବା ବ୍ୟାନର ପିନ୍ଧି ଗୃହରେ ହୋହଲ୍ଲା କରିଥିଲେ। ଗୃହକାର୍ଯ୍ୟ ୧୨ଟାରୁ ଆରମ୍ଭ ହୋଇ ଆଉ ୧୨ ମିନିଟ୍ ଚାଲିଥିଲା। ଏହି ହୋହଲ୍ଲା ଭିତରେ ବାଚସ୍ପତି ସୁରମା ପାଢ଼ୀ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିଧାନସଭାର ୪ଟି ଅର୍ଥନୈତିକ କମିଟି ଏବଂ ୧୦ଟି ବିଭାଗୀୟ ସ୍ଥାୟୀ କମିଟିରେ ସଦସ୍ୟ ନିର୍ବାଚନ ଲାଗି ନିର୍ବାଚନ ସାରଣୀ ଘୋଷଣା କରିଥିଲେ। ଏହାପରେ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ, ଅମର ନାୟକ ଏବଂ ପୂର୍ଣ୍ଣଚନ୍ଦ୍ର ସେଠୀ ନିଜର ବକ୍ତବ୍ୟ ରଖି ବିଜୁବାବୁଙ୍କୁ ନେଇ ବିଜେଡି ହୀନ ରାଜନୀତି କଥା ଉଠାଇ ବିଜେଡି ଉପରେ ପ୍ରବଳ ବର୍ଷିଥିଲେ। ଏହି ସମୟରେ ବିରୋଧୀ ଦଳର ସଦସ୍ୟମାନେ ତାଙ୍କର ହୋହଲ୍ଲା ଜାରି ରଖିଥାଆନ୍ତି। ୧୨ଟା ୧୨ରେ ବାଚସ୍ପତି ଗୃହ କାର୍ଯ୍ୟ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ମଧ୍ୟାହ୍ନ ପରେ ମଧ୍ୟ ଗୃହ ସ୍ଥିତି ସମାନ ରହିଥିଲା। ୪ଟା ସମୟରେ ଗୃହ କାର୍ଯ୍ୟ ଆରମ୍ଭ ହେବାର ୨ରୁ ୩ ମିନିଟ୍ ପୂର୍ବରୁ ହିଁ ବିରୋଧୀ ବିଜେଡି ସଦସ୍ୟମାନେ ପ୍ଲାକାର୍ଡ ଏବଂ କଂଗ୍ରେସ ସଦସ୍ୟମାନେ ବ୍ୟାନର ପିନ୍ଧି ପୋଡିୟମ ତଳକୁ ଆସି ନାରାବାଜି ଆରମ୍ଭ କରିଦେଇଥିଲେ। ବାଚସ୍ପତି ଏହି ହୋହଲ୍ଲା ଭିତରେ ମୋଟ୍ ୨୬ ମିନିଟ୍ ପର୍ଯ୍ୟନ୍ତ ଗୃହକାର୍ଯ୍ୟ ଚଳାଇଥିଲେ। ବାଚସ୍ପତି ପ୍ରଥମେ କାଗଜ ଉପସ୍ଥାପନ କରିଥିଲେ। ଏହାପରେ ଇନ୍‌ଫର୍ମେଶନ କମିଶନ, ରାଜ୍ୟ ପଣ୍ୟାଗାର, ଓଡ଼ିଶା ହାଇଡ୍ରୋପାୱାର କର୍ପୋରେଶନ ଏବଂ ରେରା ସଂସ୍ଥାର ବାର୍ଷିକ ରିପୋର୍ଟ ଗୃହରେ ଉପସ୍ଥାପନ କରାଯାଇଥିଲା। ଏହାରି ଭିତରେ ୪ଟା ୯ ମିନିଟ୍ ସମୟରେ ବିଜେଡି ସଦସ୍ୟମାନେ ଗୃହ ଛାଡ଼ି ଚାଲିଯାଇଥିଲେ। ପଞ୍ଚାୟତିରାଜ ଦିବସର ତାରିଖ ପରିବର୍ତ୍ତନ ନେଇ ବିଜେଡି ସଦସ୍ୟମାନେ ରାଜ୍ୟପାଳଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି। ଏହାପରେ ମଧ୍ୟ ଗୃହ କାର୍ଯ୍ୟ ୪ଟା ୨୬ ପର୍ଯ୍ୟନ୍ତ ଚାଲିଥିଲା। ଏହାରି ଭିତରେ ବାଚସ୍ପତି ୨୦୨୪-୨୫ ଆର୍ଥିକ ବର୍ଷର ୩୯ଟି ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପନା କରିଥିଲେ। ଏହାପରେ ବାଚସ୍ପତି ସୋମବାର ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ଗୃହ କାର୍ଯ୍ୟକୁ ମୁଲତବୀ ଘୋଷଣା କରିଥିଲେ।

# ଭାରତର ଶ୍ରମ ବଜାର ବାହାରେ ୮୯ ନିୟୁତ ସହରୀ ମହିଳା

## ୨୦୨୩-୨୪ ରିପୋର୍ଟ

ନୂଆଦିଲ୍ଲୀ,୭।୩

୨୦୨୩-୨୪ରେ ଦେଶର ଶ୍ରମ ବଜାରରେ ସହରୀ ମହିଳାଙ୍କ ଭାଗୀଦାରିରେ ପୂର୍ବ ୬ ବର୍ଷ ତୁଳନାରେ ୧୦% ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଏହାସତ୍ତ୍ୱେ ସହରାଞ୍ଚଳରେ ବସବାସ କରୁଥିବା ୮୯ ନିୟୁତରୁ ଅଧିକ ମହିଳା ନିଯୁକ୍ତି ପାଇ ନ ଥିଲେ ବୋଲି ଏକ ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଚେନ୍ନାଇସ୍ଥିତ ଗ୍ରେଟ୍ ଲେକ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ପ୍ରକାଶିତ 'ଇଣ୍ଡିଆଜ୍ ଜେଣ୍ଡର ଏମ୍ପ୍ଲୟମେଣ୍ଟ ପାରାଡକ୍ସ' ଶୀର୍ଷକ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ଶିକ୍ଷିତା ମହିଳାଙ୍କ ଦକ୍ଷତାର ଉପଯୁକ୍ତ ବିନିଯୋଗ ହୋଇପାରୁ ନାହିଁ, ଯାହାକି ଅତ୍ୟନ୍ତ ଚିନ୍ତାଜନକ ବିଷୟ। ଭାରତ ୧୯ ନିୟୁତରୁ ଅଧିକ ସହରୀ ଶିକ୍ଷିତାଙ୍କ ଦକ୍ଷତାକୁ ଉପଯୋଗ କରିବାରେ ବିଫଳ ହୋଇଛି। ଏଥିପାଇଁ ବ୍ୟକ୍ତିଗତ ପସନ୍ଦ ଓ ସାମାଜିକ ରୀତିନୀତିକୁ ଦାୟୀ କରାଯାଇଛି। ଏହା ଶିକ୍ଷାରେ ନିବେଶର ଅନୁପଯୋଗିତା ବୋଲି ଏଥିରେ ଦର୍ଶାଯାଇଛି। ଅତ୍ୟୁଚ୍ଚ ଶିକ୍ଷିତ ପରିବାରଗୁଡ଼ିକରେ ଆଜି ମଧ୍ୟ ଲିଙ୍ଗଗତ ଅସମାନତା ରହିଛି। ଏପରି କି ଯେଉଁ ପରିବାରରେ ଏକାଧିକ ବ୍ୟକ୍ତି ଆୟ କରୁଛନ୍ତି ଏବଂ ଅତ୍ୟୁଚ୍ଚ ଶିକ୍ଷିତ ଦମ୍ପତିଙ୍କଠାରେ ମଧ୍ୟ ଲିଙ୍ଗଗତ ଅସମାନତା ରହିଛି। ଏଭଳି ୬୨% ପରିବାରରେ ସ୍ତ୍ରୀଙ୍କ ସହ ସମାନ ଶିକ୍ଷାଗତ ଯୋଗ୍ୟତା ଥିବା ସ୍ୱାମୀ ତାଙ୍କଠାରୁ ଅଧିକ ରୋଜଗାର କରୁଥିବା ରିପୋର୍ଟରେ କୁହାଯାଇଛି।



# ସୁଭଦ୍ରା: ନାରୀ ଶକ୍ତିର ଅପୂର୍ବ ଅଭ୍ୟୁଦୟ



**ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଓ ଅଖ୍ୟାତ ପୁରପଲ୍ଲୀରେ ବାସ କରୁଥିବା ସମସ୍ତ ମହିଳାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ସତରେ ଚଳିତ ବର୍ଷର ବିଷୟବସ୍ତୁ ସହିତ ପୂରା ଖାପଖାଉଛି ଆମ ସୁଭଦ୍ରା। Accelerated Action ବା ତ୍ୱରିତ କାର୍ଯ୍ୟାନୁଷ୍ଠାନ ବିଷୟବସ୍ତୁକୁ ନେଇ ବିଶ୍ୱ ଚର୍ଚ୍ଚା କରୁଥିବା ବେଳେ ଆମ ସରକାରଙ୍କ ସୁଭଦ୍ରା ଯୋଜନା ତାହାର ଏକ ଅବିକଳ ଉଦାହରଣ। ରାଜ୍ୟ ସରକାରଙ୍କ ମାତ୍ର ୯ ମାସ ମଧ୍ୟରେ ସୁଭଦ୍ରା କୋଟିଏ ମହିଳାଙ୍କ ପାଖରେ ଯେଉଁଭଳି ଢଙ୍ଗରେ ସର୍ବଗ୍ରହଣୀୟ, ତାହାର ଠିକ୍ କାର୍ଯ୍ୟାନ୍ୱୟନ ପାଇଁ ନୀତି ପ୍ରଣୟନକାରୀମାନେ ମଧ୍ୟ ସେତିକି ପ୍ରଶଂସାର ପାତ୍ର ଏବଂ ହିତାଧିକାରୀଙ୍କ ସରକାରଙ୍କ ଉପରେ ବିଶ୍ୱାସ ଓ ଭରସା ଏହାକୁ ଦିଗୁଣିତ କରିଛି।

ମହିଳାମାନେ ସର୍ବଦା ରାଜ୍ୟର ସାମାଜିକ ଓ ଆର୍ଥିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବିଶେଷକରି କୃଷି, ବିଜ୍ଞାନ, କମ୍ପ୍ୟୁଟର ଓ କ୍ଷୁଦ୍ର ଉଦ୍ୟୋଗରେ ସେମାନଙ୍କ ଅବଦାନ ସବୁଠାରୁ ଅଧିକ। ସମାଜର ପ୍ରତିବନ୍ଧକର ବେଡ଼ିକୁ ସଫଳତାର ସହ ଗ୍ରହଣ କରି ନିଜ ସମୃଦ୍ଧିରେ ଆଗେଇ ଚାଲିଥିବା ନାରୀ ଶକ୍ତି ଇଟା ସିମେଣ୍ଟର ତିଆରି ଘରକୁ ଜୀବନ୍ତ ମନ୍ଦିର ଭାବେ ଗଢ଼ିତୋଳିବା କଥାକୁ କେହି ଅଣଦେଖା କରିପାରିବେ ନାହିଁ।

ଯେକୌଣସି ଦାୟିତ୍ୱବାନ୍ ସରକାର ଏହାକୁ ହୃଦୟଙ୍ଗମ କରିବା ଆବଶ୍ୟକ ଯେ ମହିଳାମାନେ ଆମ ସମାଜର ଅଧା ଅଂଶ ଏବଂ ସେମାନଙ୍କ ଅବଦାନ ବିନା ବିକଶିତ ସମାଜର ପରିକଳ୍ପନା କରିବା ଅସମ୍ଭବ। ଆମ ସରକାର କ୍ଷମତାକୁ ଆସିବା ପରେ କେବଳ ଏହି ସତ୍ୟକୁ ସ୍ୱୀକାର କରିଛନ୍ତି ତା' ନୁହେଁ ବରଂ ଆମ ବିକଶିତ ଓ ଭିଜନର ଏହାକୁ ଏକ ପ୍ରମୁଖ ଉପାଦାନ ଭାବେ ବିକାଶର ମୂଳପିଣ୍ଡ ଭାବେ ଗ୍ରହଣ କରିଛନ୍ତି। ଆମେ ଏହାକୁ ନିର୍ବାଚନର ଇସ୍ତାହାରର ଏକ ପ୍ରମୁଖ ଅଂଶ କରିଥିଲୁ ଏବଂ ଏହା କହିବା ଏବେ ଠିକ୍ ହେବ ଯେ, ରାଜ୍ୟବାସୀ ଆମ ପରିକଳ୍ପନା ଓ ଆମ ସ୍ୱପ୍ନକୁ ଖୁସିରେ ଆପଣେଇ ନେଇଛନ୍ତି। ମହିଳାଙ୍କ ହାତରେ କ୍ଷମତା, ଅର୍ଥନୈତିକ ବ୍ୟବସ୍ଥା ଟେକି ଦେବାରେ ବିଶ୍ୱାସ ରଖନ୍ତି ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ମୋଦୀ ଗ୍ୟାରେଣ୍ଟି ପୂରଣ କରିବାର ଲକ୍ଷ୍ୟ ନେଇ ନୂଆ ସରକାର ଗଠନର ପରେ ପରେ ହିଁ ୨୦୨୪ ମସିହା ଜୁନ୍ ୧୨ ତାରିଖରେ ଅନୁଷ୍ଠିତ ପ୍ରଥମ କ୍ୟାବିନେଟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ମାର୍ଗଦର୍ଶନରେ ଇତିହାସର ସର୍ବବୃହତ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ସୁଭଦ୍ରା ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ହିସାବରେ ମୋତେ ଏହି ଯୋଜନା ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ୩ ମାସରେ ଯୋଜନାର ସମସ୍ତ ବିବରଣୀ ଯେପରିକି ବିସ୍ତୃତ ମାର୍ଗଦର୍ଶିକା, ମାନକ କାର୍ଯ୍ୟ ପ୍ରଣାଳୀ (sop), ଆର୍ଥିକ ବଜେଟ, କାର୍ଯ୍ୟାନ୍ୱୟନ ନିର୍ଦ୍ଦେଶାବଳୀ ଇତ୍ୟାଦି ପ୍ରସ୍ତୁତ କରିବା ପାଇଁ ବିଭାଗର ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା।

ଏହିସମୟସୀମା ମଧ୍ୟରେ ମାର୍ଗଦର୍ଶିକା ପ୍ରଣୟନ କଲାବେଳେ ଭାରତ ତଥା ବିଶ୍ୱର ବିଭିନ୍ନ ଦେଶର ଅନେକ ମହିଳା ସଶକ୍ତୀକରଣ ଯୋଜନା ଉପରେ ବିଶଦ୍ ଅଧ୍ୟୟନ କରାଯାଇଥିଲା। ଯୋଜନାର ମୌଳିକ ରୂପରେଖକୁ ନିରୂପଣ କରିବା ନିମନ୍ତେ ଆମେ ପ୍ରଥମରୁ ହିଁ ବିସ୍ତୃତ ଆଲୋଚନା କରିଥିଲୁ ଏବଂ ସ୍ପଷ୍ଟ ହୋଇଥିଲୁ ଯେ ଧାର୍ଯ୍ୟଲକ୍ଷିତ ସମୂହଙ୍କ ଆବଶ୍ୟକତାକୁ ଗୁରୁତ୍ୱ ନ ଦେଲେ ଏହି ଯୋଜନା ମଧ୍ୟ ତୃଣମୂଳ ସ୍ତର ସହିତ ସମ୍ପର୍କ ନ ଥିବା କେବଳ ଆଉ ଏକ ସରକାରୀ ଯୋଜନା ହୋଇ ରହିଯିବ।

ଏହି ପରିପ୍ରେକ୍ଷୀରେ ରାଜ୍ୟର ୧୦ଟି ଜିଲାରେ ମହିଳାମାନଙ୍କ ଆବଶ୍ୟକତା ଏବଂ ସରକାରଙ୍କଠାରୁ ଆଶା ସମ୍ପର୍କରେ ମତାମତ ସଂଗ୍ରହ କରି ହିତାଧିକାରୀମାନଙ୍କ ନିମନ୍ତେ ପରାମର୍ଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯେଉଁ ବୁଦ୍ଧିଜୀବୀ ମହିଳାମାନଙ୍କ ଦିଗଦର୍ଶନ କ୍ରମେ ଯୋଜନାର ମୂଳସ୍ତମ୍ଭ ଯଥା ଧାର୍ଯ୍ୟ ବୟସସୀମା ଓ ଯୋଜନାର ସହାୟତା ରାଶିକୁ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବା ଆଦି ଧାରଣାକୁ ରୂପରେଖ ଦିଆଯାଇପାରିଛି। ଆଜି ଏହି ଲେଖା ମାଧ୍ୟମରେ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି। ଏହି ପ୍ରମୁଖ ଦୁଇଟି ସ୍ତମ୍ଭ ଉପରେ ହିଁ ସମ୍ପୂର୍ଣ୍ଣ ଯୋଜନାର ରୂପରେଖ ପ୍ରସ୍ତୁତ କରାଯାଇଛି।

ଯେହେତୁ ଆର୍ଥିକ ଦୃଷ୍ଟିକୋଣରୁ ୨୧ରୁ ୬୦ ବୟସସୀମା ଅଧିକ କାର୍ଯ୍ୟକ୍ଷମ ଓ ଅଧିକାଂଶ କର୍ମଜୀବୀ ମହିଳା ଏହି ବୟସସୀମା ଅନ୍ତର୍ଗତ, ଆମେ ଏହାକୁ ଆମର ପ୍ରସ୍ତାବିତ ବୟସସୀମା ଭାବେ ପ୍ରଣୟନ କରିଥିଲୁ। ଏହାର ଗୁରୁତ୍ୱକୁ ହୃଦୟଙ୍ଗମ କରି ଆମେ ଯୋଜନାର ପ୍ରଥମ ସ୍ତମ୍ଭ ଭାବେ ଏହାକୁ ଗ୍ରହଣ କରିଥିଲୁ। ଦ୍ୱିତୀୟ ପ୍ରମୁଖ ପରାମର୍ଶ ଅନୁସାରେ ଯୋଜନାର ସହାୟତା ରାଶିକୁ ସିଧାସଳଖ ହିତାଧିକାରୀଙ୍କ ଏକକଧାରକ ବ୍ୟାଙ୍କ ଆକାଉଣ୍ଟରେ ପଠାଇବା ନିମନ୍ତେ (ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର) କୁ କାର୍ଯ୍ୟକାରୀ କରିବା ହିଁ ଆମ ପାଇଁ ସ୍ୱଷ୍ଟ ବିକଳ୍ପ ଥିଲା। ଏହି ଦୁଇଟି ସ୍ତମ୍ଭକୁ ଗୁରୁତ୍ୱ ଦେଇ ସ୍ୱଚ୍ଛଳ ହିତାଧିକାରୀଙ୍କୁ ବାଦ ଦେଇ ଯୋଗ୍ୟ ହିତାଧିକାରୀଙ୍କ ଅନ୍ତର୍ଭୁକ୍ତିକୁ ସର୍ବାଧିକ କରିବା ଉଦ୍ଦେଶ୍ୟରେ ଯୋଜନାର ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଥିଲା। ରାଜ୍ୟ କ୍ୟାବିନେଟଠାରୁ ଆରମ୍ଭକରି ବିଭାଗୀୟ ଆଲୋଚନା ପର୍ଯ୍ୟନ୍ତ ବୈଠକର ଏକ ଶୃଙ୍ଖଳା ମାଧ୍ୟମରେ ଯୋଜନାର ମୂଳଦୁଆକୁ ଆହୁରି ସଶକ୍ତ କରାଯାଇଥିଲା। ଶେଷ ହିତାଧିକାରୀଙ୍କ ପାଖରେ ସୁଭଦ୍ରା ପହଞ୍ଚାଇବାର ସଫଳ ଯୋଜନା ପ୍ରସ୍ତୁତ କରାଯାଇଥିଲା।

ମୌଳିକ ଢାଞ୍ଚାକୁ ଦୃଷ୍ଟିରେ ରଖି ଉପଲବ୍ଧ ଜନଗଣନା ତଥ୍ୟ ଏବଂ ନିର୍ବାଚନ ଡାଟାବେସ ଆଧାରରେ ଯୋଜନା ଅନ୍ତର୍ଗତ ବୟସସୀମା ହିତାଧିକାରୀଙ୍କୁ ଚୟନ କରାଯାଇଥିଲା। ଏହି ତାଲିକା ବିଭାଗ ଦ୍ୱାରା କଠୋର ଯାଞ୍ଚ ହେଲା ପରେ ହିତାଧିକାରୀଙ୍କ ସଂଖ୍ୟା ଆନୁମାନିକ ଏକ କୋଟିରୁ ଟିକିଏ ଅଧିକ ଥିଲା ଏବଂ ଏହି ଯୋଜନାର ବଜେଟ ପ୍ରକ୍ରିୟା ପାଇଁ ସମସ୍ତ ଅଂଶୀଦାରଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୨୪-୨୫ ପାଇଁ ୧୧ ହଜାର କୋଟି ସହ ଏହି ଯୋଜନା ପାଇଁ ମୋଟ ୫୫ ହଜାର କୋଟି ଅର୍ଥ ବ୍ୟୟବରାଦ କରାଯାଇଥିଲା, ଯାହାଫଳରେ ସୁଭଦ୍ରା ଓ ଇତିହାସରେ ଏଯାବତ କାର୍ଯ୍ୟକାରୀ ହୋଇଥିବା ସବୁଠାରୁ ବୃହତ ମହିଳା ସଶକ୍ତୀକରଣ ଯୋଜନା ଭାବେ ପରିଗଣିତ ହୋଇପାରିଛି।

ହିତାଧିକାରୀ ଚୟନଠାରୁ ଆରମ୍ଭକରି ସହାୟତା ଅର୍ଥ ବ୍ୟାଙ୍କ ଆକାଉଣ୍ଟରେ ପହଞ୍ଚିବା ପର୍ଯ୍ୟନ୍ତ ତଥା ଆବେଦନକାରୀଙ୍କ ସମସ୍ତ ପ୍ରକ୍ରିୟା ସରଳ କରିବା, ସଚ୍ଛତା ଅବଲମ୍ବନ କରିବା, ଉଭୟ ରାଜ୍ୟ ଓ ଦେଶର ପ୍ରଗତିରେ ସହାୟକ ହେଲାଭଳି ନାଗରିକମାନଙ୍କ ମଧ୍ୟରେ ପ୍ରଗତିଶୀଳ ଗୁଣଗୁଡ଼ିକୁ ବିକଶିତ କରିବା ଓ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ତ୍ରୁଟିମୁକ୍ତ କରିବା ଆଦି ସମସ୍ତ ପ୍ରକ୍ରିୟାରେ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରିବାରେ ସୁଭଦ୍ରା ଯୋଜନା ହେଉଛି ସମଗ୍ର ଦେଶ ପାଇଁ ଏକ ଉତ୍କୃଷ୍ଟ ଉଦାହରଣ।

ସମୁଦାୟ ଜନସଂଖ୍ୟାର ସବୁଠାରୁ ଦୁର୍ବଳ ବର୍ଗ ସମୂହ ବର୍ଷ ବର୍ଷ ଧରି NFSA ଅଧୀନରେ ଅନ୍ତର୍ଗତ ହେଇଆସୁଛନ୍ତି ଏବଂ ରାଜ୍ୟଗୁଡ଼ିକ ପ୍ରାୟତଃ ନିଜସ୍ୱ ପଦକ୍ଷେପ ବଳରେ ସେମାନଙ୍କ ଅଭାବକୁ ପୂରଣ କରିଆସୁଛନ୍ତି। ସେ ପ୍ରକ୍ରିୟାରେ ସୁଭଦ୍ରା ଯୋଜନା ପ୍ରଥମେ ଏହି ସମୂହ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ପ୍ରାଥମିକତା ଦେଇଥିଲା। ପୂର୍ବାନୁମାନ ଅନୁଯାୟୀ ଏହି ଯୋଜନାର ଅଧିକାଂଶ ହିତାଧିକାରୀ ଏହିସମୂହରୁହିଁଚିହ୍ନଟ ହୋଇଥିଲେ। କେବଳ ସେତିକି ନୁହେଁ, NFSA/SFSA ବାହାରେ ଥିବା ଲୋକଙ୍କୁ ସତନ୍ତ୍ର ବ୍ୟବସ୍ଥା ମାଧ୍ୟମରେ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଅନ୍ତର୍ଭୁକ୍ତିକୁ ସୁନିଶ୍ଚିତ କରିବା ପାଇଁ ସୁଭଦ୍ରା ଯୋଜନାର ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି।

ରାଜ୍ୟର ସମସ୍ତ ନାଗରିକଙ୍କ କଥାକୁ ଗୁରୁତ୍ୱ ଦେବା ସହ ଆବେଦନକାରୀଙ୍କ ଅନ୍ତର୍ଭୁକ୍ତି ନିଷ୍ପତ୍ତିରେ ଏହାକୁ ପ୍ରତିଫଳିତ କରିବା ପାଇଁ ମହିଳା ସଶକ୍ତୀକରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ସମାଜ କଲ୍ୟାଣ ସଂସ୍ଥାର ସଦସ୍ୟମାନଙ୍କୁ ମଧ୍ୟ ସୁଭଦ୍ରା ନିର୍ଦ୍ଦେଶାବଳୀ ଗଠନ କମିଟିରେ ସଦସ୍ୟ ଭାବେ ସାମିଲ କରାଯାଇଥିଲା।

ଇଲେକ୍ଟ୍ରୋନିକ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନରେ ଥିବା ଓ କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (OCAC) ସୁଭଦ୍ରାର ଆଇଟି କାର୍ଯ୍ୟାନ୍ୱୟନରେ ଆମର ସହଭାଗିତା ହୋଇଛି। ୧ କୋଟିରୁ ଅଧିକ ଆନୁମାନିକ ମହିଳା ହିତାଧିକାରୀଙ୍କ ଡାଟା ପରିଚାଳନା କରିବା ପାଇଁ ଏକ ସକ୍ଷମ ପୋର୍ଟାଲ ପ୍ରସ୍ତୁତ କରିବାରେ OCAC ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ସୁଭଦ୍ରା ଯୋଜନାର କାର୍ଯ୍ୟାନ୍ୱୟନ ପ୍ରକ୍ରିୟାକୁ ମଧ୍ୟ ସହଜ ଓ ସରଳ କରିପାରିଛି। ଯୋଜନା ଆରମ୍ଭର ମାତ୍ର କିଛି ଦିନ ମଧ୍ୟରେ ରାଜ୍ୟର ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ର ମାଧ୍ୟମରେ ୬୦ ଲକ୍ଷରୁ ଅଧିକ ପଞ୍ଜୀକରଣ ହେବା ଏକ ଉଲ୍ଲେଖନୀୟ ବିଷୟ।

ସୁଭଦ୍ରା ସଚେତନତା ରଥ, ସୁଭଦ୍ରା ସ୍ୱାଗତ ପଦଯାତ୍ରା ଏବଂ ଅନ୍ୟାନ୍ୟ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଯୋଜନାର ନିର୍ଦ୍ଦେଶାବଳୀ କୋଣ ଅନୁକୋଣେ ପହଞ୍ଚାଇବା ଓ ସେମାନଙ୍କୁ ସଚେତନ କରିବାରେ ମନ୍ତ୍ରିମଣ୍ଡଳଠୁ ଆରମ୍ଭକରି ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନ ଏବଂ ଅନ୍ୟାନ୍ୟ ବିଭାଗଗୁଡ଼ିକର ସାମୂହିକ ଅଂଶଗ୍ରହଣ ଅତ୍ୟନ୍ତ ପ୍ରଶଂସନୀୟ। ଏହି ଯୋଜନାର କାର୍ଯ୍ୟକାରିତା ଆମ ସରକାରଙ୍କ team work ଗୁଣକୁ ପ୍ରତିଫଳିତ କରୁଛି।

ପ୍ରଯୁକ୍ତିବିଦ୍ୟାକୁ ଠିକ୍ ଭାବରେ ଉପଯୋଗ କରିପାରିଲେ, ଗାଁର ଅପାଠୁଆ ଜନସଂଖ୍ୟା ମଧ୍ୟ ଏହାର ବ୍ୟବହାର କରିପାରିବେ, ସୁଭଦ୍ରାର ୧ କୋଟି ୮ ହଜାରରୁ ଅଧିକ ପଞ୍ଜୀକରଣ ଏହାକୁ ପ୍ରମାଣିତ କରୁଛି।

ସୁଭଦ୍ରା ଯୋଜନାରେ ବହୁବିଧ ଅଂଶୀଦାରଙ୍କ ସମ୍ପୃକ୍ତି ସତ୍ତ୍ୱେ ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ(NPCI) ଓ ଡିବିଟିପ୍ରକ୍ରିୟା ପାଇଁ ଆଧାର ପେମେଣ୍ଟ ବ୍ରିଜ ସିଷ୍ଟମ(ABPS)ଯୋଜନାର ଆର୍ଥିକ ନେଣଦେଣ ସହଜ ଓ ସୁଗମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି।

ଯେକୌଣସି ବଡ଼ ପଦକ୍ଷେପର କାର୍ଯ୍ୟାନ୍ୱୟନ ପରି ସୁଭଦ୍ରା ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ମଧ୍ୟ ବହୁ ଆହ୍ୱାନର ସମ୍ମୁଖୀନ ହୋଇଥିଲୁ, କିନ୍ତୁ ଆମ ସମସ୍ତଙ୍କ team work ଏବଂ ଆମର ସ୍ୱଷ୍ଟ ଉଦ୍ଦେଶ୍ୟ ସବୁ ଆହ୍ୱାନକୁ ସମ୍ମୁଖୀନ କରିବା ପାଇଁ ଆମକୁ ସାହସ ଯୋଗାଇଥିଲା।

ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇ ମଧ୍ୟ ପ୍ରତ୍ୟେକ ଆବେଦନକାରୀଙ୍କ ପାଖରେ ପହଞ୍ଚିବା ଏବଂ ସେମାନଙ୍କୁ ଆବଶ୍ୟକ ସାହାଯ୍ୟ ଯୋଗାଇଦେବାରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଅଙ୍ଗନୱାଡ଼ି କର୍ମୀ, ସହାୟିକା, ଆଶା କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, କମ୍ୟୁନିଟି ସାପୋର୍ଟ ଷ୍ଟାଫ, ମୋ ସେବା କେନ୍ଦ୍ର ଓ ଜନସେବା କେନ୍ଦ୍ର ଗୁଡ଼ିକର ଅବଦାନ ଅତୁଳନୀୟ।

ଆମ ସରକାର ଗଠନ ହେବାର ମାତ୍ର ୬ ମାସ ମଧ୍ୟରେ ଏକ ଯୋଜନା ମାଧ୍ୟମରେ ୯୮ ଲକ୍ଷ ୩୦ ହଜାର ହିତାଧିକାରୀଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ସାମିଲ କରିପାରିବା ଆମ ପାଇଁ ଏକ ବହୁତ ବଡ଼ ସଫଳତା ଭାବେ ପରିପ୍ରକାଶ ହୋଇପାରିଛି। ଅନ୍ତର୍ଜାତୀୟ ମହିଳା ଦିବସ ଅବ୍ୟାହତି ପୂର୍ବରୁ ୨ ଲକ୍ଷ ୩୪ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଯୋଡ଼ି ସୁଭଦ୍ରା ୧ କୋଟି ୬୪ ହଜାର ମହିଳାଙ୍କ ପାଖରେ ପହଞ୍ଚିଛି।

ଡିଜିଟାଲ ୱାଲେଟରେ ସିଧାସଳଖ ଅର୍ଥ ରାଶି ପ୍ରଦାନ କରିବା ଓ ଡିଜିଟାଲ ଆର୍ଥିକ କାରବାରକୁ ପ୍ରୋତ୍ସାହିତ କରି କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ ମୁଦ୍ରା (CBDC)କୁ ଗ୍ରହଣ କରିବାରେ ଭାରତରେ ପ୍ରଥମ ଯୋଜନା ଭାବେ ସୁଭଦ୍ରା ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ଡିଜିଟାଲ ଇଣ୍ଡିଆ ସ୍ୱପ୍ନକୁ ସାକାର କରିବା ନିମନ୍ତେ ସମଗ୍ର ଦେଶ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି।

ଗୌରବର ବିଷୟ ଯେ ଚଳିତ ବର୍ଷ ମାର୍ଚ୍ଚ ୮, ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୫ ଉପଲକ୍ଷେ ଯୋଜନାର ଦ୍ୱିତୀୟ କିସ୍ତି ପ୍ରଦାନ କରିବା ପାଇଁ ଆମେ ପ୍ରସ୍ତୁତ ଅଛୁ। ରାଖୀ ପୂର୍ଣ୍ଣିମା ଓ ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିବା ଆମ ସରକାରଙ୍କ ମହିଳାମାନଙ୍କ ବିକାଶ ଓ ମହିଳାମାନଙ୍କ ଦ୍ୱାରା ବିକାଶର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ବିଭିନ୍ନ ରିପୋର୍ଟ ଦ୍ୱାରା ଏହା ସ୍ୱଷ୍ଟ କରାଯାଇଛି ଯେ, ମହିଳାମାନଙ୍କୁ ଆର୍ଥିକ ସହାୟତା ରାଜ୍ୟ ତଥା ଦେଶର ଅର୍ଥନୀତି ଉପରେ ଏକ ସକାରାତ୍ମକ ଓ ଗୁଣାତ୍ମକ ପ୍ରଭାବ ସୁନିଶ୍ଚିତ କରେ। ଅର୍ଥନୈତିକ ସର୍ଭେ ୨୦୨୪-୨୫ ଅନୁଯାୟୀ, ସରକାରଙ୍କ ପ୍ରମୁଖ ଯୋଜନା କାର୍ଯ୍ୟାନ୍ୱୟନର ପାଞ୍ଚ ବର୍ଷ ଅବଧିରେ ୧ ଲକ୍ଷ କୋଟି ଟଙ୍କାରୁ ୧.୫ ଲକ୍ଷ କୋଟି ଟଙ୍କା ମଧ୍ୟରେ ଅର୍ଥନୀତି ସମ୍ଭବ ହୋଇପାରିବ।

ସମକାଳୀନ ମୂଲ୍ୟାଙ୍କନ ସହିତ ଯୋଜନାର ପ୍ରଭାବ ବିଷୟରେ ବିସ୍ତୃତ ବିବରଣୀ ପାଇବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ଆଇଆଇଏମ୍ ସମ୍ବଲପୁର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି।

ମହିଳାମାନଙ୍କର ଅପୂରଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏକ ନିଃସର୍ତ୍ତ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ ସୁଭଦ୍ରା ରାଜ୍ୟର ପ୍ରତ୍ୟେକ ମହିଳାଙ୍କ ପାଖରେ ପହଞ୍ଚିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହା ମହିଳାଙ୍କୁ କ୍ଷୁଦ୍ର ଉଦ୍ୟୋଗୀ କରିବାରେ ସକ୍ଷମ କରି ଉଦ୍ୟୋଗୀ ସମନ୍ୱିତ ଲକ୍ଷପତି ହେବାର ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରୋତ୍ସାହିତ କରିବ।

ଯୋଜନା ସମ୍ବନ୍ଧୀୟ ସମସ୍ତ ସୂଚନା ଶୁଣିବା ପାଇଁ ଓ ମହିଳାମାନଙ୍କ ସନ୍ଦେହ ଦୂର କରିବା ଲାଗି କୁହ ସୁଭଦ୍ରା ଓ ଶୁଣ ସୁଭଦ୍ରା ଆଦି ଦୁଇଟି ଉତ୍ସର୍ଗୀକୃତ ପ୍ରତିକ୍ରିୟା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି।

ଉଦ୍ୟୋଗିତାର ଯାତ୍ରା ଆରମ୍ଭ କରିବାକୁ ନିଷ୍ପତ୍ତି ନେଉଥିବା ମହିଳାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ସହିତ ମଧ୍ୟ ବୁଝାମଣା ପତ୍ର ସ୍ୱାକ୍ଷରିତ କରାଯାଇଛି। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ମୁଁ ଦୃଢ଼ନିଶ୍ଚିତ ଅଛି ଯେ ସୁଭଦ୍ରା ଯୋଜନାର ସଫଳ ରୂପାୟନ ମା' ଭଉଣୀମାନଙ୍କର ଉଦ୍ୟୋଗୀ ହେବାର ସ୍ୱପ୍ନକୁ ମଧ୍ୟ ପୂରଣ କରିବ। ବିକଶିତ ଓ ମୂଳପିଣ୍ଡ ହେବ ସୁଭଦ୍ରା ଯୋଜନା।

ମା' ଭଉଣୀମାନଙ୍କ ପାଇଁ ନାରୀଶକ୍ତିର ଅଭ୍ୟୁଦୟ ଏହି ମାତ୍ର ଆରମ୍ଭ ହେଲା। ଆଗକୁ ଆହୁରି ଅନେକ ରାସ୍ତା ଅତିକ୍ରମ କରିବା ପାଇଁ ଅଛି। ଆସୁଥିବା ନୂଆ ପିଢ଼ି ପାଇଁ ଉତ୍କର୍ଷ ଓ ଗଢ଼ିବାର ସ୍ୱପ୍ନକୁ ପୂରଣ କରିବାର ଅଛି। ସୁଭଦ୍ରାକୁ ଘରେ ଘରେ ପହଞ୍ଚାଇଥିବା ଓ ମହିଳାଙ୍କ ବିକାଶରେ ସହଭାଗିତା ସାଜିଥିବା ସମସ୍ତ ବନ୍ଧୁଙ୍କୁ ସହୃଦୟତାର ସହିତ ଧନ୍ୟବାଦ ଜଣାଉଛି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED SALES EXECUTIVE**
for selling Automotive Battery, based in PURI & BHUBANESWAR. Interested candidates may send resumes to
email ID: tbsa.bbsr@gmail.com
Call -7008713919

ବିବାହ ମଣ୍ଡପ ରେ କାମ କରିବା ପାଇଁ କର୍ମଚାରୀ ଆବଶ୍ୟକ । ରହିବା ଖାଇବା ମାଗଣା । ବେତନ-6000/-
9861061013, 9114299462.

**REQUIREMENT**
**T.P HOTEL**
Market Square, Grand Road, Puri, Odisha
Requires Boys / Girls for Restaurant & Hotels
(1) INDIAN, CHINESE AND SOUTH INDIAN CHEF
(2) STEWARD BOY
(3) HOUSE KEEPING STAFF
(4) HELPER FOR KITCHEN
(5) FRONT OFFICE BOY
Pl. Contact following No.:
9437037032, 9937057190

See Career Appointment on every Wednesday & Saturday

**WANTED**
ଭୁବନେଶ୍ୱର IRC Village (ନୟାପଲ୍ଲୀ) ସ୍ଥିତ ଶିକ୍ଷାନୁଷ୍ଠାନ ନିମନ୍ତେ PRO, Front Office Clerk, DEO, ଡ୍ରାଇଭର (Bus/Car), ହାଉସ କିପିଂ Staff ଆବଶ୍ୟକ । ରହିବା ବ୍ୟବସ୍ଥା ଅଛି ।
Plot No.1480, IRC Village
Contact:9040009727,8456845313

ଧରିତ୍ରୀ DHARITRI Oriya daily
ଧରିତ୍ରୀ 51 Years
**WANTED**

| POSITION | ELIGIBILITY | LOCATION |
|---|---|---|
| LAYOUT DESIGNERS (ADVERTISEMENT) | ▸ Candidate should have expertise in Ad Layout & Designing of pages for print media.<br>▸ Minimum 3 years + experience in print media.<br>▸ Proficiency in InDesign, Photoshop, MS Office & CorelDRAW is a must.<br>▸ Well-versed in Odia, English & Hindi typing. | BHUBANESWAR |

Interested candidates can send their resume to
recruitment@dharitri.com / recruitment.dharitri52@gmail.com

अंतरराष्ट्रीय महिला दिवस की शुभकामनाएं
एक्सलरेट एक्शन
Bank of India
Relationship beyond banking
Happy International Women's Day
Accelerate Action
ଆସନ୍ତୁ ସବୁ କ୍ଷେତ୍ରରେ ମହିଳାମାନଙ୍କ ଅବିରତ ଉତ୍ସାହକୁ ସଶକ୍ତ କରିବା
आओ हम दें महिला सशक्तिकरण में योगदान
रुकने न पाए उनकी ऊँची उड़ान
Let's empower the unstoppable spirit of women everywhere



Visit: www.bankofindia.co.in | Follow us on:

# ଗ୍ରୀଷ୍ମପ୍ରବାହ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିର୍ଦ୍ଦେଶ

**ଖରାକୁ ଦେଖି ବିଦ୍ୟାଳୟର ସମୟ ପରିବର୍ତ୍ତନ କରିବ ଶିକ୍ଷା ବିଭାଗ**

**ଭୁବନେଶ୍ୱର,୭।୩(ବନ୍ଦନା ସେଠୀ)**

ଗ୍ରୀଷ୍ମ ପ୍ରବାହଜନିତ ସ୍ଥିତିରେ ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ଏହି ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାପୂର୍ବକ କିପରି ଏହାର ପ୍ରତିକାର ଓ ମୁକାବିଲା କରାଯାଇପାରିବ ସେନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ଏନେଇ ମନ୍ତ୍ରୀ ଆଭାସି ମାଧ୍ୟମରେ ଜିଲାପାଳମାନଙ୍କ ସହ ଆଲୋଚନା କରି ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ କହିଛନ୍ତି। ଗ୍ରୀଷ୍ମ ପ୍ରବାହର ଆଗୁଆ ସୂଚନା ଆଧାରରେ ବିଦ୍ୟାଳୟର ସମୟ ପରିବର୍ତ୍ତନ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ କେବଳ ସକାଳବେଳା ଖୋଲା ରଖିବା ସହ ପାନୀୟ ଜଳ ବ୍ୟବସ୍ଥା, ଆବଶ୍ୟକ ପରିମାଣର ଓଆର୍‌ଏସ୍ ପ୍ୟାକେଟ୍ ଯୋଗାଇଦେବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗକୁ କୁହାଯାଇଛି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ସଦର ମହକୁମା ଚିକିତ୍ସାଳୟଗୁଡ଼ିକରେ ଅଂଶୁଘାତ ରୋଗୀଙ୍କ ଚିକିତ୍ସା ବ୍ୟବସ୍ଥା କରାଯିବ। ଖରା ସମୟରେ ବସ୍‌ଗୁଡ଼ିକରେ ଯାତ୍ରୀଙ୍କ ପାଇଁ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା ପାଇଁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜଙ୍ଗଲ ଅଗ୍ନିକୁ ରୋକିବା ଓ ବନାଗ୍ନି ଦାଉରୁ ବନ୍ୟପ୍ରାଣୀ, ପକ୍ଷୀଙ୍କୁ ରକ୍ଷା କରିବା ପାଇଁ ସଚେତନତା ସୃଷ୍ଟି ସହ ସ୍ଥାନୀୟ ଗୋଷ୍ଠୀ, ବନ ସୁରକ୍ଷା ସମିତି, ପଞ୍ଚାୟତିରାଜ ସଭ୍ୟ ଓ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ସାମିଲ କରାଯିବ। ସେହିପରି ଚିଡ଼ିଆଖାନାଗୁଡ଼ିକରେ ବନ୍ୟପ୍ରାଣୀଙ୍କ ପାଇଁ ପିଇବା ପାଣି ଓ ସହରାଞ୍ଚଳରେ ବନୀକରଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମ, ପଡ଼ା ଓ ୱାର୍ଡରେ ଜଳସଙ୍କଟ ଥିବା ଅଞ୍ଚଳକୁ ଚିହ୍ନଟ କରିବା ସହ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରାଯିବ। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓ ରଞ୍ଜନ କୁମାର ସିଂହ, ଭାରତୀୟ ପାଣିପାଗ ବିଭାଗ ଆଞ୍ଚଳିକ ଶାଖାର ବରିଷ୍ଠ ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀଙ୍କ ସହ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ମାର୍ଚ୍ଚ ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

**ଭୁବନେଶ୍ୱର,୭।୩(ବନ୍ଦନା ସେଠୀ)**

ମାର୍ଚ୍ଚ ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ହେବ ନାହିଁ। ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ଚାଲିଥିବାରୁ ଅଭିଯୋଗ ଶୁଣାଣିକୁ ବନ୍ଦ ରଖାଯାଇଛି। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ପର୍କରେ ଖବରକାଗଜ ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଖରାଦିନେ କଳାକୋଟ୍ ଇଚ୍ଛାଧୀନ

**କଟକ,୭।୩(କାର୍ତ୍ତିକ ସାହୁ)**

ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବ୍ୟତୀତ ଅନ୍ୟ ସମସ୍ତ କୋର୍ଟରେ ରାଜ୍ୟ ଆଇନଜୀବୀ ପରିଷଦର ଆଇନଜୀବୀମାନଙ୍କ ନିମନ୍ତେ ଗ୍ରୀଷ୍ମକାଳୀନ ପୋଷାକ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ଶୁକ୍ରବାର ଜାରି କରାଯାଇଛି। ଅତ୍ୟନ୍ତ ଗରମ ତଥା ଅସମ୍ଭାଳ ତାତିକୁ ଦୃଷ୍ଟିରେ ରଖି ରାଜ୍ୟ ଆଇନଜୀବୀ ପରିଷଦ ଗ୍ରୀଷ୍ମ ସମୟରେ ଆଇନଜୀବୀଙ୍କ ନିମନ୍ତେ ସାଧାରଣତଃ ପରିଧାନ କରାଯାଉଥିବା ବୃତ୍ତିଗତ ପୋଷାକ ନିୟମରେ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ଅଧିନିୟମ ଅନୁଯାୟୀ କୋହଳ ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟ ବ୍ୟତୀତ ଜିଲା ତଥା ଅନ୍ୟ କୋର୍ଟଗୁଡ଼ିକରେ ଆଇନଜୀବୀଙ୍କ ପାଇଁ ଆଡ୍‌ଭୋକେଟ୍ ଗାଉନ୍ ପରିଧାନ ଇଚ୍ଛାଧୀନ କରାଯାଇଛି। ତେଣୁ ଗ୍ରୀଷ୍ମଋତୁରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟ ବ୍ୟତୀତ ଜିଲା ତଥା ଅନ୍ୟ କୋର୍ଟରେ ଧଳା ଶାର୍ଟ, କଳା ପ୍ୟାଣ୍ଟ କିମ୍ବା କଳାଧଳା ଗାରଯୁକ୍ତ କିମ୍ବା ଧୂସର ରଙ୍ଗର ପ୍ୟାଣ୍ଟ ଏବଂ ଧଳା ଟାଇ (ଗଳାବନ୍ଧ) ଓ କଲାର ବ୍ୟବହାର କରିପାରିବେ। ଏହି ପୋଷାକ ସମ୍ବନ୍ଧୀୟ ନିୟମ ଏପ୍ରିଲ ୬ରୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ।

NUMBER ONE +2 Science COLLEGE IN THE STATE OF ODISHA (Fully Residential)
**ROYAL**
HIGHER SECONDARY SCHOOL OF SCIENCE & TECHNOLOGY
(ROYAL COLLEGE OF SCIENCE & TECHNOLOGY)
BHUBANESWAR
FREE SUMMER COURSE
23rd Batch (Session 2025-26)
Admission is going on
Classes from last week of March 2025
We create leaders
CHSE RESULT -2024




Odisha Topper (2018)
RANK 1
CHSE, Odisha 2018
570
Siddhanta Ku. Sahu (95%)
CHSE RESULTS-2024 (20th Batch)
RESULT - 100%
TOTAL APPEARED - 343
TOTAL PASS - 343
HIGHEST MARK- 558 (93%)
90% MARKS & ABOVE - 05
500 CLUB - 54
1ST DIVISION- 334 (97.38%)
2ND DIVISION- 09 ( 2.62%)
NO 3RD DIVISION
NO FAIL
A-125, Mancheswar Industrial Estate, Rasulgarh, Bhubaneswar- 10
Mob.: 9937791247, 9861450287, 9437521358
E-mail : royalcollegebbsr1@gmail.com, website: www.royalhssbbsr.edu.in

# ହାତୀ, ଡ୍ରାଗନକୁ ନଚାଇବା ଏକମାତ୍ର ବିକଳ୍ପ

## ଟ୍ରମ୍ପଙ୍କ ଟାରିଫ୍ ବିରୋଧରେ ଭାରତକୁ ଚାଇନାର ପରୋକ୍ଷ ଆହ୍ୱାନ

ବେଜିଂ/ୱାଶିଂଟନ୍/ନୂଆଦିଲ୍ଲୀ,୭ା୩

ହାତୀ ଓ ଡ୍ରାଗନ୍‌କୁ ନୃତ୍ୟ କରାଇ ପରସ୍ପରର ସଫଳତା ପ୍ରତି ଅବଦାନ ହିଁ ଭାରତ-ଚାଇନା ସମ୍ପର୍କ ପାଇଁ 'ଏକମାତ୍ର ଉପଯୁକ୍ତ ବିକଳ୍ପ' ବୋଲି ଶୁକ୍ରବାର ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି କହିଛନ୍ତି। ପୂର୍ବ ଲଦାଖରୁ ଭାରତୀୟ ସେନା ଓ ଚାଇନାର ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ) ସୈନ୍ୟ ପ୍ରତ୍ୟାହାର ସହ ୪ ବର୍ଷର ଅଚଳାବସ୍ଥା ଦୂର ପରେ ଦୁଇ ପଡ଼ୋଶୀ ଦେଶର ଦ୍ୱିପାକ୍ଷିକ ସମ୍ପର୍କକୁ ୟାଙ୍ଗ୍ ଏକ ସକାରାତ୍ମକ ପଦକ୍ଷେପ ବୋଲି ସ୍ୱୀକାର କରିଛନ୍ତି। ସେ ଆହୁରି କହିଛନ୍ତି, ଆମେ ପରସ୍ପରକୁ ଅଣଦେଖା ପରିବର୍ତ୍ତେ ସମର୍ଥନ କରିବା ନେଇ ଅନେକ ବାସ୍ତବ କାରଣ ରହିଛି ବୋଲି ଶାସକ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି)ର ପ୍ରଭାବଶାଳୀ ପଲିଟିକାଲ ବ୍ୟୁରୋ ସଦସ୍ୟ ଥିବା ୟାଙ୍ଗ୍ ବେଜିଂରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାରତକୁ ଆହ୍ୱାନ ଦେଇଛନ୍ତି। ଚାଇନା ପକ୍ଷରୁ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି, ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ନେଇ ୱାଶିଂଟନ୍ ଓ ବେଜିଂ ପରସ୍ପର ବିରୋଧୀ ବାଣିଜ୍ୟିକ ଯୁଦ୍ଧରେ ନିୟୋଜିତ ରହିଛନ୍ତି। ତେଣୁ ଏହାକୁ ଟ୍ରମ୍ପଙ୍କ ଟାରିଫ୍‌ର ମୁକାବିଲା ପାଇଁ ଭାରତକୁ ଚାଇନାର ପରୋକ୍ଷ ଆହ୍ୱାନ ରୂପେ ବିବେଚନା କରାଯାଉଛି।

୨୦୨୦ ଜୁନ୍‌ରେ ପୂର୍ବ ଲଦାଖର ଗଲୱାନ୍ ଉପତ୍ୟକାରେ ଏସିଆର ଦୁଇ


ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି

ଶକ୍ତିଶାଳୀ ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷକୁ ନେଇ ସମ୍ପର୍କରେ ଉପୁଜିଥିବା ତିକ୍ତତା ଗତବର୍ଷ ସେନା ପ୍ରତ୍ୟାହାର ସହ ଏକପ୍ରକାର ଦୂର ହୋଇଥିବାବେଳେ ଚାଇନା ପକ୍ଷରୁ ଏପରି ମନ୍ତବ୍ୟ ଆସିଛି। ଗତ ଅକ୍ଟୋବର ୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସାକ୍ଷାତ୍ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଧାରିବା ଓ ବିକାଶ ପାଇଁ ଏକ ରଣନୈତିକ ମାର୍ଗଦର୍ଶନ ପ୍ରଦାନ କରିଛି। ସୀମାରେ ଶାନ୍ତି ବଜାୟ ରଖି ବିବାଦର ସମାଧାନ ସକାଶେ ଦୁଇ ପ୍ରାଚୀନ ସଭ୍ୟତା ଭାରତ ଏବଂ ଚାଇନାର ପର୍ଯ୍ୟାପ୍ତ ଜ୍ଞାନ ଓ ସାମର୍ଥ୍ୟ ରହିଛି। ଦ୍ୱିପାକ୍ଷିକ ସମ୍ପର୍କକୁ ଆମେ କେବେହେଲେ ସୀମାକୁ ନେଇ ଉଠୁଥିବା ପ୍ରଶ୍ନରେ ଆବଦ୍ଧ କରି ରଖିବା ଅନୁଚିତ। ଏକାଧିପତ୍ୱ ଓ କ୍ଷମତା ରାଜନୀତି ବିରୋଧରେ ନେତୃତ୍ୱ ନେବା ପାଇଁ ଗ୍ଲୋବାଲ୍ ସାଉଥ୍‌ର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ରୂପେ ଭାରତ ଓ ଚାଇନାର ଉତ୍ତରଦାୟିତ୍ୱ ରହିଛି ବୋଲି ପରୋକ୍ଷରେ ଆମେରିକାକୁ ଟାର୍ଗେଟ କରି ୟାଙ୍ଗ୍ କହିଛନ୍ତି। ଚାଇନାର ପାର୍ଲାମେଣ୍ଟ ଅଧିବେଶନ ଚାଲିଥିବାବେଳେ ନ୍ୟାଶନାଲ ପିପୁଲ୍ସ କଂଗ୍ରେସ ମିଟ୍‌ରେ ସେ କହିଛନ୍ତି, ୨୦୨୫ରେ ଭାରତ ଓ ଚାଇନା କୂଟନୈତିକ ସମ୍ପର୍କକୁ ୭୫ ବର୍ଷ ପୂରିଛି। ସ୍ଥିର ବିକାଶ ସକାଶେ ଭାରତ ସହ କାର୍ଯ୍ୟ କରିବା ପାଇଁ ଚାଇନା ପ୍ରସ୍ତୁତ। ଏସିଆର ଦୁଇ ବୃହତ୍ ଅର୍ଥନୀତି ଏକାଠି ହେଲେ ଅନ୍ତର୍ଜାତୀୟ ସମ୍ପର୍କର ଗଣତାନ୍ତ୍ରିକୀକରଣ ଏବଂ ଗ୍ଲୋବାଲ୍ ସାଉଥ୍‌ର ସୁଦୃଢ଼ୀକରଣ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦେଖିପାରିବ।

### ଆମେରିକା-ଚାଇନା ଟାରିଫ୍ ଯୁଦ୍ଧ

ଚାଇନାରୁ ଆମେରିକାକୁ ରପ୍ତାନି ସାମଗ୍ରୀ ଉପରେ ୧୦ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ୍ ଲଗାଇବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ମଙ୍ଗଳବାର ଏକ ଅର୍ଡରରେ ସ୍ୱାକ୍ଷର କରିଛନ୍ତି। ନିଶା ସାମଗ୍ରୀରେ ବ୍ୟବହୃତ ଫେଣ୍ଟାନିଲ୍ ରପ୍ତାନି ନିୟନ୍ତ୍ରଣରେ ଚାଇନାର ବିଫଳତା ଯୋଗୁ ଆମେରିକାରେ ସଙ୍କଟ ସୃଷ୍ଟି ହୋଇଥିବା ଦର୍ଶାଇ ହ୍ୱାଇଟ୍ ହାଉସ୍ ଆମଦାନୀ ଶୁଳ୍କରେ ଏହି ବୃଦ୍ଧିକୁ ଏକ ପ୍ରତିଶୋଧମୂଳକ ଟିକସ ଭାବେ ଅଭିହିତ କରିଛି। ଏଥିରେ ଉତ୍କ୍ଷିପ୍ତ ଚାଇନାର ଆମେରିକାସ୍ଥିତ ଦୂତାବାସ ୨୪ ଘଣ୍ଟା ଭିତରେ ଜବାବ ଦେଲା, ଯଦି ଆମେରିକା ଯୁଦ୍ଧ ଚାହେଁ, ଆମେ ଶେଷ ପର୍ଯ୍ୟନ୍ତ ଲଢ଼ିବାକୁ ପ୍ରସ୍ତୁତ ; ତାହା ଟାରିଫ୍ ହେଉ କି ବାଣିଜ୍ୟ ଅଥବା ଆଉ ଯେଉଁ ପ୍ରକାରେ। ଟ୍ରମ୍ପଙ୍କ ଟାରିଫ୍‌କୁ ଜବାବ ଦେବାକୁ ଯାଇ ବେଜିଂ କେତେକ ଆମେରିକୀୟ କୃଷିଜାତ ସାମଗ୍ରୀ ଉପରେ ୧୫% ପର୍ଯ୍ୟନ୍ତ ଟିକସ କଷିଛି, ଯାହାକି ଆସନ୍ତା ସପ୍ତାହରୁ ଲାଗୁ ହେବ। ଏପରି କି ଆମେରିକାର ଟରିଫ୍‌କୁ ଏକତରଫା ଦର୍ଶାଇ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ)ରେ ମଧ୍ୟ ଚାଇନା ଅଭିଯୋଗ ଦାଖଲ କରିଛି। ଏହା ଡବ୍ଲ୍ୟୁଟିଓର ନିୟମକୁ ଉଲ୍ଲଂଘନ କରିବା ସହ ଚାଇନା-ଆମେରିକାର ଅର୍ଥନୈତିକ ଓ ବାଣିଜ୍ୟିକ ସହଯୋଗର ମୂଳଦୁଆକୁ ନ୍ୟୁନ କରିଦେଇଛି ବୋଲି ବେଜିଂ କହିଛି। ଫେଣ୍ଟାନିଲ୍ ରପ୍ତାନିକୁ ଟାରିଫ୍ ବୃଦ୍ଧି ସକାଶେ ଏକ ଫାଲ୍ତୁ ବାହାନା ବୋଲି କହିଛି। ଡବ୍ଲ୍ୟୁଟିଓ ନିର୍ଦ୍ଦେଶକ ଏନ୍‌ଗୋଜି ଓକୋଞ୍ଜୋ ଶୁକ୍ରବାର ଆମେରିକାର ବାଣିଜ୍ୟିକ ସହଯୋଗୀମାନଙ୍କୁ ଆଲୋଚନା ଜରିଆରେ ୱାଶିଂଟନ୍‌ର ଟାରିଫ୍ ପ୍ରସଙ୍ଗର ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି।

### ଭାରତ ଅତ୍ୟନ୍ତ ଉଚ୍ଚ ଟାରିଫ୍ ରାଷ୍ଟ୍ର: ଟ୍ରମ୍ପ


ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଭାରତକୁ ପୁଣିଥରେ 'ଅତ୍ୟନ୍ତ ଉଚ୍ଚ ଟାରିଫ୍ ରାଷ୍ଟ୍ର' ରୂପେ ଅଭିହିତ କରିଛନ୍ତି। ଟ୍ରମ୍ପ କହିଛନ୍ତି, ଭାରତ ଓ ଚାଇନା ସମେତ ଅନ୍ୟ ଦେଶଗୁଡ଼ିକ ଉପରେ ରେସିପ୍ରୋକାଲ ଟାରିଫ୍ (ପାଲଟା ଶୁଳ୍କ) ଆସନ୍ତା ଏପ୍ରିଲ ୨ରୁ ଲାଗୁ ହେବ। ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସ୍‌ରେ ଆଉ କେତେକ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିବା ଅବସରରେ ଟ୍ରମ୍ପ କହିଛନ୍ତି, କାନାଡା ଆମେରିକୀୟ ଦୁଗ୍ଧ ଉତ୍ପାଦ ଉପରେ ୨୫୦% ଟାରିଫ୍ କଷୁଛି। ଆମେ ସେମାନଙ୍କଠାରୁ କାଠ ଆମଦାନୀ କରିବୁ ନାହିଁ। ନୂଆ ଟାରିଫ୍ ଆମେରିକା ଅର୍ଥନୀତି ପାଇଁ ଗେମ୍ ଚେଞ୍ଜର ହେବାକୁ ଯାଉଛି। ବିଶ୍ୱର ସବୁ ଦେଶ ଆମକୁ ଠକି ଆସିଥିବାରୁ ବର୍ତ୍ତମାନ ସେମାନେ ଆମ ଉପରେ ଯେତେ (୧୫୦-୨୦୦%) ଟିକସ କଷିବେ ଆମେ ମଧ୍ୟ ସେମାନଙ୍କ ଉପରେ ଅନୁରୂପ ଟାରିଫ୍ ଲଗାଇବୁ। ପ୍ରକାଶ ଯେ, ଟ୍ରମ୍ପ ନିଜ ପ୍ରଥମ ଶାସନ କାଳରେ ମଧ୍ୟ ଭାରତକୁ 'ଟାରିଫ୍ ରାଷ୍ଟ୍ର' କହି ସମାଲୋଚନା କରିଥିଲେ।

## ବାୟୁସେନା ଫାଇଟର ଜେଟ୍ ଦୁର୍ଘଟଣାଗ୍ରସ୍ତ

ପଞ୍ଚକୁଲା, ୭ା୩

ଭାରତୀୟ ବାୟୁସେନାର ଲଢୁଆ ବିମାନ ଜାଗୁଆର ଶୁକ୍ରବାର ହରିୟାଣାର ପଞ୍ଚକୁଲା ଜିଲା ଅଧୀନ ପାହାଡ଼ିଆ ଅଞ୍ଚଳ ମୋରନୀସ୍ଥିତ ବାଲଦୱାଲା ଗ୍ରାମ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରଶିକ୍ଷଣ ପାଇଁ ଏହି ଫାଇଟର ବିମାନ ହରିୟାଣାର ଅମ୍ବାଲା ଏୟାରବେସ୍‌ରୁ ଉଡ଼ାଣ କରିଥିଲା। ତେବେ ଦୁର୍ଘଟଣାବେଳେ ପାଇଲଟ ଜଣକ ସୁରକ୍ଷିତ ଭାବେ ପାରାସ୍ୟୁଟରେ ଅବତରଣ କରି ନିଜ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ଦୁର୍ଘଟଣା ନେଇ ସୂଚନା ମିଳିବା ପରେ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହି ଦୁର୍ଘଟଣାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି। ତେବେ ବୈଷୟିକ ତ୍ରୁଟି ଯୋଗୁ ଏହି ବିମାନ ଦୁର୍ଘଟଣା ଘଟିଥାଇପାରେ ବୋଲି ଆଶଙ୍କା କରାଯାଉଛି।

## ସଂକ୍ଷେପରେ

### ୩ ଦିନିଆ ରିମାଣ୍ଡରେ ରାନ୍ୟା ରାଓ

**ବେଙ୍ଗାଲୁରୁ ଏୟାରପୋର୍ଟ ଏସ୍ଓପିରେ ପରିବର୍ତ୍ତନ ହେବ**



ବେଙ୍ଗାଲୁରୁ, ୭ା୩ (ପି.ଟି.)

ସୁନା ଚୋରାଚାଲାଣ ମାମଲାରେ ଅଭିନେତ୍ରୀ ରାନ୍ୟା ରାଓଙ୍କୁ ୩ ଦିନିଆ ରିମାଣ୍ଡରେ ପଠାଯାଇଛି। ଡାଇରେକ୍ଟୋରେଟ ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ(ଡିଆର୍ଆଇ)ର ଯୁକ୍ତି ପରେ ବେଙ୍ଗାଲୁରୁସ୍ଥିତ ଇକୋନୋମିକ୍ ଅଫେନ୍ସ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ରାନ୍ୟାଙ୍କୁ ଜେରା ସମୟରେ ଏକ ବଡ଼ ସୁନା ଚୋରାଚାଲାଣ ଗ୍ୟାଙ୍ଗ ସହ ତାଙ୍କ ସମ୍ପର୍କ ସମ୍ବନ୍ଧରେ ଜଣାପଡ଼ିପାରେ ବୋଲି ଡିଆର୍ଆଇର ଓକିଲ କହିଥିଲେ। ତେବେ ଏହି ଘଟଣା ସାମ୍ନାକୁ ଆସିବା ପରେ ବେଙ୍ଗାଲୁରୁ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ପାଇଁ ରହିଥିବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍ଓପି)ରେ ବଡ଼ଧରଣର ପରିବର୍ତ୍ତନ କରିବା ପାଇଁ କର୍ନାଟକ ସରକାର ପ୍ରସ୍ତୁତ ହେଉଛନ୍ତି। ବେଙ୍ଗାଲୁରୁ ଏୟାରପୋର୍ଟରେ ଏସ୍ଓପି ଅନୁଯାୟୀ, ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀଙ୍କ ପରିବାରବର୍ଗଙ୍କୁ ବିମାନବନ୍ଦରରେ ମିଳୁଥିବା 'ପ୍ରୋଟୋକଲ ଷ୍ଟାଫ୍' ସୁବିଧାକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ଚିନ୍ତା କରୁଥିବା କର୍ନାଟକ ଗୃହ ମନ୍ତ୍ରୀ ଜି. ପରମେଶ୍ୱରା କହିଛନ୍ତି।

## ମସ୍କଙ୍କ ଅଧିକାରକୁ ସୀମିତ କଲେ ଟ୍ରମ୍ପ

ୱାଶିଂଟନ, ୭ା୩ (ପି.ଟି.)

ଗୁରୁବାର ୱାଶିଂଟନରେ ଆୟୋଜିତ କ୍ୟାବିନେଟ ବୈଠକରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ପରାମର୍ଶଦାତା ତଥା ପ୍ରସିଦ୍ଧ ବିଲିୟନେୟାର ଏଲନ ମସ୍କ ଓ ତାଙ୍କ ଦ୍ୱାରା ପରିଚାଳିତ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ପାଇଁ ଏକ ରେଖା ଟାଣିଛନ୍ତି। ଏହାଦ୍ୱାରା ଟ୍ରମ୍ପଙ୍କ ପ୍ରଶାସନରେ ମସ୍କଙ୍କ ଅଧିକାର ସୀମିତ ହୋଇଛି। ବିଭିନ୍ନ ଆମେରିକୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ୯୦ ମିନିଟର ଏହି କ୍ୟାବିନେଟ୍ ବୈଠକରେ ଟ୍ରମ୍ପ ସ୍ପଷ୍ଟ କରି କହିଛନ୍ତି, ଆମେରିକାର ଫେଡେରାଲ ଗଭର୍ନମେଣ୍ଟରେ ମସ୍କ ଏବଂ 'ଡିଓଜିଇ'ର କେବଳ ପରାମର୍ଶଦାତା ଭାବେ ଭୂମିକା ରହିଛି। ବିଭିନ୍ନ ବିଭାଗରେ କର୍ମଚାରୀଙ୍କ ନିଯୁକ୍ତି ଏବଂ ବରଖାସ୍ତ ନେଇ ଏକତରଫା ଭାବେ ନିଷ୍ପତ୍ତି ନେବାକୁ ମସ୍କଙ୍କର ଭୂମିକା ନ ଥିବା ଟ୍ରମ୍ପ କହିଛନ୍ତି। ଆମେରିକା ଫେଡେରାଲ ଗଭର୍ନମେଣ୍ଟର ବିଭିନ୍ନ ବିଭାଗରେ ଅଧିକାରୀମାନଙ୍କୁ ମସ୍କ ବରଖାସ୍ତ କରୁଥିବାର ଅଭିଯୋଗ ମଧ୍ୟରେ ଟ୍ରମ୍ପଙ୍କର ଏହି ଆଭିମୁଖ୍ୟ ସାମ୍ନାକୁ ଆସିଛି। ଉକ୍ତ କ୍ୟାବିନେଟ ବୈଠକରେ ମସ୍କ ମଧ୍ୟ ଉପସ୍ଥିତ ଥିଲେ ବୋଲି ରିପୋର୍ଟ ପ୍ରକାଶ ପାଇଛି।

## ତହଉର ରାଣାଙ୍କ ପ୍ରତ୍ୟର୍ପଣ ପଥ ସୁଗମ

**ଆମେରିକା ସୁପ୍ରିମକୋର୍ଟରେ ସ୍ଥଗିତାଦେଶ ପିଟିଶନ ଖାରଜ**



ୱାଶିଂଟନ୍,୭ା୩

୨୬/୧୧ ମୁମ୍ବାଇ ଆକ୍ରମଣର ଅନ୍ୟତମ ଅଭିଯୁକ୍ତ ତହଉର ରାଣାଙ୍କୁ ପ୍ରତ୍ୟର୍ପିତ କରି ଭାରତକୁ ଆଣିବା ଦିଗରେ ନୂଆଦିଲ୍ଲୀର ପଥ ଏକପ୍ରକାର ସୁଗମ ହୋଇଛି। ପାକିସ୍ତାନୀ ସେନାର ପୂର୍ବତନ ଡାକ୍ତର ରାଣା ନିଜ ପ୍ରତ୍ୟର୍ପଣ ବିରୋଧରେ ଆମେରିକା ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିଥିଲେ। ସେଥିରେ ରାଣା ଧର୍ମ ଓ ସ୍ୱାସ୍ଥ୍ୟ କାର୍ଡ ଖେଳି ଉଲ୍ଲେଖ କରିଥିଲେ, ଜଣେ ମୁସଲମାନ ହୋଇଥିବାରୁ ତାଙ୍କୁ ପ୍ରତ୍ୟର୍ପଣ କରାଗଲେ ଭାରତରେ ସେ ନିର୍ଯାତନା ସହି ନ ପାରି ପ୍ରାଣ ହରାଇବେ। ତେଣୁ ପ୍ରତ୍ୟର୍ପଣ ଉପରେ ସ୍ଥଗିତାଦେଶ ଜାରି କରାଯାଉ ବୋଲି ଗୁରୁବାର ସୁପ୍ରିମକୋର୍ଟଙ୍କୁ ନିବେଦନ କରିଥିଲେ। ଭାରତକୁ ପ୍ରତ୍ୟର୍ପଣର ଅର୍ଥ ମୃତ୍ୟୁ ଦଣ୍ଡାଦେଶ ବୋଲି ରାଣା ଉଲ୍ଲେଖ କରିଥିଲେ। ତେବେ ସୁପ୍ରିମକୋର୍ଟ ବିଚାରପତି ଆସୋସିଏଟ୍ ଜଷ୍ଟିସ୍ ଏଲେନା କଗାନ୍ ତାଙ୍କ ଜରୁରୀ ଆବେଦନକୁ ଖାରଜ କରିଦେଇଛନ୍ତି। ପିଟିଶନ ଖାରଜ ହେବା ପରେ ରାଣାଙ୍କ ଓକିଲ ତତ୍କାଳ ପ୍ରଧାନ ବିଚାରପତି ଜନ୍ ରବର୍ଟ୍ସଙ୍କ ନିକଟରେ ଅପିଲ କରିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ ବେଳେ ରାଣାଙ୍କ ପ୍ରତ୍ୟର୍ପଣ ନେଇ ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେଠାକାର ପରରାଷ୍ଟ୍ର ବିଭାଗ ମଧ୍ୟ ଏନେଇ ଭାରତୀୟ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲା। ଏହି ଦୃଷ୍ଟିରୁ ରାଣାଙ୍କ ପ୍ରତ୍ୟର୍ପଣକୁ ଚିଫ୍ ଜଷ୍ଟିସ୍ ମଞ୍ଜୁରୀ ଦେଇପାରନ୍ତି ବୋଲି କୁହାଯାଉଛି।

ପ୍ରକାଶ ଯେ, ୨୦୦୮ ମୁମ୍ବାଇ ଆକ୍ରମଣରେ ୬ ଆମେରିକୀୟଙ୍କ ସମେତ ୧୭୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣର ଷଡ଼ଯନ୍ତ୍ରକାରୀ ଲଶ୍କର ଆତଙ୍କବାଦୀ ଡେଭିଡ୍ କୋଲମ୍ୟାନ୍ ହେଡ୍‌ଲିଙ୍କ ସହ ରାଣାଙ୍କ ସମ୍ପୃକ୍ତି ନେଇ ପୂର୍ବରୁ ଆମେରିକା କୋର୍ଟରେ ଦୋଷ ପ୍ରମାଣିତ ହୋଇସାରିଛି। ୨୦୦୯ରେ ଶିକାଗୋରେ ଫେଡେରୋଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ) ତାଙ୍କୁ ଗିରଫ କରିଥିଲା। ରାଣା ବର୍ତ୍ତମାନ ଲସ୍‌ଆଞ୍ଜେଲ୍ସର ମେଟ୍ରୋପଲିଟାନ୍ ଡିଟେନ୍ସନ ସେଣ୍ଟରରେ ବିଚାରାଧୀନ ବନ୍ଦୀ ଜୀବନ ବିତାଉଛନ୍ତି।


ବେଲ୍‌ଜିଅମ୍‌ର ବ୍ରସେଲ୍ସରେ ୟୁକ୍ରେନ୍ ଓ ୟୁରୋପୀୟ ପ୍ରତିରକ୍ଷା ସମ୍ପର୍କରେ ଆଲୋଚନା ପାଇଁ ୟୁରୋପୀୟ ସଂଘ ନେତାଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି, ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି, ୟୁରୋପିଆନ୍ କାଉନ୍‌ସିଲ ପ୍ରେସିଡେଣ୍ଟ ଆଣ୍ଟୋନିଓ କୋଷ୍ଟା ଏବଂ ୟୁରୋପିଆନ୍ କମିଶନ୍ ଅଧ୍ୟକ୍ଷା ଉର୍ସୁଲା ଭନ୍‌ଡେର୍ ୟେଲେନ୍। ୟୁକ୍ରେନ୍‌କୁ ସାମରିକ ସହାୟତା ବୃଦ୍ଧି ନେଇ ୟୁରୋପୀୟ ନେତାମାନେ ସହମତି ପ୍ରକାଶ କରିଛନ୍ତି।

## ଧରାବୀ ପ୍ରକଳ୍ପ ଉପରେ ରୋକ୍ ଲଗାଇବାକୁ ମନାକଲେ ସୁପ୍ରିମକୋର୍ଟ

ବେଙ୍ଗାଲୁରୁ, ୭ା୩ (ପି.ଟି.)

ବିଶ୍ୱର ସର୍ବବୃହତ୍ ବସ୍ତିଗୁଡ଼ିକ ମଧ୍ୟରୁ ଅନ୍ୟତମ ମୁମ୍ବାଇର ଧରାବୀରେ ଚାଲିଥିବା ରିଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟକୁ ନେଇ ସୁପ୍ରିମକୋର୍ଟ ବିଲିୟନେୟାର ବ୍ୟବସାୟୀ ଗୌତମ ଆଦାନୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଆଦାନୀ ଗ୍ରୁପ୍ ଦ୍ୱାରା ପରିଚାଳିତ ଏହି ପ୍ରକଳ୍ପ ଉପରେ ରୋକ୍ ଲଗାଯିବନାହିଁ ବୋଲି ଶୁକ୍ରବାର ସର୍ବୋଚ୍ଚ ଅଦାଲତ କହିଛନ୍ତି। ଧରାବୀ ରିଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟକୁ ମହାରାଷ୍ଟ୍ର ସରକାର ଆଦାନୀ ଗ୍ରୁପ୍‌କୁ ଦେବା ନେଇ କରିଥିବା ନିଷ୍ପତ୍ତିକୁ ଦୁବାଇର ସେକ୍‌ଲିଙ୍କ ଟେକ୍ନୋଲୋଜିସ୍ କମ୍ପାନୀ ପକ୍ଷରୁ ଚ୍ୟାଲେଞ୍ଜ କରାଯାଇ ପ୍ରଥମେ ମହାରାଷ୍ଟ୍ର ହାଇକୋର୍ଟ ଓ ପରେ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ତେବେ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ସେକ୍‌ଲିଙ୍କ ଟେକ୍ନୋଲୋଜିସ୍ କମ୍ପାନୀ ପକ୍ଷରୁ କରାଯାଇଥିବା ଆବେଦନକୁ ନେଇ ମହାରାଷ୍ଟ୍ର ସରକାର ଓ ଆଦାନୀ ପ୍ରପର୍ଟିଜ୍ ପ୍ରାଇଭେଟ ଲିମିଟେଡ୍‌କୁ ଜବାବ ମାଗିଛନ୍ତି। ପ୍ରକାଶ ଯେ, ଧରାବୀ ରିଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟକୁ ଏସିଆର ସର୍ବବୃହତ୍ ସହରୀ ପୁନର୍ବାସ କାର୍ଯ୍ୟକ୍ରମ ଭାବେ ବିବେଚନା କରାଯାଉଛି।

## ଏନ୍‌ସିଡବ୍ଲ୍ୟୁକୁ କ୍ଷମା ମାଗିଲେ ଆଲ୍ଲାହାବାଦିଆ


ରଣବୀର ଆଲ୍ଲାହାବାଦିଆ

ନୂଆଦିଲ୍ଲୀ, ୭ା୩ (ପି.ଟି.)

ୟୁଟ୍ୟୁବ୍ ଶୋ' ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସିଥିବା ଚର୍ଚ୍ଚିତ ୟୁଟ୍ୟୁବର୍ ରଣବୀର ଆଲ୍ଲାହାବାଦିଆ ଓ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଅପୂର୍ବା ମୁଖିଜା ଶୁକ୍ରବାର ଜାତୀୟ ମହିଳା ଆୟୋଗ (ଏନ୍‌ସିଡବ୍ଲ୍ୟୁ)କୁ ଲିଖିତ ଭାବେ କ୍ଷମା ମାଗିଛନ୍ତି। ଏନେଇ ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ବିଜୟା ରାହାତକର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏକ ଅନ୍‌ଲାଇନ ଶୋ'ରେ ଉଭୟ ଦେଇଥିବା ମନ୍ତବ୍ୟ ଆଦୌ ଗ୍ରହଣୀୟ ନ ଥିଲା। ଏହାର ସାମାଜିକ ପ୍ରଭାବକୁ ଦୃଷ୍ଟିରେ ରଖି ଉଭୟଙ୍କୁ ଏନ୍‌ସିଡବ୍ଲ୍ୟୁ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ତେବେ ଦୁହେଁ ଉକ୍ତ ଘଟଣା ପାଇଁ ନିଜ ଭୁଲ୍ ସ୍ୱୀକାର କରିବା ସହ ଏନ୍‌ସିଡବ୍ଲ୍ୟୁକୁ କ୍ଷମା ମାଗିଛନ୍ତି। ଭବିଷ୍ୟତରେ ଏପରି ଭୁଲ୍‌କୁ ଆଉ ଦୋହରାଇବେ ନାହିଁ ବୋଲି ଉଭୟେ ନିଜ କ୍ଷମାପ୍ରାର୍ଥନା ପତ୍ରରେ ଉଲ୍ଲେଖ କରିଛନ୍ତି ବୋଲି ରାହାତକର କହିଛନ୍ତି।

## ୱେଷ୍ଟବ୍ୟାଙ୍କରେ ପଣବନ୍ଦୀ ଥିବା ୧୦ ଭାରତୀୟ ଶ୍ରମିକ ଉଦ୍ଧାର

ଜେରୁଜେଲମ, ୭ା୩

ଗତ ମାସେ ଧରି ପାଲେଷ୍ଟାଇନ ଅଧିକୃତ ୱେଷ୍ଟବ୍ୟାଙ୍କରେ ପଣବନ୍ଦୀ ଥିବା ୧୦ ଭାରତୀୟ ଶ୍ରମିକଙ୍କୁ ଗୁରୁବାର ଇସ୍ରାଏଲୀ ସେନା ଉଦ୍ଧାର କରିଛି। ଏନେଇ ଇସ୍ରାଏଲର ପପୁଲେଶନ ଆଣ୍ଡ ଇମିଗ୍ରେଶନ ଅଥୋରଟି ସୂଚନା ଦେଇଛନ୍ତି। ଏହି ଶ୍ରମିକମାନଙ୍କୁ କାମ ଯୋଗାଇଦେବାର ଆଳ ଦେଖାଇ କେତେଜଣ ପାଲେଷ୍ଟିନୀୟ ୱେଷ୍ଟବ୍ୟାଙ୍କର ଅଲ୍-ଜାୟେମ ଗ୍ରାମକୁ ନେଇ ଆସିଥିଲେ।

**ଫୁରସତ୍**

## ବୟସ୍କା ସେଲୁନ୍ ମାଲିକ @୧୦୮

### ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସ୍ଥାନିତ

ଟୋକିଓ

ଜାପାନର ପୂର୍ବବର୍ତ୍ତୀ ଟୋଚିଗି ରାଜ୍ୟ ନାକାଗାୱା ସହରରେ ୧୦୮ ବର୍ଷୀୟା ମହିଳା ଶିତ୍‌ସୁଇ ହାକୋଇଶି ବିଶ୍ୱର ସବୁଠାରୁ ବୟସ୍କ କାର୍ଯ୍ୟରତ ମହିଳା ବାରିକ ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ସ୍ଥାନ ପାଇଛନ୍ତି। ଗୁରୁବାର ନାକାଗାୱା ସହରରେ ଥିବା ହାକୋଇଶିଙ୍କ ସେଲୁନରେ ଜିଡବ୍ଲ୍ୟୁଆର୍‌ର ଅଧିକାରୀମାନେ ତାଙ୍କୁ ସବୁଠାରୁ ବୟସ୍କ ମହିଳା ବାରିକ ଭାବେ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏହି ମୁହୂର୍ତ୍ତକୁ ହାକୋଇଶିଙ୍କ ନିୟମିତ ଗ୍ରାହକ ଏବଂ ସ୍ଥାନୀୟ ଲୋକେ ମିଶି କେକ୍ କାଟି ସେଲିବ୍ରେଟ୍ କରିଥିଲେ। ସେହିପରି ଏହି ବିଶେଷ


ନିଜ ସେଲୁନ୍‌ରେ ଶିତ୍‌ସୁଇ ହାକୋଇଶି।

ମୁହୂର୍ତ୍ତ ପାଇଁ ହାକୋଇଶିଙ୍କ ସେଲୁନକୁ ବିଭିନ୍ନ ପ୍ରକାର ଫୁଲରେ ସଜାଯାଇଥିଲା।

୧୯୧୬ରେ ହାକୋଇଶି ନାକାଗାୱାରେ ଜନ୍ମ ଗ୍ରହଣ କରିଥିଲେ। ୧୯୩୬ରେ ମାତ୍ର ୨୦ ବର୍ଷ ବୟସରେ ସେଲୁନ ଖୋଲିବା ପାଇଁ ତାଙ୍କୁ ଲାଇସେନ୍ସ ମିଳିଥିଲା। ତାଙ୍କ ସ୍ୱାମୀ


ଜିଡବ୍ଲ୍ୟୁଆର୍ ପ୍ରମାଣପତ୍ର ସହ ହାକୋଇଶି।

ମଧ୍ୟ ଜଣେ କେଶ କଟାଳି ଥିଲେ। ସେ ସ୍ୱାମୀଙ୍କ ସହ ମିଶି ଜାପାନର ରାଜଧାନୀ ଟୋକିଓରେ ନିଜ ପ୍ରଥମ ସେଲୁନ ଖୋଲିଥିଲେ। ତେବେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ବେଳେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାସହ ସେ ନିଜ ଦୋକାନ ମଧ୍ୟ ହରାଇଥିଲେ। ଫଳରେ ହାକୋଇଶି ନିଜ ବାପଘର ନାକାଗାୱାକୁ ଫେରି ଆସିଥିଲେ। ସେ ନାକାଗାୱାରେ ନୂତନ ସେଲୁନ ଆରମ୍ଭ କରି ନିଜ ୨ ପିଲାଙ୍କ ଲାଳନ ପୋଷଣ କରିଥିଲେ। ଏହି ସେଲୁନ ବର୍ତ୍ତମାନ ମଧ୍ୟ ଚାଲିଛି। ଜିଡବ୍ଲ୍ୟୁଆର୍‌ରେ ସ୍ଥାନ ପାଇ ହାକୋଇଶି କହିଛନ୍ତି, ନିଜ ଗ୍ରାହକଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ତାଙ୍କୁ ଆଶ୍ୱସ୍ତି ମିଳିଥାଏ। ଏହି ସମୟକୁ ସେ ଖୁବ୍ ଉପଭୋଗ କରିଥାନ୍ତି। ତେଣୁ ବର୍ତ୍ତମାନ ସେ ଏହି ସେବାରୁ ନିବୃତ୍ତ ରହିବା ନେଇ ଚିନ୍ତା କରିନାହାନ୍ତି ବୋଲି ହାକୋଇଶି କହିଛନ୍ତି। ଯେପର୍ଯ୍ୟନ୍ତ ତାଙ୍କ ସେଲୁନକୁ ଗ୍ରାହକ ଆସୁଥିବେ, ସେଯାଏ ସେ ସେମାନଙ୍କୁ ସେବା ପ୍ରଦାନ କରି ଚାଲୁଥିବେ ବୋଲି ଏହି ବୟସ୍କା କେଶ କଟାଳି କହିଛନ୍ତି। ପ୍ରକାଶ ଯେ, ୨୦୨୧ ମାର୍ଚ୍ଚରେ ଟୋକିଓ ଅଲିମ୍ପିକ୍ସ ପାଇଁ କରାଯାଇଥିବା ମଶାଲ ରିଲେରେ ଅଂଶଗ୍ରହଣ କରିବାକୁ ହାକୋଇଶିଙ୍କୁ ସୁଯୋଗ ମିଳିଥିଲା।

## 'ସ୍ତ୍ରୀ ୨'ର ରେକର୍ଡ ଭାଙ୍ଗିଲା 'ଛାବା'


ଭିକି କୌଶଲ

ମୁମ୍ବାଇ

ଗତ ୧୪ ତାରିଖରେ ରିଲିଜ୍ ହୋଇଥିବା ଅଭିନେତା ଭିକି କୌଶଲ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ 'ଛାବା' ଫିଲ୍ମର ବ୍ୟବସାୟ ବିଶ୍ୱବ୍ୟାପୀ ୬୫୦ କୋଟି ଟଙ୍କା ଟପିଛି। ରିଲିଜ୍ ହେବାର ୩ ସପ୍ତାହ ବିତିଯିବା ପରେ କେବଳ ଭାରତୀୟ ସିନେମା ହଲ୍‌ଗୁଡିକରୁ ଏହି ଫିଲ୍ମର ରୋଜଗାର ୫୦୦ କୋଟିର ନିକଟତର ହୋଇଛି। ତୃତୀୟ ସପ୍ତାହରେ ଏହି ଫିଲ୍ମ ଅଭିନେତ୍ରୀ ଶ୍ରଦ୍ଧା କପୁରଙ୍କ 'ସ୍ତ୍ରୀ ୨' ଫିଲ୍ମ ଏବଂ ଅଭିନେତା ପ୍ରଭାସଙ୍କ 'ବାହୁବଳୀ ୨' ଫିଲ୍ମକୁ ପଛରେ ପକାଇଛି।

ଟ୍ରେଡ୍ ଆନାଲିଷ୍ଟ ତରୁଣ ଆଦର୍ଶ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ଲେଖିଛନ୍ତି, ରିଲିଜ୍ ହେବାର ତୃତୀୟ ସପ୍ତାହରେ 'ଛାବା' ଫିଲ୍ମ ୨ଟି ବଡ଼ ଫିଲ୍ମର ରେକର୍ଡକୁ ପଛରେ ପକାଇଛି। 'ସ୍ତ୍ରୀ ୨' ଫିଲ୍ମ ତୃତୀୟ ସପ୍ତାହରେ ଭାରତୀୟ ବକ୍ସ ଅଫିସରୁ ୭୨.୮୩ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ 'ବାହୁବଳୀ ୨' ଫିଲ୍ମ ସମାନ ଅବଧି ମଧ୍ୟରେ ନିଜ ହିନ୍ଦୀ ଭର୍ସନରୁ ୬୯.୭୫ କୋଟି ଟଙ୍କା ସଂଗ୍ରହ କରିଥିଲା। ତେବେ 'ଛାବା' ଫିଲ୍ମ ରିଲିଜ୍ ହେବାର ତୃତୀୟ ସପ୍ତାହରେ ୮୪.୯୪ କୋଟି ଟଙ୍କା ସଂଗ୍ରହକରି ଏହି ୨ ଫିଲ୍ମର ରେକର୍ଡ ଭାଙ୍ଗିବାରେ ସମର୍ଥ ହୋଇଛି। ଏହାସହ 'ଛାବା' ତୃତୀୟ ସପ୍ତାହରେ ଦ୍ୱିତୀୟ ସର୍ବାଧିକ ରୋଜଗାର କରିଥିବା ଚଳଚ୍ଚିତ୍ର ହୋଇପାରିଛି। ଅଭିନେତା ଅଲ୍ଲୁ ଅର୍ଜୁନଙ୍କ 'ପୁଷ୍ପା ୨' ଫିଲ୍ମ ରିଲିଜ୍ ହେବାର ତୃତୀୟ ସପ୍ତାହରେ ୧୦୭.୭୫ କୋଟି ଟଙ୍କା ବ୍ୟବସାୟକରି ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛି। 'ଛାବା' ଫିଲ୍ମ ରିଲିଜ୍ ହେବାର ପ୍ରଥମ ସପ୍ତାହରେ ଭାରତୀୟ ବକ୍ସ ଅଫିସରୁ ୨୨୫.୨୮ କୋଟି ଟଙ୍କାର ରୋଜଗାର କରିଥିବା ବେଳେ ଦ୍ୱିତୀୟ ସପ୍ତାହରେ ୧୮୬.୧୮ କୋଟି ଏବଂ ତୃତୀୟ ସପ୍ତାହରେ ୮୪.୯୪ କୋଟି ଟଙ୍କାର ରୋଜଗାର କରିଛି। ଗୁରୁବାର ସୁଦ୍ଧା 'ଛାବା' ଫିଲ୍ମ ଭାରତୀୟ ବକ୍ସ ଅଫିସରୁ ସମୁଦାୟ ୪୯୬.୪ କୋଟି ଟଙ୍କାର ରୋଜଗାର କରିଛି।




## ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ୨୦୨୪ ଘୋଷିତ

# ଓଡ଼ିଆ ଭାଷାରେ ପୁରସ୍କାର ପାଇବେ ସୁଭାଷ ଶତପଥୀ

ଭୁବନେଶ୍ୱର,୭।୩(ସୌମ୍ୟରଞ୍ଜନ ରାଉତ)

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ସାହିତ୍ୟ ଏକାଡେମୀର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ୨୦୨୪ ମସିହା ପାଇଁ ଅନୁବାଦ ପୁରସ୍କାର ଘୋଷଣା କରାଯାଇଛି। ଏକାଡେମୀ ସଭାପତି ମାଧବ କୌଶିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୋଟ ୨୧ଟି ଭାଷାର ଅନୁବାଦ ପୁସ୍ତକ ଲାଗି ପୁରସ୍କାର ପାଇବାକୁ ନାମ ଘୋଷଣା କରାଯାଇଛି। ଏଥର ଓଡ଼ିଆ ଭାଷା ପାଇଁ ଅନୁବାଦ ପୁରସ୍କାର ପାଇବେ ଲେଖକ ତଥା ଅନୁବାଦକ ସୁଭାଷ ଶତପଥୀ। ଇଂଲିଶ ଭାଷାରେ ରଚିତ ରସ୍କିନ ବଣ୍ଡଙ୍କ ଆତ୍ମଜୀବନୀ 'ଲୋନ୍ ଫକ୍ସ ଡ୍ୟାନ୍ସିଂ'ର ଓଡ଼ିଆ ଅନୁବାଦ 'କୋକିଶିଆଳିର ଏକକ ନୃତ୍ୟ' ପାଇଁ ତାଙ୍କୁ ଏହି ପୁରସ୍କାର ଲାଗି ମନୋନୀତ କରାଯାଇଛି। ଏହା ପୂର୍ବରୁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ଶତପଥୀଙ୍କ ପ୍ରକାଶିତ ଅନ୍ୟ ଅନୁବାଦ ପୁସ୍ତକ ମଧ୍ୟରେ ରହିଛି ସଂସାର, ପୂର୍ଣ୍ଣିମା ରାତ୍ରିର ଅଭିସାର ଓ ଅନ୍ୟାନ୍ୟ ଗଳ୍ପ , ସମୁଦ୍ର କୂଳର ଗାଁ, ଖୁସ୍‌ୱନ୍ତ ସିଂହଙ୍କ ଗଳ୍ପ, ଏମ.ଟି. ବାସୁଦେବ ନାୟାରଙ୍କ ଗଳ୍ପ, ବିଭାଜନ ଇତ୍ୟାଦି। ତେବେ ଓଡ଼ିଆ ଭାଷାର ଅନୁବାଦ ପୁରସ୍କାର ପାଇଁ ବିଚାରକ ମଣ୍ଡଳୀରେ ଅମରେଶ ପଟ୍ଟନାୟକ, ପ୍ରବାସିନୀ ମହାକୁଡ ଏବଂ ମୋନାଲିସା ଜେନା ରହିଥିଲେ। ସେହିପରି ଏହି ପୁରସ୍କାର ପାଇଁ ମନୋନୀତ ଅନ୍ୟ ଭାଷାର ଲେଖକମାନେ ହେଉଛନ୍ତି ଅଞ୍ଜନ ଶର୍ମା (ଅହମିଆ), ବାସୁଦେବ ଦାସ (ବଙ୍ଗଳା), ଉତ୍ତରା ବସୁମାତାରୀ (ବୋଡୋ), ଅର୍ଚ୍ଚନା କେସର (ଡୋଗ୍ରୀ), ଅନିସୁର ରହମାନ (ଇଂଲିଶ), ରମଣିକ ଅଗ୍ରୱତ (ଗୁଜରାଟୀ), ମଦନ ସୋନି (ହିନ୍ଦୀ), ସିଦ୍ଧଲିଙ୍ଗ ପଟ୍ଟନଶେଟ୍ଟୀ (କନ୍ନଡ), ଗୁଲାମ ନବୀ ଆତଶ (କଶ୍ମୀରୀ), ମିଲିନ୍ଦ ମହମଲ (କୋଙ୍କଣୀ), କେଶକର ଠାକୁର (ମୈଥିଳି), କେ. ଭି. କୁମାରନ (ମାଲୟାଲମ), ଏସ ଇନ୍ଦ୍ରକୁମାର (ମଣିପୁରୀ), ସୁଦର୍ଶନ ଅଠାୱଲେ (ମରାଠୀ), ଚନ୍ଦନ ନେଗୀ (ପଞ୍ଜାବୀ), ସୋହନ୍ଦନ ଚରଣ (ରାଜସ୍ଥାନୀ), ନାଜିର ହେମ୍ବ୍ରମ (ସାନ୍ତାଳି), ଶୋଭା ଲାଲଚନ୍ଦାନୀ (ସିନ୍ଧୀ), ପି. ବିମଳା (ତାମିଲ) ଏବଂ ଟି. ରାଜେଶ୍ୱରୀ (ତେଲୁଗୁ)। ନେପାଳୀ ଏବଂ ସଂସ୍କୃତ ଭାଷାର ପୁରସ୍କାର ପରେ ଘୋଷଣା ହେବାକୁ ଥିବା ବେଳେ ଏଥର ଉର୍ଦ୍ଦୁ ଭାଷାରେ ପୁରସ୍କାର ଦିଆଯିବ ନାହିଁ ବୋଲି ପ୍ରେସ ବିଜ୍ଞପ୍ତିରେ ଏକାଡେମୀ ସଚିବ ଡ. କେ. ଶ୍ରୀନିବାସରାଓ ଜଣାଇଛନ୍ତି। ବିଜେତାଙ୍କୁ ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କାର ଅର୍ଥରାଶି ସହିତ ତାମ୍ରଫଳକ ଦିଆଯିବ। ଏହି ପୁରସ୍କାର ପାଇଁ ୨୦୧୮ରୁ ୨୦୨୨ ମଧ୍ୟରେ ପ୍ରକାଶିତ ପୁସ୍ତକକୁ ବିଚାରକୁ ନିଆଯାଇଥିଲା।



ସୁଭାଷ ଶତପଥୀ

# କିଟ୍ କ୍ୟାମ୍ପସକୁ ଫେରିଲେଣି ୧୦୦୦ ନେପାଳୀ ଛାତ୍ରୀଛାତ୍ର

ଭୁବନେଶ୍ୱର,୭।୩ (ଅନୁରାଧା ମହାରଣା)

ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ କିଟ୍ ବିଶ୍ୱବିଦ୍ୟାଳୟରେ ସୃଷ୍ଟି ହୋଇଥିବା ଅପ୍ରୀତିକର ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ କିଟ୍ କର୍ତ୍ତୃପକ୍ଷ ପ୍ରୟାସ ଜାରି ରଖିଛନ୍ତି। ଫଳସ୍ୱରୂପ ନେପାଳୀ ଛାତ୍ରୀଛାତ୍ରମାନେ କ୍ୟାମ୍ପସକୁ ଫେରୁଛନ୍ତି। ୧୧୦୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୦୦୦ଜଣ କ୍ୟାମ୍ପସକୁ ଫେରିସାରିଲେଣି। ଅବଶିଷ୍ଟ ୧୦୦ ଜଣ ମଧ୍ୟ ଖୁବ୍‌ଶୀଘ୍ର ଫେରିବେ ବୋଲି କିଟ୍ ପକ୍ଷରୁ ଜନସମ୍ପର୍କ ଅଧିକାରୀ ରତ୍ନାକର ପତି ସୂଚନା ଦେଇଛନ୍ତି। ନେପାଳୀ ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସକୁ ଫେରାଇ ଆଣିବା ଦିଗରେ ଓଡ଼ିଶା ସରକାର, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟ, ନୂଆଦିଲ୍ଲୀସ୍ଥିତ ନେପାଳ ଦୂତାବାସ ଓ ନେପାଳ ସରକାରଙ୍କ ସହଯୋଗ ପାଇଁ କିଟ୍ କର୍ତ୍ତୃପକ୍ଷ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ନେପାଳୀ ଛାତ୍ରୀଛାତ୍ର କ୍ୟାମ୍ପସରେ ପହଞ୍ଚିବା ପରେ ସେମାନଙ୍କ ସୁରକ୍ଷା ସହ ନିରବଚ୍ଛିନ୍ନ ଶୈକ୍ଷିକ କାର୍ଯ୍ୟକଳାପ ଉପରେ କିଟ୍ ଗୁରୁତ୍ୱ ଦେବ ବୋଲି ଅନୁଷ୍ଠାନ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ଏହାମଧ୍ୟରେ ନିୟମିତ କ୍ଲାସ ଆରମ୍ଭ ହୋଇଥିବାବେଳେ ଛାତ୍ରୀଛାତ୍ରମାନେ ପୂର୍ବପରି ସେମାନଙ୍କ ପାଠ୍ୟକ୍ରମ ଏବଂ କ୍ୟାମ୍ପସ କାର୍ଯ୍ୟକଳାପରେ ନିଜକୁ ନିୟୋଜିତ ରଖିଛନ୍ତି। ଛାତ୍ରଛାତ୍ରୀଙ୍କର ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲାଯାଇଥିବା ସୂଚନା ଦିଆଯାଇଛି।

# ୨ ସପ୍ତାହରେ ୩୩% ଗ୍ରୀଷ୍ମ ପ୍ରବାହ ଆକଳନ

ଭୁବନେଶ୍ୱର,୭।୩(ଅନୁରାଧା ମହାରଣା)

ଆସନ୍ତା ୨ ସପ୍ତାହ ଅର୍ଥାତ୍ ୭ରୁ ୨୦ ତାରିଖ ମଧ୍ୟରେ ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ୩୩% ଯାଏ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ରହିଛି। ଏନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସେହିପରି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁସାରେ, ଆସନ୍ତା ୪ରୁ ୫ ଦିନ ମଧ୍ୟରେ ଦିନ ତାପମାତ୍ରା ପ୍ରାୟ ୩ରୁ ୪ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଏପରିକି ରାତି ତାପମାତ୍ରା ମଧ୍ୟ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିପାରେ। ରାଜ୍ୟରେ ଗତ ୨ଦିନ ତାପମାତ୍ରା କମିଛି। ୨ଦିନ ପୂର୍ବରୁ ଦିନ ତାପମାତ୍ରା ସର୍ବାଧିକ ୩୯ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ଶୁକ୍ରବାର ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୬.୩ ଡିଗ୍ରୀ ସେଲସିୟସ୍ ରହିଥିଲା। ସେହିପରି ଭବାନୀପାଟଣାରେ ରାତି ତାପମାତ୍ରା ସର୍ବନିମ୍ନ ୧୧ ଡିଗ୍ରୀ ରହିଥିଲା।

# ନୌସେନାରେ ସାମିଲ ହେଲେ ୨୯୬୬ ଅଗ୍ନିବୀର

## ଚିଲିକାରେ ସରିଲା ୫ମ ବ୍ୟାଚ୍ ପାସିଂଆଉଟ୍ ପରେଡ୍

ବାଲୁଗାଁ, ୭।୩(ସଂଗ୍ରାମ ପାଇକରାୟ)

ଭାରତୀୟ ନୌସେନାର ଚିଲିକା ଶାଖା ତାଲିମ କେନ୍ଦ୍ରରେ ୧୬ ସପ୍ତାହ ଧରି ପ୍ରଶିକ୍ଷଣପ୍ରାପ୍ତ ୨୯୬୬ ଅଗ୍ନିବୀରଙ୍କ ପାସିଂଆଉଟ୍ ପରେଡ୍ ଶୁକ୍ରବାର ଶେଷ ହୋଇଛି। ଏଥିରେ ୪୦୨ ମହିଳା ନୌସେନା ଅଗ୍ନିବୀର ରହିଛନ୍ତି। ଆୟୋଜିତ ଏହି ୫ମ ବ୍ୟାଚ୍ ପାସିଂଆଉଟ୍ ପରେଡ୍‌ରେ ଦକ୍ଷିଣ ନୌସେନା ଫ୍ଲାଗ ଅଫିସର କମାଣ୍ଡିଂ ଇନ ଚିଫ୍ ତଥା ଭାଇସ୍ ଆଡ୍‌ମିରାଲ ଭି.ଶ୍ରୀନିବାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରେଡ୍ ନିରୀକ୍ଷଣ କରିବା ସହ ଅଗ୍ନିବୀରଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଚିଲିକା ନୌସେନା ମୁଖ୍ୟ ତଥା କମୋଡର ବି.ଦୀପକ ଅନିଲ ପରେଡ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ପାସିଂଆଉଟ୍ ପରେଡ୍ ସମାରୋହରେ ମୁଖ୍ୟ ଅତିଥି ଆଡମିରାଲ ଶ୍ରୀନିବାସ ଅଗ୍ନିବୀରଙ୍କୁ ସେମାନଙ୍କ କଠିନ ପ୍ରଶିକ୍ଷଣରେ କର୍ତ୍ତବ୍ୟବୋଧତାକୁ ଉତ୍ସାହିତ କରିବା ସହ ଜଣେ ଲେଖାଏ ବଳିଷ୍ଠ ସାମୁଦ୍ରିକ ଯୋଦ୍ଧାଭାବେ ଦେଶର ସୁରକ୍ଷା ନିମନ୍ତେ ସଙ୍କଳ୍ପବଦ୍ଧ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ନୌସେନାର ଲକ୍ଷ୍ୟ ତଥା କର୍ତ୍ତବ୍ୟ, ଆଦର୍ଶ, ସମ୍ମାନ ଏବଂ ସାହସିକତାକୁ ପ୍ରାଧାନ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ। ସମାରୋହରେ ସମ୍ମାନିତ ଅତିଥିଭାବେ ବିଶିଷ୍ଟ କ୍ରୀଡ଼ା ବ୍ୟକ୍ତିତ୍ୱ ଏଲଡୋଜ ପଲ୍, ବରିଷ୍ଠ ଅବସରପ୍ରାପ୍ତ ସେନା ଅଧିକାରୀ ସୁବେଦୀ ଶିବ କୁମାର, ସନ୍ଦୀପ ଗୁପ୍ତା, ଲୋହରୀ ବେସି, ଜି.ଏସ୍ କୋଚର ପ୍ରମୁଖ ଉପସ୍ଥିତ ଥିଲେ। ଦେଶ ସେବା ପାଇଁ ଯାତ୍ରା ଆରମ୍ଭ କରିଥିବା ଅଗ୍ନିବୀରଙ୍କ ମା'ବାପାଙ୍କୁ ମଧ୍ୟ ମୁଖ୍ୟ ଅତିଥି କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ବିବେଚିତ ଅଗ୍ନିବୀର ଦେବରାଜ ସିଂ ରାଠୋର ଏବଂ ପ୍ରମୋଧ ସିଂଙ୍କୁ ରୋଲିଂ ଟ୍ରଫି ସହ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ମହିଳା ଅଗ୍ନିବୀର ମନସା ଗୁଲିବିନ୍ଦାଲାଙ୍କୁ ଜେନେରାଲ ବିପିନ ରାୱତ ରୋଲିଂ ଟ୍ରଫି ସହ ସମ୍ମାନିତ କରାଯାଇଥିଲା। ଏଥିସହ ମୋହିତ କୁମାରଙ୍କୁ ତଟରକ୍ଷା ଡିରେକ୍ଟର ଜେନେରାଲ ରୋଲିଂ ଟ୍ରଫି ସହ ସ୍ୱର୍ଣ୍ଣ ପଦକରେ ସମ୍ମାନିତ କରାଯାଇଥିଲା। ବିଦାୟକାଳୀନ ସମାରୋହରେ ଶ୍ରେଷ୍ଠ ବିବେଚିତ ଗ୍ରୁପ୍ ଆଙ୍ଗ୍ରେ ଡିଭିଜନକୁ ଚାମ୍ପିୟନସିପ ଟ୍ରଫି ଏବଂ ଏକଲବ୍ୟ ଡିଭିଜନକୁ ରନର୍ସଅପ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଇଏନ୍ଏସ୍ ଚିଲିକାର ଦ୍ୱିଭାଷୀ ପତ୍ରିକା 'ଅଙ୍କୁର-୨୦୨୫' ସଂସ୍କରଣକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଏଠାରୁ ପ୍ରଥମ ବ୍ୟାଚ୍‌ରେ ୨୫୮୫, ଦ୍ୱିତୀୟ ବ୍ୟାଚ୍‌ରେ ୨୮୯୫, ତୃତୀୟ ବ୍ୟାଚ୍‌ରେ ୨୬୩୦ ଏବଂ ଚତୁର୍ଥ ବ୍ୟାଚ୍‌ରେ ୧୩୮୯ଜଣ ଅଗ୍ନିବୀର ପ୍ରଶିକ୍ଷଣ ଲାଭକରି ଭାରତୀୟ ନୌସେନାରେ ଯୋଗଦେଇଛନ୍ତି।



ପାସିଂ ଆଉଟ୍ ପରେଡ୍‌ରେ ଦକ୍ଷିଣ ନୌସେନା ଫ୍ଲାଗ ଅଫିସର କମାଣ୍ଡିଂ ଇନ୍ ଚିଫ୍ ତଥା ଭାଇସ୍ ଆଡ୍‌ମିରାଲ ଭି.ଶ୍ରୀନିବାସ ଅଗ୍ନିବୀରଙ୍କଠାରୁ ଅଭିବାଦନ ଗ୍ରହଣ କରୁଛନ୍ତି।

HDFC BANK
We understand your world

# AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 17-MARCH-2025 from 02:30 PM onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75401510 | TAPAS KUMAR JENA | 71000 | **HDFC BANK LTD**, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 2 | 75624350 | GULSAN SAHU | 61800 | |
| 3 | 74817705 | RANJIT SAHOO | 85000 | **HDFC BANK LTD**, A/621, UNIT 8, NAYAPALLI, BHUBANESWAR-751012 |
| 4 | 74763991 | DURYODHAN PANDA | 165200 | **HDFC BANK LTD**, AT-KANDASARA, PO-NALCO NAGAR, ANGUL-759145 |
| 5 | 74602375 | MANJEET SINGH | 107100 | |
| 6 | 75366886 | NITYANANDA SAHOO | 46200 | **HDFC BANK LTD**, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 7 | 75384351 | GADADHAR SAHU | 41000 | |
| 8 | 75083883 | SOUBHAGYA DEHURI | 27000 | |
| 9 | 75358358 | NITYANANDA SAHOO | 21600 | |
| 10 | 75551989 | GYANA RANJAN BASTIA | 46000 | **HDFC BANK LTD**, BAJRAKABATI ROAD, CUTTACK-753001 |
| 11 | 75338299 | JHALAK AGARWAL | 127500 | **HDFC BANK LTD**, BARBIL JODA HIGHWAY, KEONJHAR, BARBIL-758035 |
| 12 | 75017821 | RIZWANA SHAIKH | 93000 | |
| 13 | 74797211 | RAJASRI SAHU | 191000 | **HDFC BANK LTD**, BESIDE TAHASIL OFFICE, CHANDINI CHOWK, CUTTACK-753002 |
| 14 | 463704920 | WAZIFA KHATUN | 38300 | |
| 15 | 74752638 | PRASANT KUMAR NAYK | 26920 | |
| 16 | 74815291 | ARUN KUMAR BHUNYA | 174400 | **HDFC BANK LTD**, BHABA NAGAR SQUARE, BRAHMAPUR, GANJAM-760004 |
| 17 | 75288938 | ALOK RANJAN PADHY | 144000 | |
| 18 | 75304330 | CHINAMAYEE SAHU | 91000 | |
| 19 | 75322390 | BALADEV MASANT | 25300 | **HDFC BANK LTD**, BIRAMITRAPUR, NEAR NEW BUS STAND, SUNDARGARH, ODISHA-770033 |
| 20 | 502000 48332481 | SATYAPRIYA PRADHAN | 171736.82 | **HDFC BANK LTD**, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 21 | 75450298 | SWAGATIKA ROUT | 91000 | |
| 22 | 74793855 | ASHIK HANSDAH | 50000 | |
| 23 | 75382666 | SANJIT DHALI | 311600 | |
| 24 | 73448744 | SOURAV KUMAR TRIPATHY | 48400 | **HDFC BANK LTD**, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 25 | 74754890 | ACHYUT PRADHAN | 46400 | |
| 26 | 74758656 | BADAL KALET | 40600 | |
| 27 | 75168414 | DHIRA KUMAR BARIK | 49200 | **HDFC BANK LTD**, CHANDVALI CHOWK, ATHGARH-754029 |
| 28 | 75467299 | SRIKANTA SWAIN | 42600 | |
| 29 | 75486450 | TUSHAR LENKA | 320400 | **HDFC BANK LTD**, DURGA BAZAR, JAGATSINGHAPUR, ORISSA-754103 |
| 30 | 75231173 | MANORANJAN MOHARANA | 305700 | |
| 31 | 75521964 | TUSHAR LENKA | 188600 | |
| 32 | 75341827 | TUSHAR LENKA | 164500 | |
| 33 | 75453200 | SURYANARAYAN DASH | 122000 | |
| 34 | 75290920 | TUSHAR LENKA | 119700 | |
| 35 | 74817419 | DEEPAK KUMAR NAYAK | 85200 | |
| 36 | 75372075 | PRAMOD KUMAR PRADHAN | 59900 | **HDFC BANK LTD**, DURGA COMPLEX, JHARSUGUDA-768201 |
| 37 | 75389618 | NIRANJAN MALLICK | 53000 | |
| 38 | 73364077 | LEENA BADAIK | 60100 | **HDFC BANK LTD**, DWIBEDI BHAWAN, BISRA ROAD, ROURKELA-769001 |
| 39 | 74769528 | DEBADUTTA BISWAL | 39900 | **HDFC BANK LTD**, F M CIRCLE, BALASORE-756001 |
| 40 | 74771054 | SACHIKANTA PARIDA | 126000 | **HDFC BANK LTD**, GANESH TALKIES SQUARE, NIMAPARA, PURI-752106 |
| 41 | 74780310 | GITANJALI MALLICK | 20000 | |
| 42 | 75357247 | BHARATI PRADHAN | 60800 | **HDFC BANK LTD**, GROUND & 1ST FLOOR, PANCHAYAT SAMITI, DHARMASALA, JARAKA-755008 |
| 43 | 74793387 | RUNU PRADHAN | 135000 | **HDFC BANK LTD**, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 44 | 74750683 | K ASHOK RAO | 11000 | |
| 45 | 75381747 | KAKALI BISWAS | 71500 | **HDFC BANK LTD**, GROUND FLOOR, NUAGUDA, OPP. FCI-I, ARTS COLLEGE ROAD, MALKANAGIRI-764048 |
| 46 | 75274967 | MANASH KANTI BISWAS | 69100 | |
| 47 | 74768622 | MONIKA GAIN | 56000 | |
| 48 | 74784925 | SUJIT TAKRI | 39000 | |
| 49 | 73401027 | RAKESH KUMAR JENA | 314500 | **HDFC BANK LTD**, GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 50 | 75515537 | BHARATI BEHERA | 503200 | **HDFC BANK LTD**, GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 51 | 75208442 | KAMAKSHYA PRASAD SAHU | 470000 | |
| 52 | 74724891 | ABHAYA DAS | 16500 | **HDFC BANK LTD**, GROUND FLOOR, TAROL, JAGATPUR, ODISHA-754021 |
| 53 | 74652092 | RASHMITA AMANTA | 51000 | **HDFC BANK LTD**, HATATOTA, TALCHER, ANGUL-759100 |
| 54 | 75394639 | DILIP KUMAR DAS | 40900 | **HDFC BANK LTD**, JABARA, JENAPUR, KUAKHIA, RASULPUR, JAJPUR-755023 |
| 55 | 502000 27471554 | CHITTARANJAN SAMAL | 957233.68 | **HDFC BANK LTD**, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 56 | 75262882 | SANJAYA KUMAR SAHU | 745000 | |
| 57 | 75444608 | GOLAP DASH | 615700 | |
| 58 | 75389502 | SEEMA MATHEW | 194000 | |
| 59 | 74155434 | KRUSHNA CHANDRA NAYAK | 184000 | |
| 60 | 73599664 | NILAMADHAB SASHAMALLA | 167100 | |
| 61 | 74796391 | GOBINDA CHANDRA PUJARI | 92000 | |
| 62 | 75604812 | SANTOSH KUMAR PANDA | 92000 | |
| 63 | 75620525 | SUKANTI DAS | 87800 | |
| 64 | 75499370 | AYUSH SINGH | 73000 | |
| 65 | 74890615 | GAYATRI BEHERA | 48000 | |
| 66 | 75452353 | SK MUJAHID | 135000 | **HDFC BANK LTD**, KALINGA NAGAR, DUBURI, JAJPUR-755019 |
| 67 | 75267293 | SUBHAM KUMAR BEHERA | 235400 | **HDFC BANK LTD**, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 68 | 75472662 | AKSHAY SWAIN | 213600 | |
| 69 | 75018499 | KRUSHNA CHANDRA JENA | 167000 | |
| 70 | 75384744 | BISHNU CHARAN SETHI | 97700 | **HDFC BANK LTD**, MAHIPAL, KENDRAPARA-754211 |
| 71 | 74789533 | PABITRA MALLIK | 91000 | |
| 72 | 74771166 | NARAYAN SWAIN | 61000 | **HDFC BANK LTD**, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 73 | 75136810 | DIPTI RANJAN SETHI | 143000 | **HDFC BANK LTD**, MAIN ROAD, BHANJANAGAR, GANJAM-761126 |
| 74 | 75322126 | SNEHA MANJARI BEHERA | 110000 | |
| 75 | 75328271 | PRASANTA KUMAR PRADHAN | 107500 | |
| 76 | 75273800 | PUSHPALATA SAHU | 86300 | |
| 77 | 75329393 | MUKTARANI LENKA | 47400 | |
| 78 | 75631488 | BMAGATA PATRO | 415000 | **HDFC BANK LTD**, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 79 | 75356814 | KALI CHARANA GOUDA | 630000 | |
| 80 | 75735824 | BABITA BISHOYI | 670800 | **HDFC BANK LTD,** KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 81 | 75727737 | GANESH JENA | 626900 | **HDFC BANK LTD**, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 82 | 75314777 | SANJAYA KUMAR SAHU | 499200 | |
| 83 | 75700139 | GITA LENKA | 474500 | **HDFC BANK LTD**, MAIN ROAD, BHANJANAGAR, GANJAM-761126 |
| 84 | 75732003 | GOLAPILLI JAYAMA | 477900 | **HDFC BANK LTD**, MAIN ROAD, GOSANINUAGAON, BERHAMPUR-760003 |
| 85 | 75178177 | VIJAY RAJAK | 308500 | |
| 86 | 75615713 | GOLAPILLI JAYAMA | 282800 | |
| 87 | 75701979 | SAMBIT PADHI | 830000 | **HDFC BANK LTD**, NEAR R.T.O OFFICE, NH-26, KORAPUT-764020 |
| 88 | 75424977 | SOUBHAGYA GOUDA | 472000 | **HDFC BANK LTD**, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 89 | 75493248 | SOUBHAGYA GOUDA | 210000 | |
| 90 | 75670394 | SUNIL KUMAR PRADHAN | 536900 | **HDFC BANK LTD**, SARGUNA STREET, ASKA ROAD, BRAHMAPUR-760006 |
| 91 | 74831104 | K ASHISH | 500000 | |
| 92 | 75447545 | SWETANGI PANIGRAHI | 316000 | **HDFC BANK LTD**, MAIN ROAD, GOSANINUAGAON, BERHAMPUR-760003 |
| 93 | 73693592 | DEBIKA SAHU | 285000 | |
| 94 | 75289199 | D RAJAMANI | 275700 | |
| 95 | 75333422 | CHINMAYEE PANDA | 173000 | |
| 96 | 75388835 | SANTOSH KUMAR ALATIA | 154000 | |
| 97 | 75520046 | SANTOSH KUMAR ALATIA | 76000 | |
| 98 | 74781503 | SHATRUGHAN PARIDA | 152000 | **HDFC BANK LTD**, MAIN ROAD, NEAR RELIANCE TRENDS, BALUGAON-752030 |
| 99 | 75401678 | PRAMOD DALAI | 135000 | |
| 100 | 75375517 | KALU NAYAK | 122000 | |
| 101 | 75368525 | MANOJ SAHU | 79000 | |
| 102 | 74772167 | SAUMITRI PARAMANIK | 53000 | |
| 103 | 74775877 | SHAKTI PRAVA MARTHY | 52700 | |
| 104 | 75520838 | SUJATA MOHANTY | 40500 | **HDFC BANK LTD**, MAIN ROAD, RAMCHANDRAPUR BAZAR, JATANI, KHURDA-752050 |
| 105 | 75358226 | SUJATA MOHANTY | 38300 | |
| 106 | 74313379 | GITANJALI MANGARAJ | 27300 | **HDFC BANK LTD**, MANIKESWARI CHOWK, BHAWANIPATNA, KALAHANDI-766001 |
| 107 | 74527808 | S HARISH | 35000 | **HDFC BANK LTD**, MARKET SQUARE, PARLAKHEMUNDI, GAJAPATI-761200 |
| 108 | 75673651 | SUDEEP KUMAR SAMAL | 2882900 | **HDFC BANK LTD**, MERIDIEN TOWER, C-8, FIRST FLOOR, UDIT NAGAR, ROURKELA-769012 |
| 109 | 74792738 | BUDHABARI PRADHAN | 20200 | **HDFC BANK LTD**, MISSION ROAD, SUNDARGARH-770001 |
| 110 | 75276848 | JAMES KULDEEP | 54400 | **HDFC BANK LTD**, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 111 | 74283639 | NAYAMI KANDHAPAN | 34500 | |
| 112 | 75597972 | JYOTIRMAYEE PANIGRAHI | 99000 | **HDFC BANK LTD**, NEAR ILA MEDICAL STORE, SHANTIPARA, BOLANGIR-767002 |
| 113 | 74744075 | RAJESH KHILLO | 74500 | **HDFC BANK LTD**, NEAR R.T.O OFFICE, NH-26, KORAPUT-764020 |
| 114 | 74491701 | SADAN MUDULI | 56750 | |
| 115 | 75555779 | MAHESWAR DAS | 36500 | |
| 116 | 75436860 | DILLIP KUMAR PRADHAN | 125000 | **HDFC BANK LTD**, NUAPADA CHHAK, CUTTACK, ODISHA-753010 |
| 117 | 75474673 | PRASANT KUMAR BARIK | 71000 | |
| 118 | 75188532 | PRASANT KUMAR BARIK | 70900 | |
| 119 | 74746328 | BINAPANI BARIK | 51000 | **HDFC BANK LTD**, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 120 | 75439867 | PRATAP CHANDRA GHADEI | 49000 | |
| 121 | 75156711 | PRANAB BARIK | 76200 | **HDFC BANK LTD**, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 122 | 75353528 | RAJIB SAHU | 101000 | **HDFC BANK LTD**, PANCHGACHIA, BARAIPALI, SAMBALPUR, ODISHA-768006 |
| 123 | 75136480 | SARAT CHANDRA SAHOO | 140900 | **HDFC BANK LTD**, PARIJAT PALACE COMPLEX, N.A.C. CHHAK, BAUDHGARH, BOUDH-762014 |
| 124 | 74805566 | HARIPRIYA PATRA | 71000 | |
| 125 | 74781032 | SOMANATH KHETI | 41000 | |
| 126 | 75256627 | SAKAMBARI HALBA | 909600 | **HDFC BANK LTD**, PATEL MARG, NABARANGAPUR-764059 |
| 127 | 75255958 | SAKAMBARI HALBA | 339400 | |
| 128 | 74808728 | SUBAN SUNA | 263000 | |
| 129 | 74754229 | BULBULI HARIJAN | 79500 | |
| 130 | 74726231 | GAJANAN PRASAD PATRA | 50000 | |
| 131 | 73610799 | MOHAMMED SHANEWAZ | 309000 | **HDFC BANK LTD**, PATRAPADA, BHUBANESWAR, KHURDA-751019 |
| 132 | 75362138 | NIHARENDU BHUYAN MOHAPATRA | 275000 | |
| 133 | 75551497 | ANANTA KUMAR NAYAK | 226000 | |
| 134 | 74778165 | R LOKESH KUMAR | 111600 | |
| 135 | 74730782 | SANTOSH KUMAR MISHRA | 75800 | |
| 136 | 73457181 | MANI SHANKAR DUTTA | 120000 | **HDFC BANK LTD**, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 137 | 75323267 | SUDHIR DAS | 118000 | |
| 138 | 75710908 | BARSA MOHAPATRA | 1041500 | |
| 139 | 75723398 | PRAKASH RANJAN BARAL | 622300 | |
| 140 | 74726069 | SK MANSOOR | 62800 | **HDFC BANK LTD**, PLOT NO 344, CHANDI CHHAK, CUTTACK-753001 |
| 141 | 74468942 | BISWORANJAN DAS | 40500 | **HDFC BANK LTD**, PLOT NO- 447, BHAGWAN TRADE CENTER , NEAR IFFCO SQUARE, ATHARBANKI, PARADEEP-754142 |
| 142 | 74577443 | SUSHANKAR SARKAR | 24900 | |
| 143 | 5020002 9556381 | PRADEEP KUMAR SUTAR | 676969.14 | **HDFC BANK LTD**, PLOT NO 484/1908, MADHUSUDAN NAGAR, BHUBANESWAR-751012 |
| 144 | 75434045 | SANCHAITA DAS | 447900 | **HDFC BANK LTD**, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 145 | 75628494 | SANCHAITA DAS | 248000 | |
| 146 | 75163786 | BIKRAM SAHOO | 157800 | |
| 147 | 75100558 | CHITTARANJAN NAYAK | 68400 | |
| 148 | 74718962 | BINITA BHOI | 35600 | |
| 149 | 75134633 | BISWAJIT BAL | 572000 | **HDFC BANK LTD,** PLOT NO 6, MAHANADI VIHAR, CUTTACK-753004 |
| 150 | 75392858 | ASHISH KUMAR DAS | 318200 | |
| 151 | 75203325 | KALPANA DAS | 13700 | **HDFC BANK LTD**, PLOT NO-1078/1110, SHAMPUR, NUAGAON, BHUBANESWAR-751003 |
| 152 | 74726829 | SHAMBHU RAM | 64000 | **HDFC BANK LTD**, PLOT NO-1435/2249, OPP. PWD OFFICE, KARANJIA, MAYURBHANJ, ODISHA-757037 |
| 153 | 74827859 | TANMAYA KUMAR ROUT | 88900 | **HDFC BANK LTD**, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 154 | 75338257 | RAJAT RASHMI DAS | 531000 | **HDFC BANK LTD**, PLOT NO-3565, PALASUNI, RASULGARH, BHUBANESWAR- 751010 |
| 155 | 75693969 | PRAGATI AMAT | 63900 | **HDFC BANK LTD**, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 156 | 75536525 | GANESH CHANDRA PRADHAN | 83000 | **HDFC BANK LTD**, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 157 | 74731472 | MANMATH PRADHAN | 34700 | |
| 158 | 74719105 | MAKUNDA RANA | 42000 | **HDFC BANK LTD**, R K TOWERS, DAILY MARKET, BOLANGIR-767001 |
| 159 | 75353999 | LINGARAJA SAHU | 52400 | **HDFC BANK LTD**, RAJIV GANDHI CHOWK, KESINGA, KALAHANDI-766012 |
| 160 | 73343332 | SABNAM KHANUM | 55500 | **HDFC BANK LTD**, SALEPUR MAIN ROAD, SALEPUR, CUTTACK-754202 |
| 161 | 74727185 | KRISHNA MANDAL | 36800 | **HDFC BANK LTD**, SANTI NIKETAN BUILDING, JHOLASAHI, CUTTACK-753001 |
| 162 | 74620541 | JHUMURI BHUYAN | 208000 | **HDFC BANK LTD**, SARGUNA STREET, ASKA ROAD, BRAHMAPUR-760006 |
| 163 | 74382360 | JEETENDRA KUMAR PANIGRAHY | 85900 | |
| 164 | 74791236 | SANTOSHI PRADHAN | 17000 | |
| 165 | 75341741 | PRASANNA KUMAR MAJHI | 58900 | **HDFC BANK LTD**, UNIT 11, BUXI BAZAR, CANTONMENT. CUTTACK-753001 |
| 166 | 75618405 | SADANI SHADAB YOUSUF | 399000 | |
| 167 | 74187860 | SUVAJIT ROY | 208000 | **HDFC BANK LTD**, VIP PLAZA, VIP ROAD, PURI-752001 |
| 168 | 74326271 | SUVAJIT ROY | 104000 | |
| 169 | 74322612 | SUVAJIT ROY | 103900 | |
| 170 | 75440312 | TUNA BEHERA | 50000 | |
| 171 | 75368625 | B ANIL DAS | 29000 | |
| 172 | 75337855 | MADAN MAJHI | 53600 | **HDFC BANK LTD**, WARD NO 10, JONK, KHARIAR ROAD, NUAPADA-766104 |
| 173 | 74721459 | DOLESWAR MAJHI | 36000 | |
| 174 | 75426060 | AABID HUSEN | 27700 | |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 08/03/2025,**
**Place : ODISHA**

**Sd/- Authorized Officer,**
**HDFC BANK LTD.**

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi-834008, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal **https://gem.gov.in**."

Government of Jharkhand
**Department of Information Technology and e-Governance**
3rd Floor, Jharkhand Mantralaya, Dhurwa, Ranchi- 834004

**Cancellation Notice**

This is to inform that tender reference **no. ASA/MPLS/1/2024-UID/001** and **Advertisement PR.No. 344502** has been cancelled.

Sd/-
Deputy Secretary,
DoIT & e-Gov

PR 348072 Information Technology (24-25)_D

TPWODL
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T.N No. TPWODL/PJ/O/SU/39 Date. 07.03.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

**Supply of 1MVA,11/0.433KV BIS Lev-II Distribution Transformer.**

Interested bidders to submit Tender Participation Fee and Authorization Letter through email on or before **20th March 2025, 15:00Hrs,** after which the link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

**Sd/- Chief-Contracts and Stores**

**GOVERNMENT OF CHHATTISGARH,**
**WATER RESOURCES DEPARTMENT**
**OFFICE OF THE CHIEF ENGINEER, MAHANADI GODAWARI BASIN RAIPUR (C.G.)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
**(1st CALL)**

System Tender No. : 165295/NIT No. : 26/SAC/2024-25, Kawardha, Dated : 05.03.2025

**Online Tenders are invited for the following works up to 26.03.2025 at 17.30 Hour**

**Name of work : CONSTRUCTION OF RETAINING WALL ON HANP RIVER IN MATHANIKHURD VILLAGE IN BLOCK PANDARIYA OF DISTRICT KABIRDHAM**

Probable Amount of Contract : **Rs. 294.41 Lakhs**

The details can be viewed and downloaded online directly from the Government of Chhattisgarh Integrated e-Procurement Portal **(https://eproc.cgstate.gov.in) from Date 12.03.2025, at 17.31 Hours.(IST) onwards.**

**NOTE :-** All eligible/interested contractors/bidders are mandated to get enrolled on the Integrated e- procurement portal **(https://eproc.cgstate.gov.in)** and get approval on specific vendor class from PWD under Centralized Contractor/Supplier Registration in order to download the tender documents and participate in the subsequent bidding process.

**Sd./- Executive Engineer**
**Water Resources Division, Kawardha**
**Disst. Kabirdham (C.G.)**
**For, Chief Engineer, Mahanadi Godavari Basin**
**Raipur (C.G.)**

G-242505794/2

# ଡ୍ରାଇଭର



ଜୀବନକୁ ନେଇ ମଣିଷ ସ୍ୱପ୍ନ ଦେଖେ। ରଙ୍ଗିନ୍ ସ୍ୱପ୍ନ ତାକୁ ବିଭୋର କରିଦିଏ। ମନ ତା'ର ହୁଏ ଆନମାନା। ସ୍ୱପ୍ନର ତାଳେ ତାଳେ ସେ ଝୁମେ, ନାଚେ, ଗାଏ। କିନ୍ତୁ କିଛି ମଣିଷ ସ୍ୱପ୍ନର ପରିଧି ଭିତରକୁ ଆସିପାରନ୍ତି ନାହିଁ। ସେମାନଙ୍କ ପାଇଁ ତାହା ଗୋଟେ ପ୍ରଳାପ, ବାଚାଳତା, ଆଇମା' କାହାଣୀ।

ବାହାଘର ଆଉ ଦିନକେଇଟା ରହିଲା। ତୁ' ଯାହା କରୁଚୁ, କ'ଣ ଠିକ୍ କରୁଚୁ? ପୁଅ ବାହାଘରରେ ବାପାର କ'ଣ କିଛି ଦାୟିତ୍ୱ ନାହିଁ? ଏମିତି ନିଜକୁ ନିଜେ ରାଜୁ ପ୍ରଶ୍ନ କଲାବେଳେ ଗାଡ଼ି ହେଲ୍‌ପର ସନିଆ ଡାକରେ ପ୍ରକୃତିସ୍ଥ ହେଲା।
: ରାଜୁ ଭାଇ, ମୁଁ ଦାନ୍ତ ଘଷିଲା ବେଳେ ରାସ୍ତାରୁ ଏ ବ୍ୟାଗ୍‌ଟି ପାଇଲି। ରଖିଥାଅ, ଯିଏ ଖୋଜିବ ତାକୁ ଦେଇଦେବ କହି ପାଖରେ ଥିବା ଦୋକାନକୁ ଚା' ପିଇବାକୁ ଚାଲିଗଲା ସେ। ରାଜୁ ବ୍ୟାଗ୍‌ଟିକୁ ଆଣି ଗାଡ଼ିରେ ରଖିଲାବେଳେ ସେଥିରେ ଏକ କାର୍ଡ ସହ କିଛି ଲୁଗାପଟା ଥିବାର ତାକୁ ଦୃଶ୍ୟମାନ ହେଲା। ଆଉ କ'ଣ ଅଛି ଦେଖିବା ପାଇଁ ରାଜୁର ଉତ୍କଣ୍ଠା ବଢ଼ିଲା।

**ଗଳ୍ପ**

**ଦୀପକ କୁମାର ମହାନ୍ତି**

ଆରେ! ଏସବୁ ତ ମଉଳା ନିମନ୍ତ୍ରଣ ସଜ ଭଳି ଲାଗୁଛି। ଲୁଗା ଯୋଡ଼ ସହ ନିମନ୍ତ୍ରଣ କାର୍ଡ, ଗୁଆ ଓ ମହାପ୍ରସାଦ ପୁଡ଼ିଆଟେ ବି ଅଛି। କାହାର ହୋଇଥିବ ଭାବି ନିମନ୍ତ୍ରଣ କାର୍ଡଟିକୁ କାଢ଼ିଲାବେଳେ ହଠାତ୍ ନିଜ ପୁଅ ନାଁ ପଢ଼ି ଚମକିପଡ଼ିଲା ସେ। କିଛି ସମୟ ଗୁମ୍ ମାରି ବସିପଡ଼ିଲା। ମନରେ କେତେ କଥା ଉଙ୍କିମାରିଲା ତା'ର। ପୁଅର ଶ୍ୱଶୁରଘର ବୋଧହୁଏ ଏଇ ଆଖପାଖରେ କେଉଁଠି। ନ ହେଲେ କାର୍ଡଟି ଏଠାରେ କେମିତି ମିଳିଥା'ନ୍ତା? ଏତିକିବେଳେ କିଏ ଆସୁଥିବାର ଶବ୍ଦ ଶୁଣି ରାଜୁ କାର୍ଡଟିକୁ ବ୍ୟାଗ୍ ଭିତରେ ରଖିଦେଇ ଗାଡ଼ି ଭିତରୁ ବାହାରି ଆସିଲା।
: ରାଜୁ ଭାଇ, ବ୍ୟାଗ୍‌ଟା ଦିଅ, ସେ ବାବୁଙ୍କର। ମୁଁ ଚା' ପିଇ ଫେରୁଥିବା ବେଳେ ବାବୁ ଜଣଙ୍କ ରାସ୍ତାରେ କ'ଣ ଗୋଟେ ଖୋଜୁଥିଲେ। ତାଙ୍କୁ ପଚାରିବାରୁ ସେ ବ୍ୟାଗ୍ କଥା କହିଲେ। ବ୍ୟାଗ୍ ଭିତରେ ତାଙ୍କ ଭଉଣୀର ମଉଳା ନିମନ୍ତ୍ରଣ ଜିନିଷ ଅଛି।

ରାଜୁ ବ୍ୟାଗ୍‌ଟି ଆଣି ଦେଲା ବେଳେ ପଚାରିଲା– ଆଜ୍ଞା, ଏ ବାହାଘର କେଉଁଠି ହେଉଚି? ଆପଣ ଝିଅର କ'ଣ ହେବେ?
: ମୁଁ ତା'ର ବଡ଼ଭାଇ। ସେ ଆମ କୁଟୁମ୍ବର ଏକମାତ୍ର ଗେହ୍ଲା ଝିଅ। କେନ୍ଦୁଝରରେ ଦାଦାଙ୍କ ପାଖରେ ରହି ପଢୁଥିଲା। ସେଠାରେ ଜଣେ ଟ୍ରକ ଡ୍ରାଇଭରଙ୍କ ପୁଅ ସହ ତା'ର ବାହାଘର ଠିକ୍ ହୋଇଚି। ଆମ ଘରେ କେହି ରାଜି ନ ଥିଲେ। କିନ୍ତୁ ଭଉଣୀର ଏକା ଜିଦ୍, ମୁଁ ତାକୁ ହିଁ ବାହା ହେବି। ତା'ରି ମଙ୍ଗଳ ପାଇଁ ବାଧ୍ୟ ହୋଇ ମା'ବାପା ଓ ପରିବାରର ସମସ୍ତେ ସହମତି ପ୍ରକାଶ କଲେ।
: ପୁଅ କ'ଣ କରୁଚି? ରାଜୁ ପଚାରିଲା।
: କେନ୍ଦୁଝର କଲେଜ ସାମ୍ନାରେ ଗୋଟେ ମୋବାଇଲ ଦୋକାନ କରିଛି। ତା' ସହ କିଛି ସାଇଡ୍ ବିଜ୍‌ନେସ କରୁଚି ବୋଲି ଘରେ କହୁଥିଲେ। ଡେରି ହେଲାଣି, ବାପା ବ୍ୟସ୍ତ ହେଉଥିବେ, ମୁଁ ଏବେ ଆସୁଚି କହି ବାବୁ ଜଣଙ୍କ ସେଠାରୁ ବିଦାୟ ନେଲେ।

ରାଜୁ ତାଙ୍କ ଯିବା ବାଟକୁ ଏକଲୟରେ ଚାହିଁ ରହିଥିଲା। ପୁଅ ବୋହୂଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ ଖୁସିରେ ଆଖିରୁ ଦୁଇଟୋପା ଲୁହ ଝରିପଡ଼ିଲା। 'ସନିଆ' ଡାକରେ ସଂବିତ୍ ଫେରିପାଇଲା ସେ।
: ରାଜୁଭାଇ, ଯାହା କ'ଲ କ'ଣ ଠିକ୍ କଲ? ନିଜ ପରିଚୟ ଗୋପନ ରଖିଲ କାହିଁକି?
: ସନିଆ! ତୁ ସେ ବାବୁଙ୍କ କଥାବାର୍ତ୍ତାରୁ କ'ଣ କିଛି ଠଉରେଇ ପାରିଲୁ ନାହିଁ? ଏ ଡ୍ରାଇଭର ଜାତିକୁ କେହି ଭଲପାଆନ୍ତି ନାହିଁ। ଆମ ଜୀବନ ଏକ ଅଭିଶପ୍ତ ଜୀବନ। ଆଜି ଏଠି ତ କାଲି ସେଠି, ଯାଯାବର ସଦୃଶ। ଘର କହିଲେ ଏ ଟ୍ରକ୍ ଡାଲା, ଖୋଲା ଆକାଶ ଓ ସୁଦୀର୍ଘ ରାସ୍ତା। ତେଣୁ ଦୁଇ ଜଣଙ୍କର ଯାହା ମଙ୍ଗଳ ହେବ ତାହା ମୁଁ କରିଛି। ପରିଚୟ ଗୋପନ ରଖି ମୁଁ କିଛି ଭୁଲ୍ କରିନାହିଁରେ ସନିଆ, କହିଲା ବେଳେ ରାଜୁର କଣ୍ଠ ବାଷ୍ପରୁଦ୍ଧ ହୋଇଗଲା।
: ହଉ ହେଲା, ପରିଚୟ ନ ଦେଲ ନାହିଁ। ପୁଅ ବାହାଘର ପାଇଁ କାଲି ସକାଳୁ ସକାଳୁ ଛୁଟି ନେଇ ଶୀଘ୍ର ବାହାରିପଡ଼। ଯା' ହେବ ମୁଁ ବୁଝିବି। ଗାଡ଼ି ତ ଏବେ ଅଧାବାଟରେ। ପାରାଦୀପରେ ପହଞ୍ଚିବାକୁ କିଛି ଦିନ ଲାଗିବ।
: କ'ଣ ବୁଝିବୁ? ମାଲିକ କଥା ତୁ କ'ଣ ଜାଣିନାହୁଁ? ଟିକିଏ ଏପଟସେପଟ ହେଲେ ଚାକିରିରୁ ବାହାର କରିଦେବ। ଗାଡ଼ିର ହାନି-ଲାଭ ସବୁ ମୋ' ଉପରେ ଛାଡ଼ିଦେଇଚି। ବାରମ୍ବାର ଫୋନ୍ କରି ସବୁ ବୁଝୁଚି। ମାଲ୍ ଖଲାସ ନ ହେବା ଯାଏଁ ମୋତେ ନିଦ ନାହିଁ। ମାଲିକ ସଙ୍ଗେ ଯାହା ଚୁକ୍ତି କରିଛି, ତାକୁ ତ ଆଗ ପୂରଣ କରିବାକୁ ପଡ଼ିବ। ପୁଅ ମୋବାଇଲ୍ ଦୋକାନ ପାଇଁ ମୁଁ ତାଙ୍କଠାରୁ ୧ ଲକ୍ଷ ଟଙ୍କା ଆଣିଚି। ଏ ପର୍ଯ୍ୟନ୍ତ ସେ ଟଙ୍କା ଶୁଝି ନାହିଁ। ଦିନ ରାତି ନ ଖଟିଲେ ସେ ଟଙ୍କା କେମିତି ଶୁଝିବି? ଘର ଚଳିବ କେମିତି?

ଏତିକିବେଳେ ରାଜୁର ସ୍ତ୍ରୀ ଫୋନ୍ କଲା। : ହ୍ୟାଲୋ, ମୁଁ କହୁଚି। ତୁମେ ରିଂ ସେରିମନିକୁ ଆସିଲ ନାହିଁ। ସମସ୍ତଙ୍କ ମନ ଦୁଃଖ। ବାହାଘର ଅଳ୍ପଦିନ ରହିଲା। ନିଶ୍ଚେ ଆସିବ।
: ମାଲିକ ତ ଛୁଟି ଦେଉନାହିଁ, ଦେଖିକି ଯାହା କରିବି। ବ୍ୟସ୍ତ ହେବନି।
: ତୁମେ ଯେମିତି ହେଲେ ଆସିବ, ଅପେକ୍ଷାରେ ରହିଲୁ କହି ସ୍ତ୍ରୀ ଫୋନ୍ ରଖିଦେଲା। ସ୍ତ୍ରୀ ସାଙ୍ଗରେ କଥା ହୋଇ ସାରିଲା ପରେ ରାଜୁ ମୁଣ୍ଡରେ ନାନା ଚିନ୍ତା ପଶିଲା। ସେଇ ଚିନ୍ତାରେ ରାତିରେ ଠିକ୍ ଭାବେ ଶୋଇପାରିଲା ନାହିଁ ସେ। ବଡ଼ିଭୋର୍‌ରୁ ମୋବାଇଲ ବାଜିବାକ୍ଷଣି ତା' ନିଦ ଭାଙ୍ଗିଗଲା। ମାଲିକର ଫୋନ୍! ଧଡ଼ପଡ଼ ହୋଇ ଉଠି ବସିଲା ରାଜୁ।
: ରାଜୁ, ଗାଡ଼ି ଏବେ କେଉଁଠି? ପାରାଦୀପରେ ପହଞ୍ଚିବାକୁ ଆଉ କେତେ ଦିନ ଲାଗିବ?
: ବାବୁ, ରାସ୍ତା କ୍ଲିୟର ହୋଇନାହିଁ। ପାରାଦୀପରେ ପହଞ୍ଚିବାକୁ ଆହୁରି ସପ୍ତାହେ ଖଣ୍ଡେ ଲାଗିବ।
: ଠିକ୍ ଅଛି। ରାଜୁ! ତୋ ପୁଅର ବାହାଘର ଅଥଚ ମୋତେ ଜଣାଇନାହୁଁ। ଆଜି ପୁଅ ଘରେ ଆସି କାର୍ଡଦେଲାରୁ ଜାଣିଲି। ଆରେ ବାହାଘର ତ ଗୋଟେ ଖୁସି ଖବର। ଏଥିରେ ଲୁଚାଇବାର କ'ଣ ଅଛି। ତା' ଛଡ଼ା ତୋ ପୁଅ କିଏ, ମୋ' ପୁଅ କିଏ? ତୋ' ଜାଗାରେ ଡିଉଟି କରିବାକୁ ମୁଁ ଆଉ ଜଣେ ଲୋକାଲ ଡ୍ରାଇଭର ଯୋଗାଡ଼ କରି ପଠେଇଛି। ସେ ଏବେ ଯାଇ ପହଞ୍ଚିବ। ତାକୁ ଗାଡ଼ିର ସମସ୍ତ ହିସାବପତ୍ର ବୁଝାଇ ଦେଇ ତୁ' ତୁରନ୍ତ କେନ୍ଦୁଝର ବାହାରିପଡ଼ିବୁ। ତୋ' ଆକାଉଣ୍ଟକୁ ଫୋନ୍ ପେ'ରେ କୋଡ଼ିଏ ହଜାର ଟଙ୍କା ପଠେଇଛି। ଆଉ ଦରକାର ହେଲେ କହିବୁ। ହେଲା!

ମାଲିକକୁ କି ଉତ୍ତର ଦେବ ରାଜୁ ଭାବିପାରିଲା ନାହିଁ। ମୂକ ପାଲଟି ଗଲା ଯେମିତି! ଅପଲକ ନୟନରେ ଚାହିଁ ରହିଥିଲା ଗାଡ଼ି ଭିତରେ ଥିବା କାଳିଆ ସାଆନ୍ତଙ୍କୁ। ହାତ ଯୋଡ଼ି କହି ଉଠିଲା– କାଳିଆରେ ସବୁ ତୋରି ଇଚ୍ଛା!

ମୋ: ୯୪୩୮୩୨୯୦୫୯

## ପୁସ୍ତକ ପରିଚୟ

### ପକ୍ଷୀ ଜନ୍ମରୁ ପାରିକର




**କବି :** ରଂଜନ କୁମାର ଦାସ
**ପ୍ରକାଶକ :** ପ୍ରବାହ, ଜାହାନପୁର, ଯାଜପୁର-୭
**ପ୍ରଥମ ପ୍ରକାଶ :** ୨୦୨୪, **ମୂଲ୍ୟ:** ଟ.୧୮୦/-

ମୋଟ ୪୧ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। କବିତାଗୁଡ଼ିକର ଧାତୁ ଅଲଗା ଅଲଗା। ତେବେ ପ୍ରେମ ଓ ମାନବୀୟ ସଂବେଦନାର ସୂତାରେ ସଜ ଫୁଲପରି ଗୁନ୍ଥି ହେଇଥା'ନ୍ତି ବରାବର। ଅପରାଧ ଜର୍ଜରିତ ସମାଜ ପାଇଁ ତାଙ୍କର କାବ୍ୟଚେତନା ସର୍ବଦୈବ ବ୍ୟଥିତ, ହେଲେ ସେ ଅପରାଧୀକୁ ଅଭିଶାପ ନ ଦେଇ ଦିଅନ୍ତି କ୍ଷମା। ଆଖି ଆଗରେ ଘଟିଯାଉଥିବା ଅଘଟଣ, ପାଶବିକତା, ହତ୍ୟା ଆଦି ପାଇଁ ତାଙ୍କ ମନ ବିଦ୍ରୋହ କରିଉଠେ, ଅଥଚ କରିବାର ଅନେକ ଥିଲେ ବି ସେ କିଛି କରିପାରନ୍ତି ନାହିଁ। ଖେଦ ଓ ଅବସୋସ ରଂଜନଙ୍କ କବିତାର କୋମଳ-ଆତ୍ମା ହୋଇଉଠେ। ତାଙ୍କ କବିତାରୁ ଦୁଇଟି ଉଦାହରଣ ନେବା: ୧. ''ଭୁଲିଯାଏ ଆତତାୟୀର ସବୁ ଷଡ଼ଯନ୍ତ୍ର/ କ୍ଷମା କରିଦେବାକୁ ଇଚ୍ଛାହୁଏ ସବୁ ଖଳନାୟକଙ୍କୁ/ ସେମାନଙ୍କ ଆଦିମ ଅଜ୍ଞତା ପାଇଁ।'' (କ୍ଷମା କରିଦେବି ଯାଉଛି- ପୃ:୧୩), ୨. ''ମୁଁ ତ ମରୁଚି ପ୍ରତିନିୟତ/ ଯେତେବେଳେ ମୁଁ ଦେଖୁଚି, ଶୁଣୁଚି ଓ ଜାଣୁଚି ସବୁ/ ଅଥଚ କିଛି କରିପାରୁ ନାହିଁ/ ନୀରବରେ ପଡ଼ି ରହିଚି ମୋ' ଶେଯ ଉପରେ/ ଅଥବା ପରଦା ଆଢୁଆଳରେ ଲୁଚି/ ଅପେକ୍ଷା କରୁଚି ନିରାପଦ ସମୟର ଆଗମନକୁ।'' (ମରିସାରିଛି କୋଉକାଳୁ- ପୃ:୪୭)। 'ବୋଉ' ଯେତେବେଳେ ପ୍ରସଙ୍ଗ ହେଇଉଠେ କବିଙ୍କ କବିତାରେ, ତାଙ୍କ ଭାବପ୍ରବଣତା କୂଳ ଲଂଘିଯାଏ। ବାପା ଲଗେଇଥିବା ଚମ୍ପାଗଛ ସହ ବୋଉକୁ ତୁଳନା କରି ବୋଉର ଅବର୍ତ୍ତମାନରେ ସେ ନିଜେ ଓ ଚମ୍ପାଗଛ- ଦୁହେଁ ଛେଉଣ୍ଡ ହେଇଯାଆନ୍ତି। ଉପରେ ଆପାତତଃ ଦମ୍ଭ ସତ୍ତ୍ୱେ ରଂଜନଙ୍କ କବିତାରେ ତୁହେ ଚୋରାକାନ୍ଦ ଲୁଚିଥାଏ ଭିତରେ କେଉଁଠି, ଯାହା ତାଙ୍କ କବିତାକୁ କାଳଜୟୀ କରେ।

### ପାପ ଓ ଅନ୍ୟାନ୍ୟ ଗଳ୍ପ




**ଲେଖକ :** ପ୍ରଦ୍ୟୁମ୍ନ ପଟ୍ଟନାୟକ
**ପ୍ରକାଶକ :** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ :** ୨୦୨୪, **ମୂଲ୍ୟ:** ଟ.୨୨୫/-

ମୋଟ ୧୭ଟି ଗପ ବହିଟିରେ। ପ୍ରଥମ ଗପ 'ପାପ' ଓ ଶେଷଗପ 'ଶୂନ୍ୟତା'। ପ୍ରକାଶକ କହନ୍ତି, ବହିଟି ଲେଖକଙ୍କର ୧୦ମ ବହି; କିନ୍ତୁ ଲେଖକ କହନ୍ତି ଏହା ତାଙ୍କର ନବମ ପ୍ରକାଶନ। ସେ ଯାହା ହେଉ ପ୍ରଚ୍ଛଦଲେଖରେ ତାଙ୍କ ଗଳ୍ପକାରିତା ସମ୍ପର୍କରେ ଯାହା କୁହାଯାଇଛି, ତାହା ଗୁରୁତ୍ୱପୂର୍ଣ୍ଣ। କୁହାଯାଇଛି- ''ଗାଳ୍ପିକଙ୍କ ପାଇଁ ଜୀବନ ଗଳ୍ପମୟ। x x ତାଙ୍କ ଗଳ୍ପ ଲାଗେ ଆମ ଜୀବନରେ ଅଙ୍ଗେନିଭା କେଉଁ ଘଟଣାର କଥାରୂପ। ଚରିତ୍ରମାନେ ବି ଲାଗନ୍ତି ଚିହ୍ନାଜଣା। କେଉଁ କଳ୍ପଲୋକର କଥା ନ କହି ସେ ଆମ ପରିଚିତ ଜଗତର କଥା ହିଁ କହନ୍ତି। କୌଣସି ପରୀକ୍ଷା ନିରୀକ୍ଷାରେ ନ ମାତି ସେ ଖାଣ୍ଟି ଓଡ଼ିଆ କାହାଣୀ ପରଶି ଚାଲିଥାନ୍ତି, ସବୁବେଳେ।'' ଗଳ୍ପର ଚରିତ୍ରମାନଙ୍କୁ ଲେଖକ ବହିଟିକୁ ଉତ୍ସର୍ଗ କରି 'କିଛିକଥା' ଶୀର୍ଷକ ଗଦ୍ୟଲେଖରେ କବୁଲ୍ କରନ୍ତି ଯେ ନୂତନ ଏଷଣା ହିଁ ଶାଣିତ କରେ ସୃଜନ ପ୍ରକ୍ରିୟାକୁ। ଭଲ ଗଳ୍ପ ଏକ ଅସରା ଅନ୍ୱେଷଣ ଓ ଏଇ ପ୍ରତ୍ୟୟ ନେଇ ସେ ଗଳ୍ପ ପରେ ଗଳ୍ପ ଲେଖିଚାଲନ୍ତି। ବହିରେ ସ୍ଥାନିତ 'ନିଃସଙ୍ଗ ଜୀବନ', 'ବିବାହବାର୍ଷିକୀ', 'ଶାଳଫୁଲ', 'ବନ୍ଦିନୀ', 'ସାୟାହ୍ନର ବର୍ଣ୍ଣବିଭା', 'ସିଏ ଆସିଥିଲେ' ଓ 'ରାଜକନ୍ୟା' ଆଦି ଗଳ୍ପ ଜୀବନର ନିତିଦେଖା ଛବିକୁ ଅକୃତ୍ରିମ ଭାଷାବିନ୍ୟାସରେ ଏପରି ଉଜାଗର କରେ ଯେ ଗଳ୍ପ ପଠନରେ କ୍ଳାନ୍ତି ଅନୁଭବ କରେନାହିଁ ପାଠକ। 'ଜନ୍ମାନ୍ତର' ଏକ ଭିନ୍ନ ସ୍ୱାଦର ଗପ। ଋଷିକେଶର ଜାତିସ୍ମର ସାଧୁବାବା ଓ ଗଳ୍ପର ନାୟକ ପ୍ରବୀର ଓ ନାୟିକା ପ୍ରଜ୍ଞା ତାଙ୍କର ପୂର୍ବଜନ୍ମର ବିବରଣ ଜାଣି କୃତାର୍ଥ ହୁଅନ୍ତି। ଜନ୍ମାନ୍ତରବାଦରେ ବିଶ୍ୱାସ ରଖୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଗଳ୍ପଟି ଅଭୁଲା ଅନୁଭୂତି ଆଣିଦିଏ।

## କବିତା

### ମୁଁ ବି ହସେ

**ଚିନ୍ମୟୀ ପଣ୍ଡା**

ମୁଁ ବି ଖୋଲିକି ହସିବାକୁ ଚାହେଁ
ଖିଲିଖିଲି ହସିବାକୁ ଚାହେଁ।

ହେଃ! ଝିଅଟା, ଏମିତି ହସନ୍ତିନି,
ତୋ' ସ୍ୱର ଏଇଯାଏଁ ଶୁଭୁଛି ଯେ,
ଆସ୍ତେ ହସୁନୁ, ଆସ୍ତେ ଚାଲୁନୁ,
ତୁ ଲୁଚିଯା, ତୁ ହଜିଯା,
ତୁ ଆଖିରୁ ଦୂରେଇ ଯା।

ମୁଁ କାନ୍ଦେନି,
ଦୁଃଖରେ ତରଳିଯାଏନି,
ପଙ୍ଖାରେ ଲଟକିଯାଏନି।
ଅନ୍ଧାରରେ ମିଳେଇଯାଏନି।

ମୋ' ଗତି ଅଲଗା,
ନଦୀ ନୁହଁ ଯେ ଖୋଜିବି ସାଗର,
ଫୁଲ ନୁହଁ ମୁଁ ଖୋଜିବି ଭଅଁର,
ନା ମୁଁ ମନ୍ଦିରର ପଥର।

ଆଜିକାଲି ମୁଁ
କଥା କହୁକହୁ ଅଟକିଯାଏନି,
ମୋ' କଥା ରଖିବାକୁ ନେହୁରା ହୁଏନି,
ଭିଡ଼ରେ ନିଜକୁ ଜାବୁଡ଼ି ଧରେନି।

ମୁଁ କାଳେ ଅଣ୍ଡିରାଚଣ୍ଡୀ,
ଗାଡ଼ି ଚଲାଏ,
ମାତାଲ ହୁଏ, ଧୂଆଁରେ ଭିଜେ
ଭାଷା ଅଭାଷା କୁହେ।

ଭଗବାନ୍ ବି ଡରନ୍ତି ମୋତେ
କେହି ବି ସାହସ କରିପାରେନା
ହାତ ଧରି ଝିଙ୍କି ନେବାକୁ ମୋର
ବିଧା, ଚାପୁଡ଼ା ବସାଇବାକୁ
ମୋ' ଦେହରେ
ଛିଃ, ମାଇକିନା ବୋଲି ଯିଏ କହେ
ମୁଁ ତାକୁ ଅସ୍ୱୀକାର କରେ।

ଏବେ ମୁଁ ଖିଲିଖିଲି ହସେ,
ମନ ଖୋଲି ହସେ
ମୋର ହସିବା ହିଁ ମୋର ନାରୀ ହେବା।

ମୋ: ୯୮୬୧୧୯୧୯୬୯

### ତମେ ଏମିତି

**ପ୍ରିୟନାଥ ପାଣି**

ମନରେ ଟାଙ୍ଗି ରଖିଛି ତମକୁ
ତମ ଉପରୁ ଅଭିମାନର ଅଳନ୍ଧୁ ପୋଛିଦିଏ
କେବେକେବେ ଆଖିଏ ଲୁହରେ
ଭରସାର ଶ୍ୟାମଳ ପାଟଟେ
ପିନ୍ଧେଇଦିଏ
ଦେବୀ ପରି
ଦେବୀ ପରି କ'ଣ
ସାକ୍ଷାତ୍ ଦେବୀ ତ!

ତମ ଅଭୟ ମୁଦ୍ରାରୁ ସାଉଁଟେ
ଧନ, ଜନ, ଗୋପ, ଲକ୍ଷ୍ମୀ
ତମ ନିର୍ମଳ ହସରୁ
ଆଭାସପାଏ ଶ୍ୱେତଗଙ୍ଗା
ତମ ସୁମିଷ୍ଟ ବଚନରୁ
ହା' ହୁତାଶମୟ ଜୀବନ
ତ୍ରାହି ପାଉଥାଏ ଭସ୍ମମୟତାରୁ
ମୁଁ ସାଧକ ନା ପୂଜକ ନା ପ୍ରେମିକ
ନିଜକୁ ଯା' ପ୍ରଶ୍ନ କରେ
ଥରେ ନୁହେଁ, ହଜାରେ ଥର।

ହୃଦୟର ନାଟମଣ୍ଡପସାରା
ତମରି ରଙ୍ଗବୋଳା ପାଦ,
ଆଙ୍କିଥିବା ଦରଦ,
ଜାଳିଥିବା ଅଖଣ୍ଡ ବିଶ୍ୱାସର ଦୀପ
ରୁଣୁଝୁଣୁ ଶୁଣେଇଥିବା
ପ୍ରେମର ସ୍ତବକ,
ଝଲସି ଉଠୁଥିବା ସରାଗର ଝୋଟି,
ବାସ୍ନାୟିତ ବୟସର ବେଢ଼ା ବି।

ତମ ସ୍ପର୍ଶରେ ମୁଁ ତୃପ୍ତ
ତମ ବନ୍ଧନରୁ ମୁକୁଳି ପାରୁନଥିବା
ମୁଁ ମନ୍ମଥ ଉଦାତ୍ତ
ତମ ଅମୃତଟୋପାକୁ
ଆଁ କରି ବଞ୍ଚୁଥିବା ନିରୀହ ଚାତକ।

ମୋ: ୯୯୩୭୧୨୫୧୫୧

### ଖୋଜୁଛି

**ମୂଳ ରଚନା– ଥୋମାସ୍ ମୋରେ**
**ମର୍ମାନୁବାଦ– ଡ. ସୂଚନା ପାଢ଼ୀ**

ପ୍ରଭୁ! କାହିଁକି ବଞ୍ଚିବି
ସାୟାହ୍ନେ ଜୀବନ
ଖୋଜେ ଝଙ୍କାର
ନବୀନ ଆନନ୍ଦ ଦୂର ବହୁଦୂର।

ଉତ୍ତାଳ ସିନ୍ଧୁ ଊର୍ମିମୟ
ଢାଳି ଆଶ୍ୱାସନା ଦିଅନ୍ତି ସାନ୍ତ୍ୱନା
ସ୍ଥିତିହୀନ ପ୍ରାଣେ
ଅସୁମାରି ସ୍ୱପ୍ନ
ଖୋଜୁଛି ଖୋଜିବି
ଚିରକାଳ ଚିରଦିନ।

ମୋ: ୭୦୦୮୨୯୧୦୪୦

ଗୀତି-କବିତା

### ଦିଅନା ଲିଭେଇ

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

ଦିଅନା ଲିଭେଇ ଆଖିର ସପନ
ରାତି ଏବେ ସରିନାହିଁ
ଦିଗ୍‌ବଳୟ ଧାରେ ସୂରୁଯ ଦେବତା
ମା' କାନି ଛାଡ଼ିନାହିଁ।
ପାନ୍ଥ ମୁଁ ଏକ ଆସିଥିଲି ଧାଇଁ
ତୁମକୁ ଭେଟିବା ପାଇଁ
ପିଚ୍ଛିଳ ମୋ' ରାସ୍ତା ଦେଲା ମୋତେ ଧୋକା
ଭେଟ ମୁଁ ପାଇଲି ନାହିଁ,
ନନ୍ଦନବନ ମୋ' କାଳବୈଶାଖୀରେ
ଗଲା ଛାରଖାର ହୋଇ।

ଛାଡ଼ି ଆସିଲି ଯା' ସପନ ଶେଯରେ
ଆଉ ବି ଫେରିବ ନାହିଁ
ଛାତିର କୋହ ତ ଦାବିକରେ ଆଜି
ସେ ସପନ ମୂଲ ପାଇଁ
ହରାଇବା କ୍ଷତ ଦିଅଇ ଆଘାତ
ସାଜି ଗୋଧୂଳିର ଛାଇ
ପାନ୍ଥ ମୁଁ ଆଜି ଅଶ୍ରୁ ସମ୍ପାତେ
କହ ଆଉ କାହିଁ ପାଇଁ।

ମୋ: ୭୩୭୭୩୧୮୭୮୯

## କାଳକାଳକୁ



''ଯାହାଙ୍କ ପାଖେ ଈଶ୍ୱର ଅଛନ୍ତି ଓ ଭଲ ବହି ଅଛି, ସେ କଦାପି ବଂଧୁହୀନ ନୁହନ୍ତି।''
– ଏଲିଜାବେଥ୍ ବାରେଟ ବ୍ରାଉନିଂ

**ଏଲିଜାବେଥ୍ ବାରେଟ ବ୍ରାଉନିଂଙ୍କ** ଜନ୍ମ ୬ ମାର୍ଚ୍ଚ ୧୮୦୬ରେ ଇଂଲଣ୍ଡରେ ଓ ପରଲୋକ ୨୯ ଜୁନ୍ ୧୮୬୧ରେ ଇଟାଲୀରେ। ଭିକ୍ଟୋରୀୟ ଯୁଗର ଏଇ ଇଂଲିଶ୍ କବୟିତ୍ରୀ ଇଂଲିଶ୍ ଭାଷାର ଲେଖିକାଙ୍କ ମଧ୍ୟରେ ସବୁଠୁଁ ଅଧିକ ମାନ୍ୟତାପ୍ରାପ୍ତ। ଏଲିଜାବେଥ୍ କବିତା ଲେଖନ୍ତି ୧୧ବର୍ଷ ବୟସରୁ। ଦାସତ୍ୱ ପ୍ରଥାର ବିଲୋପ ଓ ଶିଶୁ ଶ୍ରମିକ ଆଇନରେ ସଂସ୍କାର ଆଣିବା ଦିଗରେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ଲେଖକଙ୍କ ପ୍ରସିଦ୍ଧ ଗ୍ରନ୍ଥଗୁଡ଼ିକ ମଧ୍ୟରେ "How Do I Love Thee?" (ସନେଟ୍, ୧୮୪୫) ଓ "Aurora Leigh"(୧୮୫୬) ବିଶ୍ୱ ବିଖ୍ୟାତ। ସେ କହନ୍ତି: ''ମୋ' ସୂର୍ଯ୍ୟ ବୁଡ଼ନ୍ତି ପୁଣି ଉଇଁବା ପାଇଁ''।

## ଡାମରା କାଉ

ଲଘୁଗଳ୍ପ

**ପ୍ରଫୁଲ୍ଲ ବାରିକ**

ମମତା ଏଣିକି ଘରକାମ ସହ ପଦାକୁ ପାଦ କାଢ଼ିଲାଣି। ପଦାକୁ ମାନେ ଏଇ ଘର ସାମ୍ନା ଅଗଣା ଓଳେଇବା, କୂଅରୁ ପାଣିକାଢ଼ି କୁଣ୍ଡ ଭରିବା, ବାଡ଼ିରୁ ପୂଜାପାଇଁ ଫୁଲ ତୋଳିବା ଇତ୍ୟାଦି। ଏସବୁ ଥିଲା ଶାଶୁଙ୍କ କାମ। କୁନିପୁଅକୁ ଦେଢ଼ବର୍ଷ ପୂରୁ ନ ପୂରୁଣୁ ହେଲାଣି ପକା ବଦମାସ୍। ହାତଗୋଡ଼ ପାଇଲାରୁ ଗୋଟିଏ ଜିନିଷ ରଖୁନି ସାମ୍ନାରେ। ସାରାଦିନ ଫିଙ୍ଗା ଫୋପଡ଼ା। ଅଧେ ମାଟିକୁ ତ ଅଧେ ପାଟିକୁ। ସେଇଠୁ କୁନିପୁଅ ଦାୟିତ୍ୱରେ ଶାଶୁ। ଜେଜୀ ନାତି ଦୁହେଁ ସାରାଦିନ ଯୋଡ଼ାଯୋଡ଼ି। କେହି କାହାକୁ ନ ଛାଡ଼ନ୍ତି। ଶାଶୁଙ୍କ କାମ ଏବେ ମମତାର। ହଉପଛେ କଷ୍ଟ, ପିଲାଟା ତ ରହିଲା ନିରାପଦରେ। ଚଳେଇ ନିଏ ମମତା।

ସକାଳୁ ଦାଣ୍ଡ ଅଗଣା ଝାଡୁ କରିବାବେଳେ ମମତା ଦେଖିଲା ଗେଟ୍ ରେଲିଂ ଉପରେ ଡାମରା କାଉଟିଏ କା କା ହଉଚି ବସି, ବିଶେଷକରି ତା' ଆଡ଼େ ଅନେଇ। ମମତା ତାକୁ ଅଣଦେଖା କରି ଲାଗିଥାଏ ତା' କାମରେ। କାଉର ରାବ କିନ୍ତୁ ବେଳକୁବେଳ ବଢୁଥାଏ। ଦି' ଥଣ୍ଟକୁ ମେଲେଇ ତା' ନାଲି ପାଟିକୁ ଦେଖେଇ ଚିଲଉଛି କର୍କଶରେ। ମମତା ଅନେଇଲା। କାଉଟା ତାକୁଇ ଅନେଇ ରଡୁଛି ନିରବଚ୍ଛିନ୍ନ। ଟିକିଏ ବି ଥମୁନି କି ଯାଉନି ଅନ୍ୟତ୍ର। ଯୋଉଠି ସେଇଠି।

ମମତା ଅନେଇଲା ଘରଆଡ଼େ। ଶାଶୁ ପିଣ୍ଡାରେ ବସି ଖେଳାଉଛନ୍ତି କୁନିପୁଅକୁ। ତାଙ୍କର ବୋଧେ ନିଘାନାଇଁ କାଉଆଡ଼େ। ମମତା କହିଲା– ବୋଉ, ଏ କାଉଟାକୁ ଦେଖୁଛନ୍ତିନା, କିମିତି ଚିଲଉଛି ମୋତେ ଶୁଣେଇ ଶୁଣେଇ? କେତେବେଳୁ ରାବୁଛି। ଶାଶୁ ଅନେଇଲେ। ସତରେ କାଉଟା ରାବୁଛି ତଣ୍ଟି ଫଟେଇ! ପୁଣି ବୋହୂକୁ ଅନେଇ! କହିଲେ– ବୋହୂ, ସେ ଶୁଭକାଉ। ଖବର ଦଉଚି। ପୁଅ ଆସିନି ଢେର୍‌ଦିନ ହେବ। ଆଜି ଆସିବ କି କ'ଣ। ହଠାତ୍ ମମତାର ଦୃଷ୍ଟି କାଉ ପ୍ରତି ବଦଳିଗଲା। ଠିଆହେଇ ଦଣ୍ଡେ ଶୁଣିଲା ଭଲକି।

ମମତାର ପାଦ ଆଉ ମାଟି ଛୁଉଁଲାନି। ଯେମିତି ମହାକାଶଚାରୀ ମାଧ୍ୟାକର୍ଷଣ ବାହାରେ। ସତରେ ସିଏ ଆସିବେ! ଖବରତ ଦେଇପାରିଥା'ନ୍ତେ! ନା ସରପ୍ରାଇଜ୍ ଦେବାକୁ? ଆଇନାରେ ଦେଖିଲା ଯାଇ ଆପଣାକୁ। ଚୁଟି ଉଲୁରି ମୁହଁ ଉପରେ ଝୁରୁ ଝୁରୁ ଝାଉଁପତ୍ର ପରି। ନେସି ପଡ଼ିଛି ମଥାରେ ସିନ୍ଦୂର। କପାଳ ଖାଲି। ସ୍ୱାଭାବିକ। କାହାପାଇଁ ସଜ ନିତି? ମମତା ବାସିକାମ ସାରି ସଅଳେ ସ୍ନାନ ସାରିଦେଲା। ଦର୍ପଣ ସାମ୍ନାରେ ବସି ସଜେଇଲା ନିଜକୁ। ଶାଶୁଙ୍କୁ ଜଳଖିଆ ଦେଇ ବସେଇଲା ଭାତପାଣି। କେତେବେଳେ ପହଁଚିବେ କିଜାଣି? ତେବେବି ବ୍ୟଞ୍ଜନରେ ତିନି ଚାରି ପ୍ରକାରେ କରିବ। ନାଇଁତ ଦି'ଟାରେ ଚଳେ ତାଙ୍କର।

ଦିନ ଯାଇ ସନ୍ଧ୍ୟା ହେଲା। ସନ୍ଧ୍ୟା ବଢ଼ି ଘନେଇଲା ରାତି। ଅପେକ୍ଷା ଦୀପରୁ ସରିସରି ଆସିଲା ତେଲ। ଧୈର୍ଯ୍ୟ ବାଲିବନ୍ଧରେ ଫିଟିଲା ଘଳିଆ। ବିଛଣାକୁ ଯିବା ପୂର୍ବରୁ ଶାଶୁ କହିଲେ, ଆଜି ଆସିଲାନି। ଆଉ ଅନେଇବା ଦର୍କାର ନାଇଁ। ଖାଇ ଶୋଇବୁ ଯା'। ଶୁଖିଲା ମନରେ ଅଖିଆ ଶୋଇଲା ମମତା।

ପରଦିନ ସେଇ ଏକା ଅବସ୍ଥା। ଅଗଣା ଝାଡୁ ଦେବାବେଳେ ସେଇ କାଉ, ସେଇ ରାବ। ମମତା ସିଧା ଆସି ପଚାରିଲା ଶାଶୁଙ୍କୁ, କାଉକୁ ଦେଖେଇ। ଶାଶୁ କହିଲେ, ପିଲାଟା ଗାଡ଼ି ଘୋଡ଼ା ଅସୁବିଧାରୁ ଆସି ପାରିନି କାଲି। ଆଜି ଆସିବ। କାଉ ଖବର ମିଛ ହୁଏନା। ମମତା ଝାଡୁ ସାରି ଫେରିଲା ଘରକୁ।

ଦିନଯାଇ ରାତି ହେଲା। ଅପେକ୍ଷାର ଦୀପକୁ ଫୁଁକରି ଫୁଙ୍କି ନିଭେଇ ମମତା ବିଛଣାରେ ପଡ଼ି ଆଖିବୁଜିଲା।

ପରଦିନ ସକାଳର ସମ ଦୃଶ୍ୟରେ ଶାଶୁ ବିରକ୍ତ ହେଇଗଲେ କାଉ ଉପରେ। ବୋହୂ ଯିବାପରେ ଡାଙ୍ଗଖଣ୍ଡେ ଧରି ଧାଇଁଲେ କାଉକୁ ଖେଦିବାକୁ। ଶୁଭ ନା ଫୁବ? ଖାଲିଟାରେ ରଡୁଛି ନିଇତି ରାତି ପାହିଲା ବେଳକୁ। କାଉ ଉ...। କୁନିପୁଅ ଧରିଥିବା ମାଣରେ ମୁଢ଼ି ପୁଞ୍ଜେକୁ ଫିଙ୍ଗିଦେଲା ଦାଣ୍ଡକୁ। ଶାଶୁ କାଉକୁ ଖେଦି ଆସି ଦେଖନ୍ତିତ ଦାଣ୍ଡଯାକ ମୁଢ଼ି। ସେଇଠୁ ନାତିକୁ ଦି'ପଦ ଶୁଣେଇ ବସିଲେ ରାଗ ଗରଗରରେ। ଦେଖିଲେ କାଉଟା ଆସି ଥଣ୍ଟରେ ଖୁଣ୍ଟି ଥଣ୍ଟେ ମୁଢ଼ିଧରି ଉଡ଼ିଗଲା। ଦି'ମିନିଟ ଯାଇନି ପୁଣି ଆସି ନେଲା। ଶାଶୁଙ୍କ ମନରେ କୌତୂହଳ, ଥଣ୍ଟେଲେଖା ଧରି ଯାଉଛି କୁଆଡ଼େ? ପୁଣି ଆସି ନଉଚି। ସାରିଲାଣି ସବୁ ମୁଢ଼ିତକ। ଲକ୍ଷ୍ୟକଲେ। ବସୁଛି ଯାଇ ସାମ୍ନା ନଡ଼ିଆ ଗଛରେ। ବାହୁଙ୍ଗା ସନ୍ଧିରେ ଦେଇଚି ବସା। ବସୁଛି ଯାଇ ସେଇଠି। ଛୁଆଯୋଡ଼େ ଚିଁ ଚିଁ କରି ପାଟି ମେଲା କରି ଦେଉଛନ୍ତି। କାଉ ତାଙ୍କରି ପାଟିରେ ମୁଢ଼ିତକ ଦେଇ ଉଡ଼ି ଆସୁଛି ପୁଣି ନେବାକୁ। ଶାବକମାନେ ଶାନ୍ତ ହେବାପରେ କାଉ ଉଡ଼ିଗଲା ଅନ୍ୟତ୍ର। ଶାଶୁ ଭାବିଲେ ଦଣ୍ଡେ। ଡାକିଲେ ବୋହୂକୁ। ମମତା ପହଞ୍ଚିବାରୁ କହିଲେ, କାଉ ରାବିବାର କାରଣ କ'ଣ ଜାଣୁ ବୋହୂ? ନଡ଼ିଆ ଗଛରେ ଦେଇଚି ବସା। ବସାରେ ତା'ର ଛୁଆ ଦୁଇଟି। ଖାଇବାକୁ ସକାଳୁ ଆଁ କରି ରଡୁଛନ୍ତି ମାଆ ପାଖରେ। କୋଉଠୁ ପାଇବ ଏତେ ସକାଳୁ ଖାଦ୍ୟ ତାଙ୍କ ପାଇଁ? ବିଚାରି ଏଇଠି ଆସି ରାବୁଛି। କିଛି କିଛି ଦିଅ ମୋତେ। ମୋ' ପିଲେ ଖାଇବେ। କଥା କହୁଥିଲେ ବୁଝି ହଉଥାଆନ୍ତା। କହିବ କିମିତି? ତା' କର୍ମରୁ ବୁଝିବା କଥା। ମମତା ଶାଶୁଙ୍କ ମନକୁ ତାରିଫ୍ କଲା। ସେବେଠୁ ଅଗଣା ଝାଡୁପରେ ମୁଠେ ମୁଢ଼ି ଫିଙ୍ଗି ଫେରେ ଘରକୁ। ଦେଖେ ଯାଇ ସବୁ ସଫା ହେଇଯାଇଛି। ତାକୁ ଖୁବ୍ ଭଲଲାଗେ। ଶାଶୁଙ୍କ ପ୍ରତି ମମତା ଜାଗେ ଗୋଟେ ପ୍ରାଣୀର ମନକୁ ଠିକ୍ ଧରି ପାରିଥିବାରୁ।

ପାଖାପାଖି ଦି'ମାସ ବିତିଯାଇଛି ଏହା ମଧ୍ୟରେ। ଆଉ କାଉ ଆସୁନି କି ମୁଢ଼ି ପକେଇବାକୁ ପଡୁନି। ଏକ ପ୍ରକାରେ ବିସ୍ମୃତ ସମସ୍ତେ। ଦିନେ ହଠାତ୍ ପୁଣି କାଉର ଦର୍ଶନ ରାବ ସହ। ମମତା ଦେଖେଇଲା ଶାଶୁଙ୍କୁ ଡାକି। ଶାଶୁ ଆଗ ଅନେଇଲେ ନଡ଼ିଆ ଗଛକୁ। ବସା ଫସା କିଛି ପଡ଼ିଲାନି ଆଖିରେ। ଛୁଆ ଉଡ଼ିଯିବା ପରେ ଡେରା ଯାଇଛି ଭାଙ୍ଗି। ପକ୍ଷୀ ଜାତିର କର୍ମ ଇଏ। ପୁଣି ନୂଆ ଡେରାରେ ନୂଆ ସଂସାର। କିନ୍ତୁ ଆଜି କାଇଁକି ରା.. ରା..? ଶାଶୁ ମୁଢ଼ିମୁଠେ ଆଣି ପକେଇ କାଉକୁ କହିଲେ, ମୁଢ଼ିତକ ଖାଆ, ଯିଏ ଆସିବ ସେଇ ଦିଗକୁ ସଅଳେ ଉଡ଼ିଯାଆ। କାଉ ଖାଇବ କ'ଣ, ମୁଢ଼ିକୁ ନ ଚାହିଁ ଉଡ଼ିଗଲା ଗାଁ ଆଡ଼େ, ଯୋଉ ବାଟ ଦେଇ ଆସେ ପୁଅ। ଶାଶୁ କହିଲେ ମମତାକୁ, ମୋ ମନ କହୁଛି ଆଜି ଆସିବ ପୁଅମୋର। କାଉ କେବେ ମିଛ କହେନା। ସେବେ ରାବୁଥିଲା ପେଟ ପାଇଁ। ଏବେ ଖବର ଦେବାକୁ। ଖାଇଲାକି ଗୋଟିଏ ଖୁଣ୍ଟିକି ଦେଖିଲୁ? ଆଜି ଖବର ଦେଲା ପୁଅ ଆସିବାର। ଦେଖିବୁ ରହ ଆସିବ...।

ମମତା ମନ ଆକାଶକୁ ପୁଣି ଫେରିଲା ବିଦାୟୀ ମୌସୁମୀ। ଛାଇଗଲା ଶୂନ୍ୟ ଆକାଶଟା ମେଘ ବାଦଲରେ। ଯାଇ ଆଇନା ଦେଖୁଚି, ଦାଣ୍ଡରେ ଶୁଭିଲା ଟେମ୍ପୁ ଅଟକିବାର। ମମତା ଶାଢ଼ି ସଜକରି ଧାଇଁଲା। ଦୁଆରୁ ଦେଖିଲା ଟ୍ରଲି ବ୍ୟାଗ୍‌କୁ ଟାଣି ଟାଣି ଗେଟ୍ ଖୋଲି ଆସୁଛନ୍ତି ସିଏ...।



ମୋ: ୯୨୩୮୯୨୦୪୦୫

# Classified Everyday

**0674-2580101, 9692975378**



## REAL ESTATE SALE

**Commercial Showroom for sale new 2nd-floor Showroom, 3,700sqft. at Jharapada, Bhubaneswar (Cuttack Road, opposite Reliance Fresh, near Satyanagar Flyover). Whatsapp- 6370787844.** D-76801

ଭୁବନେଶ୍ୱର **Sum Hospital-2** ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। **9090142564, 8018608500.** D-76243

**3BHK flat for sale in Gudiapokhari, Near Krupajal College, Uttara. Contact- 9692671608.** D-3198

Gated community triplex in Jaydurganagar, Bhubaneswar 2.30 cores. Call- 8917520527. D-3175

**Ready to move 2bhk flat for sale @ 22lakh near Gudiapokhari, Bhubaneswar. Call: 9937544226.** D-3125

Personal plot 60x80= 4800sqft. nearer to Phulanakhara, 11K.M. from Bhubaneswar @ 1500/- per sqft. with big compoundwall, beautiful road, touching to a building. 7809525452. D-76425

**1.25Acre land available for sale in sisolo, Near Balipatna (7kms from Uttara Square). Contact- 9692671608.** D-3199



## CONSTRUCTION

**Construct your dream home @950/-, 1500/- with branded materials we provide plan approval, Interior work, Borewell & Vastu complaints. Krishna Construction- 9438315332.** D-3206



**1000sqft. Hall available on Lewis Main Road, in Samanatarapur for Commercial Purpose. Contact- 9692671608.** D-3208

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

2BHK fully furnished house (Cup boards Bed Mattress Sofa Dining table AC Refrigerator TV Washing machine Aquaguard ) with open terrace of 500sqft on 2nd floor, Aryaa Village Complex, Cosmopolis Road, Bhubaneswar, available for rent with immediate effect. Contact- 9110189579. D-3207

**700sqft. Hall with Toilet available in Uttara Square for Commercial Purpose. Contact- 9692671608.** D-3197




Newly open Jyoti spa positively health benefits (Expert therapist). 8458067955. D-76200

Positively health benefited SPA by expert female therapist, Bapujinagar. 8018429809. D-76901

Full body massage by odia therapist in homely atmosphere. 9556498382. D-75363

## AFFIDAVIT

I, Kartikeswar Dalara, Ex.Army Service No.- JC696875H, Rank- Sub, S/o- Late Ladu Kishor Dalara, resident of Somanath Nagar, near Eng. Mediioum Primary School,Subham Vihar 3rd Lane, Berhampur, Dist.- Ganjam, PIN- 760002, have changed my name from Dalara Kartikeswar to Kartikeswar Dalara, vide Affidavit Dt-04.03.2025 before The Executive Magistrate, Berhampur, Ganjam,Odisha. D-3200

By virtue of an affidavit sworn before Executive Magistrate, Kanika, dated 04.03.2025, I, Sukanta Kumar Sahoo, Address: Village- Balarampur, P.O.- Olaver, P.S.- Rajkanika, Dist.- Kendrapara, PIN- 754227, declare that I have changed my daughter's name from (Biswalaxmi Sahoo) to (Suchismita Sahoo). Henceforth, she shall be known as new name for all purposes.
Sukanta Kumar Sahoo D-3193

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Jagatsinghpur, dated- 03.03.2025 I, Gayatri Bhuyan, Address: Vill- Samantarapur, P.O.- Rahan, P.S.- Balikuda, Dist.- Jagatsinghpur, PIN.- 754159, declare that I have changed my son's name from Bibhudhandra Pradhan to Brahmadutta Bibudhendra Pradhan. Henceforth, he shall be known as Brahmadutta Bibudhendra Pradhan for all purposes.
Gayatri Bhuyan D-3191

I, Baikuntha Pradhan (61), S/o- Maharagi Pradhan, Vill- Kasikiari, P.O.- Mahulia, P.S.- Maniabandha, Dist.- Cuttack, declare that my other documents my name Baishnab Pani, S/o- Maharagi Pradhan But my Aadhaar Card and voter id card my name is Baikuntha Pradhan, S/o- Maharagi Pradhan, Village as above. Further I declare that Baikuntha Pradhan and Baishnab Pani, S/o Maharagi Pradhan same and one person. D-3190

I, Sujan Das, now will be known as Muhammad Saad, S/o- Sukadev Das, R/o- Laxmisagar, Bhubaneswar, Dist.- Khordha, declare that I have changed my religion due to which I have changed my name from sujan das to Muhammad Saad. Henceforth, I shall be known as Muhammad Saad for all purposes. D-3211

By an Affidavit No.- 955, dtd -25.7.2024 Executive Magistrate, Dasarathpur, Jajpur, I Shantilata Nayak (68), W/o-Late Bhaktabandhu Nayak, of village Ichhapur, P.O.- Kayan, P.S.-Mangalpur, Dist.- Jajpur. My actual name is Shantilata Nayak which has been recorded in Aadhaar Card No.-xxxx xxxx 4983, vi card and saving bank pass book. But in the LIC Policy bond of my Late husband Bhakta Bandhu Nayak my name is wrongly recorded Basanti lata Nayak as nominee. I made the declaration that Shantilata Nayak and Basanti lata Nayak as one and same person. D-3210

Jyotsnarani Nayak, Plot No.- 4613/2, Radhakrishna Nagar, Gadakana, Bhubaneswar, changed my name to Jyostna Rani Naik, D/o- Late Jhabar Behera via affidavit sworn before Jagyneswar Acharya. D-3212

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

## LEGAL NOTICE

IR NO.-247, Date- 06.03.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର–୨, ଶ୍ରୀ ପ୍ରଦୀପ କୁମାର ନାୟକ, ଓଡ଼ିଶା ପ୍ରଶାସନିକ ସେବା, (ଏସ୍.ଏସ୍), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା। ଓ.ଏସ୍.ଏସ୍.କେସ୍ ନମ୍ବର ୨୮୯/୨୦୨୩

ନୋଟିସ

(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀମତୀ ପ୍ରଜ୍ଞା ପରମିତା ବେହେରା, ବ୪୬ର୍ଷ, ସ୍ୱାମୀ– ଶ୍ରୀ ସୁକାନ୍ତ କୁମାର ବେହେରା, ଗ୍ରାମ– ପ୍ଲଟ୍ ନଂ.– ଏଏଏ/୪, ସିଭିଲ୍ ଟାଉନ୍‌ସିପ୍, ପୋଷ୍ଟ– ରାଉରକେଲା, ଜିଲ୍ଲା– ସୁନ୍ଦରଗଡ଼ ...ବାଦୀ

ବନାମ

ଓଡ଼ିଶା ସରକାରଙ୍କ ତରଫରୁ ସେଟଲ୍‌ମେଣ୍ଟ ଅଫିସର ଏବଂ ଓଗେର

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା

୩. କୁମର ବାରିକ, ୪. ରତନ ବାରିକ, ୫. ମଦନ ବାରିକ, ୬. ମୋହନ ବାରିକ

ପ୍ରତିବାଦୀ ନଂ.–୩ ଠାରୁ ୬ଙ୍କର ପିତା– ୰ଉଦି ଓରଫ ଭଜି ବାରିକ ଏବଂ ବାସସ୍ଥାନ– ଶଙ୍କରପୁର, ପୋଷ୍ଟ– ଘାଟିକିଆ, ଥାନା– ଖଣ୍ଡଗିରି, ଜିଲ୍ଲା– ଖୋର୍ଦ୍ଧା ....ପ୍ରତିବାଦୀ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ.–୨ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା। କିନ୍ତୁ ଉପରୋକ୍ତ ପ୍ରତିବାଦୀମାନେ ମୃତ ଥିବାରୁ ନୋଟିସଗୁଡ଼ିକ ଫେରସ୍ତ ଆସିଛି। ବାଦୀଙ୍କୁ ଉପରୋକ୍ତ ପ୍ରତିବାଦୀମାନଙ୍କର ୱାରସମାନଙ୍କର ନାମ ଓ ଠିକଣା ଜଣାନାହିଁ। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.–୩ଠାରୁ ୬ଙ୍କର ୱାରସମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜନାଲ୍ କୋର୍ଟ ନଂ.୨ ସରକାରୀ ଅଫିସ ୟୁନିଟ୍–୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ କୋଠା, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୦୮।୦୪।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ଜମିର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।

ଜମିର ବିବରଣୀ

ଜିଲ୍ଲା–ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା–ଚନ୍ଦକା, ଥାନା ନଂ.– ୫୫, ମୌଜା–ଶଙ୍କରପୁର

ସାବକ

ଖାତା ନମ୍ବର ୪୦, ପ୍ଲଟ୍ ନମ୍ବର– ୭୭, କିସମ– ସାରଦ–୩, ରକବା– ଏ୦.୬୬୫ଡି., ସ୍ୱଧରୁ ଏସି.୦.୦୫୫ଡି., ସ୍ୱତ୍ୱ– ସ୍ଥିତିବାନ

ହାଲ୍

ଖାତା ନମ୍ବର– ୨୫୮, ପ୍ଲଟ୍ ନମ୍ବର– ୧୯୮୫, କିସମ– ସାରଦ ଅଣ ଜଳସେଚିତ–୩, ରକବା– ଏ୦.୫୧୫ଡି., ସ୍ୱଧରୁ ଏ.୦.୦୫୫ଡି., ସ୍ୱତ୍ୱ– ସ୍ଥିତିବାନ

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନଙ୍କର ୱାରସମାନେ ସ୍ୱୟଂ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା ୦୬।୦୩।୨୦୨୫

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ

ସ୍ୱା./– କୋର୍ଟ ଅଫିସର

ଧ–୩୨୦୧

IR NO.-249, Date- 06.03.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର–୨, ଶ୍ରୀ ପ୍ରଦୀପ କୁମାର ନାୟକ, ଓଡ଼ିଶା ପ୍ରଶାସନିକ ସେବା, (ଏସ୍.ଏସ୍), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା ଓ.ଏସ୍.ଏସ୍.କେସ୍ ନମ୍ବର ୨୯୧/୨୦୨୩

ନୋଟିସ

(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

କାଶୀନାଥ ରାଉତ, ବ୪୬ର୍ଷ, ପିତା– ମାୟାଧର ରାଉତ, ଗ୍ରାମ–ହଳଧରପୁର, ପୋଷ୍ଟ–ବନଖଣ୍ଡ, ହଳଧରପୁର, ଥାନା–ଘଟଗାଁ, ଜିଲ୍ଲା–କେନ୍ଦୁଝର ....ବାଦୀ

ବନାମ

ଓଡ଼ିଶା ସରକାରଙ୍କ ତରଫରୁ ସେଟଲ୍‌ମେଣ୍ଟ ଅଫିସର ଏବଂ ଓଗେର

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା

୩. କୁମର ବାରିକ, ୪. ରତନ ବାରିକ, ୫. ମଦନ ବାରିକ, ୬. ମୋହନ ବାରିକ

ପ୍ରତିବାଦୀ ନଂ. ୩ଠାରୁ ୬ଙ୍କର ପିତା– ଉଦି ଓରଫ ଭଜି ବାରିକ ଏବଂ ବାସସ୍ଥାନ– ଶଙ୍କରପୁର, ପୋଷ୍ଟ– ଘାଟିକିଆ, ଥାନା– ଖଣ୍ଡଗିରି, ଜିଲ୍ଲା–ଖୋର୍ଦ୍ଧା ....ପ୍ରତିବାଦୀ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର–୨ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉପରୋକ୍ତ ପ୍ରତିବାଦୀମାନେ ମୃତ ଥିବାରୁ ନୋଟିସଗୁଡ଼ିକ ଫେରସ୍ତ ଆସିଛି। ବାଦୀଙ୍କୁ ଉପରୋକ୍ତ ପ୍ରତିବାଦୀମାନଙ୍କର ୱାରସମାନଙ୍କର ନାମ ଓ ଠିକଣା ଜଣାନାହିଁ। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନମ୍ବର ୩ଠାରୁ ୬ଙ୍କର ୱାରସମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର୍, ଅତିରିକ୍ତ ରିଭିଜନାଲ କୋର୍ଟ ନଂ.୨, ସରକାରୀ ଅଫିସ୍ ୟୁନିଟ–୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ କୋଠା, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା୦୮।୦୪।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ଜମିର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।

ଜମିର ବିବରଣୀ

ଜିଲ୍ଲା–ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା–ଚନ୍ଦକା, ଥାନା ନଂ. ୫୫, ମୌଜା–ଶଙ୍କରପୁର

ସାବକ

ଖାତା ନମ୍ବର–୪୦, ପ୍ଲଟ୍ ନଂ.–୭୭, କିସମ– ସାରଦ–୩, ରକବା– ଏ. ୦.୬୬୫ଡି., ସ୍ୱଧରୁ ଏ.ସି. ୦.୦୫୫ଡି., ସ୍ୱତ୍ୱ– ସ୍ଥିତିବାନ୍

ହାଲ୍

ଖାତା ନମ୍ବର– ୨୫୮, ପ୍ଲଟ୍ ନମ୍ବର– ୧୯୮୫, କିସମ– ସାରଦ ଅଣ ଜଳସେଚିତ–୩, ରକବା– ଏ୦.୫୧୫ଡି., ସ୍ୱଧରୁ ଏ.୦.୦୫୫ଡି., ସ୍ୱତ୍ୱ– ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନଙ୍କର ୱାରସମାନେ ସ୍ୱୟଂ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା୦୬।୦୩।୨୦୨୫

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ

ସ୍ୱା./– କୋର୍ଟ ଅଫିସର

ଧ–୩୨୦୩

IR NO.-248, Date- 06.03.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର–୨, ଶ୍ରୀ ପ୍ରଦୀପ କୁମାର ନାୟକ, ଓଡ଼ିଶା ପ୍ରଶାସନିକ ସେବା, (ଏସ୍.ଏସ୍), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା–ଖୋର୍ଦ୍ଧା ଓ.ଏସ୍.ଏସ୍.କେସ୍ ନମ୍ବର ୨୯୦/୨୦୨୩

ନୋଟିସ

(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ମିଷ୍ଟର ସୁକାନ୍ତ କୁମାର ବେହେରା, ବ୪୮ର୍ଷ, ପିତା– ମିଷ୍ଟର ଗୁରୁଚରଣ ବେହେରା, ଗ୍ରାମ–ପ୍ଲଟ୍ ନଂ. ଏଏଏ/୪ ସିଭିଲ ଟାଉନ୍‌ସିପ୍, ପୋଷ୍ଟ– ରାଉରକେଲା, ଜିଲ୍ଲା–ସୁନ୍ଦରଗଡ଼ ....ବାଦୀ

ବନାମ

ଓଡ଼ିଶା ସରକାରଙ୍କ ତରଫରୁ ସେଟଲମେଣ୍ଟ ଅଫିସର ଏବଂ ଓଗେର

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା

୩. କୁମର ବାରିକ, ୪. ରତନ ବାରିକ, ୫. ମଦନ ବାରିକ, ୬. ମୋହନ ବାରିକ

ପ୍ରତିବାଦୀ ନଂ. ୩ ଠାରୁ ୬ଙ୍କର ପିତା– ଉଦି ଓରଫ ଭଜି ବାରିକ ଏବଂ ବାସସ୍ଥାନ–ଶଙ୍କରପୁର, ପୋଷ୍ଟ– ଘାଟିକିଆ, ଥାନା– ଖଣ୍ଡଗିରି, ଜିଲ୍ଲା–ଖୋର୍ଦ୍ଧା .....ପ୍ରତିବାଦୀ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର–୨ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉପରୋକ୍ତ ପ୍ରତିବାଦୀମାନେ ମୃତ ଥିବାରୁ ନୋଟିସଗୁଡ଼ିକ ଫେରସ୍ତ ଆସିଛି। ବାଦୀଙ୍କୁ ଉପରୋକ୍ତ ପ୍ରତିବାଦୀମାନଙ୍କର ୱାରସମାନଙ୍କର ନାମ ଓ ଠିକଣା ଜଣାନାହିଁ। ଏଣୁ ଉକ୍ତ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନମ୍ବର ୩ ଠାରୁ ୬ଙ୍କର ୱାରସମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର୍, ଅତିରିକ୍ତ ରିଭିଜନାଲ କୋର୍ଟ ନଂ.୨, ସରକାରୀ ଅଫିସ୍ ୟୁନିଟ୍–୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ କୋଠା, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୦୮।୦୪।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ଉକ୍ତ କେସ୍‌ର ଜମିର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା।

ଜମିର ବିବରଣୀ

ଜିଲ୍ଲା– ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା– ଚନ୍ଦକା, ଥାନା ନଂ.–୫୫, ମୌଜା– ଶଙ୍କରପୁର

ସାବକ

ଖାତା ନମ୍ବର– ୪୦, ପ୍ଲଟ୍ ନମ୍ବର– ୭୭, କିସମ– ସାରଦ–୩, ରକବା– ଏ ୦.୬୬୫ଡି., ସ୍ୱଧରୁ ଏ.ସି. ୦.୦୪୬ଡି., ସ୍ୱତ୍ୱ– ସ୍ଥିତିବାନ୍

ହାଲ୍

ଖାତା ନମ୍ବର– ୨୫୮, ପ୍ଲଟ୍ ନମ୍ବର– ୧୯୮୫, କିସମ– ସାରଦ ଅଣ ଜଳସେଚିତ–୩, ରକବା– ଏ୦.୫୧୫ଡି. ସ୍ୱଧରୁ ଏ. ୦.୦୪୬ଡି., ସ୍ୱତ୍ୱ– ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନଙ୍କର ୱାରସମାନେ ସ୍ୱୟଂ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା୦୬।୦୩।୨୦୨୫

ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ

ସ୍ୱା./– କୋର୍ଟ ଅଫିସର

ଧ–୩୨୦୨

## ମନେ ପଡ଼ନ୍ତି

~ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ~

(ଫାଲ୍‌ଗୁନ ଶୁକ୍ଳପକ୍ଷ ନବମୀ ତିଥି)



**୰ କମଳକାନ୍ତି ପଣ୍ଡା (ରୁବି)**

ସ୍ୱାମୀ–ଡାକ୍ତର ଶରତ ଚନ୍ଦ୍ର ପଣ୍ଡା

ଭଞ୍ଜପୁର୍, ବାରିପଦା, ମୟୂରଭଞ୍ଜ

ଆବିର୍ଭାବ: ୦୬.୦୪.୧୯୫୦

ତିରୋଧାନ: ୧୮.୦୩.୨୦୨୪

ଚାହୁଁ ଚାହୁଁ ବର୍ଷେ ହୋଇଗଲା। ତୁମେ ମୋତେ ଆଉ ଛୁଆମାନଙ୍କୁ ଛାଡ଼ିକି ଚାଲିଗଲ। ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ତୁମେ ମନେପଡ଼। ତୁମେ ଯଉଠି ଅଛ, ଭଲରେ, ଖୁସିରେ ରୁହ। ରାଧାଗୋବିନ୍ଦଙ୍କ ପାଦ ତଳେ ସ୍ଥାନ ପାଅ। ପିଲାମାନଙ୍କୁ ସବୁବେଳେ ଆଶୀର୍ବାଦ କରୁଥାଅ।

ଶୋକସନ୍ତପ୍ତ: ପୁତ୍ର: ଦେବାଶିଷ, ବୋହୂ: ନିହାର ନଳିନୀ, ଝିଅ: ମୌସୁମୀ, ଜ୍ୱାଇଁ: ଧ୍ରୁବ, ନାତିନାତୁଣୀ: ଅମ୍ଳାନ, ଆଦ୍ୟାଶା, ଆଦିତ୍ୟ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ–୭୪୭୨୫

## ସପ୍ତମ ଶ୍ରାଦ୍ଧବାର୍ଷିକୀ



**୰ଗୋପୀନାଥ ନନ୍ଦ**

ଅବସରପ୍ରାପ୍ତ ଯୁଗ୍ମ ଶାସନ ସଚିବ,

Ex– President– OSS Association

Ex– Pre– Budheswari Colony Welfare Committee

ଜନ୍ମସ୍ଥାନ– ଖଣ୍ଡସାହି, ବାସସ୍ଥାନ– ୮୩, ବୁଦ୍ଧେଶ୍ୱରୀ କଲୋନୀ

(୧୩।୧୨।୧୯୨୮– ୨୪।୦୨।୨୦୧୮

ତିରୋଧାନ: ଫଗୁଣ ନବମୀ ତିଥି

ଆଦର୍ଶ, ତ୍ୟାଗ ଓ ପ୍ରେରଣାର ଉତ୍ସ ଏହି ଅମର ଆତ୍ମାକୁ କୋଟି କୋଟି ପ୍ରଣାମ। ବିନମ୍ର ଶ୍ରଦ୍ଧାଞ୍ଜଳି ସହ ବନ୍ଧୁ ଓ ପରିବାରବର୍ଗ।

ଧ–୩୨୦୪

## ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନଚୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ



**୰ପ୍ରେମଲତା ଦାଶ**

ସ୍ଥାନ: ମଳିପଡ଼ା, ଭୁବନେଶ୍ୱର

ତିରୋଧାନ: ୨୫/୦୨/୨୦୨୫

ଆପଣଙ୍କର ଅମର ଆତ୍ମାର ଶାନ୍ତି ଏବଂ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

-: ଶ୍ରଦ୍ଧାସୁମନ ସହ :-

ବିଶ୍ୱଜିତ୍ ଦାଶ, ରଞ୍ଜିତ୍ ଦାଶ, ଇନ୍ଦ୍ରଜିତ ଦାଶ ଏବଂ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ–୭୧୫୯୭

## ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q19972384 6@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

# ‘ସମାନ ସୁଯୋଗ ଦେବା, ଲିଙ୍ଗଗତ ବୈଷମ୍ୟ ଦୂର କରିବା’

**ବଲାଙ୍ଗୀର,୭।୩(ବୀରେନ୍ଦ୍ର କୁମାର ଝାଙ୍କର)**



ଅତିଥିମାନେ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ୍ୟ କନ୍ୟା ସନ୍ତାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

## ବେଟି ବଚାଓ, ବେଟି ପଢ଼ାଓକୁ ପୂରିଲା ୧୦ବର୍ଷ

ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମକୁ ୧୦ ବର୍ଷ ପୂରିଛି। ଏହି ଉପଲକ୍ଷେ ଶୁକ୍ରବାର ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ପ୍ରେକ୍ଷାଳୟଠାରେ ଜିଲାସ୍ତରୀୟ ବେଟି ବଚାଓ, ବେଟି ପଢାଓ ୧୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରାଯାଇଥିଲା। ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଆଡିସନାଲ ଏସ୍‌ପି ଗୁଣନିଧି ମଲ୍ଲିକ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ଅଧିକାରୀ ଦିଗାମ୍ବର କର ପରିଚାଳନା କରିଥିଲେ। ପ୍ରାରମ୍ଭିକ ବକ୍ତବ୍ୟରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ କହିଥିଲେ ଯେ, ସରକାର କନ୍ୟା ସନ୍ତାନଙ୍କ ଲାଳନପାଳନଠାରୁ ଆରମ୍ଭ କରି ଶିକ୍ଷା ଏବଂ ସମୃଦ୍ଧି ପାଇଁ ଅନେକ ଯୋଜନା କରିଛନ୍ତି। ଆଶୀର୍ବାଦ, ପୃଷ୍ଠପୋଷକତା ରାଶି, ଗ୍ରୀନ୍ ପେସେଜ, ଫୋଷ୍ଟର କେୟାର, ଆଫଟର୍ କେୟାର ଓ ପୋଷ୍ୟ ସନ୍ତାନ ଗ୍ରହଣ ଯୋଜନା ଉପରେ ସୂଚନା ଦେଇଥିଷଲ। ଜିଲାର ୪୩୬ ଜଣଙ୍କୁ ମାସିକ ୪ ହଜାର ଟଙ୍କା ଲେଖାଏ ସହାୟତା ରାଶି ଦିଆଯାଉଥିବା କହିଥିଲେ। ୧୩ ଜଣଙ୍କୁ ଫୋଷ୍ଟର କେୟାର ଏବଂ ୧୧ ଜଣଙ୍କୁ ଆଫଟର କେୟାର ସ୍କିମ୍‌ରେ ମାସିକ ୪ ହଜାର ଟଙ୍କା ଦିଆଯାଉଛି। ବଲାଙ୍ଗୀର ଜିଲାର କିଛି ଛାତ୍ରୀ ବିଏସ୍‌ସି ନର୍ସିଂ, ୟୁକ୍ତଦୁଇ, ପଲିଟେକନିକ୍, ଆଇଟିଆଇ କରୁଛନ୍ତି। ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯାଉଛି ବୋଲି ସୂଚନା ଦେଇଥିଲେ। ଜିଲାପାଳ ଇସଲୱାର ତାଙ୍କ ବକ୍ତବ୍ୟରେ ପୁତ୍ର ହେଉ କି କନ୍ୟା ସମସ୍ତଙ୍କୁ ସମାନ ସୁଯୋଗ ଦେବାକୁ କହିଥିଲେ। ଏହାସହିତ ଲିଙ୍ଗଗତ ବୈଷମ୍ୟ ଦୂରୀଭୂତ କରିବା ଦିଗରେ ଜୋର ଦେବାକୁ ଅଭିଭାବକଙ୍କୁ କହିଥିଲେ। ସମାନ ସୁଯୋଗ ମିଳିଲେ କନ୍ୟାସନ୍ତାନ ସବୁପ୍ରକାର ଲକ୍ଷ୍ୟ ହାସଲ କରିପାରିବେ ଏବଂ ସେମାନଙ୍କ ଭିତରେ ସେ ସାମର୍ଥ୍ୟ ରହିଛି ବୋଲି କହିଥିଲେ। ଯେଉଁମାନେ ସରକାରୀ ସହାୟତା ପାଉଛନ୍ତି ସେମାନଙ୍କୁ ଜୀବନର ଲକ୍ଷ୍ୟ ସ୍ଥିର କରି ସଫଳ ହେବାକୁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଜିଲାପାଳ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଟିମ୍‌ର ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଡ. ସେଠୀ ସବୁ ଯୁଗରେ କିଭଳି କନ୍ୟାକୁ ରତ୍ନ ଭାବେ ଗଣାଯାଇଛି କହିଥିଲେ। ହ୍ୱାଟସ୍‌ଆପ୍, ଇନ୍‌ଷ୍ଟାଗ୍ରାମ୍, ଫେସବୁକ୍ ଏବଂ ୟୁଟ୍ୟୁବ୍ (ୱାଇଫାଇ)ରୁ ଦୂରେଇ ରହିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ ପଠା ସମୟକୁ ପାଠପଢ଼ାରେ ଲଗାଇବାକୁ କହିଥିଲେ। ସମ୍ମାନିତ ଅତିଥି ଆଡିସନାଲ ଏସପି ମଲ୍ଲିକ ଏବଂ ଜିଲା ସମାଜ ମଙ୍ଗଳ ଅଧିକାରୀ ମହାପାତ୍ର ମହିଳାମାନଙ୍କ ପାଇଁ ସରକାରୀ ଯୋଜନା ଏବଂ ଏହାର ସଫଳ କାର୍ଯ୍ୟକାରିତା ଦିଗରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାର ହିତାଧିକାରୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଶେଷରେ ସାମାଜିକ କର୍ମୀ ଅରୁଣ ଖୁଆସ ଧନ୍ୟବାଦ ଦେଇଥିଲେ। ସକାଳେ ଜିଲାପାଳ କାର୍ଯ୍ୟାଳୟରୁ ୫୦ ଜଣ ଝିଅଙ୍କ ସାଇକେଲ ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ଡ. ସେଠୀ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଝିଅମାନଙ୍କ ମଧ୍ୟରେ ଅନେକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରମୋଦ ବଗର୍ତ୍ତି, ସୁଧାଂଶୁ ଶେଖର କୁମ୍ଭାର, ହରିବନ୍ଧୁ ରାଉତ, ଆଶିଷ ନାୟକ, ସୁଦାମ ସୁନା, ଡଲି ବେହେରା, ବାଳ ମୁକୁନ୍ଦ ଭିତିରିଆ, କୁନାଲ ମିଶ୍ର, ଚାଇଲ୍ଡ ହେଲ୍ପ ଲାଇନ ଶ୍ରଦ୍ଧା ସିଂ, ଶୁଭମ୍ ଜେନା, ବସନ୍ତ ହରପାଲ, ସୁନ୍ଦର ସ, ସୁଦନ ଖମାରୀ, ଦେବାଶିଷ ପଟେଲ, ପୁଷ୍ପାଞ୍ଜଳି ସୁନା ,ଆଶିଷ ଖମାରୀ ଉପସ୍ଥିତ ଥିଲେ।

# ବିଜୁଙ୍କ ନାମକୁ ୩ଟି ଯୋଜନାରୁ ବାଦ୍ ଦିଆଗଲାଣି

**ବଲାଙ୍ଗୀର,୭।୩(ବୀରେନ୍ଦ୍ର କୁମାର ଝାଙ୍କର)**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସ ମାର୍ଚ୍ଚ ୫କୁ ଓଡିଶାରେ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରିବା ପାଇଁ ଭାଜପା ସରକାର ବାରଣ କରିବା ପରେ ରାଜ୍ୟର ରାଜନୈତିକ ବାତାବରଣ ସରଗରମ ରହିଛି। କିନ୍ତୁ ଏହି ଘଟଣାର ଯଥେଷ୍ଟ ପୂର୍ବରୁ ବିଜୁଙ୍କ ନାମରେ ନାମିତ ୩ଟି ଯୋଜନାରୁ ବିଜୁଙ୍କ ନାମକୁ ହଟାଇ ଦିଆଯାଇ ପୁନଃ ନାମକରଣ କରାଯାଇସାରିଛି। ବଲାଙ୍ଗୀରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡାଙ୍କୁ ରାଜ୍ୟର ବିଭିନ୍ନ ବିଭାଗରୁ ମିଳିଥିବା ସୂଚନାରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ବିଜୁ କେବିକେ ଯୋଜନାକୁ କେବିକେ ବିକାଶ ଯୋଜନା ଓ ବିଜୁ ସେତୁ ଯୋଜନାକୁ ସେତୁ ବନ୍ଧନ ଯୋଜନା ନାମରେ ନାମିତ କରାଯାଇଥିବା ସମ୍ପୃକ୍ତ ବିଭାଗଗୁଡିକ ପଣ୍ଡାଙ୍କୁ ତଥ୍ୟ ଦେଇଛନ୍ତି। ସରକାର ପରିବର୍ତ୍ତନ ହେଲେ ବିଭିନ୍ନ ଯୋଜନାର ନାମ ପରିବର୍ତ୍ତନ ବର୍ତ୍ତମାନର ରାଜନୈତିକ ସମୟରେ ଏକ ସାଧାରଣ କଥା ବୋଲି ପଣ୍ଡା କହିଛନ୍ତି। କିନ୍ତୁ ବିଜୁଙ୍କ ନାମ ଯେ କୌଣସି ଯୋଜନାଠାରୁ ବହୁ ଊର୍ଦ୍ଧ୍ୱରେ ବୋଲି ସେ କହିଛନ୍ତି ।

# ବିଦ୍ୟାଳୟ ହିଁ ଚରିତ୍ର ଗଠନର ମୂଳମନ୍ତ୍ର



ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**କଣ୍ଟାବାଞ୍ଜି,୭।୩(ଗୁରୁ ଦୟାଲ ହଂସ)**

## ଜେ.ଏମ.ଜେ. ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରସ୍ଥିତ ଜେ.ଏମ.ଜେ.ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରିନ୍ସିପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ଥାନୀୟ ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଏନଏସି ନଗରପାଳ ବରିୟାମ ସିଂ ସାଲୁଜା ଯୋଗ ଦେଇଥିଲେ। ମୁଖ୍ୟଅତିଥି ବିଧାୟକ ବାଗ ତାଙ୍କ ବକ୍ତବ୍ୟରେ କହିଥିଲେ, ବିଦ୍ୟାଳୟ ହିଁ ଉତ୍ତମ ଚରିତ୍ର ଗଠନ ଏବଂ ଦେଶର ଭବିଷ୍ୟତ ଗଠନ କରିଥାଏ । ଏଥିରେ ଶିକ୍ଷୟିତ୍ରୀ ଶିକ୍ଷକ ହିଁ ମୁଖ୍ୟ କର୍ଣ୍ଣଧାର ବୋଲି କହିଥିଲେ । ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ବଲପୁରୀ, ଡାପ ନୃତ୍ୟ, ମାଇଲାଜାଡୋ ସହ ନାଟକ ମଞ୍ଚସ୍ଥ ହୋଇଥିଲା।

## ସଂକ୍ଷେପରେ

### ସଇଁତଲା ବାଳିକା ଆବାସିକ ଉଚ୍ଚ ବିଦ୍ୟାଳୟକୁ ଉପଜିଲାପାଳଙ୍କ ପରିଦର୍ଶନ

**ସଇଁତଲା,୭।୩(ରାଖାଲ ପ୍ରସାଦ ଶତପଥୀ)**

ସଇଁତଲା ବ୍ଲକ ନିକଟରେ ଥିବା ସଇଁତଲା ବାଳିକା ଆବାସିକ ଉଚ୍ଚ ବିଦ୍ୟାଳୟକୁ ଗୁରୁବାର ଟିଟିଲାଗଡ ଉପ–ଜିଲାପାଳ ରେହାନ ଖେତ୍ରୀ ପରିଦର୍ଶନ କରିଥିଲେ। ସେ ମାଟ୍ରିକ ପରୀକ୍ଷା ପରିଚାଳନାରେ ବିଦ୍ୟାଳୟର ଶିକ୍ଷୟିତ୍ରୀମାନଙ୍କ ଭୂମିକା ଓ ବ୍ୟବସ୍ଥାକୁ ନେଇ ଖୁସି ବ୍ୟକ୍ତ କରିଥିଲେ। ପରୀକ୍ଷା ସରିବା ପରେ ବିଦ୍ୟାଳୟରେ ରହୁଥିବା ଛାତ୍ରୀମାନଙ୍କ ସହ ଆଲୋଚନା କରି ସେମାନଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟପେୟ ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତା ଛାତ୍ରୀମାନଙ୍କ ପାଇଁ ପାନୀୟ ଜଳର ଅଭାବ ବିଷୟରେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ଖେତ୍ରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜଳ ପରିମଳ ବିଭାଗ ଯନ୍ତ୍ରୀ ଏବଂ ଅନ୍ୟ ଅଧିକାରୀମାନଙ୍କୁ ତୁରନ୍ତ ବିଦ୍ୟାଳୟରେ ପାନୀୟ ଜଳର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳଙ୍କ ଏହି ପରିଦର୍ଶନ ସମୟରେ ସଇଁତଲା ବିଡ଼ିଓ ପୁରୁଷୋତମ ମିର୍ଦ୍ଧା, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ ପାଳିତ

**ଲୋଇସିଂହା,୭।୩(ସୁଶାନ୍ତ ବାରିକ)**


ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ଶୁକ୍ରବାର ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ସର୍ବପୁରାତନ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଳା ଗୁରୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ନବକିଶୋର ନାଏକ ମୁଖ୍ୟଅତିଥି, ବାଳିକା ଉଚ୍ଚ ବଦ୍ୟାଳୟର ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇ, ପରିଚାଳନା କମିଟି ସଭାପତି ଗାନ୍ଧୀ ଷାଣ୍ଡ,ଦୈତାରୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନକୁ ଅତିଥିମାନେ ପ୍ରଶଂସା କରିବା ସହ ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ଓ ପ୍ରତିଭା ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ବିଦ୍ୟାଳୟର ପୁରାତନ ଛାତ୍ର ଦୀନବନ୍ଧୁ ବେହେରା ଓ ବେଣୁଧର ନାଏକ ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚାସୀନ ହୋଇ ବିଦ୍ୟାଳୟର ପୁରୁଣା ଦିନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ୧୫ଟି ବିଭାଗର ବିଭିନ୍ନ ପ୍ରତିଯୋଗିତାର ୪୫ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାଛଡା ବିଦ୍ୟାଳୟ ତରଫରୁ ସ୍ୱତନ୍ତ୍ର ଅତିଥିଦ୍ୱୟଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଅମ୍ବୁଜ ହୋତା ସଂଯୋଜନା କରିଥିଲେ। ସସ୍ମିତା ସେଠ,ଅଶୋକ ବେହେରା ଓପ୍ରାଣବନ୍ଧୁ ହେର୍ଣ୍ଣା ପ୍ରମୁଖ ଅଭିଭାବିକା ଅଭିଭାବକ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ କରୁଣା କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁଶାସନ ସମ୍ପର୍କିତ ତାଲିମ ଶିବିର

**ଖପ୍ରାଖୋଲ,୭।୩(ଅଭୟ ତ୍ରିପାଠୀ)**

ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହଠାରେ ନିରନ୍ତର ବିକାଶ ଲକ୍ଷ୍ୟକୁ ନେଇ ପଞ୍ଚାୟତ ପ୍ରତିନିଧିଙ୍କ ପାଇଁ ସୁଶାସନ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିରକୁ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ। ତାଲିମଦାତା ଭାବେ ବଲାଙ୍ଗୀର ଡିପିଆରସିର ସହକାରୀ ଫେକଲ୍ଟି ଦେବାଶିଷ ଗୁରୁ, ଆରପି ରାଜକୁମାର ଦାଶ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ, ସିପି ଆର ବାରିକ, ଫକୀର ଭୋଇ, ସରପଞ୍ଚ ସୁଶୀଲ କୁମାର ଗୁରୁ, ମୁନା ପୁରୋହିତ, ରୀନା ଜାଲ, ଅନୂସୟା ସାହୁଙ୍କ ସମେତ ପିଇଓ, ଏଡିଇଓ, ଏମବିକେ ଉପସ୍ଥିତ ଥିଲେ।

# ପାଲା ମାଧ୍ୟମରେ ସଚେତନତା ସୃଷ୍ଟି


ପଥପ୍ରାନ୍ତ ସଭାରେ ଦୁଇ ବାଳିକା ନୃତ୍ୟ ମାଧ୍ୟମରେ ସଚେତନ କରୁଛନ୍ତି।

**ଲାଠୋର,୭।୩(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗୋଷ୍ଠୀକେନ୍ଦ୍ରଠାରେ ସୁପରଭାଇଜର ବାସନ୍ତୀ ରାଣୀ ରଥଙ୍କ ଅଧ୍ୟକ୍ଷତାରେ ଗୁରୁବାର ସୁଭଦ୍ରା ଯୋଜନା ଏବଂ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲ, ସମ୍ମାନିତ ଅତିଥି ଭାବେ ହାଟପଦା ପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଶବର, ଇସିକୋର କୋର୍ଡିନେଟର ସ୍ନେହଲତା ପ୍ରଧାନ,ମହିଳା ଓ ଶିଶୁ ବିକାଶ ବିଭାଗ ଏସଏ ଅଭିରାମ ରଣା ଯୋଗ ଦେଇଥିଲେ। ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଶତାଧିକ ମହିଳା ସଭାରେ ଯୋଗ ଦେଇଥିଲେ। ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନାରେ ସାମିଲ କରି ୫୦ ହଜାର ଲେଖାଏ ଟଙ୍କା ପ୍ରଦାନ କରୁଛନ୍ତି। ହିତାଧିକାରୀ ମାନେ କେମିତି ଆବେଦନ କରିବେ ଏବଂ ଯୋଜନାରୁ ଲାଭ ପାଇ ପାରିବେ ସେ ଉପରେ ଅତିଥିମାନେ ବୁଝାଇଥିଲେ। ସଭା ପରେ ଖଇରାପଡ଼ା ଏବଂ ହାଟପଦାପଡ଼ା ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ କରି ଯୋଜନା ଉପରେ ସଚେତନ କରିଥିଲେ। ପରେ ସମସ୍ତେ ଏକତ୍ରିତ ହୋଇ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଖପ୍ରାଖୋଲ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଥବିର ଚରଣ ସାହୁଙ୍କ ନେତୃତ୍ୱରେ ସାନଉଡେନ ଗ୍ରାମର ସତ୍ୟନାରାୟଣ ପାଲା ଦଳର କଳାକାରମାନେ ମଧ ପାଲା ମାଧ୍ୟମରେ ସଚେତନ କରିଥିଲେ। ସଭା ପରିଚାଳନା ଅଙ୍ଗନୱାଡ଼ି କର୍ମୀ ସନ୍ଧ୍ୟାରାଣୀ ଗିରି କରିଥିଲେ। ଅଙ୍ଗନୱାଡ଼ି କର୍ମୀ ମମତା ସଗରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଲାଠୋର ଅଞ୍ଚଳର ସମସ୍ତ ଅଙ୍ଗନୱାଡ଼ି ଏବଂ ଆଶା କର୍ମୀ ଯୋଗଦେଇ ସହଯୋଗ କରିଥିଲେ।

# ଦେଓଗାଁ ରେଳଷ୍ଟେଶନରେ ତପସ୍ୱିନୀ ଟ୍ରେନ ରହଣିକୁ ମିଳିଲା ଅନୁମତି

**ଦେଓଗାଁ,୭।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

## ତପସ୍ୱିନୀ ବଦଳରେ ଇସ୍ପାତ ରହଣି ପାଇଁ ଦାବି

ବଲାଙ୍ଗୀର ଜିଲା ଦେଓଗାଁ ରୋଡ ସ୍ଥିତ ରେଳଷ୍ଟେଶନରେ ରେଳ ବିଭାଗ ପକ୍ଷରୁ ସମ୍ବଲପୁର–ରାୟଗଡା ତପସ୍ୱିନୀ ଦ୍ରୁତଗାମୀ ଟ୍ରେନ ରହଣିକୁ ଅନୁମତି ମିଳିଥିବା ଜଣାପଡିଛି। ଉକ୍ତ ଷ୍ଟେଶନରେ ଇସ୍ପାତ ତଥା ଦୁର୍ଗ–ପୁରୀ ଦ୍ରୁତଗାମୀ ଟ୍ରେନ ରହଣି ପାଇଁ ଆଜକୁ ପ୍ରାୟ ୨୫ ବର୍ଷ ହେଲା ବିଭିନ୍ନ ସମୟରେ ଆନ୍ଦୋଳନ ତଥା ଦାବି କରାଯାଇଆସୁଛି। ବିଭିନ୍ନ ସମୟରେ ବିଭାଗୀୟ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଏମ୍‌ପି, ବିଧାୟକ ତଥା ବିଭାଗୀୟ ଅଧିକାରୀଙ୍କୁ ଅଞ୍ଚଳବାସୀ ପକ୍ଷରୁ ଦାବିପତ୍ର ଦିଆଯାଇଛି। ତେବେ ଚଳିତବର୍ଷ ଫେବୃଆରୀ ୨୩ ତାରିଖରେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଦେଓଗାଁ ଗସ୍ତ ସମୟରେ ବଙ୍ଗଳା ଛକ ଠାରେ ଦେଓଗାଁ ସାମ୍ବାଦିକ ସଂଘ ଓ କେତେଜଣ ସଚେତନ ଯୁବକ ଟ୍ରେନ ରହଣି ସମ୍ପର୍କରେ ତାଙ୍କୁ ଅବଗତ କରିଥିଲେ। ରାଜ୍ୟସଭା ସଦସ୍ୟ ବିଶି ଏ ନେଇ ଦିଲ୍ଲୀରେ ବିଭାଗୀୟ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରିଥିବା କହିବା ସହ ସମ୍ବଲପୁର ଡିଆରଏମଙ୍କୁ ଫୋନ ଯୋଗେ ଆଲୋଚନା କରି ଦ୍ରୁତଗାମୀ ଟ୍ରେନ ରହଣି ବିଷୟରେ କେତେ ବାଟ ଗଲା ବୋଲି ପଚାରିଥିଲେ। ପ୍ରତି ଉତ୍ତରରେ ଡିଆରଏମ ଖୁବଶୀଘ୍ର ରେଳୱେ ବୋର୍ଡ ବୈଠକ ବସିବ ଏବଂ ଟ୍ରେନ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଭାଗୀୟ ପତ୍ର ଅନୁସାରେ ୧୮୩୦୧/୧୮୩୦୨ ସମ୍ବଲପୁର–ରାୟଗଡା ତପସ୍ୱିନୀ ଏକ୍ସପ୍ରେସ ଦେଓଗାଁ ରୋଡ ଷ୍ଟେଶନଠାରେ ରହଣି ପାଇଁ ତା.୦୭।୦୩।୨୦୨୫ରେ ଅନୁମତି ମିଳିଥିବା ଜଣାପଡିଛି। ରାଜ୍ୟସଭା ସଦସ୍ୟ ବିଶିଙ୍କ ଏହି ପଦକ୍ଷେପ ଉପରେ ଅଞ୍ଚଳବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି। ତେବେ ଏହି ଟ୍ରେନ ରହଣି ହେଲେ ଅଞ୍ଚଳବାସୀ ବିଶେଷ ଭାବେ ଉପକୃତ ହୋଇପାରିବେ ନାହିଁ। ଏଣୁ ଏହି ଷ୍ଟେଶନରେ ଇସ୍ପାତ ଅଥବା ଦୁର୍ଗ–ପୁରୀ ଦ୍ରୁତଗାମୀ ଟ୍ରେନ ରହିଲେ ଦେଓଗାଁ ବ୍ଲକ ସମେତ ଗୁଡଭେଲା ଓ ସଦର ବ୍ଲକର ଅଧିବାସୀ ବେଶ ଉପକୃତ ହୋଇପାରିବେ ବୋଲି ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ କମିଟି ଓ ଯୁଥ ଏକ୍ସନ କମିଟି କହିଛି। ଏଣୁ ଏ ଦିଗରେ ବିଭାଗ ସକାରାତ୍ମକ ପଦକ୍ଷେପ ଗ୍ରହଣ ନ କଲେ ଆଗକୁ ପୁନଶ୍ଚ ଆନ୍ଦୋଳନ କରାଯିବ ବୋଲି ଉଭୟ କମିଟି ତରଫରୁ ଚେତାବନୀ ଦିଆଯାଇଛି।

# ଟାଟା ସ୍ୱେଚ୍ଛାସେବୀ ସପ୍ତାହ ପାଳନ

**ଲୋଇସିଂହା,୭।୩(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଗାନ୍ଧୀସ୍ମୃତି ପାଠାଗାରଠାରେ ପ୍ରଥମ ଏଜୁକେଶନ ଫାଉଣ୍ଡେଶନ ଓ ଟିପିଡବ୍ଲୁଓଡିଏଲର ମିଳିତ ଆନୁକୂଲ୍ୟରେ ଟାଟା ସ୍ୱେଚ୍ଛାସେବୀ ସପ୍ତାହ ପାଳନ ଉପଲକ୍ଷେ ଶକ୍ତି, ନିର୍ଭରଶୀଳତା, ସମାନତା ଓ ପ୍ରଗତି ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ଟିପିଡବ୍ଲୁଓଡିଏଲର ହରପ୍ରସାଦ ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ବୁଢୀପଦର ସମିତିସଭ୍ୟା ପ୍ରଭାତୀ ତ୍ରିପାଠୀ , ପୂଜା କୁମାରୀ, ବସନ୍ତ ଦୁବେ, ବୀର ରାଘବେନ୍ଦ୍ର, ସୁବ୍ରତ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ମହିଳା ଶକ୍ତି ସମାନତା ଓ ପ୍ରଗତି ବିଷୟରେ ଆଲୋଚନା କରିଥିଲେ। ଏହାଛଡା ମହିଳା ଅଧିକାର,ସମାନତା ଓ ସଶକ୍ତିକରଣ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟସେବା ପ୍ରଶିକ୍ଷଣ ସାରିଥିବା ଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ଅତିଥି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ପ୍ରଶିକ୍ଷକ ଆନନ୍ଦ ପଧାନ ସଂଯୋଜନା କରିଥିଲେ। ସୂର୍ଯ୍ୟକାନ୍ତି ନାଥ, ପ୍ରିୟଙ୍କା ପଟେଲ, ଅନୁସୟା ବିଶ୍ୱାଳ, ସନତ ପଟେଲ, ଜ୍ୟୋତିର୍ମୟ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

# ଯାଦବ ଭବନ ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଅତିଥିବୃନ୍ଦ।

**ସଇଁତଲା,୭।୩(ରାଖାଲ ପ୍ରସାଦ ଶତପଥି)**

ସଇଁତଲା ବ୍ଲକ ଅନ୍ତର୍ଗତ ବୁଢ଼ାବାହାଲ ପଞ୍ଚାୟତରେ ଯାଦବ ଭବନ ଉଦ୍‌ଘାଟିତ ହୋଇଛି। ବଲାଙ୍ଗୀର ଯାଦବ ସଂଘ ସଭାପତି ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ଭବନ ପରିସରରେ ବୁଢ଼ାବାହାଲ ଯାଦବ ସଂଘ ତରଫରୁ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ଲକ୍ଷ୍ମଣ ବାଗ ମୁଖ୍ୟଅତିଥି, ପଦ୍ମଶ୍ରୀ ହଳଧର ନାଗ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ସଇଁତଲା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ସଇଁତଲା ସରପଞ୍ଚ, ଜିଲା ପରିଷଦ ସଦସ୍ୟ ପ୍ରମୋଦ ଭୋଇ, ପଞ୍ଚା ବଗର୍ତ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ସଭାକୁ ବ୍ଲକ ଯାଦବ ସଂଘ ସଭାପତି ମନୋହର ବାଗ ପରିଚାଳନା କରିଥିବା ବେଳେ ଗୋକୁଳାନନ୍ଦ ବଗର୍ତ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ସଇଁତଲା ବ୍ଲକ ସାମ୍ବାଦିକ ସଂଘ ସଭାପତି ତରୁଣ ବେହେରାଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଗଜେନ୍ଦ୍ର ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ହାତରେ ସାଲାଇନ ଲଗାଇ ସ୍କୁଲ ଆସିଲେ ଶିକ୍ଷକ

**ପାଟଣାଗଡ଼,୭।୩(ସଚ୍ଚିଦାନନ୍ଦ ମହାକୁର)**


ହାତରେ ସାଲାଇନ ଲଗାଇ ଗଣିତ ଶିକ୍ଷକ ସ୍କୁଲ ଭିତରୁ ବାହାରକୁ ବାହାରୁଛନ୍ତି।

- ଛୁଟି ଦେଲେନି ପ୍ରିନ୍ସିପାଲ
- ତଦନ୍ତ ହେବ-ବିଇଓ

ବଲାଙ୍ଗୀର ଜିଲା ପାଟଣଗଡ଼ ବ୍ଲକ୍ ଭଇଁଷାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଛୁଟି ନ ମିଳିବାରୁ ସ୍କୁଲର ଗଣିତ ଶିକ୍ଷକ ତାଙ୍କ ହାତରେ ସାଲାଇନ ଲଗାଇ ପରିବାରବର୍ଗଙ୍କ ସହ ସ୍କୁଲକୁ ଆସିବା ଦୃଶ୍ୟ ଚର୍ଚ୍ଚାର ବିଷୟ ହୋଇଛି। ଶିକ୍ଷକ ଜଣକ ହେଲେ ବେଲପଡ଼ା ବ୍ଲକ୍ ଧୁମାଭଟା ପଞ୍ଚାୟତ ଜଲିଆ ଗାଁର ପ୍ରକାଶ ଭୋଇ।

ମିଳିଥିବା ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨୨ରେ ଗଣିତ ଶିକ୍ଷକ ପ୍ରକାଶ ବେଲପଡ଼ାରୁ ଭଇଁଷା ଆଦର୍ଶ ବିଦ୍ୟାଳୟକୁ ବଦଳିହୋଇ ଆସିଥିଲେ। ସେ ଉକ୍ତ ବିଦ୍ୟାଳୟରେ ବର୍ତ୍ତମାନ ଗଣିତ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ଗତ ଗୁରୁବାର ତାଙ୍କ ଅଜାଙ୍କ ପରଲୋକ ହେବା ଖବର ପାଇ ସେ ସ୍କୁଲ ଷ୍ଟାଫ୍‌ଙ୍କ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଛୁଟି ନେବା ପାଇଁ ଲିଖିତ ଭାବରେ ଜଣାଇଥିଲେ। କିନ୍ତୁ ସ୍କୁଲର ପ୍ରିନ୍ସିପାଲ ତାଙ୍କୁ ଛୁଟି ଦେଇ ନ ଥିଲେ ବୋଲି ଅଭିଯୋଗ ହୋଇଛି। ଫଳରେ ପ୍ରକାଶ ଗୁରୁବାର ସ୍କୁଲକୁ ଆସିଥିଲେ। ସ୍କୁଲରୁ ଛୁଟି ହେବା ପରେ ତାଙ୍କ ଜଲିଆ ସ୍ଥିତ ନିଜ ଘରକୁ ଯାଇଥିଲେ। ଶୁକ୍ରବାର ସକାଳୁ ତାଙ୍କ ଦେହ ଅସୁସ୍ଥ ହେବାରୁ ସେ ଘରୁ ସାଲାଇନ ଲଗାଇ ପରିବାର ଲୋକଙ୍କ ସହ କାର୍ ଯୋଗେ ସ୍କୁଲକୁ ଆସିଥିଲେ। କିନ୍ତୁ ଦେହ ଅଧିକ ବିଗିଡ଼ିଯିବାରୁ ସ୍କୁଲରୁ ସେ ଭଇଁଷା ଗାଁରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ସେ ପୁଣି ସ୍କୁଲକୁ ଆସିଥିଲେ। ଏହି ଘଟଣା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି। ଅପରପକ୍ଷରେ ସମ୍ପୃକ୍ତ ଗଣିତ ଶିକ୍ଷକ ପ୍ରକାଶଙ୍କୁ ପଚାରିବାରେ ଛୁଟି ନ ମିଳିବାରୁ ସେ ବିଦ୍ୟାଳୟକୁ ଅସୁସ୍ଥ ଅବସ୍ଥାରେ ଆସିଥିବା କହିଥିଲେ। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରିନ୍ସିପାଲଙ୍କୁ ପଚାରିବାରେ ଶିକ୍ଷକ ଜଣକ ଛୁଟି ମାଗି ନ ଥିବା କହିଥିଲେ। ସ୍କୁଲକୁ ଯଦି ଜଣେ ସାଲାଇନ ଲଗାଇ ଆସିଲେ ତେବେ କ’ଣ କରାଯିବ ବୋଲି ପାଲଟା ପ୍ରଶ୍ନ କରିଥିଲେ। ଅପରପକ୍ଷରେ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମାଝିଙ୍କୁ ପଚାରିବାରେ ଏହାର ତଦନ୍ତ କରାଯିବ। ରିପୋର୍ଟ ଆସିଲା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମାଝି କହିଛନ୍ତି।

# ୮ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ବାଜିଲା ମୋହର

**ସୋନପୁର,୭।୩(ମୃତ୍ୟୁଞ୍ଜୟ ଶତପଥୀ)**



ବୈଠକରେ ବିଭିନ୍ନ ବିଭାଗ ସମ୍ପର୍କରେ ଆଲୋଚନା କରାଯାଉଛି।

ସୋନପୁର ବ୍ଲକ ରୁଗୁଡ଼ିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ନିଆରା କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଦ୍ୟାଳୟରେ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥଲା। କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୋଟ ୮ ଗୋଟି ପ୍ରସ୍ତାବ ଉପରେ ମୋହର ବାଜିଛି। ବିଦ୍ୟାଳୟର ଗଙ୍ଗାଧର ମେହେର କକ୍ଷରେ ମୁଖ୍ୟମନ୍ତ୍ରୀ ଚନ୍ଦନ ଜଗଦଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, କ୍ରୀଡ଼ା, ସଂସ୍କୃତି, ପରିବେଶ, ଖାଦ୍ୟ ଓ ପ୍ରାର୍ଥନା ଆଦି ବିଭାଗର ମୋଟ ୮ ଗୋଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ବିଦ୍ୟାଳୟର ଶୃଙ୍ଖଳା ବଢିବା ସଙ୍ଗେସଙ୍ଗେ ବିଦ୍ୟାଳୟର ଉନ୍ନତି ହେବ ବୋଲି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଜଗଦଲା। ଏହି କାର୍ଯ୍ୟକ୍ରମ ଭବିଷ୍ୟତରେ ଛାତ୍ରୀଛାତ୍ରଙ୍କୁ ନେତୃତ୍ୱ ନେବା ପାଇଁ ପ୍ରେରଣା ଯୋଗାଇବ ବୋଲି ମତପ୍ରକାଶ ପାଇଛି। ବିଦ୍ୟାଳୟରେ ହେବାକୁ ଥିବା ବାର୍ଷିକ ଆକଳନ-୨ରେ ସମସ୍ତ ୧୩୦ ଛାତ୍ରୀଛାତ୍ର ସକ୍ରିୟ ଅଂଶଗ୍ରହଣ କରିବା ନେଇ ସମସ୍ତେ ଦାୟିତ୍ୱ ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଆମ ବିଦ୍ୟାଳୟର କାର୍ଯ୍ୟକ୍ରମ 'ଆମ ସ୍ମୃତି'କୁ ଅଧିକ ଆକର୍ଷଣୀୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ବିଦ୍ୟାଳୟର "ମୋ ସମାଚାର' କାର୍ଯ୍ୟକ୍ରମ ଶୁକ୍ରବାର ଠାରୁ ସମ୍ପୂର୍ଣ୍ଣ ରୂପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିଚାଳିତ କରାଯିବାର ପ୍ରସ୍ତାବ ଗ୍ରହଣ ହୋଇଥିଲା। ବିଦ୍ୟାଳୟର ଅନ୍ୟ ଏକ କାର୍ଯ୍ୟକ୍ରମ ଯାହାକି "ଆଜି ମୋର ଜନ୍ମଦିନ" ନାମରେ ପରିଚିତ, ସେଥିରେ ଛାତ୍ରୀଛାତ୍ରମାନେ ଜନ୍ମଦିନ ପାଳନ ପର୍ବରେ ସମର୍ପଣ ଭାବ ସୃଷ୍ଟି ପାଇଁ ବିଦ୍ୟାଳୟକୁ ନିଜ ଶକ୍ତି ମୁତାବକ କିଛି ଦାନ କରିବାର ନିଷ୍ପତ୍ତି ନିଆଗଲା । ଆସନ୍ତା ପରୀକ୍ଷାକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ଚାଲୁଥିବା 'ବିଦ୍ୟାଳୟ ମୋ ମନ୍ଦିର' କାର୍ଯ୍ୟକ୍ରମକୁ ମାର୍ଚ୍ଚ ମାସରେ ବନ୍ଦ ରଖାଯିବାର ପ୍ରସ୍ତାବ ନିଆଯାଇଛି। ଆମେ ବି କଳାକାର ଓ 'ଆମେ ସମସ୍ତେ ମିଶି ଶିଖିବା ' ବିଦ୍ୟାଳୟର ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ପୁନଃ ୨୨ତାରିଖ ପରେ କାର୍ଯ୍ୟକ୍ଷମ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସମସ୍ତ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଧାନ ଶିକ୍ଷକ ଲାଲଚାନ୍ଦ ରଣାଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜଣାଇବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଏହି ପ୍ରୟାସକୁ ଅଞ୍ଚଳର ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଉଚ୍ଚ ପ୍ରଶଂସା କରିଛନ୍ତି।

**ରୁଗୁଡ଼ିପାଲି ବିଦ୍ୟାଳୟରେ କ୍ୟାବିନେଟ ବୈଠକ**

# ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

**ସୋନପୁର,୭।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ପଟାଭାଡି ପ୍ରାଥମିକ ବିଦ୍ୟାଳୟଠାରେ ଗଡଭିତର କ୍ଲଷ୍ଟରସ୍ତରୀୟ ତ୍ରିଦିବସୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସିଆରସିସି ବୁଦ୍ଧଦେବ ସାଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା । ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷୟିତ୍ରୀ ରୀତା ଗ୍ଲୋରିଆ ଏକ୍କା, ପିରାମଲ ଫାଉଣ୍ଡେଶନର ରାଜନନ୍ଦିନୀ, ଗ୍ରାମୋଥାନର ପରାମର୍ଶଦାତା ସ୍ୱର୍ଣ୍ଣରୁପା ମିଶ୍ର ଓ ରଶ୍ମିତା ପଧାନ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଫକୀର ଚରଣ ଭୋଇ ଓ ସିଆରସିସି ବ୍ରତାନନ୍ଦ ଭୋଇ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ମିଶ୍ର, ସୁଜାତା ମିଶ୍ର, ଆରତୀ ବହିଦାର, ଭାରତୀ କର୍ଣ୍ଣ, ସନ୍ଧ୍ୟାରାଣୀ ମିଶ୍ର ଓ ସୁଷମା ରାଣୀ ପଣ୍ଡା ସହଯୋଗ କରିଥିଲେ। ବିଇଓ ମିଶ୍ର ନୂତନ ଶିକ୍ଷାନୀତିରେ ଶ୍ରେଣୀଗୃହରେ ଶିକ୍ଷଣ ସାମଗ୍ରୀର ଗୁରୁତ୍ୱ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ।



କର୍ମଶାଳାରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅତିଥିମାନେ।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ରଙ୍କ ସଫଳତା

**ପଲସାଗୋରା,୭।୩(ଅଶ୍ୱିନ କୁମାର ନନ୍ଦ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ପଲସାଗୋରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ର ବୃତ୍ତି ପରୀକ୍ଷାରେ ସଫଳତା ପାଇଛନ୍ତି। ଶିକ୍ଷା ବିଭାଗ ପକ୍ଷରୁ ହୋଇଥିବା ତୃତୀୟ ଓ ପଞ୍ଚମ ବୃତ୍ତି ପରୀକ୍ଷାରେ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଅଭିପ୍ରିତା ପ୍ରହରାଜ ଓ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଅଭିଜିତ ମହାପାତ୍ର, ଶ୍ରୀ ମୟୀ ପ୍ରଧାନ, ୟଶରିନ ନାଏକ, କୃତିତ୍ୱ ହାସଲ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟି, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

### ଉଦୟନାଥ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ସମ୍ପାଦକ

**ବାଉଁଶୁଣୀ,୭।୩(ଦେବାଶିଷ ନେପାକ)**

ଜାତୀୟ କଂଗ୍ରେସର ଅଧିନରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଓଡ଼ିଶାର ପୁନର୍ଗଠନ ସୁଦର୍ଶନ ଦାସ (ଚେୟାରମେନ)ଙ୍କ ନେତୃତ୍ୱରେ କରାଯାଇଛି ଏବଂ କମିଟି ଗଠନ କରାଯାଇଛି। ଏହି କମିଟିରେ ବୌଦ୍ଧ ଜିଲାରୁ ଉଦୟନାଥ ଶର୍ମା (ବାଉଁଶୁଣୀ)ଙ୍କୁ ରାଜ୍ୟ କମିଟିରେ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଏକ ସାକ୍ଷାତକାରରେ ଉଦୟନାଥ ଶର୍ମା କହିଛନ୍ତି, ଆଗାମୀ ଦିନରେ ଜିଲା ତଥା ରାଜ୍ୟ ପଞ୍ଚାୟତିରାଜ ସଂଗଠନକୁ ସୁଦୃଢ଼ କରାଯିବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖିରେ ରଖି ଜିଲାର ପ୍ରତି ପଞ୍ଚାୟତରେ ସଙ୍ଗଠନକୁ ସୁଦୃଢ଼ କରାଯିବ। ଉଦୟନାଥ ଶର୍ମାଙ୍କୁ ସଂଗଠନରେ ରାଜ୍ୟ ସମ୍ପାଦକ ଭାବେ ନେଇ ଥିବାରୁ ସୁଦର୍ଶନ ଦାସଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ବକ୍ସର ବିହାରକୁ ହରାଇ ଫାଇନାଲରେ ଫାଓ କଟକ



ଖେଳାଳୀଙ୍କ ମଧ୍ୟରେ ଫୁଟବଲ୍ ମ୍ୟାଚ୍ ଚାଲିଛି।

**ବୌଦ୍ଧ, ୭।୩(ଅଜିତ କୁମାର ବାରିକ)**

**ଡିଏସ୍ କପ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଷଷ୍ଠ ଦିନ**

ବୌଦ୍ଧଜିଲା ଫୁଟବଲ୍ ଆସୋସିଏଶନ ଦ୍ୱାରା ଆୟୋଜିତ ଡିଏସ୍ କପ୍ ଫୁଟବଲ୍ ଟୁର୍ନାମେଣ୍ଟର ଶୁକ୍ରବାର ଷଷ୍ଠ ଦିନରେ ଦ୍ୱିତୀୟ ସେମିଫାଇନାଲ ଖେଳ ଫାଓ କଟକ ଓ ବକ୍ସର ବିହାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ଟି ବହୁ ଚିତ୍ତାକର୍ଷକ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଫାଓ କଟକ ଗୋଟିଏ ଗୋଲ ଦେଇଥିଲା। ଫଳରେ ୧-୦ ଗୋଲରେ ଫାଓ କଟକ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲାପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଓଡିଶା ଫୁଟବଲ ଆସୋସିଏଶନର ପୂର୍ବତନ ଉପସଭାପତି ହୃଦୟ ରଞ୍ଜନ ବେହେରା ଯୋଗଦେଇ ଥିଲେ। ଖେଳକୁ ମୁଖ୍ୟରେଫରୀ ଭାବେ ତରୁଣ କୁମାର ବିଶ୍ୱାସ ପରିଚାଳନା କରିଥିବାବେଳେ ଲାଇନରେ ଦିଲ୍ଲୀପ କୁମାର ରାଉତ ଏବଂ ଶଶିକାନ୍ତ ଦାସିଆ ସହାୟତା କରିଥିଲେ। ସେହିପରି ଚତୁର୍ଥ ରେଫରୀ ଭାବେ ସଲିଳ କୁମାର ବେହେରା ଓ ମ୍ୟାଚ କମିଶନର ଭାବେ ଦୁର୍ଗା ମାଧବ ନାଏକ ଦାୟିତ୍ୱ ତୁଲାଇଥିଲେ। ଶନିବାର ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମହିଳା ଫୁଟବଲ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବ। ଏହି ପ୍ରଦର୍ଶନୀ ମ୍ୟାଚ ଓଡ଼ିଶା ବନାମ କୋଲକତା ମଧ୍ୟରେ ଅନୁଷ୍ଠିତ ହେବ।

# ଅସହାୟଙ୍କୁ ନୃସିଂହନାଥ ଦର୍ଶନ କରାଇଲେ ସାମାଜିକ କର୍ମୀ

**ପାଇକମାଲ,୭।୩(ବଡ଼ ଶତପଥି)**

ପ୍ରୟାଗରାଜରେ ହେଉଥିବା ମହାକୁମ୍ଭ ମେଳା ସମାପନ ହୋଇଛି। ବିଶ୍ୱାସ ଅଛି ତ୍ରିବେଣୀ ସଂଗମରେ ବୁଡ ପକେଇଲେ କୋଟି ଜନ୍ମର ପୂଣ୍ୟ ମିଳିଥାଏ।ଏହା ସହିତ ବୁଡ଼ ପକାଇ ଫେରିବା ପରେ ଅନେକ ଲୋକ ନିଜ ନିଜ ଘରେ ଭୋଜନ ବ୍ୟବସ୍ଥା କରିଥାନ୍ତି ଆତ୍ମିୟ ମାନଙ୍କୁ ନିମନ୍ତ୍ରଣ କରିଥାନ୍ତି। ଏହି ସବୁ ଭିତରେ ସମାଜରୁ ଅବହେଳିତ ନିଷ୍ପେସିତ ହୋଇ ରାତ୍ର ଆଶ୍ରୟସ୍ଥଳୀରେ ରହୁଥିବା ଅନ୍ତେବାସୀମାନଙ୍କୁ ଗୋଟିଏ ସ୍ୱତନ୍ତ୍ର ବସ ଯୋଗେ ପଶ୍ଚିମ ଓଡିଶା ତଥା ଛତିଶଗଡ଼ ଅଞ୍ଚଳର ଗଙ୍ଗା ଭାବେ ପରିଚିତ ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ପୀଠକୁ ଦର୍ଶନ କରାଇବା ପାଇଁ ଶୁକ୍ରବାର ଆସି ଥିଲେ ଜଣାଶୁଣା ସାମାଜିକ କର୍ମୀ ସୁବ୍ରତ କୁମାର ବିର୍ତ୍ତିଆ। ଅନ୍ତେବାସୀମାନେ ପବିତ୍ର ଝରଣାରେ ବୁଡ଼ ପକାଇବା ପରେ ମହାପ୍ରଭୁ ନୃସିଂହ ନାଥଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ଅନ୍ତେବାସୀମାନଙ୍କ ସହିତ ପରିଚାଳକ ଅଭିନାଶ ଦାଶ, ଅଜିତ ଦଳବେହେରା,ପ୍ରଦୀପ ମହାରଣା ସ୍ୱପ୍ନା ମେହେର ପ୍ରମୁଖ ସହଯୋଗ କରିଥିଲେ। ସୁବ୍ରତ କୁମାର ବିର୍ତ୍ତିଆଙ୍କୁ ଏହି ମହତ କାର୍ଯ୍ୟ ପାଇଁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

# ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଠିକାଦାର ସଂଘର ଆଲୋଚନା

**ବରପାଲି, ୭।୩(ଚିତ୍ତରଞ୍ଜନ ସାହୁ)**

ବରପାଲି ଜଳସେଚନ ବିଭାଗରେ ନୂତନ ଭାବେ ଯୋଗ ଦେଇଥିବା ଅଧୀକ୍ଷଣ ଯନ୍ତ୍ରୀ ଚନ୍ଦନ କୁମାର ସରାଫଙ୍କୁ ବରପାଲିର ଜୟ ମା' ସମଲେଶ୍ୱରୀ ଠିକାଦାର ସଂଘ ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ୍‌କାର କରି ଆଲୋଚନା କରିଥିଲେ। ଏହି ବିଭାଗର ସମସ୍ତ କାର୍ଯ୍ୟ ଚାଷ ଓ ଚାଷୀଙ୍କ ସମସ୍ୟା ସହ ଜଡ଼ିତ। ଏଣୁ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପୁରୁଣା କାର୍ଯ୍ୟାଦେଶ ଓ ନୂତନ କାର୍ଯ୍ୟ ସବୁକୁ ତୁରନ୍ତ ଆରମ୍ଭ କରିବା ସହ ଏ ଦିଗରେ ଠିକାଦାର ସଂଘ ସମସ୍ତ ପ୍ରକାର ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ବେଳେ ଜୟ ମା' ସମଲେଶ୍ୱରୀ ଠିକାଦାର ସଂଘର ସଭାପତି ସଲିମ ଖାଁଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ସନ୍ତୋଷ ସାହୁ, ସମ୍ପାଦକ ବନ୍ତ ରାମ ସେଠ, ମନୋଜ ମେହେର, ସରୋଜ ତ୍ରିପାଠୀ, ବଣ୍ଟି ତ୍ରିପାଠୀ, ରିଙ୍କୁ ଖାଁ, ମୁନା ମେହେର, ଅନିଲ ସେଠ, ଅଜିତ ଦାସ, ଗଙ୍ଗା ପଧାନ, ରାଜେଶ ମାହାଣ, ବଣ୍ଟି ଖାଁ, ଶରତ ସା, ମନୋଜ ମେହେର, ସ୍ୱାଧୀନ ଦଫାଦାର, ସାନନ୍ଦ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

# ପାଲା ମାଧ୍ୟମରେ ସଚେତନତା ସୃଷ୍ଟି

**ଲାଠୋର,୭।୩(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗୋଷ୍ଠୀକେନ୍ଦ୍ରଠାରେ ସୁପରଭାଇଜର ବାସନ୍ତୀ ରାଣୀ ରଥଙ୍କ ଅଧ୍ୟକ୍ଷତାରେ ଗୁରୁବାର ସୁଭଦ୍ରା ଯୋଜନା ଏବଂ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲ, ସମ୍ମାନିତ ଅତିଥି ଭାବେ ହାଟପଦା ପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଶବର, ଇଫିକୋର କୋର୍ଡିନେଟର ସ୍ନେହଲତା ପ୍ରଧାନ,ମହିଳା ଓ ଶିଶୁ ବିକାଶ ବିଭାଗ ଏସଏ ଅଭିରାମ ରଣା ଯୋଗ ଦେଇଥିଲେ। ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଶତାଧିକ ମହିଳା ସଭାରେ ଯୋଗ ଦେଇଥିଲେ। ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନାରେ ସାମିଲ କରି ୫୦ ହଜାର ଲେଖାଏ ଟଙ୍କା ପ୍ରଦାନ କରୁଛନ୍ତି। ହିତାଧିକାରୀ ମାନେ କେମିତି ଆବେଦନ କରିବେ ଏବଂ ଯୋଜନାରୁ ଲାଭ ପାଇ ପାରିବେ ସେ ଉପରେ ଅତିଥିମାନେ ବୁଝାଇଥିଲେ। ସଭା ପରେ ଖଇରାପଡ଼ା ଏବଂ ହାଟପଦାପଡ଼ା ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ କରି ଯୋଜନା ଉପରେ ସଚେତନ କରିଥିଲେ। ପରେ ସମସ୍ତେ ଏକତ୍ରିତ ହୋଇ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଖପ୍ରାଖୋଲ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଥବିର ଚରଣ ସାହୁଙ୍କ ନେତୃତ୍ୱରେ ସାନଉଡେନ ଗ୍ରାମର ସତ୍ୟନାରାୟଣ ପାଲା ଦଳର କଳାକାରମାନେ ମଧ୍ୟ ପାଲା ମାଧ୍ୟମରେ ସଚେତନ କରିଥିଲେ।

# ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବରଗଡ଼,୭।୩(ପ୍ରେମାନନ୍ଦ ଖମାରୀ)**



ବାର୍ଷିକ ଉତ୍ସବରେ ଅତିଥିବୃନ୍ଦ।

ବରପାଲି ବ୍ଲକ ଅନ୍ତର୍ଗତ କେବାଡ଼ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଭରତ ଭୋଇ ଅଧ୍ୟକ୍ଷତା କରିଥିଲେ। ଆଗଲପୁର କ୍ଲଷ୍ଟର ସିଆର୍‌ସିସି ସରୋଜ ଦାଶ, ଅଧ୍ୟାପକ ଜଗଦିଶ ଭୋଇ, ଏକ୍ସକ୍ୟାଡ଼ର ପ୍ରଧାନ ଶିକ୍ଷକ ବାଳମୁକୁନ୍ଦ ଦୀପ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଧିର ଗୁରୁ, ଆଗଲପୁର ସରପଞ୍ଚ ରିଙ୍କି ଭୋଇ ଅତିଥିଭାବେ ଯୋଗଦାନ କରିଥିଲେ। ସହକାରୀ ଶିକ୍ଷକ ପୁରୁଷୋତ୍ତମ ସେନାପତି, ଜ୍ଞାନରଞ୍ଜନ ପଣ୍ଡା, ମୁକେଶ କୁମାର ସେଠ, ଗଙ୍ଗାଧର ବୁଡ଼େକ, ରାଜେଶ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସମୀକ୍ଷା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ବିଦ୍ୟାଳୟର ଅନ୍ୟ କୃତୀଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସୁବର୍ଣ୍ଣପୁରରେ ଭାରତୀୟ ଜନଔଷଧି ଦିବସ ପାଳିତ



ଜନଔଷଧି ଦିବସ ପାଳନ ଅବସରରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଓ ଉପଭୋକ୍ତା।

**ସୋନପୁର,୭।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରଠାରେ ଜନ ଔଷଧି ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ଯୁଗାନ୍ତକାରୀ ପରିଯୋଜନା ଭାବେ ସ୍ୱଳ୍ପ ଦରରେ ଉତ୍ତମ ମାନର ଔଷଧ ବିତରଣ କାର୍ଯ୍ୟ ଆଜି ଦେଶର ଏକ ବୃହତ୍ତର ସମାଜର ମଙ୍ଗଳ ସାଧନ କରିପାରୁଛି। ମଝିପଡ଼ାସ୍ଥିତ ଔଷଧି କେନ୍ଦ୍ରଠାରେ ପାଳିତ ଦିବସରେ ରାଜ୍ୟସଭା ସଦସ୍ୟ ସୁଜିତ କୁମାର ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଉପଭୋକ୍ତା ତଥା ଲାଭାର୍ଥୀଙ୍କ ସହ ମତ ବିନିମୟ କରି ଏହି ମତପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଜନ ଔଷଧି ଅଧିକରୁ ଅଧିକ ଲୋକ ବ୍ୟବହାର କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଚିକିତ୍ସାଧିକାରୀ ଡା. ଦୁର୍ଗାଦତ୍ତ ଦାଶ, ବୁଦ୍ଧିଜୀବୀ ବିଦ୍ୟାଧର ଦାନୀ, ସିତାଂଶୁ ମିଶ୍ର, ବଳଦେବ ବେଦବାକ, ଔଷଧ ବିତରକ ସୁଭାଷ ପଧାନ ପ୍ରମୁଖ ଜନ ଔଷଧିର ବ୍ୟବହାର ଉପରେ ମତ ରଖିଥିଲେ। ଔଷଧର ମାନ ଏବଂ ମୂଲ୍ୟ ଦୃଷ୍ଟିରୁ ଭାରତୀୟ ଜନ ଔଷଧି ଆଜି ବେଶ ଲୋକପ୍ରିୟ ହୋଇପାରିଛି ବୋଲି ରାଜ୍ୟସଭା ସଦସ୍ୟ ସୁଜିତ କୁମାର କହିଛନ୍ତି।

# ଶିକ୍ଷକଙ୍କ ବଦଳି ନ ହେବାରୁ ବିଦ୍ୟାଳୟରେ ପଡ଼ିଲା ତାଲା

**ହରଭଙ୍ଗା,୭।୩(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବଣପାହଡ଼ା ଘେରା ତଳଗାଁ ପଞ୍ଚାୟତର ବଡକୋଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକଙ୍କ ବଦଳି ନ ହେବାରୁ ଶୁକ୍ରବାର ଗ୍ରାମବାସୀ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ଦୁଇ ଜଣ ଶିକ୍ଷକ ଅଛନ୍ତି। କିନ୍ତୁ ସେମାନେ ମନଇଛା ବିଦ୍ୟାଳୟକୁ ଆସୁଛନ୍ତି। ଏହା ଦ୍ୱାରା ପିଲାମାନଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଯାହାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଶିକ୍ଷକମାନେ ପାଳି କରି ଆସୁଥିବା ନେଇ ଗତ ଗୁରୁବାର ଶିକ୍ଷା କମିଟି ପକ୍ଷରୁ ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଲିଖିତ ଜଣାଇଥିଲେ। ଶୀଘ୍ର ଶିକ୍ଷକମାନଙ୍କୁ ବଦଳି କରିବାକୁ ଶିକ୍ଷା କମିଟି ଓ ଗ୍ରାମବାସୀ ଅଭିଯୋଗ କରିଥିଲେ। କିନ୍ତୁ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନ ନେବାରୁ ଶୁକ୍ରବାର ସକାଳ ୯ଟାରେ ବିଦ୍ୟାଳୟରେ ତାଲା ପକାଇ ଗ୍ରାମବାସୀ ଧାରଣାରେ ବସିଛନ୍ତି। ଯେ ପର୍ଯ୍ୟନ୍ତ ଶିକ୍ଷକଙ୍କ ବଦଳି ନ ହୋଇଛି ସେ ଯାଏ ଆନ୍ଦୋଳନ ଚାଲୁ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏପେଟ ଆସନ୍ତା ୧୭ ତାରିଖରୁ ପରୀକ୍ଷା ଆରମ୍ଭ ହେବାକୁ ଥିବା ବେଳେ ବିଦ୍ୟାଳୟରେ ତାଲା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ହୋଇଯିବ । ଏନେଇ ହରଭଙ୍ଗା ବ୍ଲକ ଶିକ୍ଷାଧିକାରୀ ଅଜୟ କୁମାର ଲୁହାଙ୍କୁ ପଚାରିବାରୁ ଗତ ଗୁରୁବାର ଗ୍ରାମବାସୀ ଅଭିଯୋଗ କରିଥିଲେ, ପୂର୍ବରୁ କେବେ କିଛି ଅଭିଯୋଗ କରିନାହାନ୍ତି, ସେମାନଙ୍କୁ ଆଗକୁ ପରୀକ୍ଷା ଅଛି ପରୀକ୍ଷା ସରିଲେ ପଦକ୍ଷେପ ନିଆଯିବ ବୋଲି ଗ୍ରାମବାସୀଙ୍କୁ କହିଥିଲି, କିନ୍ତୁ ଗ୍ରାମବାସୀ ଶୁଣୁନାହାନ୍ତି ବୋଲି ସେ କହିଥିଲେ ।



ବିଦ୍ୟାଳୟ ଆଗରେ ଛାତ୍ରୀଛାତ୍ର ଓ ଅଭିଭାବକ।

## ୨ ଡମ୍ଫର ଜବତ, ଗାଡ଼ି ଚାଳକ ଗିରଫ

ବନ୍ଧମୁଣ୍ଡା, ୭।୩(ସୁବ୍ରତ ଦେ)

ଚୋରା ବାଲିଚାଲାଣ କରିବା ଅଭିଯୋଗରେ ବିଶ୍ରା ପୋଲିସ ଗୁରୁବାର ରାତିରେ ଦୁଇଟି ଡମ୍ଫରକୁ ଜବତ କରିଛି। ଏହି ଘଟଣାରେ ଗାଡ଼ି ଚାଳକ ସୁଜିତ ଏକ୍କା ଏବଂ ଦୀପକ ଗୋପଙ୍କୁ ଶୁକ୍ରବାର ରାଉରକେଲା କୋର୍ଟକୁ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ତେତେରକେଲା ବାଲିଘାଟରୁ ଉକ୍ତ ୨ ଡମ୍ଫର ଚୋରା ବାଲି ନେଇ ବିଶ୍ରା ପଟକୁ ଆସୁଥିବା ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଉକ୍ତ ସୂଚନାକୁ ଆଧାର କରି ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ସାରୁବାହାଲ ଛକଠାରେ ଦୁଇଟି ଡମ୍ଫରକୁ ଅଟକାଇ ଯାଞ୍ଚ କରିଥିଲା।

## ପୂର୍ଣ୍ଣଚନ୍ଦ୍ର ରାଉତ ଭାଜପାରୁ ନିଲମ୍ବିତ



ରାଜଗାଙ୍ଗପୁର,୭।୩(ଅଶୋକ ପାଣି)

ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୌର ପରିଷଦ ଅଧୀନ ୧୩ ନଂ. ୱାର୍ଡର କାଉନସିଲର ତଥା ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ରାଉତଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ସୁନ୍ଦରଗଡ ଜିଲା ଭାଜପା ସଭାପତି ଗିରିଶ ଚନ୍ଦ୍ର ସାହୁ ପତ୍ରସଂଖ୍ୟା ୬/୨୫ରେ ଏହି ନିଲମ୍ବନ ଆଦେଶ ଜାରି କରି ରାଜଗାଙ୍ଗପୁର ଭାଜପା ମଣ୍ଡଳ ସଭାପତି ରାଜନ ସୋନିଙ୍କ ନିକଟକୁ ପଠାଇଛନ୍ତି ।

## ଅସହାୟଙ୍କୁ ନୃସିଂହନାଥ ଦର୍ଶନ କରାଇଲେ ସାମାଜିକ କର୍ମୀ

ପାଇକମାଲ,୭।୩(ବଡ଼ ଶତପଥି)

ପ୍ରୟାଗରାଜରେ ହେଉଥିବା ମହାକୁମ୍ଭ ମେଳା ସମାପନ ହୋଇଛି। ବିଶ୍ୱାସ ଅଛି ତ୍ରିବେଣୀ ସଂଗମରେ ବୁଡ ପକେଇଲେ କୋଟି ଜନ୍ମର ପୂଣ୍ୟ ମିଳିଥାଏ।ଏହା ସହିତ ବୁଡ଼ ପକାଇ ଫେରିବା ପରେ ଅନେକ ଲୋକ ନିଜ ନିଜ ଘରେ ଭୋଜନ ବ୍ୟବସ୍ଥା କରିଥାନ୍ତି ଆତ୍ମିୟ ମାନଙ୍କୁ ନିମନ୍ତ୍ରଣ କରିଥାନ୍ତି। ଏହି ସବୁ ଭିତରେ ସମାଜରୁ ଅବହେଳିତ ନିକ୍ଷେପିତ ହୋଇ ରାତ୍ର ଆଶ୍ରୟସ୍ଥଳୀରେ ରହୁଥିବା ଅନ୍ତେବାସୀମାନଙ୍କୁ ଗୋଟିଏ ସ୍ୱତନ୍ତ୍ର ବସ ଯୋଗେ ପଶ୍ଚିମ ଓଡିଶା ତଥା ଛତିଶଗଡ଼ ଅଞ୍ଚଳର ଗଙ୍ଗା ଭାବେ ପରିଚିତ ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ପୀଠକୁ ଦର୍ଶନ କରାଇବା ପାଇଁ ଶୁକ୍ରବାର ଆସି ଥିଲେ ଜଣାଶୁଣା ସାମାଜିକ କର୍ମୀ ସୁବ୍ରତ କୁମାର ବିର୍ଡିଆ। ଅନ୍ତେବାସୀମାନେ ପବିତ୍ର ଝରଣାରେ ବୁଡ଼ ପକାଇବା ପରେ ମହାପ୍ରଭୁ ନୃସିଂହ ନାଥଙ୍କ ଦର୍ଶନ କରିଥିଲେ। ଏହି ଅବସରରେ ଅନ୍ତେବାସୀମାନଙ୍କ ସହିତ ପରିଚାଳକ ଅଭିନାଶ ଦାଶ, ଅଜିତ ଦଳବେହେରା,ପ୍ରଦୀପ ମହାରଣା ସ୍ୱପ୍ନା ମେହେର ପ୍ରମୁଖ ସହଯୋଗ କରିଥିଲେ।



ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ ଶୁକ୍ରବାର ମହିଳାମାନେ ଶୋଭାଯାତ୍ରାରେ କୁତ୍ରା ଗ୍ରାମ ପରିକ୍ରମା କରୁଛନ୍ତି।

## ଶୋଭାଯାତ୍ରାରେ ମହିଳା ଦିବସ ପାଳନ

କୁତ୍ରା,୭।୩(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟରେ ବ୍ଲକ ମିଶନ ଶକ୍ତି ଓ ସମନ୍ୱିତ ଶିଶୁ ଓ ମହିଳା ବିକାଶ ବିଭାଗ ପକ୍ଷରୁ ଶୁକ୍ରବାର ମିଳିତ ଭାବେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ପ୍ରଥମେ ମିଶନ ଶକ୍ତି ଓ ବିଭିନ୍ନ ଅନୁଷ୍ଠାନର ମହିଳାମାନେ ଏକ ଶୋଭାଯାତ୍ରାରେ ବେଟି ବଚାଓ ବେଟି ପଢାଓ ନାରା ଦେଇ କୁତ୍ରା ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ପରେ ମିଶନ ଶକ୍ତି ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଗଳ କିଶୋର ବିଶ୍ୱାଳ ମୁଖ୍ୟ ଅତିଥି, ଏବିଡିଓ ଲିଲି ସଙ୍ଗୀତା ମିଞ୍ଜ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଭାଗର ମହିଳା କର୍ମୀମାନଙ୍କୁ ନେଇ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ମହିଳା ସବୁ କ୍ଷେତ୍ରରେ ପାରଦର୍ଶୀ



ମହିଳା ଦିବସ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସହ ଅତିଥିଗଣ।

ସୁନ୍ଦରଗଡ଼, ୭।୩(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସଂସ୍କୃତି ଭବନଠାରେ ଶୁକ୍ରବାର ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ଜିଲାପାଳ ମନୋଜ ମହାଜନ, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଡ. ରିନତୀ ମିଶ୍ର, ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନ, ଜିଲା ସମାଜ କଲ୍ୟାଣ ଅଧିକାରୀ କ୍ରିଷ୍ଟା କୁମାରୀ ନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ସମାଜସେବୀ ସ୍ନେହଲତା ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ମହିଳାମାନେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ଆଗଭର।

### ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

ପ୍ରତ୍ୟେକ କ୍ଷେତ୍ରରେ ସେମାନେ ନିଜର ପାରଦର୍ଶିତା ପ୍ରତିପାଦନ କରିପାରିଛନ୍ତି। ମହିଳା ନିଜେ ସଶକ୍ତ ହେବା ସହିତ ସମଗ୍ର ପରିବାରକୁ ମଧ୍ୟ ସଶକ୍ତ କରିବାରେ ସହାୟକ ହେଉଛନ୍ତି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ବିଭିନ୍ନ ସମୟରେ ମହିଳାମାନଙ୍କ କ୍ଷେତ୍ରରେ ହେଉଥିବା ନିର୍ଯାତନା ଦୂରୀକରଣ ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସବଡେଗା ବ୍ଲକର ସିଡିପିଓ ସନ୍ଧ୍ୟାରାଣୀ ନାୟକଙ୍କୁ ଶ୍ରେଷ୍ଠ ସିଡିପିଓ, ଜିଲାସ୍ତରୀୟ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରିଆସୁଥିବା ଜିଲା ସଂଯୋଜିକା ମୀନାକ୍ଷୀ ପ୍ରଧାନଙ୍କୁ ପ୍ରଶାସନ ପକ୍ଷରୁ ଶ୍ରେଷ୍ଠ ସଙ୍ଗଠିକା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟସ୍ତରୀୟ ଅଦ୍ୱିକା ସମରୋହରେ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ସବଡେଗା ବ୍ଲକର ଦିନେଶ ଟପ୍ପୋଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରକ୍ଷା ଅଧିକାରୀ ସୁଶିଳା ରଥ ମଞ୍ଚ ପରିଚାଳନା କରିଥିଲେ। ସମାଜ କଲ୍ୟାଣ ଅଧିକାରୀ କନକଲତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ନନ୍ଦଲାଲ ନାଏକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ସମସ୍ତ ସିଡିପିଓ, ଅଙ୍ଗନୱାଡ଼ି କର୍ମୀ, ବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୧୬ରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା,୭।୩(ଦିନେଶ ମିଶ୍ର)

ଭାରତ ସରକାରଙ୍କ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଖିଳ ଭାରତୀୟ ସ୍ତରରେ ଏକ ବିକଶିତ ଭାରତ ସମ୍ପର୍କିତ ଯୁବ ସଂସଦ କାର୍ଯ୍ୟକ୍ରମ ପାଇଁ ରାଉରକେଲା ମ୍ୟୁନିସିପାଲ କଲେଜ ପରିସରରେ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ଅଧ୍ୟକ୍ଷ ଡ. ସନାତନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ କଲେଜ ଅଧ୍ୟାପିକା ଡ. ଦିବ୍ୟକାନ୍ତୀ ବିଲୁଙ୍ଗ ଓ ଅଧ୍ୟାପକ ଆକାଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇ କହିଥିଲେ, ଜାତୀୟ ସେବା ସଂସ୍ଥା ଓ ନେହେରୁ ଯୁବ କେନ୍ଦ୍ର ସଂଯୋଜନାରେ ଓଡିଶାର ୧୪ଟି ନୋଡାଲ ସେଣ୍ଟର ମଧ୍ୟରେ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ ଅନ୍ୟତମ। ଏହି କେନ୍ଦ୍ର ଦ୍ୱାରା ସୁନ୍ଦରଗଡ ଓ ଦେବଗଡ ଜିଲାର ୫୪ଟି ମହାବିଦ୍ୟାଳୟର ୫ ହଜାର ଯୁବ ପ୍ରତିଭାଙ୍କୁ ଭାଗ ନେବାର ଯୋଜନା ପ୍ରସ୍ତୁତି ହୋଇଛି। ୧୮ବର୍ଷରୁ ୨୫ ବର୍ଷ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନେ ମାଇଁ ଭାରତ.ଜିଓଭି.ଇନ୍‌ରେ ପଞ୍ଜିକୃତ କରି ସେମାନଙ୍କ ୧ ମିନିଟ୍ ଭିଡିଓ ଅପ୍‌ଲୋଡ କରିପାରିବେ। ସେମାନଙ୍କ ମଧ୍ୟରୁ ୧୫୦ ଜଣ ଚୟନ ପ୍ରତିଯୋଗୀ ମାର୍ଚ୍ଚ ୧୬ ଓ ୧୭ ତାରିଖରେ ମ୍ୟୁନିସିପାଲ କଲେଜ ପରିସରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ସେଥିରୁ ୧୦ ଜଣ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଓ ଏଥିରୁ ଉତ୍ତୀର୍ଣ୍ଣ ହୋଇ ସର୍ବଭାରତୀୟସ୍ତରୀୟ ବିତର୍କରେ ଭାଗ ନେଇ ପୁରସ୍କୃତ ହୋଇପାରିବେ। ଏଥିପାଇଁ ଆସନ୍ତା ୯ତାରିଖ ରାତି ୧୨ଟା ମଧ୍ୟରେ ନିଜ ଭିଡିଓ ଅପ୍‌ଲୋଡ କରିବାକୁ ସୂଚନା ପ୍ରଦାନ କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ଅଧ୍ୟାପକ ବିଜୟ କୁମାର ପାଢ଼ୀ, ବିଜୟଲକ୍ଷ୍ମୀ ଦେଓ, ହେମନ୍ତ କୁମାର ପୁହାଣ, ଦୀପ୍ତିରଞ୍ଜନ ମହାନ୍ତି, ରାଜକୁମାର ମିଶ୍ର, ପ୍ରମୋଦ ରଣା, ସୁରଜ ତନ୍ତୀ, ଗଗନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆ ଫୌଜଦାରି ଆଇନ ଉପରେ ସଚେତନତା

ରାଜଗାଙ୍ଗପୁର,୭।୩(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ପରିସରରେ ଶୁକ୍ରବାର ସନ୍ଧ୍ୟାରେ ନୂଆ ଫୌଜଦାରି ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଜଗାଙ୍ଗପୁର ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ପରିଚାଳନା କରି ନୂତନ ଆଇନ ଉପରେ ବକ୍ତବ୍ୟ ରଖିଥିଲେ। ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ତହସିଲଦାର ଜଗବନ୍ଧୁ ମଲ୍ଲିକ, ଏକ୍‌ଜିକ୍ୟୁଟିଭ ଅଫିସର ଭିକ୍ଟର ସରେଙ୍ଗ, ଓକିଲ ସଂଘ ସଭାପତି ଅଶୋକ ପାଣି, ଆଇନଜୀବୀ ପ୍ରଳୟ ହାଜରା ପ୍ରମୁଖ ନୂଆ ଆଇନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉପନଗରପାଳ ମହମ୍ମଦ ଇରଫାନ, ଭାଜପା ଟାଉନ ସଭାପତି ରାଜନ ସୋନି, ଅରବିନ୍ଦ ସାହୁ, ଓକିଲ ସଂଘ ଉପସଭାପତି ଅର୍ଚ୍ଚନା ମୁଦୁଲି, ସରବତୀ ଦେବି ମହିଳା ମହାବିଦ୍ୟାଳୟର ଅଧ୍ୟାପକ ସପନ ପଣ୍ଡାଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଉଦୟନାଥ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ ସମ୍ପାଦକ

ବାଉଁଶୁଣୀ,୭।୩(ଦେବାଶିଷ ନେପାକ)

ଜାତୀୟ କଂଗ୍ରେସର ଅଧୀନରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଓଡ଼ିଶାର ପୁନର୍ଗଠନ ସୁଦର୍ଶନ ଦାସ (ଚେୟାରମେନ)ଙ୍କ ନେତୃତ୍ୱରେ କରାଯାଇଛି ଏବଂ କମିଟି ଗଠନ କରାଯାଇଛି। ଏହି କମିଟିରେ ବୌଦ୍ଧ ଜିଲାରୁ ଉଦୟନାଥ ଶର୍ମା (ବାଉଁଶୁଣୀ)ଙ୍କୁ ରାଜ୍ୟ କମିଟିରେ ସମ୍ପାଦକ ଭାବେ ମନୋନୀତ କରାଯାଇଛି।

## ସୁବର୍ଣ୍ଣପୁରରେ ଆର୍ଯ୍ୟ ସମାଜର ବୈଠକ

ସୋନପୁର,୭।୩(ମୃତ୍ୟୁଞ୍ଜୟ ଶତପଥୀ)

ଆର୍ଯ୍ୟସମାଜ ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ବଲାଙ୍ଗୀର ବିଭାଗର ବୈଠକ ସୁବର୍ଣ୍ଣପୁର ସହର ପଟାଭାଡ଼ିସ୍ଥିତ ଦୟାନନ୍ଦ ପ୍ଲେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲାର ପ୍ରମୁଖ କାର୍ଯ୍ୟକର୍ତ୍ତା ଏହି ସାଂଗଠନିକ ବୈଠକରେ ଉପସ୍ଥିତ ଥିଲେ । ସମାଜର ଶତାଧିକ ସକ୍ରିୟ ସଦସ୍ୟା ସଦସ୍ୟ ଯୋଗଦେଇ ଆର୍ଯ୍ୟସମାଜର ୧୫୦ତମ ପ୍ରତିଷ୍ଠା ବର୍ଷକୁ ମହାସମାରୋହରେ ପାଳନ କରିବା ପାଇଁ ମତ ରଖିଥିଲେ। ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ସଭାପତି ପଣ୍ଡିତ ବୃହସ୍ପତି ଶାସ୍ତ୍ରୀ ବୈଠକରେ ଅଧ୍ୟକ୍ଷତା କରିଥିଲେ । ରାଜ କୁମାର ବରାଡ ସଂଯୋଜନା କରିଥିଲେ। ପଣ୍ଡିତ ଦୀନମଣି ବାରିକ ବୈଠକ ଓ ଯଜ୍ଞ ପରିଚାଳନା କରିଥିଲେ। ଶିବ ପ୍ରସାଦ ପାତ୍ର ଦାୟିତ୍ୱ ପରିଚାଳନା କରିଥିଲେ। ବରଗଡ, ସମ୍ବଲପୁର ଓ ସୁନ୍ଦରଗଡ ବିଭାଗର ବୈଠକ ସମ୍ବନ୍ଧରେ ବିଚାର ବିମର୍ଷ କରାଯାଇଥିଲା।

## ପିଏମଶ୍ରୀ ବାର୍ଷିକୋତ୍ସବ, ପୁରସ୍କାର ବିତରଣ ସମାରୋହ



ବାର୍ଷିକୋତ୍ସବରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ସବଡେଗା,୭।୩ (ଅନନ୍ତ ପଟେଲ)

ସୁନ୍ଦରଗଡ ଜିଲା ସବଡେଗା ବ୍ଲକ ଅନ୍ତର୍ଗତ ଛାତସର୍ଗି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପିଏମଶ୍ରୀ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ ପ୍ରଧାନ ଶିକ୍ଷକ ଶଶୀ ବାଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସବଡେଗା ବ୍ଲକ ଅଧ୍ୟକ୍ଷ କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ଭଲ ପାଠ ପଢି ସୁନାମ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଭେନସ କଲେଜ ସୁନ୍ଦରଗଡ଼ର ଅଧ୍ୟକ୍ଷ ଜଗମୋହନ ପ୍ରଧାନ ଯୋଗଦାନ କରି ପରିଶ୍ରମ ବଳରେ ସଫଳତା ପାଇପାରିବେ ବୋଲି ଛାତ୍ରୀମାନଙ୍କୁ କହିଥିଲେ। ଜିଲା ପରିଷଦ ସଭ୍ୟ ମନୋଜ କୁମାର ବରୁଆ, ହମିରପୁର ସରପଞ୍ଚ ଦୀପାଞ୍ଜଳି ଭୋଇ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ କୁମାର ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସତ୍ୟବତୀ ଜୟପୁରିଆ, ଗୋପାଳ ଜୟ ପୁରିଆ, ସତ୍ୟ ନାରାୟଣ ପ୍ରଧାନ, ରତ୍ନାକର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ସୁରଦୀପ ଚନ୍ଦ୍ର ଭୋଇ ମଞ୍ଚ ପରିଚାଳନା ଏବଂ ବଲ୍ଲଭ ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଗୀତାଞ୍ଜଳି ରଣା, ଲକ୍ଷ୍ମୀପ୍ରିୟା ସାମଲ, ପିଙ୍କି ନାଏକ, ନିରୁପା ପଟେଲ, ବିଶ୍ୱରଞ୍ଜନ ପଟେଲ ପ୍ରମୁଖ ସହଯୋଗ କରିଥିଲେ।

# ନିଜସ୍ୱ ସମ୍ବଳରେ କଏଲର ମାଣ୍ଡ୍ରେଲ ନିଷ୍କାସନ

### ରାଉରକେଲା ଇସ୍ପାତ କାରଖାନା

ରାଉରକେଲା, ୭।୩(ଦିନେଶ ମିଶ୍ର)



ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗରେ ଉପସ୍ଥିତ କର୍ମଚାରୀ।

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଶପ୍-ମେକାନିକାଲ୍ ବିଭାଗର ଉଦ୍ୟୋଗୀ କର୍ମଚାରୀମାନେ ହଟ୍ ଷ୍ଟ୍ରିପ୍ ମିଲ୍-୨ (ଏଚ୍‌ଏସ୍‌ଏମ୍ -୨) ବିଭାଗରେ ଏକ କଏଲ୍‌ର ମାଣ୍ଡ୍ରେଲ ନିଷ୍କାସନ ସହ ଏହାର ପୁନଃନିର୍ମାଣ କାର୍ଯ୍ୟ ସଫଳତାର ସହ ସମ୍ପାଦନ କରିଛନ୍ତି। ଯାହା ବହୁଳ ସଞ୍ଚୟ ଆଣିବା ସହିତ ରକ୍ଷଣାବେକ୍ଷଣ ତଥା କାର୍ଯ୍ୟକାରିତାରେ ଆତ୍ମନିର୍ଭରଶୀଳତା ଦିଗରେ ବୃହତ ପଦକ୍ଷେପ ହୋଇପାରିଛି। ୧ ନିୟୁତ ଟନ୍ କଏଲ ଉତ୍ପାଦନ ପାଇଁ ଡିଜାଇନ୍ ହୋଇଥିବା କଏଲର ମାଣ୍ଡ୍ରେଲ, ଏଚ୍‌ଏସ୍‌ଏମ୍-୨ ବିଭାଗ ଆରମ୍ଭ ହେବା ପରଠାରୁ ନିରନ୍ତର କାର୍ଯ୍ୟ କରୁଥିଲା ଏବଂ ୨.୫ ନିୟୁତ ଟନ ହଟ୍ ରୋଲ୍ଡ (ଏଚ୍‌ଆର) କଏଲ ପ୍ରକ୍ରିୟାକରଣ ସମ୍ପନ୍ନ କରିଥିଲା। ଦୀର୍ଘକାଳୀନ ବ୍ୟବହାର ଏବଂ ଦୁର୍ବଳ କଏଲିଂ କ୍ଷମତାକୁ ଦୃଷ୍ଟିରେ ରଖି ପୁନଃସ୍ଥାପନ ପାଇଁ ମାଣ୍ଡ୍ରେଲକୁ ନିଷ୍କାସନ କରିଦିଆଯାଇଥିଲା। ବିଭାଗରେ ଏହାର ନିଷ୍କାସନ ଏବଂ ପୁନଃ ନିର୍ମାଣ ପାଇଁ ବିସ୍ତୃତ ପ୍ରକ୍ରିୟା ଉପଲବ୍ଧ ନ ଥିବା ପରିପ୍ରେକ୍ଷୀରେ ନାମୀ ବିକ୍ରେତାଙ୍କୁ ଉକ୍ତ କାର୍ଯ୍ୟ ଆଉଟସୋର୍ସ କରିବା ପାଇଁ ପ୍ରାରମ୍ଭିକ ଯୋଜନା କରାଯାଇଥିଲା। ସାଧାରଣ ବ୍ୟବସ୍ଥା ଚିତ୍ର ଏବଂ ମାନୁଆ ଗୁଡ଼ିକର ସୂକ୍ଷ୍ମ ଚିନ୍ତନ ପରେ, ମେକାନିକାଲ୍ ଶପ୍, ଡିଜାଇନ୍ ବିଭାଗ ଏବଂ ଏଚ୍‌ଏସ୍‌ଏମ୍-୨ ବିଭାଗ ଟିମ ଦ୍ୱାରା ନିଜସ୍ୱ ସମ୍ବଳରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଏକ ମିଳିତ ପ୍ରୟାସ କରାଯାଇଥିଲା। ଡିଜାଇନ୍ ବିଭାଗର ବୈଷୟିକ ସହାୟତାରେ ମେକାନିକାଲ୍ ଶପ୍ ବିଭାଗର ଟିମ ନିଜସ୍ୱ ସମ୍ବଳ ବ୍ୟବହାର କରି କଏଲର ମାଣ୍ଡ୍ରେଲ ନିଷ୍କାସନ ଏବଂ ପୁନଃ ନିର୍ମାଣ କାର୍ଯ୍ୟକୁ ଏକ ଆହ୍ୱାନ ଭାବେ ଗ୍ରହଣ କରିଥିଲେ। ଏଥିସହିତ ସଂଶ୍ଳିଷ୍ଟ ଅନ୍ୟତମ ଜଟିଳ କାର୍ଯ୍ୟଧାରା ମଧ୍ୟରୁ ଗୋଟିଏ ଥିଲା ହେଡ୍ ଫ୍ଲାଞ୍ଜର ନିଷ୍କାଶନ, ଯେଉଁଥିରେ ଅନେକ ଉନ୍ନତ ପ୍ରଣାଳୀର ଗ୍ରୀସ୍ ବିତରକ ରହିଥିଲା। ନିଷ୍କାସନରେ ସାମାନ୍ୟ ତ୍ରୁଟି ଏହି ଅତି ସୂକ୍ଷ୍ମ ଉପାଦାନଗୁଡ଼ିକୁ କ୍ଷତି ପହଞ୍ଚାଇବା ସମ୍ଭାବନା ଥିବାରୁ ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟରେ ଜିଏ ଡ୍ରଇଂ ଏବଂ ମାନୁଆଲ ଗୁଡ଼ିକୁ ତନ୍ନ ତନ୍ନ ନିରୀକ୍ଷଣ କରାଯାଇଥିଲା। ହେଡ୍ ଫ୍ଲାଞ୍ଜକୁ ସଫଳତାର ସହିତ ଅପସାରଣ କରାଯାଇଥିଲା, ଯାହା ପୁନଃ ନିର୍ମାଣ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା। ଏଭଳି ସାମୂହିକ ପ୍ରୟାସ ଦ୍ୱାରା କରାଯାଇଥିବା କିଛି ଆହ୍ୱାନମୂଳକ କାର୍ଯ୍ୟ ମଧ୍ୟରେ କଏଲର୍ ମାଣ୍ଡ୍ରେଲ ସମସ୍ତ ଚାରୋଟି ଅଂଶର ସମ୍ପୂର୍ଣ୍ଣ ପୁନଃ ନିର୍ମାଣ, କଏଲର ମାଣ୍ଡ୍ରେଲ୍ ଆସେମ୍ବଲିରୁ ୭ ମିଟର ଲମ୍ବା ୱେଜ୍ ରଡ୍ ଅପସାରଣ, ସୂକ୍ଷ୍ମ ପୁନଃ ସଂଯୋଗ ଏବଂ ମାନୁଆଲ୍ ପରୀକ୍ଷଣ ଅନ୍ତର୍ଭୁକ୍ତ ଥିଲା। କଏଲର ମାଣ୍ଡ୍ରେଲକୁ ସଫଳତାର ସହିତ ମାତ୍ର ୨୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ପୁନଃ ନିର୍ମାଣ ସହ ଏକତ୍ରିତ କରାଯାଇ ଏଚ୍‌ଏସ୍‌ଏମ୍-୨ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏହି ନିଜସ୍ୱ ସମ୍ବଳରେ ପୁନଃ ନିର୍ମିତ କାର୍ଯ୍ୟ ଦ୍ୱାରା ଆଉଟସୋର୍ସ କରିବାର ଆନୁମାନିକ ଖର୍ଚ୍ଚ ପ୍ରାୟ ୬୦ ଲକ୍ଷ ଟଙ୍କାର ସିଧାସଳଖ ଖର୍ଚ୍ଚ ସଞ୍ଚୟ ସମ୍ଭବ ହୋଇପାରିଥିଲା। ଏହାସହିତ ଡିଜାଇନ୍ ବିଭାଗ ଏକ ଥ୍ରୀ ଡି ସ୍କାନର ବ୍ୟବହାର କରି ଡାଉନ୍ କଏଲର ମାଣ୍ଡ୍ରେଲର ବିସ୍ତୃତ ଅତିରିକ୍ତ ଅଂଶ ଚିତ୍ର ବିକଶିତ କରାଯାଇଥିଲା। ଯାହା ଭବିଷ୍ୟତରେ ଆତ୍ମନିର୍ଭରଶୀଳତାକୁ ସୁନିଶ୍ଚିତ କରିବା ସହିତ ଅନୁରୂପ ନବୀକରଣ ପାଇଁ ବାହ୍ୟ ଏଜେନ୍ସି ଉପରେ ନିର୍ଭରଶୀଳତାକୁ ହ୍ରାସ କରାଯାଇପାରିଛି।

# ଡେବ୍ରିଗଡ଼ରେ ୨ କି.ମି. 'ଆଘାତ ପ୍ରତିରୋଧ ଅଞ୍ଚଳ' ଘୋଷଣା

ସମ୍ବଲପୁର,୭।୩(ପ୍ରମୋଦ ବହିଦାର)



ଡେବ୍ରିଗଡ଼ ଅଭୟାରଣ୍ୟର 'ଆଘାତ ପ୍ରତିରୋଧ ଅଞ୍ଚଳ' ମଧ୍ୟରେ ବିଭିନ୍ନ ସୁରକ୍ଷା ଉପକରଣରେ ସଜ୍ଜିତ ବନ ବିଭାଗର ପାଟ୍ରୋଲିଂ ଦଳ।

ଡେବ୍ରିଗଡ଼ ଅଭୟାରଣ୍ୟର ପ୍ରାୟ ୨ କିଲୋମିଟର ପରିମିତ ଅଞ୍ଚଳକୁ 'ଆଘାତ ପ୍ରତିରୋଧ ଅଞ୍ଚଳ' ଭାବେ ଘୋଷଣା କରାଯାଇଛି। ଡେବ୍ରିଗଡ଼ ଅଭୟାରଣ୍ୟର ୧ କିଲୋମିଟର ପରିମିତ ଲେଖାଏ ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ଅଞ୍ଚଳକୁ ଏଥିସଂଲଗ୍ନ ପ୍ରାୟ ୬୮ଟି ଗ୍ରାମର ଅଧିବାସୀ ଓ ଡେବ୍ରିଗଡ଼ ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କ ମିଳିତ ପ୍ରୟାସରେ ଏହି ଅଞ୍ଚଳକୁ ସମ୍ପୂର୍ଣ୍ଣ ରୂପେ 'ଶୂନ୍ୟ ପ୍ରତିଘାତ ଓ ଶୂନ୍ୟ ବିଦ୍ୟୁତ୍‌ଘାତ ଅଞ୍ଚଳରେ ପରିଣତ କରାଯାଇ ପାରିଛି ବୋଲି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି। ବନଖଣ୍ଡ ଅଧିକାରୀଙ୍କ ସୂଚନା ଅନୁସାରେ, ଡେବ୍ରିଗଡ଼ ଅଭୟାରଣ୍ୟ ସଂଲଗ୍ନ ୧୦୦ କିଲୋମିଟର ଅଞ୍ଚଳକୁ ହୀରାକୁଦ ଜଳଭଣ୍ଡାର ଓ ଏହାର ଆର୍ଦ୍ରଭୂମି ଘେରି ରହିଛି। ମାତ୍ର ପଶ୍ଚିମାଞ୍ଚଳ ସୀମାନ୍ତ ସଂଲଗ୍ନ ଜଙ୍ଗଲରେ ବିଭିନ୍ନ ସ୍ଥାନରେ ରହିଛି ୨ଶହରୁ ୧ ହଜାର ଜନସଂଖ୍ୟା ବିଶିଷ୍ଟ ୬୮ଟି ଗ୍ରାମ। ଏହି ଗ୍ରାମର ଅଧିବାସୀମାନେ ନିଜର ଦୈନନ୍ଦିନ ଜୀବନ ନିର୍ବାହ ଓ ଆବଶ୍ୟକତା ପୂରଣ ପାଇଁ ସମ୍ପୂର୍ଣ୍ଣ ଭାବେ ଡେବ୍ରିଗଡ଼ ଅଭୟାରଣ୍ୟ ଉପରେ ନିର୍ଭରଶୀଳ। ଏହି ଗ୍ରାମବାସୀମାନେ ଡେବ୍ରିଗଡ଼ ଅଭୟାରଣ୍ୟର ଉକ୍ତ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ 'ଆଘାତ ପ୍ରତିରୋଧ ଅଞ୍ଚଳ'ରେ ପରିଣତ କରିବା ଦିଗରେ ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କୁ ସହଯୋଗର ହାତ ବଢ଼ାଇଥିଲେ ; ଯଦ୍ଦ୍ୱାରା ଏହି ଅଞ୍ଚଳରେ ପୂର୍ବରୁ ଚାଲିଥିବା ଅବାଧ ବନ୍ୟଜନ୍ତୁ ଶିକାରକୁ ପ୍ରତିରୋଧ କରାଯାଇପାରିବ ବୋଲି କହିଛନ୍ତି ବନଖଣ୍ଡ ଅଧିକାରୀ ଦାସ। ସେ କହିଛନ୍ତି, ପୂର୍ବରୁ ଏହି ଅଞ୍ଚଳ ଏକ ବନ୍ୟପ୍ରାଣୀ ଶିକାରୀପ୍ରବଣ ଅଞ୍ଚଳ ଭାବେ ପରିଚିତ ଥିଲା। ବନ୍ୟଜନ୍ତୁଙ୍କ କବଳରୁ ଫସଲ ନଷ୍ଟରୁ ସୁରକ୍ଷା ଓ ବନ୍ୟଜନ୍ତୁ ମାଂସ ପାଇଁ ବନ୍ୟ ଘୁଷୁରି, ସମ୍ବର, କୁଟୁରା ଆଦି ବନ୍ୟଜନ୍ତୁଙ୍କ ଶିକାର ପାଇଁ ଲୋକେ ବିଦ୍ୟୁତ ଲାଇନ୍ ବିଛାଉଥିଲେ। ଅପରପକ୍ଷରେ ବିଭିନ୍ନ ପ୍ରକାର ବନ୍ୟପ୍ରାଣୀ ପ୍ରତ୍ୟହ ସକାଳ ଓ ସନ୍ଧ୍ୟା ସମୟରେ ନିୟମିତ ଭାବେ ଅଭୟାରଣ୍ୟରୁ ଏଥି ସଂଲଗ୍ନ ଜଙ୍ଗଲକୁ ଯାତାୟାତ କରିଥାନ୍ତି। ତେଣୁ ସେମାନଙ୍କୁ ସୁରକ୍ଷା ପାଇଁ ଏହି ଅଞ୍ଚଳକୁ ଶୂନ୍ୟ ବିଦ୍ୟୁତଘାତ ମୁକ୍ତ କରିବା ଅତ୍ୟନ୍ତ ଜରୁରୀ ଥିଲା। ଅଞ୍ଚଳକୁ ଆଘାତ ପ୍ରତିରୋଧ ଅଞ୍ଚଳରେ ପରିଣତ କରାଯାଇ ଏଠାରେ

## ନିୟୋଜିତ ହୋଇଛନ୍ତି ବନ ବିଭାଗର ୧୨ଟି ପାଟ୍ରୋଲିଂ ଦଳ

ମେଟାଲ୍ ଡିଟେକ୍ଟର, ଲାଇଭ୍ ୱାୟାର ଡିଟେକ୍ଟରରେ ସଜ୍ଜିତ ୭୨ ସ୍କାଡ ବିଶିଷ୍ଟ ବନ ବିଭାଗର ୧୨ଟି ପାଟ୍ରୋଲିଂ ଦଳଙ୍କୁ ନିୟୋଜିତ କରାଯାଇ ସେମାନଙ୍କ ଯାତାୟାତ ପାଇଁ ୬ଟି ଯାନ ଉପଲବ୍ଧ କରାଯାଇଛି ବୋଲି କହିଛନ୍ତି ଦାସ। ବନଖଣ୍ଡ ଅଧିକାରୀ ଆହୁରି ସୂଚନା ଦେଇ କହିଛନ୍ତି, ଅଞ୍ଚଳର ପରିବେଶ ସୁରକ୍ଷା ପାଇଁ ଅଭୟାରଣ୍ୟ ସଂଲଗ୍ନ ୬୮ଟି ଗ୍ରାମର ଅଧିବାସୀଙ୍କୁ ନେଇ ପରିବେଶ ବିକାଶ କମିଟି ଗଠନ କରାଯାଇଛି। କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୦୨୫ ବର୍ଷ ପାଇଁ କମିଟିର କର୍ମକର୍ତ୍ତା ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଛି। ଉକ୍ତ କମିଟି ଶହେ କିଲୋମିଟର ପରିମିତ ଏହି ଆଘାତ ପ୍ରତିରୋଧ ଅଞ୍ଚଳର ସୁରକ୍ଷା ଦାୟିତ୍ୱରେ ରହିବେ। ସେମାନେ ପଶୁମାନଙ୍କ ଆଘାତମୁକ୍ତ ବିଚରଣକୁ ନିଶ୍ଚିତ କରିବା ସହ ବନ୍ୟଜନ୍ତୁ ଓ ମଣିଷ ସଂଘର୍ଷକୁ ରୋକିବା ଦାୟିତ୍ୱ ମଧ୍ୟ ନିର୍ବାହ କରିବେ ବୋଲି କହିଛନ୍ତି ବନଖଣ୍ଡ ଅଧିକାରୀ ଦାସ।

# ଜନ ଔଷଧି କେନ୍ଦ୍ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଠେମରା ପ୍ୟାକ୍ସଠାରେ ଶୁକ୍ରବାର ରାତିରେ ଜନ ଔଷଧି କେନ୍ଦ୍ର ଉଦଘାଟନ କରୁଛନ୍ତି।

ସମ୍ବଲପୁର,୭।୩(ବି.ଶଙ୍କର)

ସପ୍ତମ ଜନ ଔଷଧୀ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଠେମରା ପ୍ୟାକ୍ସଠାରେ ଶୁକ୍ରବାର ରାତିରେ ଜନ ଔଷଧି କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ମାଝି ୫ଶହ ଟଙ୍କାର ଔଷଧ କିଣିଥିଲେ। ମଣିଷ ଶରୀରରେ ସବୁ ବେଳେ ରୋଗ ହୋଇଥାଏ। ରୋଗର ଉପସମ ନିମନ୍ତେ ଔଷଧ ସେବନ କରିବାକୁ ପଡେ। କିନ୍ତୁ ଚିନ୍ତାର ବିଷୟ ହେଉଛି ଔଷଧର ଦାମ ଏତେ ଅଧିକ ଯେ, ଗୋଟେ ସାଧାରଣ ଲୋକ ପକ୍ଷେ ଔଷଧ ସେବନ କରିବା କଷ୍ଟସାଧ୍ୟ ହୋଇଯାଏ। ଏହି ସମସ୍ୟାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମରେ ଭାରତୀୟ ଜନ ଔଷଧି ପରି ଯୋଜନାର ଆରମ୍ଭ ହୋଇଥିଲା। ଯାହା ଅଧିନରେ ଜେନେରିକ ଔଷଧ ଯୋଗାଇବା ପାଇଁ ଜନ ଔଷଧୀ କେନ୍ଦ୍ର ନାମରେ ଉତ୍ସର୍ଗୀକୃତ ଆଉଟଲେଟ୍ ଖୋଲାଯାଇଥାଏ। ଉକ୍ତ ଜନ ଔଷଧୀ କେନ୍ଦ୍ରରେ ସାଧାରଣ ଲୋକଙ୍କୁ ଔଷଧ ସୁଲଭ ମୂଲ୍ୟରେ ଉତ୍ତମ ଗୁଣବତ୍ତାର ସହ ଉପଲବ୍ଧ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମାଝି କହିଥିଲେ। ଯାହା ଲୋକଙ୍କ ଜୀବନକୁ

## ୫ଶହ ଟଙ୍କାର ଔଷଧ କିଣିଲେ

ସହଜ କରାଇବ। ଭାରତୀୟ ଜନଔଷଧୀ ପରି ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ଦ୍ୱାରା ଲୋକଙ୍କ ଜେନେରିକ ଔଷଧ ପ୍ରତି ଆଗ୍ରହ ବଢ଼ିଛି। ଯାହା ୧୭୮ ଗୁଣ ବୃଦ୍ଧି ପାଇଲାଣି। ବର୍ତ୍ତମାନ ଦେଶ ସାରା ପ୍ରାୟ ୧୫ ହଜାରରୁ ଅଧିକ ଜନ ଔଷଧୀ କେନ୍ଦ୍ର ଅଛି। ଯାହା ଆଗାମୀ ୨୦୨୭ ସୁଦ୍ଧା ୨୫ ହଜାର ଜନ ଔଷଧି କେନ୍ଦ୍ର ସାରା ଦେଶରେ ଖୋଲିବାର ଲକ୍ଷ୍ୟ ରଖାଯାଇଛି। ଜନ ଔଷଧ ୭୦ ପ୍ରତିଶତ ସବସିଡିରେ ମିଳିବାର ବ୍ୟବସ୍ଥା ରହିଛି। ଏହିଭଳି ଯୋଜନା ନିଶ୍ଚିତ ଭାବେ ଲୋକମାନଙ୍କୁ ଆର୍ଥିକ ଦୃଷ୍ଟି କୋଣରୁ ଚିକିତ୍ସା କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଏହି ଅବସରରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ପୂର୍ବତନ ବିଧାୟକ ନାଉରି ନାଏକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ ସଫଳ ମହିଳା ଚାଷୀ ସମ୍ମାନିତ



ମୁଖ୍ୟ ଅତିଥି ଜଣେ ସଫଳ ମହିଳା ଚାଷୀଙ୍କୁ ସମ୍ମାନିତ କରୁଛନ୍ତି।

କୁଚିଣ୍ଡା,୭।୩(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ଆଇଟିଡିଏ ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ଦ୍ୱାରା ଆୟୋଜିତ ଜିଲା ସ୍ତରୀୟ ମହିଳା ଦିବସ ଅବସରରେ ଶୁକ୍ରବାର ୧୦ଜଣ ଉଦ୍ୟୋଗୀ ସଫଳ ମହିଳା ଚାଷୀଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇ ମୁଖ୍ୟ ଅତିଥି, ନାବାର୍ଡ ଏଜିଏମ ଧୀରେନ୍ଦ୍ର କୁମାର ଦାସ, ଆଇଟିଡିଏ ପ୍ରକଳ୍ପ ମ୍ୟାନେଜର ସ୍ନେହପ୍ରଭା ସାହୁ, କୁଚିଣ୍ଡା ଜିଲା ସମବାୟ ବ୍ୟାଙ୍କ ମ୍ୟାନେଜର ସବ୍‌ନମ ପଟେଲ, କୁଚିଣ୍ଡା ବ୍ଲକ ସହକାରୀ କୃଷି ଅଧିକାରୀ ସୁସ୍ମିତା କିରୋ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାର୍କ ସମ୍ପାଦକ ଅଶୋକ କୁମାର ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ମହିଳା ସଶକ୍ତୀକରଣ, ସ୍ୱାବଲମ୍ବୀ, ମହିଳା ଅଧିକାର, ବିଭିନ୍ନ ସାମାଜିକ ଓ ଅର୍ଥନୈତିକ କାର୍ଯ୍ୟକ୍ରମରେ ମହିଳାଙ୍କ ସହଭାଗିତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୁଚିଣ୍ଡା, ବାମରା, ଜମନକିରା, ରେଙ୍ଗାଲି ଓ ମାନେଶ୍ୱର ବ୍ଲକର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୱାଡି ପ୍ରକଳ୍ପର ସଫଳ ମହିଳା ଚାଷୀ ଏଞ୍ଜେଲା ଖେସ,କୃଷକ ଉତ୍ପାଦକ ସଙ୍ଗଠନର ଉଦ୍ୟୋଗୀ ମହିଳା ଚାଷୀ ଲକ୍ଷହୀରା ସାହୁ, ସରୋଜିନୀ କାଲୋ, ରାଜେଶ୍ୱରୀ ଦେଓ, ଆରତୀ ନାୟକ, ସୁଜାତା ଲାକ୍ରା, ସୁକୁର୍ତା ପଟେଲ, ରୂପଶ୍ରୀ କାଲୋ, ମମତା ପ୍ରଧାନ, ସସ୍ମିତା ରଣା, ଅନସୂୟା ବେରିହାଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାର୍କ ସହଯୋଗରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପରମଜ୍ୟୋତି ବିଦ୍ୟା ନିକେତନ,ଏୱାର୍ଡ ସହ ୬ଟି କୃଷକ ଉତ୍ପାଦକ ସଙ୍ଗଠନର ମହିଳାମାନେ ଅଂଶ ଗ୍ରହଣ କରିଥିଲେ।

# ଶିକ୍ଷାବିତ କୁମକୁମଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର,୭।୩(ଭବାନୀ ଶଙ୍କର ଭୋଇ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ସମ୍ବଲପୁର ଗସ୍ତରେ ଆସି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍ଏସ୍) ଓଡିଶା ପଶ୍ଚିମ ପ୍ରାନ୍ତର ପୂର୍ବତନ ସଂଘ ଚାଳକ ବିପିନ ବିହାରୀ ନନ୍ଦଙ୍କ ପରିବାରକୁ ଭେଟିଛନ୍ତି। ସୂଚନାଯୋଗ୍ୟ, ଗତ ୨୫ ତାରିଖରେ ପୂର୍ବତନ ଶିକ୍ଷୟିତ୍ରୀ ତଥା ବିପିନ ନନ୍ଦଙ୍କ ସ୍ତ୍ରୀ କୁମକୁମ ମିଶ୍ରଙ୍କ ପରଲୋକ ଘଟିଥିଲା । ଏହାପରେ ଭାଜପା ତଥା ଆରଏସଏସର ବହୁ ବରିଷ୍ଠ କର୍ମକର୍ତ୍ତା ଆସି ଶୋକସନ୍ତପ୍ତ ପରିବାରକୁ ଭେଟଥିଲେ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ବିମାନ ଯୋଗେ ଜମାଦାର ପାଲି ଏୟାରଷ୍ଟ୍ରୀପ ପହଞ୍ଚିବା ପରେ ଗୋବିନ୍ଦଟୋଲା ସ୍ଥିତ ବିପିନ ନନ୍ଦଙ୍କ ବାସ ଭବନରେ ଅପରାହ୍ନ ୪ଟା ୪୫ ରେ ପହଞ୍ଚିଥିଲେ । ସେଠାରେ ସ୍ୱର୍ଗତ କୁମକୁମ ମିଶ୍ରଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହାପରେ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ କେନ୍ଦୁଝର ଏମପି ଅନନ୍ତ ନାୟକ, ପଞ୍ଚାୟତି ରାଜ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଭାଜପା ସଙ୍ଗଠନ ସମ୍ପାଦକ ମାନସ ମହାନ୍ତି, ଭାଜପା ଉପ ସଭାପତି ନାଉରୀ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମହାବୀର ପଡା ସ୍ଥିତ ନାଉରୀ ନାୟକଙ୍କ ବାସ ଭବନକୁ ଯାଇଥିଲେ। ସେଠାରେ ଦଳୀୟ ସ୍ଥିତିକୁ ନେଇ ଆଲୋଚନା କରିଥିଲେ। ମନ୍ତ୍ରୀ ପରିଷଦ ସଂପ୍ରସାରଣ ସହ ବିଭିନ୍ନ ନିଗମ ଏବଂ ଆୟୋଗରେ ନିଯୁକ୍ତି ପାଇଁ ଚର୍ଚ୍ଚା ଜାରି ରହିଥିବା ବେଳେ ବୈଠକରେ ସେହି ସଂକ୍ରାନ୍ତରେ ଆଲୋଚନା ହୋଇଥିବା ନେଇ ଚର୍ଚ୍ଚା ହେଉଛି।

# ଟ୍ରକ୍‌ରୁ ଗୋରୁ ଉଦ୍ଧାର: ଥାନାରେ ମାମଲା

ସମ୍ବଲପୁର,୭।୩(ପ୍ରମୋଦ ବହିଦାର)



ଚୋରା ଚାଲାଣ ହେଉଥିବା ଗାଈମାନଙ୍କୁ ଟ୍ରକ୍ ମଧ୍ୟରୁ ଉଦ୍ଧାର କରାଯାଉଛି।

ବେଆଇନ୍ ଚାଲାଣ ବେଳେ ଏକ ଟ୍ରକରୁ ୪୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ସମ୍ବଲପୁର ରେମେଡ୍ ଅଞ୍ଚଳରୁ ଉଦ୍ଧାର କରାଯାଇଛି। ଗୋରୁଙ୍କୁ ସ୍ଥାନୀୟ ଗୋଶାଳାରେ ଛଡ଼ାଯାଇଛି। ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ସକାଳେ ଜାତୀୟ ରାଜପଥ(୫୩) ରେମେଡ୍ ରେଳ ଲେବଲ୍ କ୍ରସିଂ ପାର୍ଶ୍ୱସ୍ଥ ଲରପଙ୍କ ରାସ୍ତାରେ ଏକ ଟ୍ରକ୍ ଛିଡ଼ା ହୋଇଥିଲା। ଟ୍ରକରେ ଗୋରୁ ଥିବା ଜାଣି ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ତୁରନ୍ତ ସେମାନେ ପୋଲିସ ତଥା ଗୋରୁ ସୁରକ୍ଷା ବାହିନୀ ଓ ଭାଜପା କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ଖବରପାଇ କ୍ଷେତରାଜପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହ ସ୍ଥାନୀୟ ଲୋକେ ଭାଜପା ତଥା ଗୋ ସୁରକ୍ଷା ବାହିନୀର କର୍ମକର୍ତ୍ତାଙ୍କ ସହାୟତାରେ ଗୋରଙ୍କୁ ଉଦ୍ଧାର କରି ଗୋଶାଳାରେ ଛାଡିଛନ୍ତି। ତେବେ ଟ୍ରକ୍ ଚାଳକ ଫେରାର ହୋଇଯାଇଥିବା ସୂଚନା ମିଳିଛି। ସେହିପରି ଗୋରୁଙ୍କୁ କେଉଁଠାରୁ କେଉଁଠାକୁ ଚାଲାଣ କରାଯାଉଥିଲା ସେ ସମ୍ପର୍କରେ କିଛି ଜଣା ପଡ଼ି ନ ଥିବା ବେଳେ ଘଟଣାକୁ ନେଇ କ୍ଷେତରାଜପୁର ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି।

# ଜିଏମ୍‌ୟୁ ସେଣ୍ଟର ଫର ଜେଣ୍ଡର ଷ୍ଟଡିଜ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ସମ୍ବଲପୁର,୭।୩(ପ୍ରମୋଦ ବହିଦାର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧିନ ସେଣ୍ଟର ଫର ଜେଣ୍ଡର ଷ୍ଟଡିଜ୍ ପକ୍ଷରୁ ଜିଲା ପ୍ରଶାସନର ସହଯୋଗରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଏମ୍‌ୟୁରେ ସମ୍ପୃକ୍ତ ବିଭାଗ ପକ୍ଷରୁ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ଜର୍ଜିଆର ପ୍ରଫେସର ତାମର ବଗରାତିଆ, ଭୀମସାରର ଡା. ଗୀତା ଚୌବେ, ଏକ୍ସଆଇଏମ୍‌ର ଡ. ରାଣା ପୃଥିବୀରାଜ ସିଂ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଡ. ଉମାଚରଣ ପତି, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅତିଥି ପ୍ରଫେସର ବାଗରତିଆ ନିଜ ଅଭିଭାଷଣରେ ଅନ୍ତର୍ଜାତୀୟ ମହିଳା ଦିବସର ତାପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଡ. ଚୌବେ ମହିଳାଙ୍କ ଦୈନନ୍ଦିନ ଜୀବନଶୈଳୀରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା ଓ ଏହାର ସାମାଧନ ନେଇ ଆଲୋଚନା କରିଥିଲେ। ସେହିପରି ଅନ୍ୟତମ ଅତିଥି ଡ. ସିଂ ବକ୍ତବ୍ୟ ରଖି ନାରୀ ସଶକ୍ତିକରଣ ପାଇଁ ସରକାରଙ୍କ ଦ୍ୱାରା ନିବେଷ କରାଯାଇଥିବା ବିଭିନ୍ନ ଅର୍ଥକୋଷ ସମ୍ପର୍କରେ ଅବଗତ କରିଥିଲେ। ଉପକୁଳ ସଚିତ ଡ. ପତି ଲିଙ୍ଗର ଅନୁପାତିକ ଅସଙ୍ଗତି ଉପରେ ବିସ୍ତୃତଭାବେ ଆଲୋଚନା କରିଥିବା ବେଳେ ପ୍ରଫେସର ସ୍ୱାଇଁ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସମାଜ ପ୍ରତି ଥିବା କର୍ତ୍ତବ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ରାଜନୀତି ବିଜ୍ଞାନ ବିଭାଗ ଛାତ୍ରୀଛାତ୍ରମାନେ ମହିଳା ସଶକ୍ତିକରଣ ଉପରେ ଏକ ସଚତନତା ଧର୍ମୀ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ବନିତା ମହନନ୍ଦିଆ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ. ସଂଯୁକ୍ତା ପାଢ଼ୀ, ଡ. ସୁନେଲି ଦେଇ, ଡ. ଶୁଶ୍ରୀସସ୍ମିତା ପତି, ଡ. ରୂପଶ୍ରୀ ବ୍ରହ୍ମକୁମରୀ ପ୍ରମୁଖଙ୍କ ସହ ଜିଏମ୍‌ୟୁର ଅଧ୍ୟାପିକା ଓ ଅଧ୍ୟପାକମାନେ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକା ସିନିଆ ତିଗା ଧନ୍ୟବାଦ ଅର୍ପଣ କରିଥିଲେ।

# ପେଣ୍ଟବାହାଲରେ ଅଷ୍ଟପ୍ରହରୀ ନାମଯଜ୍ଞ

ନାକଟିଦେଉଳ,୭।୩(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ବ୍ଲକ ପେଣ୍ଟବାହାଲ ଗ୍ରାମରେ ଗତ ୫ତାରିଖ ଠାରୁ ଆରମ୍ଭ ହୋଇଥିବା ଅଷ୍ଟପ୍ରହରୀ ବିଶ୍ୱଶାନ୍ତି ମହାବିଷ୍ଣୁ ନାମଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଗତ ବୁଧବାର ଗ୍ରାମର ଶତାଧିକ ମହିଳା ନାକଟିଦେଉଳ ନିକଟସ୍ଥ ଚମ୍ପାଳି ଏବଂ ଟିକିରା ନଦୀର ସଙ୍ଗମ ସ୍ଥଳରୁ ଏକ ବିରାଟ କଳସ ଶୋଭାଯାତ୍ରାରେ ବାହାରି ନାକଟିଦେଉଳ ଏବଂ ପେଣ୍ଟବାହାଲ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପ ପର୍ଯ୍ୟନ୍ତ ଯାଇ କଳସ ସ୍ଥାପନା କରିଥିଲେ। ଗୁରୁବାର ସକାଳୁ ପୁରୋହିତଙ୍କ ଦ୍ୱାରା ସମ୍ପୂର୍ଣ୍ଣ ବୈଦିକ ରୀତିନୀତିରେ ହୋମ ଏବଂ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ଯଜ୍ଞରେ ନାମ ଆରମ୍ଭ ହୋଇଥିଲା। ପ୍ରଥମ କରି ଚଳିତବର୍ଷ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ନାମ ଯଜ୍ଞ ଆୟୋଜିତ ହୋଇଥିବା ବେଳେ ଗ୍ରାମର ଚକ୍ରଧର ବିଶି ଏବଂ ବାସନ୍ତୀ ବିଶି ସପତ୍ନୀକ ଯଜ୍ଞରେ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ୧୯ଟି ନାମ ସଂକୀର୍ତ୍ତନ୍ୟ ଦଳ ଯୋଗଦେଇ ପ୍ରତ୍ୟହ ନାମ ସଂକୀର୍ତ୍ତନ ପରିବେଷଣ କରିଥିବା ବେଳେ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଶୁକ୍ରବାର ଯଜ୍ଞରେ ପୂର୍ଣ୍ଣାହୁତି ପଡ଼ିଥିଲା। ଯଜ୍ଞ କମିଟିର ସଭାପତି ବିଭୂତି ଭୂଷଣ ବିଶି, ସମ୍ପାଦକ ରାଜକିଶୋର ବିଶି ଏବଂ କୋଷାଧ୍ୟକ୍ଷ ଧରଣୀଧର ବିଶି ସହଯୋଗ କରିଥିଲେ।

# ଏସ୍. କେ. ଝା ଏମସିଏଲର ନୂତନ ବୈଷୟିକ ନିର୍ଦ୍ଦେଶକ

ସମ୍ବଲପୁର,୭।୩(ବି.ଶଙ୍କର)



ଏସ.କେ ଝା

ମହାନଦୀ କୋଇଲା କମ୍ପାନୀ (ଏମସିଏଲ)ର ନୂତନ ବୈଷୟିକ ନିର୍ଦ୍ଦେଶକଭାବେ ସଞ୍ଜୟ କୁମାର ଝା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ ବୁର୍ଲା ସ୍ଥିତ ମୁଖ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। କୋଇଲା ଶିଳ୍ପରେ ୩ ଦଶନ୍ଧିରୁ ଅଧିକ ସମୟ ଧରି କାର୍ଯ୍ୟ କରିଛନ୍ତି । ଖଣି କାର୍ଯ୍ୟ, ରଣନୈତିକ ଯୋଜନା ଏବଂ ବୈଷୟିକ ଉନ୍ନତିରେ ବ୍ୟାପକ ଅଭିଜ୍ଞତା ଏବଂ ବିଶେଷଜ୍ଞତା ଆଣିଛନ୍ତି । ଏହା ପୂର୍ବରୁ ଝା ମହାନଦୀ କୋଇଲା କମ୍ପାନୀ ଲଖନପୁର କ୍ଷେତ୍ରର କ୍ଷେତ୍ର ମହାପ୍ରବନ୍ଧକ (୨୦୨୨-୨୪) ଏବଂ ବସୁନ୍ଧରା କ୍ଷେତ୍ରର କ୍ଷେତ୍ର ମହାପ୍ରବନ୍ଧକ (୨୦୧୯-୨୦୨୨) ଭାବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ। କୋଇଲା କ୍ଷେତ୍ରର ଅଭିବୃଦ୍ଧି ଏବଂ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି । ତେଣୁ ତାଙ୍କୁ ୨୦୨୧-୨୨ ବର୍ଷ ପାଇଁ ମେଗା ପ୍ରୋଜେକ୍ଟ ବର୍ଗରେ ଶ୍ରେଷ୍ଠ କ୍ଷେତ୍ର ମହାପ୍ରବନ୍ଧକ ଏବଂ ୨୦୨୨-୨୩ ବର୍ଷ ସକାଶେ କୋଲ ଇଣ୍ଡିଆ ଲିମିଟେଡ ଦ୍ୱାରା ଶ୍ରେଷ୍ଠ କ୍ଷେତ୍ର ମହାପ୍ରବନ୍ଧକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ସେ ସମନ୍ୱିତ ଲିଲାରୀ- ବେଲପାହାର - ଲଖନପୁର ପ୍ରକଳ୍ପର ଖଣି କାର୍ଯ୍ୟ ଆରମ୍ଭ କରିବା, ଇବ୍ ଭ୍ୟାଲି ୱାଶେରୀର କାର୍ଯ୍ୟକ୍ଷମ କରିବା, ୧୦-ମେଗାୱାଟ ଭୂମି ଆରୋହିତ ସୌର ପ୍ଲାଣ୍ଟ ପାଇଁ ଜମି ଚିହ୍ନଟ କରିବା ଏବଂ କୋଇଲା ଆମୋନିୟମ ନାଇଟ୍ରେଟ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଖଣ୍ଡସା ଗ୍ରାମର ସ୍ୱତଃ ସ୍ଥାନାନ୍ତରଣକୁ ସହଜ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ, କମ୍ପାନୀକୁ କାର୍ଯ୍ୟକ୍ଷମ ଉତ୍କୃଷ୍ଟତା ଏବଂ ସ୍ଥାୟୀ ଖଣି ଅଭ୍ୟାସରେ ନୂତନ ମାଇଲଖୁଣ୍ଟ ସ୍ଥାପନ କରିପାରିବେ ବୋଲି ଆଶା ରହିଛି।

# ଲେଡିଲୁଇସ୍‌ରେ ବାର୍ଷିକ ଯୁବ,ଇକୋ କ୍ଲବ ଦିବସ

ସମ୍ବଲପୁର,୭।୩(ପ୍ରମୋଦ ବହିଦାର)

ସମ୍ବଲପୁର ଲେଡିଲୁଇସ୍ ଉଚ୍ଚ ବାଳିକା ବିଦ୍ୟାଳୟରେ ବାର୍ଷିକ ଯୁବ ଓ ଇକୋ କ୍ଲବ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସୁଜିତ କୁମାର ଲୁହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷା ଦେବୀ ଶେଖର ଦେବ ଯୋଗଦେଇଥିଲେ। ସଭାରେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତାଭାବେ ଯୋଗଦେଇ ବିଶିଷ୍ଟ ପ୍ରକୃତିବିତ୍ ତଥା ଶିକ୍ଷକ ଉଦିତ୍ ଚନ୍ଦ୍ର ପାଟଯୋଷୀ ସବୁଜ ବଳୟ ଗଠନ ସହ ପରିବେଶ ସୁରକ୍ଷା ସଚେତନତା ଉପରେ ବକ୍ତବ୍ୟ ରଖିଥିଲେ। ସଭାରେ କ୍ଲବର ପ୍ରଭାରୀ ଶିକ୍ଷୟିତ୍ରୀ ଅନୁପମା ପଣ୍ଡା ବାର୍ଷୀକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବକୁ ଦୀପ୍ତିପ୍ରଭା ମିଶ୍ର ପରିଚାଳନା କରିଥିଲେ। ଶେଷରେ କମଳିନୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀଙ୍କ ସହିତ ଛାତ୍ରୀମାନେ ଯୋଗ ଦେଇଥିଲେ।

# ଠିକ୍ ସମୟରେ ବିଦ୍ୟୁତ୍ ବିଲ ପୈଠ କରିବା ଗ୍ରାହକଙ୍କ ନୈତିକ ଦାୟିତ୍ୱ

ସମ୍ବଲପୁର,୭।୩(ବି.ଶଙ୍କର)

ଟାଟା ପାୱାର ପଶ୍ଚିମ ଓଡ଼ିଶା ବିଦ୍ୟୁତ ବିତରକ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ) ଗ୍ରାହକଙ୍କୁ ସ୍ଥିର, ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇ ଦେବା ପାଇଁ ଅନେକ ପଦକ୍ଷେପ ହାତକୁ ନେଇଛି। ପଶ୍ଚିମ ଓଡ଼ିଶାର ଲକ୍ଷାଧିକ ବିଦ୍ୟୁତ ଉପଭୋକ୍ତାଙ୍କ ସୁବିଧା ଲାଗି କମ୍ପାନୀ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ବିଦ୍ୟୁତ ବିଲ୍ ପୈଠ କରିବା କାର୍ଯ୍ୟକୁ ସରଳ କରିଛି। ସେଥିପାଇଁ ଓଇଆରସିଙ୍କ ଦ୍ୱାରା ପ୍ରଚଳିତ ବିଏସଟି ଏବଂ ଆରଏସଟି ନିୟମାବଳୀ ୨୦୨୪-୨୫ର ସମସ୍ତ ସର୍ତ୍ତ ପାଳନ ପୂର୍ବକ ବିତରକ କମ୍ପାନୀ ପକ୍ଷରୁ ଠିକ୍‌ସମୟରେ ମାସିକ ବିଦ୍ୟୁତ ବିଲ ପ୍ରଦାନ ଏବଂ ଦେୟ ଆଦାୟ କରିବାକୁ ବିଭିନ୍ନ ପ୍ରକାର ମାଧ୍ୟମ ପ୍ରଚଳନ କରାଯାଇଛି। ତେଣୁ ପ୍ରଚଳିତ ଅନଲାଇନ୍ ଏବଂ ଅଫଲାଇନ ମାଧ୍ୟମରେ ମାସିକ ବିଦ୍ୟୁତ ଦେୟ ତଥା ପୂର୍ବ ବକେୟା ପୈଠ କରି ଓଇଆରସି ଦ୍ୱାରା ଘୋଷିତ ରିହାତିଗୁଡ଼ିକୁ ଉପଭୋଗ କରିବା ପାଇଁ କମ୍ପାନୀ ତାର ସମସ୍ତ ବିଦ୍ୟୁତ ଗ୍ରାହକଙ୍କୁ ନିବେଦନ କରୁଛି। ସେହିପରି କମ୍ପାନୀ ଦ୍ୱାରା ପ୍ରଚଳିତ ବିଶେଷ କାର୍ଯ୍ୟକ୍ରମ ପେ ଆଣ୍ଡ ଉଇନ ଯୋଜନା ମାଧ୍ୟମରେ ଠିକ ସମୟରେ ବିଦ୍ୟୁତ ବିଲ ପୈଠ କରୁଥିବା ବିଦ୍ୟୁତ ଉପଭୋକ୍ତାମାନେ ମଧ୍ୟ ଆକର୍ଷଣୀୟ ଉପହାର ଜିତିବାର ସୁଯୋଗ ପାଉଛନ୍ତି। ବିଦ୍ୟୁତ ଉପଭୋକ୍ତାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଅଗଷ୍ଟରୁ ପ୍ରଚଳିତ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତି ମାସରେ ଟିପିଡବ୍ଲ୍ୟୁଓଡିଏଲ ପ୍ରତି ବିଦ୍ୟୁତ ଉପଖଣ୍ଡରୁ ୩ ଜଣ ଲେଖାଏଁ ଭାଗ୍ୟଶାଳୀ ବିଦ୍ୟୁତ ଉପଭୋକ୍ତାମାନେ ସଠିକ୍ ସମୟରେ ବିଦ୍ୟୁତ ବିଲ ପୈଠ କରି ଆକର୍ଷଣୀୟ ଉପହାର ଜିତି ପାରୁଛନ୍ତି । ତେଣୁ ବିଦ୍ୟୁତ ଉପଭୋକ୍ତାମାନେ ଠିକ ସମୟରେ ବିଲ ପୈଠ କରି ସୁଯୋଗ ନେବାକୁ ଶୁକ୍ରବାର ପ୍ରେସ ବିବୃତିରେ ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି । ବିତରକ କମ୍ପାନୀ ରାଜ୍ୟ ଭାରପ୍ରାପ୍ତ ସଂସ୍ଥାଠାରୁ ବିଦ୍ୟୁତ ଶକ୍ତି କ୍ରୟ କରିବା ପରେ ଘରୋଇ, ବାଣିଜ୍ୟିକ, ଶିଳ୍ପ ଏବଂ କୃଷି ପରି ବିଭିନ୍ନ ପ୍ରକାରର ଗ୍ରାହକଙ୍କ ମଧ୍ୟରେ ପୁନଃ ବଣ୍ଟନ କରିଥାଏ। କମ୍ପାନୀ ପକ୍ଷରୁ କୃଷି କ୍ଷେତ୍ର ପାଇଁ ଓଇଆରସିଙ୍କ ନିୟମାବଳୀ ଅନୁଯାୟୀ ରିହାତି ଦରରେ ବିଲିଂ କରାଯାଇଥାଏ। ତେଣୁ ବିଦ୍ୟୁତ ବିଲ ଠିକ ସମୟରେ ପୈଠ କରିବା ଗ୍ରାହକମାନଙ୍କ ନୈତିକ କର୍ତ୍ତବ୍ୟ ଏବଂ ଆଇନ ଅନୁମୋଦିତ ବୋଲି ବିତରକ କମ୍ପାନୀ ରାଜ୍ୟ ଭାରପ୍ରାପ୍ତ ସଂସ୍ଥାଠାରୁ ବିଦ୍ୟୁତ ଶକ୍ତି କ୍ରୟ କରିବା ପରେ ଘରୋଇ, ବାଣିଜ୍ୟିକ, ଶିଳ୍ପ ଏବଂ କୃଷି ପରି ବିଭିନ୍ନ ପ୍ରକାରର ଗ୍ରାହକଙ୍କ ମଧ୍ୟରେ ପୁନଃ ବଣ୍ଟନ କରିଥାଏ। କମ୍ପାନୀ ପକ୍ଷରୁ କୃଷି କ୍ଷେତ୍ର ପାଇଁ ଓଇଆରସିଙ୍କ ନିୟମାବଳୀ ଅନୁଯାୟୀ ରିହାତି ଦରରେ ବିଲିଂ କରାଯାଇଥାଏ। ତେଣୁ ବିଦ୍ୟୁତ ବିଲ୍ ଠିକ୍ ସମୟରେ ପୈଠ କରିବା ଗ୍ରାହକମାନଙ୍କ ନୈତିକ କର୍ତ୍ତବ୍ୟ ଏବଂ ଆଇନ ଅନୁମୋଦିତ ବୋଲି ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ସୂଚିତ କରିଛନ୍ତି । ଅନ୍ୟପକ୍ଷରେ ବିଦ୍ୟୁତ ଅଧିନିୟମ ୨୦୦୩ର ଧାରା ୪୭ ଏବଂ ୫୬ ଅନୁଯାୟୀ ଜଣେ ବିଦ୍ୟୁତ ଉପଭୋକ୍ତା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିଦ୍ୟୁତ ବିଲ ପୈଠ କରିବା ଆଇନ ସହମତ ଅଟେ। ତେଣୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ବିଦ୍ୟୁତ ବିଲ ପୈଠ କରିବାରେ ବିଫଳ ହେଲେ ବିତରକ କମ୍ପାନୀକୁ ଉକ୍ତ ଗ୍ରାହକଙ୍କ ବିଦ୍ୟୁତ ଯୋଗାଣ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଉପରୋକ୍ତ ଆଇନରେ ମଧ୍ୟ ପ୍ରାବଧାନ ରହିଛି ବୋଲି ସୂଚିତ କରିଛନ୍ତି।

# ସମୀର ଅବଶିଷ୍ଟ ଭାରତ ଏକାଦଶ ଅଧିନାୟକ



**ନୂଆଦିଲ୍ଲୀ, ୭।୩ (ପି.ଟି.)**

ମୋହାଲୀଠାରେ ଯୁଥ୍ 'ଇରାନୀ କପ୍'ର ପ୍ରଥମ ସଂସ୍କରଣ ମାର୍ଚ୍ଚ ୯ରୁ ୧୨ ପର୍ଯ୍ୟନ୍ତ ଖେଳାଯିବ। ଏଥିରେ ସି.କେ ନାଇଡୁ (୨୩ ବର୍ଷରୁ କମ୍) ଚାମ୍ପିୟନ ପଞ୍ଜାବ ବିପକ୍ଷ ମ୍ୟାଚରେ ୨୩ ବର୍ଷରୁ କମ୍ ଅବଶିଷ୍ଟ ଭାରତ ଏକାଦଶ ଦଳର ନେତୃତ୍ୱ ନେବେ ଯୁବ ଆଇପିଏଲ୍ ଷ୍ଟାର ସମୀର ରିଜ୍‌ଭି। ସୂଚନାଯୋଗ୍ୟ, ସିନିୟର ସ୍ତରରେ ଇରାନୀ କପ୍ ପ୍ରତି ବର୍ଷ ରଣଜୀ ଟ୍ରଫି ଚାମ୍ପିୟନ ଓ ଅବଶିଷ୍ଟ ଭାରତ ଏକାଦଶ ଦଳ ମଧ୍ୟରେ ଖେଳାଯାଇଥାଏ। ଅବଶିଷ୍ଟ ଭାରତ ଏକାଦଶ ଦଳରେ ସିଜନର ଶ୍ରେଷ୍ଠ ପ୍ରଦର୍ଶନକାରୀ ଖେଳାଳିମାନେ ସ୍ଥାନ ପାଇଥାନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସେହି ଢଙ୍ଗରେ ୨୩ ବର୍ଷରୁ କମ୍ ଜାତୀୟ ଚାମ୍ପିୟନ ଏବଂ ସି.କେ ନାଇଡୁର ଶ୍ରେଷ୍ଠ ପ୍ରଦର୍ଶନକାରୀ ଖେଳାଳିମାନଙ୍କୁ ନେଇ ଗଠିତ ଦଳ ସହିତ ଏକ ପ୍ରଥମ ଶ୍ରେଣୀ ମ୍ୟାଚ ଚଳିତବର୍ଷରୁ ପ୍ରଚଳିତ ହେବାକୁଯାଉଛି। ଖବର ଅନୁସାରେ ଅଧିନାୟକ ପଦବୀ ପାଇଁ ରିଜ୍‌ଭିଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ ବେଦାନ୍ତ ମୁର୍କାର। ମାତ୍ର ଅଲରାଉଣ୍ଡ ପ୍ରୋଫାଇଲ ପାଇଁ ରିଜ୍‌ଭି ତାଙ୍କୁ ପଛରେ ପକାଇ ଦେଇଥିଲେ। ରିଜ୍‌ଭି ଚେନ୍ନାଇ ସୁପର କିଙ୍ଗ୍ସ ବ୍ୟତୀତ ଉତ୍ତରପ୍ରଦେଶ ସିନିୟର ଦଳ ପାଇଁ ଖେଳିଛନ୍ତି।

# କଳାହାଣ୍ଡି କପ୍ ୧୮ରୁ, ଭାଗନେବେ ୩୮ ଦଳ

**ଭୁବନେଶ୍ୱର, ୭।୩ (ତପନ ସ୍ୱାଇଁ)**



ଓଡ଼ିଶା କ୍ରିକେଟ ଆସୋସିଏଶନର ଟୁର୍ନାମେଣ୍ଟ କମିଟି ଏବଂ ଟୁର୍, ଫିକ୍ସଚର ଓ ଟେକ୍ନିକାଲ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମମାନଜନକ ସିନିୟର ପୁରୁଷ ଆନ୍ତଃ ଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୧୮ରୁ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି। ପ୍ରତିଯୋଗିତାରେ ମୋଟ ୩୮ଟି ଦଳ ଅଂଶଗ୍ରହଣ କରିବେ। ଦଳ ଗୁଡ଼ିକୁ ୬ ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ମ୍ୟାଚ ଗୁଡ଼ିକ ୫୦ ଓଭର ଦିନିକିଆ ଫର୍ମାଟରେ ଅନୁଷ୍ଠିତ ହେବ। କାର୍ଯ୍ୟସୂଚୀ ଏବଂ ଭେନ୍ୟୁ ସମ୍ପର୍କରେ ପରେ ସୂଚନା ଦିଆଯିବ ବୋଲି ଓସିଏ ପକ୍ଷରୁ ପ୍ରକାଶ କରାଯାଇଛି। ରାଜ୍ୟ କ୍ରିକେଟରେ କଳାହାଣ୍ଡି କପ୍ ହେଉଛି ଅନ୍ୟତମ ସମ୍ମାନଜନକ କ୍ରିକେଟ ଟୁର୍ନାମେଣ୍ଟ।

ଗ୍ରୁପ୍ 'ଏ': ଇକୋର୍ସା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, କନ୍ଧମାଳ, ଯାଜପୁର।

ଗ୍ରୁପ୍ 'ବି': କଟକ-ଏ, କେନ୍ଦୁଝର, ବୌଦ୍ଧ, ନୂଆପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା।

ଗ୍ରୁପ୍ 'ସି': ନୟାଗଡ଼, ଭୁବନେଶ୍ୱର-ବି, ପାରାଦୀପ, ଗଜପତି, କଳାହାଣ୍ଡି, ସୁନ୍ଦରଗଡ଼।

ଗ୍ରୁପ୍ 'ଡି': ଭୁବନେଶ୍ୱର-ଏ, ଅନୁଗୋଳ, ପୁରୀ, ବଲାଙ୍ଗୀ, ଦେବଗଡ଼, ରାଉରକେଲା।

ଗ୍ରୁପ୍ 'ଇ': ବାଲେଶ୍ୱର, ବରଗଡ଼, କେନ୍ଦ୍ରାପଡ଼ା, ସୋନପୁର, ମାଲକାନଗିରି, ସମ୍ବଲପୁର-ଏ, ଝାରସୁଗୁଡ଼ା।

ଗ୍ରୁପ୍ 'ଏଫ୍': ଭଦ୍ରକ, କିଟ୍, ସମ୍ବଲପୁର-ବି, ଗଞ୍ଜାମ, ରାୟଗଡ଼ା, କଟକ-ବି, ଢେଙ୍କାନାଳ।

# ବିରଳ ରେକର୍ଡ ଅପେକ୍ଷାରେ ରୋହିତ




**ଦୁବାଇ, ୭।୩**

ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ରବିବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ହେବ। ଫଳରେ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଏକ ବିରଳ ରେକର୍ଡର ଅଧିକାରୀ ହେବେ। ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନରଙ୍କ ସହ ଟସ୍ ପକାଇବା ସହିତ ରୋହିତ ପ୍ରଥମ ଅଧିନାୟକଭାବେ ସମସ୍ତ ଆଇସିସି ଟୁର୍ନାମେଣ୍ଟର ଫାଇନାଲରେ ନିଜ ଦଳର ନେତୃତ୍ୱ ନେବାର ସୌଭାଗ୍ୟ ଅର୍ଜନ କରିବେ। ତାଙ୍କ ନେତୃତ୍ୱରେ ଭାରତ ୨୦୨୩ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଏବଂ ଦିନିକିଆ କ୍ରିକେଟ ବିଶ୍ୱକପର ଫାଇନାଲ ଖେଳିଥିଲା। ସେହିପରି ୨୦୨୪ ଟି୨୦ ବିଶ୍ୱକପ ଜିତିଥିବାବେଳେ ଏବେ ୨୦୨୫ ଚାମ୍ପିୟନ୍ସ ଟ୍ରଫିର ଫାଇନାଲ ଖେଳିବ। ଚାମ୍ପିୟନ୍ସ ଟ୍ରଫିରେ ଭାରତ-ନ୍ୟୁଜିଲାଣ୍ଡ ବିଜୟ/ପରାଜୟ ରେକର୍ଡ ୧-୧ ରହିଛି। ୨୦୦୦ ଫାଇନାଲରେ ଭାରତକୁ ନ୍ୟୁଜିଲାଣ୍ଡ ହରାଇଥିବା ବେଳେ ଚଳିତ ସଂସ୍କରଣର ଲିଗ୍ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି ଭାରତ।

# ଭେଙ୍କଟେଶ୍ ବିଶ୍ୱ ଜୁନିୟର ଚେସ୍ ଚାମ୍ପିୟନ



ପ୍ରଣବ ଭେଙ୍କଟେଶ୍‌ଙ୍କ ସହ ସ୍ୱୟଂଶୁ ସତ୍ୟପ୍ରଜ୍ଞ।

**ଭୁବନେଶ୍ୱର, ୭।୩ (ତପନ ସ୍ୱାଇଁ)**

ଓଡ଼ିଶାର ଖ୍ୟାତିସମ୍ପନ୍ନ କୋଚ୍ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞଙ୍କୁ ଆଉ ଏକ ବଡ଼ ସଫଳତା ମିଳିଛି। ମଣ୍ଟେଗ୍ରୋର ପେଟ୍ରୋଭାକଠାରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଚେସ୍‌ର ଓପନ ବିଭାଗରେ ଭାରତୀୟ ଗ୍ରାଣ୍ଡମାଷ୍ଟର ପ୍ରଣବ ଭେଙ୍କଟେଶ୍ ଚାମ୍ପିୟନ ହୋଇଛନ୍ତି। ସତ୍ୟପ୍ରଜ୍ଞ ଭାରତୀୟ ପ୍ରତିନିଧି ଦଳର

### ସତ୍ୟପ୍ରଜ୍ଞଙ୍କୁ ବଡ଼ ଉପଲବ୍ଧି

ମୁଖ୍ୟ ଥିଲେ। ଅର୍ଥାତ୍ ତାଙ୍କ ଦିଗ୍‌ଦର୍ଶନରେ ଭେଙ୍କଟେଶ୍ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଗତବର୍ଷ ଭାରତର ଡି. ଗୁକେଶ ମାତ୍ର ୧୮ ବର୍ଷରେ ବିଶ୍ୱ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ଏବେ ୧୮ ବର୍ଷୀୟ ଭେଙ୍କଟେଶ୍ ଜୁନିୟର ବର୍ଗରେ ଚାମ୍ପିୟନ ହୋଇ ଭାରତୀୟ ଚେସ୍‌କୁ ଏକ ନୂଆ ସୋପାନକୁ ନେଇ ଯାଇଛନ୍ତି। ଏ କ୍ଷେତ୍ରରେ ଭେଙ୍କଟେଶ୍ ଦୀର୍ଘ ୧୭ ବର୍ଷର ଟାଇଟଲ ଶୂନ୍ୟତାକୁ ପୂରଣ କରିଛନ୍ତି। ତାଙ୍କ ପୂର୍ବରୁ ଭାରତର ଅଭିଜିତ ଗୁପ୍ତା ଶେଷଥରପାଇଁ ୨୦୦୮ରେ ଚାମ୍ପିୟନ ହୋଇଥିଲେ। ଏଥର ପ୍ରତିଯୋଗିତାରେ ୬୩ଟି ଦେଶରୁ ୧୨ ଗ୍ରାଣ୍ଡମାଷ୍ଟରଙ୍କୁ ମିଶାଇ ୧୫୭ ଖେଳାଳି ଅଂଶଗ୍ରହଣ କରିଥିଲେ। ମାତ୍ର ଶେଷରେ ଜଣେ ଭାରତୀୟ ହିଁ ବିଜୟ ମୁକୁଟ ପିନ୍ଧିଥିଲେ। ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଭେଙ୍କଟେଶ୍ ୯ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ସେ ୭ଟି ମ୍ୟାଚ ଜିତିଥିବାବେଳେ ଅନ୍ୟ ୪ଟି ମ୍ୟାଚ ଡ୍ର ରଖିଛନ୍ତି। ଅର୍ଥାତ୍ ସେ ଗୋଟିଏ ହେଲେ ମ୍ୟାଚ ନ ହାରି ଟାଇଟଲ ହାସଲ କରିଛନ୍ତି। ଗୁକେଶ ଓ ଆର. ପ୍ରଜ୍ଞାନନ୍ଦଙ୍କ ପରି ଭେଙ୍କଟେଶ୍ ମଧ୍ୟ ୱେଷ୍ଟବ୍ରିଜ୍ ଆନନ୍ଦ ଚେସ୍ ଏକାଡେମୀରେ ପ୍ରଶିକ୍ଷଣ ନେଇ ଏହି ସଫଳତା ପାଇଛନ୍ତି। ୫ ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କସହ ବିଭିନ୍ନ ମହଲରୁ ଭେଙ୍କଟେଶ୍‌ଙ୍କୁ ଅଭିନନ୍ଦନର ସୁଅ ଛୁଟୁଛି।

# ଅରବିନ୍ଦ ଜିତିଲେ ପ୍ରାଗ୍ ମାଷ୍ଟର୍ସ ଚେସ୍

**ପ୍ରାଗ୍, ୭।୩ (ପି.ଟି.):** ଚେସ୍ ଖେଳରେ ଭାରତର ଆଧିପତ୍ୟ ଜାରି ରହିଛି। ଗ୍ରାଣ୍ଡମାଷ୍ଟର ଅରବିନ୍ଦ ଚିଦାମ୍ବରମ ନିଜ ଦେଶର ଆର. ପ୍ରଜ୍ଞାନନ୍ଦଙ୍କୁ ପଛରେ ପକାଇ ଏଠାରେ ଚାଲିଥିବା ପ୍ରାଗ୍ ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟ ଟାଇଟଲ ବିଜୟୀ ହୋଇଛନ୍ତି। ୨୫ ବର୍ଷୀୟ ଅରବିନ୍ଦ ଶୁକ୍ରବାର ପ୍ରତିଯୋଗିତାର ୯ମ ତଥା ଅନ୍ତିମ ରାଉଣ୍ଡରେ ତୁର୍କୀର ଗୁରେଲ ଏଡିଜଙ୍କ ବିପକ୍ଷ ଗେମ୍ ଡ୍ର ରଖି ୬ ପଏଣ୍ଟ ସହ ତାଙ୍କର ଅଭିଯାନ ଶେଷ କରିବା ସହ ଚାମ୍ପିୟନ ହୋଇଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ପ୍ରଥମ ପ୍ରମୁଖ ଟାଇଟଲ। ଅନ୍ୟପକ୍ଷରେ ବିଶ୍ୱର ୮ ନମ୍ବର ପ୍ରଜ୍ଞାନନ୍ଦ ଡଚ୍ ଖେଳାଳି ଆନିଶ ଗିରିଙ୍କଠାରୁ ପରାଜିତ ହେବା ପରେ ୫ ପଏଣ୍ଟ ସହ ମିଳିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତାମିଲନାଡୁର ଅରବିନ୍ଦ ସମ୍ଭାବ୍ୟ ୯ ପଏଣ୍ଟରୁ ୬ ପଏଣ୍ଟ ଅର୍ଜନ କରିଥିଲେ। ଟୁର୍ନାମେଣ୍ଟରେ ସେ ୩ଟିଗେମ୍‌ରେ ବିଜୟ ଲାଭ କରିଥିବା ବେଳେ ୬ଟି ଡ୍ର ରଖିବାରେ ସମର୍ଥ ହୋଇଥିଲେ। ପ୍ରଜ୍ଞାନନ୍ଦ ୫ ପଏଣ୍ଟ ସହ ତାଙ୍କ ଅଭିଯାନ ଶେଷ କରିଥିଲେ। ଗିରି ଓ ଟପ୍ ସିଡ ତଥା ଚାଇନାର ୱି ୟି' ମଧ୍ୟ ୫ପଏଣ୍ଟ ଲେଖାଏଁ ଅର୍ଜନ କରିଥିଲେ।

# ଜୟ ପ୍ରକାଶଙ୍କୁ ଡବଲ ଟାଇଟଲ




କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୭।୩ (ତପନ ସ୍ୱାଇଁ)**

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟ୍ସ ଆଣ୍ଡ କଣ୍ଟ୍ରି କ୍ଲବ ପରିସରରେ ୨.୫ ଲକ୍ଷ ଟଙ୍କା ପୁରସ୍କାର ରାଶି ବିଶିଷ୍ଟ ମେଜର ସନ୍ଦୀପ ସ୍ମାରକୀ ସର୍ବଭାରତୀୟ ପୁରୁଷ ର୍‍ୟାଙ୍କିଙ୍ଗ୍ ଟେନିସ ପ୍ରତିଯୋଗିତା ଶୁକ୍ରବାର ଶେଷ ହୋଇଛି। ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେଶନ (ଏମ୍‌ଓଏସ୍‌ଏଫ୍), ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ଏବଂ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି

### ସନ୍ଦୀପ ସ୍ମାରକୀ ସର୍ବଭାରତୀୟ ଟେନିସ

ପ୍ରତିଯୋଗିତାରେ ତାମିଲନାଡୁର ଓଗେସ ଥ୍ୟେଜୋ ଜୟ ପ୍ରକାଶ ଡବଲ ଟାଇଟଲ ହାସଲ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ସେ ଟପ୍ ସିଡ୍ ହରିୟାଣାର ଉଦିତ କାମ୍ବୋଜଙ୍କୁ ୬-୨, ୩-୬, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଡବଲ୍ସ ଫାଇନାଲରେ ତାମିଲନାଡୁର କେଭିନ କାର୍ତ୍ତିକ କେ.ଏସ. ଓ ଓଡ଼ିଶାର ଚିନ୍ମୟ ପ୍ରଧାନ ଯୋଡ଼ି ଆହତ ସମସ୍ୟା ଯୋଗୁ ଓହରି ଯିବାରୁ ଜୟ ପ୍ରକାଶ ଓ କର୍ନାଟକର ଶେଖ ମହମ୍ମଦ ଇଫତିକାରଙ୍କ ଯୋଡ଼ି ଚାମ୍ପିୟନ ହୋଇଥିଲେ। ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ପ୍ରବୋଧ ମହାନ୍ତି, ସ୍ୱର୍ଗତ ସନ୍ଦିପ ମହାପାତ୍ରଙ୍କ ଭାଇ ସଞ୍ଜୀବ ମହାପାତ୍ର, ଗୁରୁକୁଳ ରିସର୍ଟ୍ସ ଆଣ୍ଡ କଣ୍ଟ୍ରି କ୍ଲବର ପ୍ରତିଷ୍ଠାତା ପ୍ରତାପ କୁମାର ପ୍ରଧାନ, ନିର୍ଦ୍ଦେଶକ ପ୍ରଦୀପ କୁମାର ପ୍ରଧାନ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ପୁଷ୍ପିତା ପଣ୍ଡା ପ୍ରଧାନ ଓ ଏଆଇଟିଏ ସୁପରଭାଇଜର ପ୍ରବୀଣ କୁମାର ନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ମହିଳା ଟେନିସ ଖେଳାଳିଙ୍କୁ ମିଳିବ ପ୍ରସୂତିକାଳୀନ ଆର୍ଥିକ ସହାୟତା

**ୱାଶିଂଟନ, ୭।୩ (ଏପି):** ମହିଳା ଟେନିସ ଟୁର୍‌ରେ ଏଣିକି ଗର୍ଭବତୀ ଖେଳାଳିମାନେ ୧୨ ମାସ ପ୍ରସୂତିକାଳୀନ ଛୁଟି ସହ ଆର୍ଥିକ ସହାୟତା ପାଇପାରିବେ। ଅନ୍ୟପକ୍ଷରେ ଯେଉଁ ପିତାମାତାମାନେ ସରୋଗାସି ପଦ୍ଧତି ଜରିଆରେ ସନ୍ତାନ ଲାଭ କରିବେ ଅବା ପୋଷ୍ୟ ସନ୍ତାନ ଗ୍ରହଣ କରିବେ। ସେମାନଙ୍କୁ ୨ ମାସ ଛୁଟି ସହ ଆର୍ଥିକ ସହାୟତ ନେଇ ପାରିବେ। ପବ୍ଲିକ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ ଅଫ୍ ଆରବ ଏହି କାର୍ଯ୍ୟକ୍ରମର ପ୍ରାୟୋଜକ ରହିଥିବା ଓମେନ୍ସ ଟେନିସ ଆସୋସିଏଶନ (ଡବ୍ଲ୍ୟୁଟିଏ) ତରଫରୁ ଗୁରୁବାର ଏ ବିଷୟ ଘୋଷଣା କରାଯାଇଛି। ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏହି ପାଣ୍ଠି ପାଇଁ ଯୋଗ୍ୟ, ଯାହା ପିଛିଲା ଜାନୁଆରୀ ୧ରୁ ଲାଗି ହେବ। ହେଲେ ଏହି ପ୍ରୋଗ୍ରାମ ଅଧୀନରେ ଜଣେ ଖେଳାଳିଙ୍କୁ କେତେ ପରିମାଣରେ ଆର୍ଥିକ ସହାୟତା ମିଳିବ ଡବ୍ଲ୍ୟୁଟିଏ ତରଫରୁ ତାହା ସ୍ପଷ୍ଟ କରାଯାଇ ନାହିଁ।

# ଚୟନ ଟ୍ରାଏଲ୍ସ ପାଇଁ ଓଡ଼ିଶାରୁ ୩ ମନୋନୀତ

**ଭୁବନେଶ୍ୱର, ୭।୩ (ତପନ ସ୍ୱାଇଁ)**

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ୪ର୍ଥ ବିଏଫ୍ଏ ଏସିଆ କପ୍ ମହିଳା ବେସ୍‌ବଲ ଟୁର୍ନାମେଣ୍ଟ ଏପ୍ରିଲ ୨୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ମହିଳା ବେସ୍‌ବଲ ଦଳର ଚୟନ ଟ୍ରାଏଲ୍ସ ଚଳିତ ମାସ ୮ ଓ ୯ ତାରିଖ ଦୁଇଦିନଧରି ପଞ୍ଜାବର ସଙ୍ଗୃରଠାରେ ହେବ।

### ଏସିଆ କପ୍ ମହିଳା ବେସ୍‌ବଲ୍

ଏହି ଟ୍ରାଏଲ୍ସ ପାଇଁ ଓଡ଼ିଶାର ୩ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ଦୀପା ମାଝି, ଧରିତ୍ରୀ ସିଂ ଓ ମମତା ସିଂ। ଏହି ୩ ଖେଳାଳି କିଟ୍ ଓ କିସ୍‌ରେ ଅଧ୍ୟୟନରତ। ବେସ୍‌ବଲ୍ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ପ୍ରବୋଧ ମହାନ୍ତି, ସମ୍ପାଦକ ଶିବାନନ୍ଦ ପ୍ରଧାନ, ବରିଷ୍ଠ ଉପସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହି ୩ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ମନୋନୀତ ୩ ଖେଳାଳି।

# ହରମନପ୍ରୀତ୍‌ଙ୍କୁ ଜରିମାନା

**ଲକ୍ଷ୍ନୌ, ୭।୩ (ପି.ଟି.):** ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହରମନପ୍ରୀତ୍ କୌରଙ୍କୁ ଶୁକ୍ରବାର ତାଙ୍କ ମ୍ୟାଚ୍ ଫିର ୧୦ ପ୍ରତିଶତ ଜରିମାନା ହୋଇଛି। ଗୁରୁବାର ସ୍ଥାନୀୟ ଏକ୍ନା କ୍ରିକେଟ ଷ୍ଟାଡିୟମରେ ୟୁପି ୱାରିଅର୍ଜ ବିପକ୍ଷ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ମ୍ୟାଚରେ ସେ ଅମ୍ପାୟରଙ୍କ ନିଷ୍ପତ୍ତିର ଅସହମତି ପ୍ରକାଶ କରିଥିଲେ। ଏହାଦ୍ୱାରା ସେ ଆଚରଣ ସଂହିତାର ଉଲ୍ଲଂଘନ କରିଥିଲେ। ଉତ୍ତରପ୍ରଦେଶ ୱାରିୟର୍ଜ ଇନିଂସର ୧୯ତମ ଓଭର ଶେଷରେ ଏହି ଘଟଣା ଘଟିଥିଲା। ଏକ ସ୍ଲୋ ଓଭର ରେଟ୍ ପାଇଁ ଫାଇନାଲ ଓଭରରେ ସର୍କଲ ବାହାରେ କେବଳ ୩ଜଣ ଫିଲ୍ଡରଙ୍କୁ ମୁତୟନ କରିବା ଲାଗି ହରମନପ୍ରୀତ୍‌ଙ୍କୁ ଅମ୍ପାୟର ଅଜିତେଶ ଅର୍ଗାଲ କହିଥିଲେ। ମାତ୍ର ଅମ୍ପାୟରଙ୍କ ଏହି ରୁଲିଂରେ ହରମନପ୍ରୀତ ଖୁସ ନ ଥିବା ଦେଖିବାକୁ ମିଳିଥିଲା। ସେ ଏବିଷୟ ନେଇ ଅମ୍ପାୟରଙ୍କ ସହିତ କିଛି ସମୟ ଯୁକ୍ତିତର୍କ କରିଥିଲେ। ସାଥୀ ଖେଳାଳି ଆମେଲିଆ କେର୍ ଆସି ତାଙ୍କ ସହିତ ଆଲୋଚନାରେ ଯୋଗଦେଇଥିଲେ। ହରମନପ୍ରୀତ୍ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରି ଆଚରଣବିଧି ଅନୁଚ୍ଛେଦ-୧ର ଧାରା ୨.୮ର ଉଲ୍ଲଂଘନ କରିଥିବା ସ୍ୱୀକାର କରିଥିଲେ। ଅନୁଚ୍ଛେଦ-୧ର ଉଲ୍ଲଂଘନ କଲେ ମ୍ୟାଚ ରେଫରିଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ବାଧ୍ୟତାମୂଳକ। ମ୍ୟାଚ ବେଳେ ହରମନପ୍ରୀତ୍‌ଙ୍କ ଆହୁରି ମଧ୍ୟ ନନ୍ ଷ୍ଟ୍ରାଇକର ଏଣ୍ଡ୍‌ରେ ଛିଡ଼ା ହୋଇଥିବା ଉତ୍ତର ପ୍ରଦେଶ ୱାରିଅର୍ଜର ସୋଫି ଏକ୍ଲେଷ୍ଟୋନ୍‌ଙ୍କ ସହିତ ଏକ ବଚସା ହୋଇଥିଲା। ଏହି ପ୍ରସଙ୍ଗରେ ଇଂଲିଶ କ୍ରିକେଟର ଅମ୍ପାୟରଙ୍କ ନିକଟକୁ ଯାଇ କିଛି କହୁଥିବା ଲକ୍ଷ୍ୟ କରାଯାଇଥିଲା। ଜବାବରେ ହରମନପ୍ରୀତ ପ୍ରତିକ୍ରିୟାଶୀଳ ହୋଇ ଏକ୍ଲେଷ୍ଟୋନ୍‌ଙ୍କ ନିକଟକୁ ଯାଇ ତାଙ୍କୁ ବିରତ ରହିବା ଲାଗି କହୁଥିବା ଦେଖିବାକୁ ମିଳିଥିଲା। ଫଳତଃ ସ୍କୋୟାର ଲେଗ୍ ଅମ୍ପାୟର ଏନ୍ ଜନନୀ ଓ ଉତ୍ତର ପ୍ରଦେଶ ୱାରିଅର୍ଜ ଅଧିନାୟିକା ଦୀପ୍ତି ଶର୍ମା ସେଠାରେ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ଶାନ୍ତ କରାଇଥିଲେ।

# ପ୍ରଗତି-ପାରାମାଉଣ୍ଟ ଫାଇନାଲ

**ଭୁବନେଶ୍ୱର, ୭।୩ (ତପନ ସ୍ୱାଇଁ)**

ଟାଉନ୍ କ୍ଲବ ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡ଼ିଆରେ ଚାଲିଥିବା ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ଶେଷ ହୋଇଛି। ରବିବାର ପାରାମାଉଣ୍ଟ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ପୂର୍ବରୁ

### ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ

ପାରାମାଉଣ୍ଟ ଫାଇନାଲରେ ପ୍ରବେଶ କରିଥିବାବେଳେ ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ପ୍ରଗତି ୩୨ ରନରେ ଆୟୋଜକ ଟାଉନ୍ କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ପ୍ରଗତି ୩୫ ଓଭରରେ ୮ ଉଇକେଟ ହରାଇ ୧୮୧ ରନ କରିଥିଲା। ରଘୁନାଥ ମଲ୍ଲ ସର୍ବାଧିକ ୫୯ ଓ ଅଂଶୁମାନ ବେଜ୍ ୨୩ ରନ କରିଥିଲେ। ବିପକ୍ଷ ଦଳର ବାଦଲ ଭୋଳ, ଶୁଭ ସଙ୍କେତ ଧଳ ଓ ଦୀପକ ମାଝି ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୮୨ ରନର ବିଜୟ ଲକ୍ଷ୍ୟରେ ଟାଉନ୍ କ୍ଲବ ୨୯ ଓଭରରେ ୧୪୯ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ରାକେଶ କୁମାର ବାରିକ ସର୍ବାଧିକ ୩୩ ରନ କରିଥିଲେ। ବିଜୟୀ ଦଳର ରଘୁନାଥ ମଲ୍ଲ ହ୍ୟାଟ୍ରିକ ଅର୍ଜନ ସହ ୫ ଓଭରରେ ମାତ୍ର ୧୪ ରନ ଦେଇ ୫ ଉଇକେଟ ହାସଲ କରିଥିଲେ। ଅମିତ ରଞ୍ଜନ କର ୨ଟି ଉଇକେଟ ନେଇଥିଲେ। ଉଦ୍ୟୋଗପତି ଦିଲୀପ କୁମାର ଜେନା ଓ କର୍ପୋରେଟର ଶିବ ପ୍ରସାଦ ବେହେରା ଅତିଥିଭାବେ ଯୋଗଦେଇ ରଘୁନାଥ ମଲ୍ଲଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ସୁଶୀଲ ପରିଡ଼ା ଓ ଅଜୟ କୁମାର ନାୟକ ମ୍ୟାଚ ପରିଚାଳନା କରିଥିଲେ। ଶନିବାର ଟାଉନ୍ କ୍ଲବ ଭେଟେରାନ୍ସ ଓ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ୍ସ ଆସୋସିଏଶନ (ଓସ୍‌ଜା) ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ହେବ।




ରଘୁନାଥ ମଲ୍ଲଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ଦୁଇଦିନିଆ ଚିନ୍ତନ ଶିବିର ଆରମ୍ଭ

**ନୂଆଦିଲ୍ଲୀ, ୭।୩ (ପି.ଟି.)**

### ଲସଏଞ୍ଜେଲ୍ସ ଅଲିମ୍ପିକ୍ସ ପ୍ରସ୍ତୁତି

### ପ୍ରତିଭା ଚିହ୍ନଟ, କୋଚିଂ, ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ

ଲସଏଞ୍ଜେଲ୍ସ ଅଲିମ୍ପିକ୍ସ ୨୦୨୮ ଲାଗି ଭାରତର ପ୍ରସ୍ତୁତିକୁ ମୂଲ୍ୟାୟନ କରିବା ଲାଗି ଦୁଇ ଦିନିଆ ଚିନ୍ତନ ଶିବିର ଆୟୋଜନ କରାଯାଇଛି। ଏଥିରେ ଯୋଗଦାନ କରି କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଶିବିରର ପ୍ରଥମ ଦିବସ ଶୁକ୍ରବାର ପ୍ରତିଭା ଚିହ୍ନଟ, ଆଧୁନିକ କୋଚିଂ ପ୍ରଣାଳୀ, ଭିତ୍ତିଭୂମିର ବିକାଶ ଓ କ୍ରୀଡ଼ାର ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ୨୦୩୬ ଅଲିମ୍ପିକ ଗେମ୍ସ ଆୟୋଜନ ଲାଗି ଭାରତର ବିଡ୍‌କୁ ମଜଭୁତ କରିବା ଏହି ଚିନ୍ତନ ଶିବିରର ଲକ୍ଷ୍ୟ। ଏହି ଶିବିରରେ ଅନେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର କ୍ରୀଡ଼ା ମନ୍ତ୍ରୀ, ସିନିୟର କ୍ରୀଡ଼ା ପ୍ରଶାସକ, ସରକାରୀ ଅଧିକାରୀ ଓ ବିଭିନ୍ନ କ୍ରୀଡ଼ା ବିଶେଷଜ୍ଞ ଯୋଗ ଦେଇଥିଲେ। କ୍ରୀଡ଼ା କ୍ଷେତ୍ରରେ ମହାଶକ୍ତି ଭାବେ ଭାରତର ଉଦୟ କରିବା ପାଇଁ ରୋଡ-ମ୍ୟାପ ପ୍ରସ୍ତୁତ କରାଯାଉଛି।

ଚିନ୍ତନ ଶିବିର ଏକ ଫୋରମ ଯାହାକି ଆମକୁ ଅଲିମ୍ପିକ୍ସ ଆୟୋଜନ କରିବାର ସ୍ୱପ୍ନ ପୂରଣ କରିବା ଦିଗରେ ସହଯୋଗ କରୁଛି ବୋଲି କ୍ରୀଡ଼ାମନ୍ତ୍ରୀ ମାଣ୍ଡବ୍ୟ କହିଛନ୍ତି। ଏହି ଶିବିରରେ ଜମ୍ମୁ-କଶ୍ମୀର, ଓଡ଼ିଶା, ହରିୟାଣା, ବିହାର, କେରଳ, ଉତ୍ତରାଖଣ୍ଡ, ଗୁଜରାଟ ଓ ଉତ୍ତର ପ୍ରଦେଶର ପ୍ରତିନିଧି ଯୋଗ ଦେଇଥିଲେ। କ୍ରୀଡ଼ାରେ ଭାରତକୁ ମହାଶକ୍ତି କରିବାକୁ ହେଲେ ଏକତ୍ରିତ ପ୍ରୟାସ ଜରୁରୀ। ବୈଜ୍ଞାନିକ ଉପାୟରେ ଆମକୁ ପ୍ରତିଭା ଚିହ୍ନଟ ଓ ମ୍ୟାନେଜମେଣ୍ଟ କରିବାକୁ ପଡ଼ିବ। ଖେଲୋ ଇଣ୍ଡିଆ ଅଧୀନରେ ବିଚ୍ ଗେମ୍ସ, ୱାଟର ସ୍ପୋର୍ଟ୍ସ ଓ ସ୍ୱଦେଶୀ ଖେଳକୁଦ ଭଳି ନୂଆ ପ୍ରତିଯୋଗିତା ସାମିଲ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି। ଉପସ୍ଥିତ ପ୍ରତିନିଧିମାନେ ନିରପେକ୍ଷ ଚୟନ ପ୍ରକ୍ରିୟା ଲାଗି ଜାତୀୟ କ୍ରୀଡ଼ା ଫେଡେରେଶନ(ଏନ୍‌ଏସ୍‌ଏଫ୍)ରେ ଅଧିକ ସ୍ୱଚ୍ଛତାର ଆବଶ୍ୟକା ଥିବା କହିଥିଲେ। ଆଲୋଚନାର ବିଷୟ ବସ୍ତୁରେ ଭିତ୍ତିଭୂମି ବିକାଶକୁ ମଧ୍ୟ ସାମିଲ କରାଯାଇଥିଲା। ଏଥିରେ ଆହୁରି ମଧ୍ୟ ତୃଣ ମୂଳ ସ୍ତରରେ ପ୍ରତିଭା ଚିହ୍ନଟ ଓ ପ୍ରଶିକ୍ଷଣ ପ୍ରଦାନ କରିବା ଲାଗି ବର୍ତ୍ତମାନ ଥିବା ସ୍କୁଲଗୁଡ଼ିକୁ ଜିଲା ସ୍ତରୀୟ ସ୍ପୋର୍ଟ୍ସ ସ୍କୁଲ୍ସ (ଡିଏଲଏସଏସ) ଭାବେ ବିକଶିତ କରାଯିବାର ଆବଶ୍ୟକତା ଉପରେ ଆଲୋଚନା ହୋଇଥିଲା।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ